# ଧରିତ୍ରୀ DHARITRI

ରାୟଗଡ଼ା, ବୁଧବାର, ଜୁଲାଇ ୧/୨୦୨୦ (୧୮ ପୃଷ୍ଠା) | Rayagada, Wednesday, July 1/2020 ★

୧୦ମ ଭାଗ ୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-





## ମୂଲ୍ୟବାନ୍ ଖେଳାଳି ଜାଡେଜା

ଟିମ୍ ଇଣ୍ଡିଆ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଏକବିଂଶ ଶତାବ୍ଦୀରେ ଓ୍ୱିଜଡେନ୍‌ର ସବୁଠାରୁ ମୂଲ୍ୟବାନ୍ ଭାରତୀୟ ଟେଷ୍ଟ ଖେଳାଳି ବିବେଚିତ ହୋଇଛନ୍ତି।

୧୮

୧୪

## 'ହାରିଗଲେ ସଫଳତା ମିଳିବନି'

ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ନେପୋଟିଜମ୍‌ର ଶିକାର ହୋଇ ହାତରୁ ଫିଲ୍ମ ହରାଇଥିବା କହିଛନ୍ତି। ହାରିଗଲେ ସଫଳତା ମିଳିବ ନାହିଁ ବୋଲି ସେ କହିଛନ୍ତି।



# ଚାଇନାର ଆଉ ଏକ ଭୂତାଣୁରୁ ମହାମାରୀ ଆଶଙ୍କା

ୱାଶିଂଟନ,୩୦।୬

- ଗବେଷକମାନେ ଚିହ୍ନଟ କରିଛନ୍ତି ନୂଆ ସ୍ୱାଇନ୍ ଫ୍ଲୁ
- ଘୁଷୁରିଠାରୁ ମଣିଷକୁ ବ୍ୟାପିଛି
- ମଣିଷଠାରୁ ମଣିଷକୁ ବ୍ୟାପିବାର ପ୍ରମାଣ ନାହିଁ, ଚାଲିଛି ଗବେଷଣା



ଚାଇନାରୁ ସାରା ବିଶ୍ୱକୁ ବ୍ୟାପିଥିବା ମହାମାରୀ କରୋନା ଯୋଗୁ ୧ କୋଟିରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମିତ ହୋଇଥିବାବେଳେ ପ୍ରାୟ ୫ ଲକ୍ଷ ୧୦ ହଜାର ଲୋକଙ୍କ ଜୀବନ ଗଲାଣି। ଏଭଳିସ୍ଥଳେ ଚାଇନାରୁ ପୁଣି ଏକ ମହାମାରୀ ବ୍ୟାପିବା ଆଶଙ୍କା କରାଯାଉଛି। ଆମେରିକାର ବିଜ୍ଞାନ ପତ୍ରିକା 'ପିଏନ୍‌ଏଏସ୍'ରେ ସୋମବାର ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ ଚାଇନାର ଗବେଷକମାନେ ଏକ ନୂତନ ପ୍ରକାରର ସ୍ୱାଇନ ଫ୍ଲୁ ଭୂତାଣୁ ଚିହ୍ନଟ କରିଛନ୍ତି, ଯାହା ମହାମାରୀ ସୃଷ୍ଟି କରିବାରେ ସକ୍ଷମ। ଏହି ଭୂତାଣୁକୁ ଜି-୪ ( ଜି-୪ ଇଏ ଏଚ୍-୧ଏନ୍-୧) ଭାବେ ନାମିତ କରାଯାଇଛି। ୨୦୦୯ରେ ମହାମାରୀ ସାଜିଥିବା ସ୍ୱାଇନ୍ ଫ୍ଲୁ ଏଚ୍-୧ଏନ୍-୧ର ଏହା ଆନୁବଂଶିକ ରୂପ ବୋଲି ଗବେଷକମାନେ କହିଛନ୍ତି।

ଚାଇନା ବିଶ୍ୱବିଦ୍ୟାଳୟ ଏବଂ ରୋଗ ନିୟନ୍ତ୍ରଣ ପ୍ରତିଷେଧକ କେନ୍ଦ୍ରର ଗବେଷକମାନେ କହିଛନ୍ତି ଯେ, ଜି-୪ ପାଖରେ ମହାମାରୀ ସୃଷ୍ଟି କରିବା ଭଳି ସମସ୍ତ ଲକ୍ଷଣ ରହିଛି। ୨୦୧୧ରୁ ୨୦୧୮ ମଧ୍ୟରେ ଗବେଷକମାନେ ଚାଇନାର ୧୦ ପ୍ରଦେଶର କଂସେଇଖାନାରୁ ୩୦ ହଜାର ଘୁଷୁରିଙ୍କଠାରୁ ସ୍ୱାବ୍ ନମୁନା ସଂଗ୍ରହକରି ଅଧ୍ୟୟନ ଜାରି ରଖିଥିଲେ। ସେଥିମଧ୍ୟରେ ୧୭୯ ସ୍ୱାଇନ୍ ଫ୍ଲୁ ଭୂତାଣୁ ଥିଲା। ହେଲେ ୨୦୧୬ଠାରୁ ସଂଗ୍ରହ କରାଯାଇଥିବା ନମୁନାରେ ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**

## ଆରମ୍ଭ ମାତ୍ର

# କ୍ରାଇମ୍‌ବ୍ରାଞ୍ଚ ନେଲା ତଦନ୍ତ ଭାର

**ଥାନାରେ ନାବାଳିକାଙ୍କୁ ବଳାତ୍କାର ଘଟଣା**

### ବୀରମିତ୍ରପୁରରେ ପହଞ୍ଚିଲା ୪ଜଣିଆ ତଦନ୍ତକାରୀ ଟିମ୍

କଟକ/ପୁରୀ ଅଫିସ/ସୁନ୍ଦରଗଡ଼(ଡି.ଏନ୍.ଏ.),୩୦।୬

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଭିତରେ ଜଣେ ନାବାଳିକାଙ୍କୁ ବାରମ୍ବାର ବଳାତ୍କାର ଓ ଗର୍ଭପାତ ଘଟଣାର ତଦନ୍ତ ଭାର କ୍ରାଇମ୍‌ବ୍ରାଞ୍ଚକୁ ପ୍ରଦାନ କରାଯାଇଛି। ମଙ୍ଗଳବାର ଏନେଇ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ସୂଚନା ଦେଇଛନ୍ତି। ନାବାଳିକା ବଳାତ୍କାର ମାମଲାର ତଦନ୍ତ ପାଇଁ ରାଜ୍ୟ କ୍ରାଇମ୍‌ବ୍ରାଞ୍ଚକୁ ନିର୍ଦ୍ଦେଶ ଦିଆଯାଇଛି। କ୍ରାଇମ୍‌ବ୍ରାଞ୍ଚର ଏକ ୪ଜଣିଆ ଟିମ୍ ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ତଦନ୍ତ ପାଇଁ ଯାଇଥିବା ଡିଜିପି କହିଛନ୍ତି। ଏନେଇ କ୍ରାଇମ୍‌ବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ କହିବାନୁଯାୟୀ, ଘଟଣାକୁ ନେଇ ରାଏବଗା ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାରେ ପୋଲିସ ଅଧିକାରୀଙ୍କ ସମ୍ପୃକ୍ତି ଥିବା ଯୋଗୁ ମାମଲାକୁ ଅତ୍ୟନ୍ତ ସମ୍ବେଦନଶୀଳ ଭାବେ ଗ୍ରହଣ କରାଯାଇ ତଦନ୍ତ ଭାର କ୍ରାଇମ୍‌ବ୍ରାଞ୍ଚକୁ ପ୍ରଦାନ କରାଯାଇଛି। ଜଣେ ମହିଳା ଡିଏସ୍‌ପିଙ୍କ ନେତୃତ୍ୱରେ ଏକ ୪ ଜଣିଆ ଟିମ୍ ତଦନ୍ତ ପାଇଁ ବୀରମିତ୍ରପୁର ଗସ୍ତ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ କ୍ରାଇମ୍‌ବ୍ରାଞ୍ଚର ଏସ୍‌ପି-୧ ମଧ୍ୟ ସୁନ୍ଦରଗଡ଼ରେ ପହଞ୍ଚି ତଦନ୍ତ ପ୍ରକ୍ରିୟା ସମୀକ୍ଷା କରିବେ। ତଦନ୍ତରେ କ୍ରାଇମ୍‌ବ୍ରାଞ୍ଚକୁ ନିଶ୍ଚିତ ସଫଳତା ମିଳିବ ବୋଲି ଏଡିଜି ପ୍ରକାଶ କରିଛନ୍ତି। ମିଳିଥିବା ଖବର ଅନୁଯାୟୀ କ୍ରାଇମ୍‌ବ୍ରାଞ୍ଚର ୪ଜଣିଆ ଟିମ୍ ମଙ୍ଗଳବାର ଅପରାହ୍ନରେ ବୀରମିତ୍ରପୁର ଥାନାରେ ପହଞ୍ଚି ମାମଲାର ତଦନ୍ତ ଦାୟିତ୍ୱରେ ଥିବା ଡିଏସ୍‌ପି ଜ୍ୟୋତ୍ସ୍ନାମୟୀ ପ୍ରଧାନଙ୍କ ସହ ଆଲୋଚନା କରିଛନ୍ତି। ବୁଧବାରଠାରୁ ଏହି ଟିମ୍ ☞ପୃଷ୍ଠା-୪

# ଅଗଷ୍ଟ ୩୧ ଯାଏ ସ୍କୁଲ, କଲେଜ ବନ୍ଦ

ଭୁବନେଶ୍ୱର,୩୦।୬(ବ୍ୟୁରୋ)

କୋଭିଡ୍-୧୯ ମହାମାରୀ ସଂକ୍ରମଣ ବେଳକୁ ବେଳ ବଢ଼ିବାରେ ଲାଗିଛି। ଏହାକୁ ରୋକିବାକୁ ରାଜ୍ୟ ସରକାର ବିଭିନ୍ନ କୌଶଳ ଅବଲମ୍ବନ କରୁଛନ୍ତି। ଲକ୍‌ଡାଉନ-୫ ପରେ ରାଜ୍ୟ ସରକାର ଜୁନ୍ ୧ତାରିଖରୁ କଟକଣା କୋହଳ କରିଥିଲେ। ଅନ୍‌ଲକ୍-୧ର ଅବଧି ଜୁନ୍ ୩୦ରେ ଶେଷ ହେଉଛି। ସୋମବାର କେନ୍ଦ୍ର ସରକାର ଜୁଲାଇ ପହିଲାରୁ ୩୧ପର୍ଯ୍ୟନ୍ତ କେତେକ ନିର୍ଦ୍ଦେଶନାମା ସହ ଅନ୍‌ଲକ୍-୨ ଘୋଷଣା କରିଛନ୍ତି। ଏହି କ୍ରମରେ ରାଜ୍ୟ ସରକାର ମଧ୍ୟ ମଙ୍ଗଳବାର ଅନ୍‌ଲକ୍-୨ ପାଇଁ ଗାଇଡ୍‌ଲାଇନ ଜାରି କରିଛନ୍ତି।

୫୦ରୁ ଅଧିକ କୋଭିଡ୍ ଆକ୍ଟିଭ୍ କେସ୍ ଥିବା ୧୦ଟି ଜିଲାକୁ ଜୋନ୍-୧ରେ ରଖାଯାଇଛି। ସେହି ଜିଲାଗୁଡ଼ିକ ହେଲା ଗଞ୍ଜାମ, ଗଜପତି, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଝାରସୁଗୁଡ଼ା। ଅନ୍‌ଲକ୍-୧ରେ ଥିବା ☞ପୃଷ୍ଠା-୪

**ଅନ୍‌ଲକ୍-୨: ରାଜ୍ୟ ଗାଇଡ୍‌ଲାଇନ**

- ୧୦ ଜିଲାରେ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିବ
- ରାତି ୯ରୁ ସକାଳ ୫ ଯାଏ ରାତ୍ରିକାଳୀନ କର୍ଫ୍ୟୁ
- ସ୍ଥାନୀୟ ଅନୁମତି ନେଇ ଶପିଂମଲ୍ ଖୋଲାଯାଇପାରିବ
- ପ୍ରବାସୀଙ୍କ କ୍ୱାରାଣ୍ଟାଇନ୍ ୧୪ ଦିନରେ ସୀମିତ ରହିବ
- ମାସ୍କ ନ ପିନ୍ଧିଲେ, ଛେପ ପକାଇଲେ ଜରିମାନା
- ଅମାନିଆଙ୍କ ବିରୋଧରେ ଶୂନ ସହନଶୀଳତା

# ନଭେମ୍ବର ଯାଏ ମାଗଣା ରାଶନ

ନୂଆଦିଲ୍ଲୀ,୩୦।୬
(ପି.ଟି./ଆଇଏଏନ୍‌ଏସ୍)

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)ରେ ଦେଶର ୮୦ କୋଟି ଲୋକଙ୍କୁ ଆସନ୍ତା ନଭେମ୍ବର ପର୍ଯ୍ୟନ୍ତ ମାଗଣାରେ ରାଶନ ମିଳିବ। ଏହି ଯୋଜନାର ଅବଧିକୁ ଆଉ ୫ ମାସ ବୃଦ୍ଧି କରାଯାଇଛି। ଏଥିରେ ୯୦,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୂଚନା ଦେଇଛନ୍ତି। ସେହିପରି 'ଗୋଟିଏ ଦେଶ ଗୋଟିଏ ରାଶନ କାର୍ଡ' ଯୋଜନା କାର୍ଯ୍ୟକାରୀ କରିବା ଉପରେ ସରକାର କାମ କରୁଛନ୍ତି ☞ପୃଷ୍ଠା-୪

**ଅନ୍‌ଲକ୍ ୨.୦ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଘୋଷଣା**



- ପିଏମ୍‌ଜିକେଏୱାଇ ୫ ମାସ ବଢ଼ିଲା
- ଉପକୃତ ହେବେ ୮୦ କୋଟି ଗରିବ
- ଖର୍ଚ୍ଚ ହେବ ୯୦ ହଜାର କୋଟି ଟଙ୍କା



## କିପରି ବଢ଼ାଇବେ ରୋଗ ପ୍ରତିରୋଧକ ଶକ୍ତି

ବର୍ତ୍ତମାନ ସାରା ବିଶ୍ୱରେ କରୋନା ମହାମାରୀ ତା'ର କାୟାବିସ୍ତାର କରିଚାଲିଛି। ଏହି ମହାମାରୀରୁ ରକ୍ଷା ଲାଗି ଏବେ ନିର୍ଦ୍ଦିଷ୍ଟ ଚିକିତ୍ସା ପଦ୍ଧତି ବାହାରିପାରିନାହିଁ। ଏଣୁ ଶରୀରର ଇମ୍ୟୁନିଟି ପାୱାର ବା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରି ଏହାର ମୁକାବିଲା କରାଯାଇପାରିବ। ଏହି ରୋଗ ପ୍ରତିରୋଧକ ଶକ୍ତି ପ୍ରକୃତିଦତ୍ତ, ଅର୍ଜିତ ମଧ୍ୟ। ଶିଶୁଟିଏ ଜନ୍ମ ନେଲେ ତା'ଠାରେ ଜନ୍ମରୁ ରୋଗ ପ୍ରତିରୋଧକ ଶକ୍ତି ରହିଥାଏ। ସେଥିପାଇଁ ଶରୀରରେ ମଧ୍ୟ ନିର୍ଦ୍ଦିଷ୍ଟ ସିଷ୍ଟମ ରହିଛି। ରକ୍ତରେ ଥିବା ଲିମ୍ଫୋସାଇଟ୍ ରୋଗ ପ୍ରତିରୋଧକ ଶକ୍ତିରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ରୋଗ ପ୍ରତିରୋଧକ ଶକ୍ତି ଥିବାରୁ ଆମେ ଜୀବାଣୁ ଭୂତାଣୁ ଇତ୍ୟାଦି ରୋଗ ସୃଷ୍ଟିକାରୀ ଅଣୁଜୀବ କବଳରୁ ରକ୍ଷା ପାଇଥାଉ। ଶିଶୁମାନଙ୍କୁ କେତେକ ସଂକ୍ରାମକ ରୋଗ କବଳରୁ ରକ୍ଷା କରିବା ପାଇଁ ପ୍ରତିଷେଧକ ଟିକା ଦିଆଯାଇଥାଏ। ପ୍ରତିଷେଧକ ଟିକାରେ ଥିବା ଉପାଦାନ ଶରୀରରେ ଆଣ୍ଟିବଡି ତିଆରି କରେ। ଶରୀର ଜୀବାଣୁ ଭୂତାଣୁ ଆକ୍ରମଣର ଶିକାର ହେଲେ ଏହି ଆଣ୍ଟିବଡି ସେହି ଆକ୍ରମଣରୁ ରକ୍ଷା କରେ। ଏହା ହେଉଛି ଅର୍ଜିତ ରୋଗ ପ୍ରତିରୋଧକ ଶକ୍ତି। ଅର୍ଜିତ ରୋଗ ପ୍ରତିରୋଧକ ଶକ୍ତିର ମୁଖ୍ୟ ଉପାଦାନ ହେଲା ପ୍ରୋଟିନ୍। ଏଣୁ ଆମେ ଅଧିକ ପୁଷ୍ଟିସାର ଥିବା ଖାଦ୍ୟ ଖାଇଲେ ତାହା ଶରୀରକୁ ସୁରକ୍ଷିତ ରଖିଥାଏ। ପ୍ରୋଟିନଯୁକ୍ତ ଖାଦ୍ୟ ସହ ଭିଟାମିନ୍-ଏ, ଡି, ଇ, ବି-୬, ବି-୧୨, ସି, ଜିଙ୍କ୍, ସେଲେନିୟମ ଇତ୍ୟାଦି ମଧ୍ୟ ରୋଗ କବଳରୁ ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଆନ୍ତି।

# ଚିକିତ୍ସା ବୃତ୍ତିଗତ ଶପଥ

**ଚିକିତ୍ସକ ଦିବସ ପାଳନର ଅସଲ ଉଦ୍ଦେଶ୍ୟ ଡାକ୍ତରଙ୍କୁ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରେଇ ଦେବା ସଙ୍ଗେ ସଙ୍ଗେ ଡାକ୍ତରଙ୍କର ଅହର୍ନିଶ ଉତ୍ସର୍ଗୀକୃତ ସେବାକାର୍ଯ୍ୟ ପାଇଁ ଜନସାଧାରଣ ସେମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା...**

ଅନନ୍ୟ ସାଧାରଣ ଚିକିତ୍ସାବିତ୍ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କ ସମ୍ମାନାର୍ଥେ ପାଳିତ ହୋଇଥାଏ 'ଜାତୀୟ ଚିକିତ୍ସକ ଦିବସ' ବା ନ୍ୟାଶନାଲ ଡକ୍ଟର୍ସ ଡେ'। ଡାକ୍ତର ରାୟ ୧୮୮୨ ଜୁଲାଇ ୧ରେ ପାଟନାସ୍ଥିତ ବାଙ୍କିପୁରରେ ଭୂମିଷ୍ଠ ହୋଇଥିଲେ। ୮୦ବର୍ଷ ବୟସରେ, ୧୯୬୨ ମସିହା ସେହି ଜୁଲାଇ ୧ରେ କଲିକତାଠାରେ ତାଙ୍କର ପରଲୋକ ହୋଇଥିଲା। ୧୯୯୧ଠାରୁ ଜୁଲାଇ ୧ ତାରିଖଟି ଭାରତରେ 'ଜାତୀୟ ଚିକିତ୍ସକ ଦିବସ' ରୂପେ ପାଳିତ ହୋଇ ଆସୁଅଛି। ଡାକ୍ତରମାନଙ୍କୁ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରେଇ ଦେବା ସଙ୍ଗେ ସଙ୍ଗେ ଡାକ୍ତରମାନଙ୍କର ଅହର୍ନିଶ ଉତ୍ସର୍ଗୀକୃତ ସେବାକାର୍ଯ୍ୟ ପାଇଁ ଜନସାଧାରଣ ସେମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ଲାଗି ଏହି ଦିବସ ପାଳନ କରାଯାଏ।

ଡାକ୍ତର ରାୟ କେବଳ ଜଣେ ଅନନ୍ୟ ସାଧାରଣ ଚିକିତ୍ସକ ନ ଥିଲେ, ସେ ଥିଲେ ଜଣେ ଶିକ୍ଷାବିତ୍, ମାନବପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ, ପ୍ରଗତିଧର୍ମୀ ଚିନ୍ତାଶୀଳ ଜନନାୟକ। ସେ ୧୯୪୮ରୁ ୧୯୬୨ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମଧ୍ୟ ଥିଲେ। ତାଙ୍କୁ ଆଧୁନିକ ପଶ୍ଚିମବଙ୍ଗର ନିର୍ମାତା ଭାବରେ ବିବେଚନା କରାଯାଏ। ରାଷ୍ଟ୍ର ପ୍ରତି ତାଙ୍କର ଅସାଧାରଣ ଅବଦାନକୁ ସ୍ୱୀକୃତି ଜଣାଇ ତାଙ୍କୁ ପ୍ରଦାନ କରାଯାଇଥିଲା ରାଷ୍ଟ୍ରର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ'।

ଆପଣମାନେ ହୁଏତ ଜାଣିଥିବେ ଯେ ଛାତ୍ରୀଛାତ୍ରମାନେ ଡାକ୍ତରୀ ପଢ଼ିବା ପାଇଁ ନାମଲେଖାଇବା ପରେ ଏକ ଶପଥ ଗ୍ରହଣ ଉତ୍ସବରେ ନେଇଥାଆନ୍ତି 'ହିପୋକ୍ରେଟିକ ଶପଥ'। ରୋଗୀମାନଙ୍କ ପ୍ରତି ଚିକିତ୍ସକଙ୍କର ସମ୍ପର୍କ କିପରି ହେବା ଉଚିତ ତାହା ହିପୋକ୍ରେଟିକ ଶପଥନାମାରେ ଉଲ୍ଲେଖ ଅଛି। ହିପୋକ୍ରେଟିସଙ୍କୁ ଆଧୁନିକ ଚିକିତ୍ସାବିଜ୍ଞାନର ଜନକ ରୂପେ ମାନ୍ୟତା ପ୍ରଦାନ କରାଯାଇଥାଏ। 'ହିପୋକ୍ରେଟିକ ଶପଥନାମା' ଗ୍ରୀସ୍ ଓ ରୋମ୍‌ର ଚିକିତ୍ସା ବିଜ୍ଞାନ ଶିକ୍ଷାର୍ଥୀମାନଙ୍କ ନିମିତ୍ତ ଉଦ୍ଦିଷ୍ଟ ଥିଲା। ମାତ୍ର ଭାରତ ସମେତ ଅନ୍ୟାନ୍ୟ ବହୁ ରାଷ୍ଟ୍ରରେ ଏହି ଶପଥନାମା ଅନୁସୃତ ହୋଇଆସୁଛି।

ଏ ସମ୍ପର୍କରେ ଉଲ୍ଲେଖ୍ୟ ଯେ, ଭାରତର ନିଜସ୍ୱ ପୁରାତନ ଚିକିତ୍ସା ଶାସ୍ତ୍ର ଗ୍ରୀକ୍-ରୋମାନ୍ ଚିକିତ୍ସା ଶାସ୍ତ୍ରଠାରୁ ଯଥେଷ୍ଟ ପୁରୁଣା। ଭାରତୀୟ ସଂସ୍କୃତିରେ ନୈତିକତା, ମୂଲ୍ୟବୋଧ, ରୀତିନୀତି, ଆଚରଣବିଧି ଇତ୍ୟାଦିକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ସୁତରାଂ ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠେ, ଭାରତର ଚିକିତ୍ସା ଶାସ୍ତ୍ରର ଶିକ୍ଷାର୍ଥୀମାନଙ୍କ ପାଇଁ କଅଣ କୌଣସି ଅନୁଶାସନ କି ଶପଥ ବ୍ୟବସ୍ଥା ନ ଥିଲା ?



ଭାରତର ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ବା ଭାରତର ନିଜସ୍ୱ ଚିକିତ୍ସା ପଦ୍ଧତି ସମ୍ଭବତଃ ଖ୍ରୀଷ୍ଟପୂର୍ବ ୫୦୦୦ରୁ ଉର୍ଦ୍ଧ୍ୱ ବୈଦିକ କାଳରେ ହିଁ ଜନ୍ମ ନେଇଥିଲା। ଅର୍ଥାତ୍, ହିପୋକ୍ରେଟିସଙ୍କ ଜନ୍ମର ଅଧ୍ୟୟନ କରିବା ପୂର୍ବରୁ ଶିକ୍ଷାର୍ଥୀ ନିର୍ବାଚନର ପଦ୍ଧତି ଥିଲା ଅତ୍ୟନ୍ତ କଠୋର। ସେଥିରେ ଉତ୍ତୀର୍ଣ୍ଣ ହେଲେ ଗୁରୁଙ୍କ ତତ୍ତ୍ୱାବଧାନରେ ଶିକ୍ଷାର୍ଥୀ ପବିତ୍ର ହୋମାଗ୍ନି ସମ୍ମୁଖରେ ଦେବତାମାନଙ୍କୁ ପ୍ରାର୍ଥନା କରି ପୁଷ୍ପନୈବେଦ୍ୟ ଅର୍ପଣ କରୁଥିଲା। ଗୁରୁ ନିଜେ ଶିକ୍ଷାର୍ଥୀର ହାତ ଧରି ତିନି ଥର ପବିତ୍ର ହୋମାଗ୍ନି ପ୍ରଦକ୍ଷିଣ କରୁଥିଲେ। ପ୍ରଦକ୍ଷିଣ ପରେ ଗୁରୁ ତାକୁ ଏକ ଶପଥ କରାଉଥିଲେ। କ'ଣ ଥିଲା ସେହି ଶପଥ ? ଶପଥଟି ଥିଲା ଖୁବ୍ ଦୀର୍ଘ। ମାତ୍ର ଏହାର କିୟଦଂଶ ଏଠାରେ ଉଲ୍ଲେଖ କରାଯାଉଛି।

''ତୁମ ଆଚାର ଓ ଆଚରଣରେ କୌଣସି ଅହଙ୍କାର କି ହିଂସା ପ୍ରକାଶ ପାଇବ ନାହିଁ। ଦିବା କିମ୍ବା ରାତ୍ର, ଯେତେବେଳେ ବି ତୁମକୁ ରୋଗୀ ଦେଖିବା ପାଇଁ ପଡୁପଛେ ତୁମେ ରୋଗୀମାନଙ୍କର ରୋଗ ଯନ୍ତ୍ରଣାର ଉପଶମ କରିବାର ପ୍ରୟାସ ଜାରି ରଖିବ....'

ବହୁବର୍ଷ ଧରି ତାଲିମ ତଥା ଶିକ୍ଷାଗ୍ରହଣ ପରେ ଛାତ୍ରର କୃତିତ୍ୱ, ପ୍ରଗତି ଓ ଆଚରଣରେ ସନ୍ତୁଷ୍ଟ ହେବା ପରେ ହିଁ ଗୁରୁ ଛାତ୍ରର ଅନ୍ତିମ ପରୀକ୍ଷା ଦେଉଥିଲେ। ଏହି ଅନ୍ତିମ ତଥା ଶୀର୍ଷ ପରୀକ୍ଷାରେ ଛାତ୍ରଟି କୃତକାର୍ଯ୍ୟ ହୋଇଗଲେ ରୋଗୀ ଚିକିତ୍ସା ପାଇଁ ଅନୁମତି ଦେବା ନିମିତ୍ତ ରାଜାଙ୍କୁ ସୁପାରିସ କରୁଥିଲେ। ସୁତରାଂ ପ୍ରଶ୍ନ ଉଠେ, ଚିକିତ୍ସା ଶାସ୍ତ୍ରର ଶିକ୍ଷାର୍ଥୀମାନଙ୍କ ପାଇଁ ଉଦ୍ଦିଷ୍ଟ ଉପରୋକ୍ତ ଶପଥନାମା ତଥା ମାର୍ଗଦର୍ଶିକା କେଉଁ ଗୁଣରେ ଅପୂର୍ଣ୍ଣ ?

**– ଡା. ନିତ୍ୟାନନ୍ଦ ସ୍ୱାଇଁ**
**ମୋ: ୯୪୩୭୭୬୬୧୧୭**

## ପାର୍କିନ୍‌ସନ୍ସର ଉପଚାର

ପାର୍କିନ୍‌ସନ୍ସ ଏକ ରୋଗ, ଯାହା ଆମ ମସ୍ତିଷ୍କର ଏକ ଅଂଶରେ ସବ୍‌ଷ୍ଟାଣ୍ଟିଆ ନିଗ୍ରା ନାମକ କୋଷଗୁଡ଼ିକର କ୍ଷତି ହେତୁ ହୋଇଥାଏ। ଯାହା ମସ୍ତିଷ୍କରେ ଡୋପାଇନ ନାମକ ରାସାୟନିକ ପଦାର୍ଥର ହ୍ରାସ ଘଟାଏ। ଶରୀରର ଗତିନିୟନ୍ତ୍ରଣରେ ଡୋପାମାଇନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। କିନ୍ତୁ ପାର୍କିନ୍‌ସନ୍ସର କେତେକ ଲକ୍ଷଣ ଏହାର ହ୍ରାସ ପାଇଁ ଦାୟୀ। ପ୍ରକୃତରେ ମସ୍ତିଷ୍କ କୋଷଗୁଡ଼ିକର କ୍ଷତି ହେବାର କାରଣ ଅସ୍ପଷ୍ଟ। ଅଧିକାଂଶ ବିଶେଷଜ୍ଞ ଭାବନ୍ତି ଯେ ଜେନେଟିକ୍ ଏବଂ ପରିବେଶ କାରକଗୁଡ଼ିକର ମିଶ୍ରଣ ଏଥିପାଇଁ ଦାୟୀ। ଅବସ୍ଥା ଅଗ୍ରଗତି କଲାବେଳେ ପାର୍କିନ୍‌ସନ୍ସର ଲକ୍ଷଣ ଅଧିକ ଖରାପ ହୋଇପାରେ ଏବଂ ବିନା ସାହାଯ୍ୟରେ ଦୈନନ୍ଦିନ କାର୍ଯ୍ୟକଳାପ କରିବା କଷ୍ଟସାଧ୍ୟ ହୋଇଯାଏ। ପାର୍କିନ୍‌ସନ୍ସ ରୋଗୀ ସିଧାସଳଖ ମୃତ୍ୟୁବରଣ କରେ ନାହିଁ। କିନ୍ତୁ ଏହା ଶରୀରରେ ବଡ଼ ଚାପ ସୃଷ୍ଟି କରେ ଏବଂ କିଛି ଲୋକଙ୍କୁ ଗୁରୁତର ଅବସ୍ଥାକୁ ଆଣିପାରେ।


### ପ୍ରାରମ୍ଭିକ ଲକ୍ଷଣ

ହାତରେ କମ୍ପନ। ସମନ୍ୱୟ ଏବଂ ସନ୍ତୁଳନର ଭାବନା ହ୍ରାସ ହୋଇପାରେ, ଯାହାଦ୍ୱାରା ଲୋକମାନେ ଧାରଣ କରିଥିବା ଆଇଟମ୍‌ଗୁଡ଼ିକ ଛାଡ଼ି ପାରନ୍ତି। ବ୍ୟକ୍ତିର ସ୍ଥିତି ବଦଳିପାରେ, ଯାହାଫଳରେ ସେମାନେ ସାମାନ୍ୟ ଆଗକୁ ଝୁଙ୍କିକରି ରହନ୍ତି। ମୁଖର ଅଭିବ୍ୟକ୍ତି ସ୍ଥିର। ସ୍ୱରରେ କମ୍ପନ, କିମ୍ବା ବ୍ୟକ୍ତି ପୂର୍ବ ଅପେକ୍ଷା ଅଧିକ ନରମ କଥା ହୋଇପାରେ। ହସ୍ତଲିଖନ: ଅଧିକ ସଂକୀର୍ଣ୍ଣ ଏବଂ ଛୋଟ ହୋଇଯାଏ। ଗନ୍ଧର ଭାବନା ହରାଇବା ଏକ ପ୍ରାରମ୍ଭିକ ସଙ୍କେତ ହୋଇପାରେ।

ଯଦିଓ ବର୍ତ୍ତମାନ ପାର୍କିନ୍‌ସନ୍ସର କୌଣସି ଉପଶମ ନାହିଁ, ମୁଖ୍ୟ ଲକ୍ଷଣକୁ ହ୍ରାସ କରିବାରେ ତଥା ଯଥାସମ୍ଭବ ଜୀବନଶୈଳୀ ବଜାୟ ରଖିବାର ଚିକିତ୍ସା ଉପଲବ୍ଧ ଅଛି। ଏହି ରୋଗରେ ବିଶେଷଜ୍ଞଙ୍କ ସହିତ ନିୟମିତ ପରାମର୍ଶ ସହ ଚଳିପାରିଲେ ଆପଣଙ୍କ ଅବସ୍ଥା ଉପରେ ନଜର ରଖାଯାଇହେବ। ତଥାପି, ଚିକିତ୍ସାର ଅଗ୍ରଗତି ସହିତ, ପାର୍କିନ୍‌ସନ୍ସ ରୋଗରେ ଆକ୍ରାନ୍ତ କେତେକ ବ୍ୟକ୍ତି ଏବେ ସାଧାରଣ ଜୀବନଯାପନରେ ଅଗ୍ରସର ହେଉଛନ୍ତି।

**– ଡା. ମିତାଲି କର**
କନ୍‌ସଲ୍‌ଟାଣ୍ଟ ନ୍ୟୁରୋଲୋଜିଷ୍ଟ, କେୟାର ହସ୍ପିଟାଲ, ଭୁବନେଶ୍ୱର


## ମାନସିକ ରୋଗ ଜାଣିବେ କିପରି ?



୧. ବ୍ୟକ୍ତିର କଥାବାର୍ତ୍ତା ତଥା ବ୍ୟବହାରରେ ପରିବର୍ତ୍ତନ । ୨. ଅତି ମନ ଖରାପ କରିବା । ୩. ଆତ୍ମହତ୍ୟା କରିବାର ଇଚ୍ଛା ହେବା କିମ୍ବା ଉଦ୍ୟମ କରିବା। ୪. ହଠାତ୍ ଅଣନିଃଶ୍ୱାସୀ ହୋଇ ପଡିବା, ମରିଯିବାର ଭୟ ହେବା, ଛାତି ଧଡ଼ଧଡ଼ ହେବା, ଝାଳ ବାହାରିବା, ଦେହ ଝିମ୍ ଝିମ୍ ହେବା, ଏକଲା ରହି ନ ପାରିବା। ୫. ଅପସ୍ମାର ବାତ ହେବା ଓ ବାରମ୍ବାର ବାତ ପରେ ବ୍ୟବହାରରେ ପରିବର୍ତ୍ତନ ଦେଖାଦେବା । ୬. ମଝିରେ ମଝିରେ ମୁଣ୍ଡ ବିନ୍ଧିବା ଓ ବାନ୍ତି ଦେଖାଇବା । ୭. ନିଦ୍ରାରେ ଅସୁବିଧା ହେବା । ୮. ବହୁତ ଦିନ ଧରି ମୁଣ୍ଡ ବିନ୍ଧିବା, ଦେହହାତ ଦରଜ ହେବା, ମଥା ଗରମ ଲାଗିବା, ଆଗ୍ରହ, ଫୂର୍ତ୍ତି ଓ ସ୍ମରଣ ଶକ୍ତି କମିଯିବା। ୯. ଦେହର ବିଭିନ୍ନ ଜାଗାରେ ଯନ୍ତ୍ରଣା ହେବା, ପେଟରେ ଗ୍ୟାସ୍ ହେବା ଓ ସବୁ ପରୀକ୍ଷା ପରେ ମଧ୍ୟ କିଛି ଅସୁବିଧା ଜାଣି ନ ହେବା । ୧୦. ଭୟ ଯୋଗୁ ଘରୁ ନ ବାହାରିବା । ୧୧. ମନେ ମନେ କଥା ହେବା, ହସିବା, ଶୂନ୍ୟରୁ କଥା ଶୁଣିବା। ୧୨. ଅନ୍ୟକୁ ସନ୍ଦେହ କରିବା, ଖାଦ୍ୟରେ ବିଷ ମିଶିଥିବାର ସନ୍ଦେହ କରିବା, ନିଜେ ରାନ୍ଧି ଖାଇବା। ୧୩. ସ୍ୱାମୀ ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରିବା କିମ୍ବା ସ୍ତ୍ରୀ ସ୍ୱାମୀର ଚରିତ୍ରକୁ ସନ୍ଦେହ କରିବା । ୧୪. ବାରମ୍ବାର ଅଲୌକିକ ଚିନ୍ତା ବା ବ୍ୟବହାର କରିବା । ୧୫. ବର୍ଷ ବର୍ଷ ଧରି ମୌନ ହୋଇଯିବା ଓ ସ୍ଥାଣୁ ଭଳି ରହିବା । ୧୬. ଭିନ୍ନ ବ୍ୟକ୍ତିତ୍ୱ ଯଥା: ନିଜକୁ ସବୁବେଳେ ଠିକ୍ ଭାବିବା, ସବୁ କଥାରେ ସନ୍ଦେହ କରିବା, ହଠାତ୍ ରାଗିଯିବା, ନିଜକୁ ଆଘାତ କରିବା ଓ ପୁଣି ହଠାତ୍ ବଦଳିଯିବା । ୧୭. ବାରମ୍ବାର ହାତ ଓ ଗୋଡ ଧୋଇବା, ଘଣ୍ଟା ଘଣ୍ଟା ଧରି ଗାଧୋଇବା, ବେଶି ପରିଷ୍କାର ରହିବା । ୧୮. ଅତି ଫୂର୍ତ୍ତି ହେବା, ବହୁତ କଥା ହେବା, ନିଜକୁ ବହୁତ ବଡ ଭାବିବା, ଗଣ୍ଡଗୋଳ କରିବା ଓ କମ୍ ଶୋଇ ମଧ୍ୟ କ୍ଳାନ୍ତ ନ ହେବା । ୧୯. ବିଭିନ୍ନ ପ୍ରକାର ନିଶା ସେବନ କରିବା ଯଥା: ମଦ (Alcohol), ଗଞ୍ଜେଇ (Cannabis), ଆଲପ୍ରାଜୋଲାମ (Alprazolam), ପେଣ୍ଟାଜୋକେନ୍ (Pentazocaine) ଓ ବିଭିନ୍ନ ପ୍ରକାଶ ନିଶା ଔଷଧ । ୨୦. ଯୌନ ଜୀବନରେ ଅସୁବିଧା ଦେଖା ଦେବା । ୨୧. ପିଲା ଅତି ଦୁଷ୍ଟ ହେବା, ଅସ୍ଥିର ହେବା, ପାଠ ଠିକ୍ ନ ପଢିବା, ବଡ଼ ହେବା ପରେ ବିଛଣାରେ ପରିସ୍ରା କରିବା । ୨୨. ବାର୍ଦ୍ଧକ୍ୟ ବୟସରେ ସ୍ମରଣ ଶକ୍ତି କମିଯିବା, କିଛି ଜାଣି ନ ପାରିବା ଏବଂ ନିଜ ଆତ୍ମୀୟ ଲୋକଙ୍କୁ ଚିହ୍ନି ନ ପାରିବା ।

**DR. SAMRAT KAR, MBBS, MD,**
(CONSULTANT NEUROPSYCHIATRIST)
THE BRAIN & RESEARCH CENTRE
Purighat Road, Cuttack-753009
Mob.: 9132433333



SAMBALPUR NURSING COLLEGE
Approved Govt. of Odisha, Govt. of India and University



Being a Doctor, you need to face lot of challenges every day especially now a days during covid pandemic situations and one of the such challenges is to keep fighting for the health of your patients. There are many sacrifice and lot of hard work to become a successful Doctor. We the Sambalpur Nursing College wishing a very happy Doctor's Day to all wonderful Doctor.

Raghunandan Nayak
Director

AT- ASA ACADEMY, PO- JAYANTAPUR
DIST- SAMBALPUR- 768112
Mob. 9338204000, 9338426555.
Email ID: sambalpur.nc@gmail.com
Website: sambalpurnursingcollege.org



We are Proud for our Doctors Team:
DR. ARUN SAMAL (Eye)
DR. SANGHAMITRA DAS (O&G)
DR. SAHADEV SAHOO (O&G)
DR. S.D. BHUYAN (General Medicine)
DR. D. BHUYAN (General Medicine)
DR. MUKESH JAIN (Paediatric)
DR. K.C. DAS (Paediatric)
DR. SRIKANT MISHRA (Orthopaedic)
DR. PRATHYUSHA DEVISETTY (Skin)
DR. P.K. MOHAPATRA (Psychiatric)
BHUBANESWAR HOSPITAL
HIG Duplex-52, Sailashree Vihar
BBSR, 8093232437, 0674-274142
SRL Diagnostics Counter inside the Campus



ଆୟୁର୍ବେଦ
ଏକ ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ଚିକିତ୍ସା
ଏହାର ସୁଯୋଗ ନିଅନ୍ତୁ



dr.dinabandhumoharana
ଡାକ୍ତର ଦୀନବନ୍ଧୁ ମହାରଣା
ବି.ଏ.ଏମ୍.ଏସ୍. (ଉତ୍କଳ), ପି.ଜି. (ତିରୁପତି), ଡି.ଲିଟ୍ (ଆୟୁର୍ବେଦ)
ଡାକ୍ତର ମିନତି ମହାରଣା
ବି.ଏ.ଏମ୍.ଏସ୍. (ଉତ୍କଳ), ପି.ଜି. (ତିରୁପତି)
ଡାକ୍ତର ଦିବ୍ୟଜ୍ୟୋତି ମହାରଣା
ବି.ଏ.ଏମ୍.ଏସ୍., ଏମ୍.ଡି. (ବାଙ୍ଗାଲୋର)
ଡାକ୍ତର ଶୁଭ୍ରଜ୍ୟୋତି ମହାରଣା
ବି.ଏ.ଏମ୍.ଏସ୍. ଅନର୍ସ (ବାଙ୍ଗାଲୋର)
ପ୍ରତ୍ୟେକ ରୋଗ ପାଇଁ ଯୋଗାଯୋଗ ଠିକଣା:
ଓଡ଼ିଶା ଆୟୁର୍ବେଦ ସେବା ସଦନ, ରୁମ୍ ନଂ. ୧୧୧, ଉପର ମହଲା, ମ୍ୟୁନିସିପାଲିଟି ମାର୍କେଟ, ଓଏମ୍‌ପି ଛକ, କଟକ-୭୫୩୦୦୩, ମୋବାଇଲ ନଂ.: ୯୪୩୭୦୪୩୧୦୩/୮୪୫୬୯୨୪୬୯୯ ।
ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥା, ରୁମ୍ ନଂ. ୩୩, ଉପରମହଲା, ଇନ୍ଦ୍ରଧନୁ ମାର୍କେଟ (ଗାନ୍ଧୀମାର୍କେଟ), ଆଇ.ଆର୍.ସି. ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର – ୧୫, ମୋ: ୯୪୩୭୦୪୩୧୦୩ ।
ବି.ଦ୍ର.: ଚିକିତ୍ସା ପାଇଁ ଆସିବା ପୂର୍ବରୁ ଉପର ଲିଖିତ ଫୋନ୍‌ରେ ଯୋଗାଯୋଗ କରି ଆସିପାରିବେ ।



ବିଶ୍ୱ ଚିକିତ୍ସକ ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ।



ଶର୍ମିଷ୍ଠା ମେମୋରିଆଲ ହସ୍ପିଟାଲ
କନ୍ଦେଇପୁର, ଯାଜପୁରରୋଡ୍, ଯାଜପୁର



ସ୍ୱାସ୍ଥ୍ୟ ହିଁ ସମ୍ପଦ
ନିଜେ ସୁରକ୍ଷିତ ରୁହନ୍ତୁ ଓ ସମାଜକୁ ସୁରକ୍ଷିତ ରଖନ୍ତୁ ।
ଆସନ୍ତୁ, ମିଳିମିଶି କରୋନା ସହିତ ଲଢ଼ିବା ।



ଡା. ରାଜେଶ ତ୍ରିପାଠୀ ଡା. ସୁସ୍ମିତା ଦାଶ
ସାଇକୃପା ନର୍ସିଂହୋମ, ବରଗଡ଼




ସ୍ୱାସ୍ଥ୍ୟ ହିଁ ସମ୍ପଦ
ଘରେ ରୁହନ୍ତୁ ! ସୁରକ୍ଷିତ ରୁହନ୍ତୁ !



ଅନିମା ନର୍ସିଂହୋମ ଓ ପଣ୍ଡା ମେଡିକାଲ ଷ୍ଟୋର



ନିଜେ ସୁରକ୍ଷିତ ରୁହନ୍ତୁ ଓ ସମାଜକୁ ସୁରକ୍ଷିତ ରଖନ୍ତୁ



ଡା. ପ୍ରସନ୍ନଜିତ୍ କର
ଅତିରିକ୍ତ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର



"You are the savior of many, You are being called as God's hands
Thank you choosing this profession and saving the life of many"
Happy Doctor's Day- 2020
GUPTA DIAGNOSTIC CLINIC, BURLA
Happy to announce opening of their
BLOOD SAMPLE COLLECTION CENTRE
at KHETRAJPUR, SAMBALPUR
Near Agrasen Bhawan
Timing 7.30 AM to 4.30 PM Daily
For Further details
Contact: 8260115184 & 9861150506



"God Cannot be everywhere, so he sent the Doctor's with excellence and selflessness"
Best wishes for National Doctor's Day
From:
SECRETARY,
ROURKELA SENIOR NURSING COLLEGE
SUNDARGARH GNM TRAINING SCHOOL
MAA BAUTI ANM TRAINING SCHOOL
SUNDARGARH DMLT INSTITUTE
MAHESWARI +2 SCIENCE & ARTS COLLEGE (HSS)
MAHASWARI PHARMACEUTICAL COLLEGE (D. PHARM)
AT/P.O. SANKARA, DIST.- SUNDARGARH



FACILITIES AVAILABILE
GYNAECOLOGY
PEDIATRICS
GENERAL MEDICINE
GENERAL SURGERY
CARDIOLOGY
ORTHOPEDICS
PATHOLOGY
SAMALESWARI HOSPITAL
Regd No. SNG-3/2016
Rourkela Road, Ranibagicha
Sundargarh- 770001, Odisha
Mob- 8763898320



Happy National Doctors' Day!
MAA SAMLESWARI MULTI SPECIALIST CLINIC & PATHO-LAB
HOSPITAL ROAD, SUNDRAGARH- 77001- OSIHA
Mob- Ranibagicha- 8763898320, Sundargarh- 9778693939



Best Wishes for Doctor's Day - 2020
ପଦ୍ମା ହସ୍ପିଟାଲ
PADMA HOSPITAL
(AN ISO 9001:2008)
Facilities available:
- General Surgery
- Laparoscopy Surgery
- Laser and Procto Surgery
- Laser and Procto Surgery (Piles, Fissure, Fistula, Pilonidal Sinus) (ଅର୍ଶ, ମଳକଣ୍ଟକ, ଭଗନ୍ଦର, ଚୁଟି ସମ୍ଭୁତ ଘା)
- Orthopedic Surgery
- Gynaecology Surgery (Laparoscopy)
- Modern Laboratory

24×7 Ambulance Service | Pharmacy Service | Medical Care
210/1320, Sarala Nagar (Laxmi Sagar Chhak), Netaji Subhas Road, BBSR-751006,
Mob.:- 9437071386, 7609085504
E-mail: padmahospitalbbsr@gmail.com, www.padmahospital.com

# ଓଡ଼ିଶାରେ ସ୍ୱାସ୍ଥ୍ୟସେବା...

ବର୍ତ୍ତମାନର ସ୍ୱାସ୍ଥ୍ୟ ସଙ୍କଟ ପରିପ୍ରେକ୍ଷୀରେ ଡାକ୍ତରମାନଙ୍କର ଭୂମିକା ଓ ଗୁରୁତ୍ୱ ସବୁ ବିଭାଗ ଶୀର୍ଷରେ ପହଞ୍ଚିଛି। 'ଜାନ୍ ହେ ଜହାନ୍ ହେ' ଅର୍ଥାତ୍ ଜୀବନ ଅଛି ତ ସବୁ ଅଛି ଜୀବନ ନାହିଁ ତ କିଛି ନାହିଁ ଅନୁଯାୟୀ ବର୍ତ୍ତମାନ ମଣିଷମାନଙ୍କର ଜୀବନରକ୍ଷା ସବୁଠାରୁ ଅଧିକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଆମ ରାଜ୍ୟରେ ଏବେ ୨୨,୦୦୦ ପାଖାପାଖି ରେଜେଷ୍ଟ୍ରିଭୁକ୍ତ ଡାକ୍ତର ଅଛନ୍ତି। ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଅର୍ଥାତ୍ ୧୮,୦୦୦ ଡାକ୍ତର ଡାକ୍ତରୀ ସେବା ପାଇଁ ଉପଲବ୍ଧ। ୮୦୦୦ରୁ ଅଧିକ ଡାକ୍ତର ସରକାରୀ ଡାକ୍ତର ପଦବୀରେ ରହିଥିବା ବେଳେ ଘରୋଇ ମେଡିକାଲ ଓ ନର୍ସିଂହୋମ୍‌ରେ କେତେକ ଡାକ୍ତର କାମ କରିଥାଆନ୍ତି। କେତେକ ଡାକ୍ତର ଚୁକ୍ତିଭିତ୍ତିକ ଚାକିରି ସରକାରୀ କ୍ଷେତ୍ରରେ କରିଥିବା ବେଳେ କେତେକ ଘରୋଇ ସ୍ୱାସ୍ଥ୍ୟ ଚିକିତ୍ସା ଅନୁଷ୍ଠାନଗୁଡ଼ିକରେ ଯୋଗ ଦେଇଥାଆନ୍ତି।

ସାଧାରଣତଃ ତିନି ପ୍ରକାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଯଥା– କ୍ଲିନିକାଲ ଅର୍ଥାତ୍ ରୋଗୀ ଚିକିତ୍ସା ସହ ପ୍ରତ୍ୟକ୍ଷ ଭାବରେ ଜଡିତ, ପାରା କ୍ଲିନିକାଲ୍ ଅର୍ଥାତ୍, ରୋଗୀ ଚିକିତ୍ସା ସହିତ ପରୋକ୍ଷ ଭାବେ ଜଡିତ ଏବଂ ନନ୍ କ୍ଲିନିକାଲ୍ ଅର୍ଥାତ୍, କେବଳ ମୌଳିକ ଶିକ୍ଷା ଓ ଗବେଷଣା ସହ ଜଡିତ। ସେହିପରି ସାଧାରଣ ଚିକିତ୍ସକ ବିଭିନ୍ନ ବିଷୟରେ ବିଶେଷଜ୍ଞ (ସ୍ପେଶାଲିଷ୍ଟ) ଏବଂ ତା'ପରେ ଅତି ବିଶେଷଜ୍ଞ (ସୁପର ସ୍ପେଶାଲିଷ୍ଟ) ଅଛନ୍ତି। ପାଞ୍ଚ ବର୍ଷ ଏମବିବିଏସ ଓ ଗୋଟିଏ ବର୍ଷ ହାଉସସର୍ଜନଶିପ୍ ପରେ ପି.ଜି. ପାଇଁ ଆହୁରି ତିନି ବର୍ଷ, ସୁପର ପି.ଜି. ପାଇଁ ଆହୁରି ତିନିବର୍ଷ ଓ



ତା'ପରେ ସିନିୟର ରେସିଡେନ୍ସି ପାଇଁ ଆଉ ତିନି ବର୍ଷ ଅର୍ଥାତ୍, ଯଦି ଜଣେ ଗୋଟିଏ ଥରେ ସବୁ ଏନ୍‌ଟ୍ରାନ୍ସ (ଚାରିଗୋଟିଯାକ) କୃତକାର୍ଯ୍ୟ ହୁଏ ତା'ହେଲେ ତାକୁ ସ୍ୱୟଂସମ୍ପନ୍ନ ଡାକ୍ତର ହେବା ପାଇଁ କେବଳ ଡାକ୍ତରୀ ପାଠ ୧୭–୧୮ବର୍ଷ ପଢ଼ିବାକୁ ପଡିବ। ଅର୍ଥାତ୍, ଏହି ପିଲା ମାଟ୍ରିକ/ସିବିଏସ୍‌ଇ/ଆଇସିଏସ୍‌ଇ/ ବି.ଏ./ଏମ.ଏ. ଇତ୍ୟାଦି ପଢୁଥିବା ଅବଧିଠାରୁ ମଧ ଲମ୍ବା। ଅଷ୍ଟାଦଶ ଶତାବ୍ଦୀ ବେଳେ ଓଡ଼ିଶାରେ ମରହଟ୍ଟାମାନଙ୍କର ରାଜତ୍ୱ ସମୟରେ ବର୍ତ୍ତମାନ ହୋଇଥିବା ଏସସିବି ମେଡିକାଲ କଲେଜ ପରିସରରେ ଏକ ଫାଷ୍ଟ–ଏଡ୍ ସେଣ୍ଟର ବା ଡିସ୍‌ପେନ୍‌ସାରି କାର୍ଯ୍ୟ କରୁଥିଲା। ଏହାର ମୁଖ୍ୟ ଉଦ୍ଦେଶ ଥିଲା ପୁରୀକୁ ଦୂର ଦୂରାନ୍ତରୁ ଆସୁଥିବା ତୀର୍ଥଯାତ୍ରୀମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା। ରଥଯାତ୍ରା ସମୟରେ କଲେରା ପ୍ରାଦୁର୍ଭାବ ବେଳେ ଏହା ଅଧିକ କାମ କରୁଥିଲା।

ଏହା ୧୮୦୩ ମସିହା ପର୍ଯ୍ୟନ୍ତ ଯେତେବେଳେ ଓଡିଶା ଶାସନ ବ୍ରିଟିଶମାନଙ୍କ ହାତକୁ ଗଲା ସେତେବେଳେ ଭଲ ରୂପେ କାର୍ଯ୍ୟକ୍ଷମ ହେଲା ଓ ଇଂରେଜ ଅଧିକାରୀମାନେ ଏହାର ବହୁ ପ୍ରଶଂସା କରିଥିଲେ। ସେମାନେ 'ଅନ୍ନଛତ୍ର' ଫଣ୍ଡରୁ ୧୮୭୫ ମସିହାରେ ଏହାର ଉନ୍ନତୀକରଣ କଲେ ଓ 'ଓଡିଶା ମେଡିକାଲ ସ୍କୁଲ' ସ୍ଥାପିତ ହେଲା। ଏଥିରେ ୨୦ ଜଣ ଏଲ.ଏମ୍.ପି. ଛାତ୍ର ନାମ ଲେଖାଇ ପଢ଼ିଲେ। ଓଡ଼ିଶା–ବିହାର ମେଡିକାଲ ଏକ୍‌ଜାମିନେଶନ ବୋର୍ଡ ଏହି ଡିପ୍ଲୋମା ମଞ୍ଜୁରୀ କଲା।

୧୯୪୪ରେ ଏହା ମେଡିକାଲ କଲେଜ ନାମରେ ନାମିତ ହେଲା ଓ କଟକର ସିଭିଲ୍ ସର୍ଜନ ଏହାର ପ୍ରିନ୍ସିପାଲ ଦାୟିତ୍ୱରେ ରହିଲେ। ପରେ ପାରଳା ମହାରାଜା ଗଜପତି କୃଷ୍ଣଚନ୍ଦ୍ରଦେବ, ସ୍ୱାସ୍ଥ୍ୟମନ୍ତ୍ରୀ ଅବଦୁଲ୍ ଶୁଭନ୍ ଖାନ୍, ପଣ୍ଡିତ ଗୋଦାବରୀଶ ମିଶ୍ର ପ୍ରମୁଖଙ୍କ ଉଦ୍ୟମରେ ଜୁନ୍ ୧, ୧୯୪୪ରେ ୨୨ ଜଣ ଛାତ୍ର ଏମ.ବି.ବି.ଏସ.ରେ ନାମ ଲେଖାଇଲେ। ସେମାନଙ୍କ ଫାଇନାଲ ଏମ.ବି.ବି.ଏସ. ପରୀକ୍ଷା ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ୧୯୪୮ରେ ହୋଇଥିଲା। ୧୯୫୨ରେ ଏହାକୁ ଭାରତୀୟ ଚିକିତ୍ସା ପରିଷଦ (ଏମ୍‌ସିଏଫ୍) ମଞ୍ଜୁରୀ ପ୍ରଦାନ କରିଥିଲା। ଏହି ମଞ୍ଜୁରୀ ପିଛିଲା ଭାବେ ୧୯୫୧ରୁ ଦିଆଯାଇଥିଲା। ଏହାପରେ ମୟୂରଭଞ୍ଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେବଙ୍କ ଆର୍ଥିକ ଏବଂ ସାମଗ୍ରିକ ସାହାଯ୍ୟ ପାଇଁ ତାଙ୍କ ନାମରେ ନାମିତ ହେଲା। ପି.ଜି. ପାଇଁ ୧୯୬୦ରେ ଓ ସୁପର ପି.ଜି. ପାଇଁ ୧୯୮୧ରେ ଏମ.ସି.ଆଇ. ଅନୁମତି ମିଳିଥିଲା।

**– ଡା. ରାମଚନ୍ଦ୍ର ରାଉତ**

ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଗୁଇନ୍ଦା ଓ ପରିସଂଖ୍ୟାନ, ଓଡିଶା
ମୋ: ୯୪୩୭୭୪୨୪୯୯

ମହାମାରୀ କରୋନା ସଂଗ୍ରାମରେ ଚିକିତ୍ସକମାନେ ହିଁ ଆଗ ଧାଡ଼ିର ଯୋଦ୍ଧା। ନିଜର ଓ ନିଜ ପରିବାରର ନିରାପତ୍ତାକୁ ପଛରେ ପକାଇ ସେମାନେ ଉତ୍ସର୍ଗୀକୃତ ମନରେ ଅହରହ ରୋଗୀ ସେବାରେ ବ୍ରତୀ। ଆଜି ବିଶ୍ୱ ଚିକିତ୍ସକ ଦିବସ ଉପଲକ୍ଷେ ଏଇ ମହାନ୍ ଯୋଦ୍ଧାଙ୍କୁ ଅଶେଷ ଆନ୍ତରିକ ଅଭିନନ୍ଦନ।



ଡା. ପ୍ରସନ୍ନ କୁମାର ସାହୁ
ସଭାପତି, ଓଡ଼ିଶା ଶିଶୁ ଚିକିତ୍ସକ ସଂଘ

# କରୋନାର ଆୟୁର୍ବେଦୀୟ ଚିକିତ୍ସା

କରୋନା ଅର୍ଥ ବଳୟ। ଗ୍ରହଣ ବେଳେ ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ବଳୟ ଘେରି ରହିଥାଏ। ସେହି ଆକାର ଭୂତାଣୁ ପ୍ରାଣୀଙ୍କଠାରେ ଦେଖାଦେଇଥାଏ। ଏପରି ଭୂତାଣୁ ପ୍ରାଣୀ ବା ବାଦୁଡିଠାରୁ ମନୁଷ୍ୟକୁ ଚାଇନାରେ ସଂକ୍ରମିତ ହୋଇଥିଲା। ତା'ପରେ ତାହା ମନୁଷ୍ୟରୁ ମନୁଷ୍ୟକୁ କ୍ରମଶଃ ସଂକ୍ରମିତ ହୋଇଚାଲିଛି। ଏହା ମୁଖ୍ୟତଃ ଶ୍ୱସନ ସଂସ୍ଥାନକୁ ସଂକ୍ରମିତ କରି ଅକାମୀ କରିଦିଏ। ଏହାଦ୍ୱାରା ରୋଗୀର ଶ୍ୱାସଜନିତ ମୃତ୍ୟୁ ହୋଇଥାଏ। ଏହି ସଂକ୍ରମିତ ବ୍ୟକ୍ତିର କାଶ, ଛିଙ୍କରୁ ବାହାରୁ ଥିବା କ୍ଷୁଦ୍ର କଣିକା କୌଣସି ଉପାୟରେ ନାସା ଓ ମୁଖ ଦେଇ ସୁସ୍ଥ ବ୍ୟକ୍ତି ଶ୍ୱାସନଳୀରେ ପ୍ରବେଶ କଲେ ସେ ସଂକ୍ରମିତ ହୋଇଥାଆନ୍ତି।

ଏହି ରୋଗର ଟିକା ଏବଂ ଔଷଧ ବର୍ତ୍ତମାନ ପର୍ଯ୍ୟନ୍ତ ସଠିକ ରୂପେ ନିରୂପଣ କରାଯାଇପାରିନାହିଁ। ଏଥିରୁ ରକ୍ଷା ପାଇବାକୁ ହେଲେ ବ୍ୟକ୍ତି ଘରୁ ନ ବାହାରି ଘରେ ମଧ୍ୟରେ ରହିବା ଆବଶ୍ୟକ। ବାହାରକୁ ବାହାରିଲେ ମୁହଁରେ ରୁମାଲ, ମାସ୍କ ବାନ୍ଧି ବାହାରନ୍ତୁ। ପ୍ରତ୍ୟେକ ଦିନ ସେହି ମାସ୍କ କିମ୍ବା ରୁମାଲକୁ ଭଲ ଭାବରେ ଡେଟଲ ପାଣିରେ ସଫା କରନ୍ତୁ। ସାବୁନ ନ ହେଲେ ହ୍ୟାଣ୍ଡୱାଶରେ ହାତକୁ ଭଲ ଭାବରେ ଧୁଅନ୍ତୁ। ସାନିଟାଇଜର ବ୍ୟବହାର କରନ୍ତୁ। ସାମାଜିକ ଦୂରତ୍ୱ ରକ୍ଷା କରନ୍ତୁ। ଏହାବ୍ୟତୀତ ଏହି ରୋଗକୁ ପ୍ରତିହତ କରିବା ପାଇଁ ଦୈନିକ ୩/୪ଥର ଉଷୁମ ଲୁଣ ପାଣିରେ କୁଳି କରିବେ। ତେଜପତ୍ର, ଅଦା, ମିଶ୍ରି, ଅଗସ୍ତିଫୁଲ, ତୁଳସୀଜଟା ଓ ଗୋଲମରିଚ ଫୁଟାଇ ଉଷୁମ କରି ତା ପରି ଦେଢ଼ କପ ଦୈନିକ ଦୁଇ ଥର ପାନ କରିବେ। ଥଣ୍ଡା ପ୍ରତି ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଦୈନିକ ସକାଳେ ତୁଳସୀପତ୍ର ୧୦ଟି ଓ ବାସଙ୍ଗ ପତ୍ର ୩ଟିର ସ୍ୱରସ ମହୁ ସହ ମିଶାଇ ପାନ କରିବେ। ଏହାବ୍ୟତୀତ ଅଭିଜ୍ଞ ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶ ଅନୁସାରେ ମହାଲକ୍ଷ୍ମୀ ବିଳାସ ରସ, ମକରଧ୍ୱଜ, ମୃତ୍ୟୁଞ୍ଜୟ ରସ, କଫକେତୁ, କଫ ଚିନ୍ତାମଣି ମାତ୍ରାନୁସାରେ ମହୁ ସହ ସେବନ କଲେ ମଧ ଏହି ରୋଗରୁ ରକ୍ଷା ପାଇପାରିବ।


**– ଡା. ଆଶିଷ ବାନାର୍ଜୀ**

ଆନନ୍ଦବଜାର, ବେତନଟୀ, ମୟୂରଭଞ୍ଜ





## ବ୍ୟକ୍ତିଗତ ସତର୍କତା ଉତ୍ତମ ପଦକ୍ଷେପ

ଭଗବାନ ଆମକୁ ଗୋଟିଏ ମାତ୍ର ଶରୀର ଦେଇଛନ୍ତି, ଆମେ ନିଜେ ଯଦି ନିଜ ଶରୀରକୁ କ୍ଷତି ପହଞ୍ଚାଇବା ତା'ହେଲେ ଆମକୁ ଆଉ କିଏ ରକ୍ଷା କରିବ ? ଭାଗବତରେ କୁହାଯାଇଛି '' ଏ ଦେହ ଥିଲେ ସର୍ବ ପାଇ, ଜଳେ ଯେସନେ ଚନ୍ଦ୍ର ଛାଇ।'' ତେଣୁ ବ୍ୟକ୍ତିଗତ ସତର୍କତା ହେଉଛି ଏଥିପାଇଁ ଏକ ଉତ୍ତମ ପଦକ୍ଷେପ। ପ୍ରତ୍ୟେକ ଔଷଧର ରୋଗ ଆରୋଗ୍ୟ ଶକ୍ତି ସହିତ କିଛି କିଛି ପାର୍ଶ୍ୱ ପ୍ରତିକ୍ରିୟା ଓ ଖରାପ ଗୁଣ ରହିଛି। ଦରଜ ବଟିକା ଅଧିକା ଖାଇଲେ ପେଟରେ ଘା' ହୋଇପାରେ। କେତେକ ଔଷଧ ଖାଇଲେ ଜଣ୍ଡିସ ହୋଇଥାଏ। ମାନସିକ ଓ ଆଲର୍ଜିର ଔଷଧ ନିଦ କରାଏ। ମାନ୍ଦା କରାଇଦିଏ। ଆହୁରି ମଧ୍ୟ କେତେକ ଔଷଧ ରହିଛି ଡାକ୍ତରଙ୍କ ବିନା ପରାମର୍ଶରେ ନେବା ଭୟାବହ– ଡାଇବେଟିସ ଔଷଧ ଓ ଇନ୍‌ସୁଲିନ, ରକ୍ତଚାପ ଔଷଧ, ହର୍ମୋନ, ଥାଇରଏଡ, ଗର୍ଭପାତ କରାଇବା ପାଇଁ ଔଷଧ ଓ ଷ୍ଟିରଏଡ ଇତ୍ୟାଦି ଏହି ଶ୍ରେଣୀର। ଏଗୁଡ଼ିକ ମନଇଚ୍ଛା ବିନା ପ୍ରେସ୍‌କ୍ରିପ୍‌ଶନରେ ବ୍ୟବହାର କରିବା ଅନୁଚିତ ଓ ବିକ୍ରି ମଧ ଦୋଷାବହ। କିନ୍ତୁ ଷ୍ଟିରଏଡ ନାମକ ଔଷଧର ବହୁ ଅପବ୍ୟବହାର ହୋଇଥାଏ। କେତେକ କାଶ ପାଣି ଔଷଧକୁ ନିଶା ପାଇଁ ବ୍ୟବହାର କରିଥାନ୍ତି। ତେଣୁ ଏଥିପ୍ରତି ସଜାଗ ହୋଇ ସୁସ୍ଥ ଜୀବନ ଶୈଳୀ ଆପଣେଇବା ଆବଶ୍ୟକ। ବର୍ତ୍ତମାନ କରୋନା ସହିତ ଲଢ଼େଇ କରିବା ପାଇଁ ଏହି ଜୀବନ ଶୈଳୀ ହିଁ ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ।









**ଆଜିର ମନ୍ତବ୍ୟ**

"କେବଳ ଚାଇନିଜ୍ ଆପ୍ ବ୍ୟାନ୍ କରିବା ଯଥେଷ୍ଟ ନୁହେଁ, ଦୃଢ଼ ଜବାବ ଦିଆଯିବା ଉଚିତ।
– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ବବିତା
ପରିବାରବର୍ଗ


ଲୁଇ
ପରିବାରବର୍ଗ


ଶଙ୍କର୍ଷଣ
ପରିବାରବର୍ଗ


ସ୍ନେହଲତା
ପରିବାରବର୍ଗ


ସୁଷମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ଚାଇନାର ଆଉ ଏକ...

ଅଧିକାଂଶ ନୂଆ ଭୂତାଣୁ ଥିଲା। ଗବେଷକମାନେ ପରେ ଏହାକୁ ନେଇ ବିଭିନ୍ନ ପରୀକ୍ଷଣ କରିଥିଲେ। ସେଥିରେ ଫେରେଟ୍ (ନେଉଳ ଜାତୀୟ ପ୍ରାଣୀ)ଙ୍କୁ ସାମିଲ କରାଯାଇଥିଲା। କାରଣ ସେମାନେ ମାନବ ଭଳି ମୁଖ୍ୟତଃ ଜ୍ୱର, କାଶ ଏବଂ ଛିଙ୍କିବା ଲକ୍ଷଣ ଅନୁଭବ କରନ୍ତି। ତେଣୁ ଫ୍ଲୁ ସମ୍ପର୍କିତ ଅଧ୍ୟୟନରେ ସେମାନଙ୍କୁ ବହୁଳ ଭାବେ ବ୍ୟବହାର କରାଯାଏ। ପରୀକ୍ଷଣରୁ ଜଣାପଡ଼ିଲା ଯେ, ଜି–୪ ଅତ୍ୟଧିକ ସଂକ୍ରାମକ। ମାନବ କୋଷରେ ଏହା ନିଜର ପ୍ରତିରୂପ ସୃଷ୍ଟି କରିଥିଲା। ସେହିପରି ଅନ୍ୟ ଭୂତାଣୁ ଅପେକ୍ଷା ଏହା ଫେରେଟ୍ ଦେହରେ ଗୁରୁତର ଲକ୍ଷଣ ସୃଷ୍ଟି କରିଥିଲା। ପରୀକ୍ଷଣରୁ ଏହା ମଧ୍ୟ ଜଣାପଡ଼ିଛି ଯେ, ଋତୁକାଳୀନ ଫ୍ଲୁ ସଂସ୍ପର୍ଶରେ ଆସିବା ଦ୍ୱାରା ମନୁଷ୍ୟର କୌଣସି ରୋଗ ପ୍ରତିରୋଧକ ଶକ୍ତି ଜି–୪ଠାରୁ ସୁରକ୍ଷା ଦିଏ ନାହିଁ। ୧୦.୪ ପ୍ରତିଶତ ଘୁଷୁରି କର୍ମଚାରୀ ଜି–୪ରେ ସଂକ୍ରମିତ ହୋଇସାରିଥିବାବେଳେ ଭୂତାଣୁ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ଦେହରେ ଆଣ୍ଟିବଡି ସୃଷ୍ଟି ହୋଇଥିବା ରକ୍ତ ପରୀକ୍ଷାରୁ ଜଣାପଡ଼ିଛି। ସେହିପରି ସାଧାରଣ ଜନସଂଖ୍ୟାର ୪.୪ ପ୍ରତିଶତ ମଧ୍ୟ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଏହି ଭୂତାଣୁ ପ୍ରାଣୀଙ୍କଠାରୁ ମଣିଷକୁ ସଂକ୍ରମିତ ହୋଇଥାଏ। କିନ୍ତୁ ମଣିଷଠାରୁ ମଣିଷକୁ ଏହା ସଂକ୍ରମିତ ହେଉଛି କି ନାହିଁ ସେନେଇ ଏପର୍ଯ୍ୟନ୍ତ କୌଣସି ପ୍ରମାଣ ନାହିଁ, ଯାହା ଏବେ ଗବେଷକମାନଙ୍କ ମୁଖ୍ୟ ଚିନ୍ତା। ଏନେଇ ଅଧିକ ଗବେଷଣା ଜାରି ରହିଛି।

ଏହି ଭୂତାଣୁ ରୂପ ବଦଳାଇ ଜଣେ ବ୍ୟକ୍ତିଙ୍କଠାରୁ ଅନ୍ୟ ଜଣକୁ ଅତି ସହଜରେ ବ୍ୟାପିପାରେ ଏବଂ ମହାମାରୀର ରୂପ ନେଇପାରେ ବୋଲି ଗବେଷକମାନେ ଚିନ୍ତିତ। ଏହି ଭୂତାଣୁ ମଣିଷର ଶ୍ୱାସନଳୀରେ ବୃଦ୍ଧି ପାଇପାରେ ଏବଂ ସଂଖ୍ୟା ମଧ୍ୟ ବହୁଗୁଣ ହୋଇପାରେ। ଯଦିଓ ଏହି ଭୂତାଣୁଠାରୁ କୌଣସି ବିପଦ ଆସିନାହିଁ, କିନ୍ତୁ ପ୍ରଫେସର କିନ–ଚାଓ ଚେଙ୍ଗ ଏବଂ ତାଙ୍କ ସହକର୍ମୀମାନେ ଏହା ଉପରେ ନଜର ରଖିବା ଉଚିତ ବୋଲି କହିଛନ୍ତି। ବର୍ତ୍ତମାନର ଫ୍ଲୁ ଟିକା ସଂକ୍ରମିତ ବ୍ୟକ୍ତିଙ୍କୁ ଏହି ଜୀବାଣୁରୁ ରକ୍ଷା କରିବାରେ ସକ୍ଷମ ନୁହେଁ। ତଥାପି ଆବଶ୍ୟକ ହେଲେ ସେମାନେ ଏଥିପାଇଁ ପ୍ରସ୍ତୁତ ହୋଇପାରିବେ। ବ୍ରିଟେନର ନଟିଂହାମ୍ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିବା ପ୍ରଫେସର କିନ–ଚାଓ ଚେଙ୍ଗ୍ ବିସିସିକୁ କହିଛନ୍ତି, କରୋନା ଯୋଗୁ ବର୍ତ୍ତମାନ ପର୍ଯ୍ୟନ୍ତ ଆମର ଧ୍ୟାନ ଅନ୍ୟତ୍ର ଅଛି ଏବଂ ହେବା ଉଚିତ। କିନ୍ତୁ ଆମେ କେବେ ବି ନୂଆ ବିପଦପୂର୍ଣ୍ଣ ଭୂତାଣୁଠାରୁ ଦୂରେଇ ରହିବା ଉଚିତ ନୁହେଁ। ଫ୍ଲୁ ମହାମାରୀ ଯେକୌଣସି ସମୟରେ ହୋଇପାରେ। କିନ୍ତୁ ତାହା ବିରଳ ଘଟଣା। ଏକ ନୂତନ ଷ୍ଟ୍ରେନ ଉତ୍ପନ୍ନ ହେଲେ ମହାମାରୀ ହୁଏ, ଯାହା ସହଜରେ ବ୍ୟକ୍ତିଙ୍କଠାରୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବ୍ୟାପେ। ଯଦିଓ ଫ୍ଲୁ ଭାଇରସ୍ କ୍ରମାଗତ ଭାବରେ ବଦଳୁଛି, ସେଥିପାଇଁ ଫ୍ଲୁ ଟିକା ମଧ୍ୟ ନିୟମିତ ପରିବର୍ତ୍ତନ ହେବା ଆବଶ୍ୟକ ବୋଲି ପ୍ରଫେସର ଚେଙ୍ଗ୍ କହିଛନ୍ତି। କେମ୍ବ୍ରିଜ ପ୍ରାଣୀ ଚିକିତ୍ସା ବିଭାଗର ପ୍ରଫେସର ଜେମ୍ସ ଉଡ୍ କହିଛନ୍ତି, ଏହା ଆମକୁ ମନେ ପକାଇଦିଏ ଯେ, ନୂତନ ରୋଗର ବିପଦ ଆମ ସାମ୍ନାରେ ରହିଥାଏ। ବିଶେଷକରି ବନ୍ୟଜନ୍ତୁ ଅପେକ୍ଷା ଗୃହପାଳିତ ପ୍ରାଣୀ ମଣିଷର ନିକଟତର। ସେମାନେ ମହାମାରୀ ଭୂତାଣୁର ଉତ୍ସ ହୋଇପାରନ୍ତି।

## ନଭେମ୍ବର ଯାଏ...

ବୋଲି ମୋଦି ଦେଶବାସୀଙ୍କୁ ୧୬ ମିନିଟ ଧରି ସମ୍ବୋଧିତ କରି ପ୍ରକାଶ କରିଛନ୍ତି। ଅନ୍‌ଲକ୍ ୨.୦ର ଅବ୍ୟବହିତ ପୂର୍ବରୁ ଟେଲିଭିଜନ ଜରିଆରେ ଜାତି ଉଦ୍ଦେଶ୍ୟରେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପିଏମ୍‌ଜିକେଏୱାଇରେ ୮୦ କୋଟି ଗରିବଙ୍କୁ ମାଗଣାରେ ୫ କେ.ଜି. ଗହମ କିମ୍ବା ଚାଉଳ ଦିଆଯିବ। ସେହିପରି ପ୍ରତି ମାସରେ ସମସ୍ତ ଗରିବ ପରିବାରକୁ କିଲେ ଲେଖାଏ ଚଣାଡାଲି ମଧ୍ୟ ଦିଆଯିବ। ଆରମ୍ଭରେ ଏହି ଯୋଜନା ତିନିମାସ ପାଇଁ କରାଯାଇଥିଲା। ଏବେ ଏହାର ଅବଧି ବୃଦ୍ଧି କରାଯାଇଛି। ଫଳରେ ସରକାରଙ୍କୁ ଏଥିରେ ଅତିରିକ୍ତ ୯୦,୦୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ନଭେମ୍ବର ଶେଷ ପର୍ଯ୍ୟନ୍ତ ଏହି ଅବଧିକୁ ବଢ଼ାଯାଇଥିବାରୁ ଗରିବ ଲୋକେ ଦୀପାବଳି ଓ ଛଟପୂଜା ପର୍ଯ୍ୟନ୍ତ ଏଥିରୁ ସୁବିଧା ପାଇବେ। ଗତ ୩ ମାସର ମାଗଣା ରାଶନକୁ ହିସାବକୁ ନେଲେ ଏହି ଖର୍ଚ୍ଚ ୧.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ପିଏମ୍‌ଜିକେଏୱାଇରେ ଆମେ ୧.୭୫ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲୁ। ବିଗତ ୩ ମାସ ମଧ୍ୟରେ ଏହି ଯୋଜନାରେ ୨୦ କୋଟି ଗରିବଙ୍କ ବ୍ୟାଙ୍କ ଆକାଉଣ୍ଟରେ ୩୧,୦୦୦ କୋଟି ଟଙ୍କା ଜମା କରାଯାଇଛି। ଏହାବାଦ ୯ କୋଟିରୁ ଊର୍ଦ୍ଧ୍ୱ ଚାଷୀଙ୍କ ବ୍ୟାଙ୍କ ଖାତାରେ ୧୮,୦୦୦ କୋଟି ଟଙ୍କା ଜମା କରାଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

ସମୟୋଚିତ ଭାବେ ଲକ୍‌ଡାଉନ ଜାରି କରାଯିବା ଓ କରୋନା ଭାଇରସ୍ ମୁକାବିଲା ଲାଗି ଅନ୍ୟ ନିଷ୍ପତ୍ତିଗୁଡ଼ିକ ଯୋଗୁ ବହୁ ଜୀବନ ରକ୍ଷା କରାଯାଇ ପାରିଛି। କିନ୍ତୁ ଅନ୍‌ଲକ୍ ୧ ଆରମ୍ଭ ହେବା ପରଠୁ ଲୋକେ ଅବହେଳା କରିବାରେ ଲାଗିଛନ୍ତି। ଦେଶର ଅର୍ଥନୀତିକୁ ସ୍ଥିର ରଖିବା ପାଇଁ ଅନ୍‌ଲକ୍ ୨.୦ ଘୋଷଣା କରାଯାଇଛି। ତେଣୁ ଦେଶବାସୀ ସତର୍କ ରହି ସରକାରଙ୍କ ଗାଇଡ୍‌ଲାଇନ୍‌ର ଅନୁପାଳନ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେ ଆହୁରି କହିଛନ୍ତି, ଅନ୍ୟ ଦେଶଗୁଡ଼ିକ ତୁଳନାରେ ଭାରତ ଏହି ମହାମାରୀ ମୁକାବିଲା କ୍ଷେତ୍ରରେ ସଫଳତା ପାଇଛି। ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକ ତୁଳନାରେ ଭାରତରେ କରୋନା ସଂକ୍ରମଣଜନିତ ମୃତକ ଓ ଆକ୍ରାନ୍ତଙ୍କ ସଂଖ୍ୟା କମ୍। ଏହି ଅବସରରେ ପ୍ରଧାନମନ୍ତ୍ରୀ ଉକ୍ତ ଯୋଜନାକୁ ସଫଳ କରିବାରେ ଦେଶର ଚାଷୀ ଓ ସଚ୍ଚୋଟ ଟିକସଦାତାମାନଙ୍କ ଅବଦାନକୁ ପ୍ରଶଂସା କରିଛନ୍ତି। ଭାରତରେ କୋଭିଡ୍–୧୯ ମହାମାରୀ ଆରମ୍ଭ ହେବା ପରେ ୪ ମାସ ମଧ୍ୟରେ ଏହା ହେଉଛି ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଷଷ୍ଠ ସମ୍ବୋଧନ। ଜୁଲାଇ ୧ରେ ଅନ୍‌ଲକ୍ ୨.୦ ଆରମ୍ଭ ହେବ। ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ମୋଦି ମଙ୍ଗଳବାର କୋଭିଡ୍–୧୯ ଭାକ୍ସିନ ପ୍ରସ୍ତୁତି ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଥିଲେ। କମ୍ ମୂଲ୍ୟରେ ସବୁ ବର୍ଗର ଲୋକଙ୍କ ପାଖକୁ କିପରି ଏହି ଟିକା ପହଞ୍ଚିପାରିବ ସେହି ଦିଗରେ ଉଦ୍ୟମ ହେବା ଆବଶ୍ୟକ ବୋଲି ସେ କହିଥିଲେ।

ପ୍ରକାଶ ଯେ, କରୋନା ଭୂତାଣୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୭ ହଜାର ଲୋକଙ୍କ ଜୀବନ ନେଇଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୫,୬୯,୦୦୦ ଛୁଇଁଛି। ଦିନକୁ ହାରାହାରି ୧୮,୦୦୦ରୁ ୨୦,୦୦୦ ନୂଆ ସଂକ୍ରମଣ ମାମଲା ସାମ୍ନାକୁ ଆସୁଛି। ବିଗତ ୨୪ ଘଣ୍ଟା ମଧ୍ୟରେ ୪୧୮ ଜଣ କରୋନା ସଂକ୍ରମଣରେ ପ୍ରାଣ ହରାଇଥିବାବେଳେ ମୃତକଙ୍କ ମଧ୍ୟରୁ ସର୍ବାଧିକ ୧୮୧ ଜଣ ହେଉଛନ୍ତି ମହାରାଷ୍ଟ୍ରର। ସେହିପରି ତାମିଲନାଡୁର ୬୨, ଦିଲ୍ଲୀ, ୫୭, ଗୁଜରାଟ ଓ କର୍ନାଟକର ୧୯ ଜଣ ଲେଖାଏ, ପଶ୍ଚିମବଙ୍ଗ ୧୪, ଉତ୍ତରପ୍ରଦେଶ ୧୨, ଆନ୍ଧ୍ର ପ୍ରଦେଶ ୧୧, ମଧ୍ୟପ୍ରଦେଶ ୯, ରାଜସ୍ଥାନ ଓ ତେଲଙ୍ଗାନାରେ ୬ ଜଣ ଲେଖାଏ, ପଞ୍ଜାବ ୫, ବିହାର ଓ ଓଡ଼ିଶାର ୨ ଜଣ ଲେଖାଏ, ଆସାମ, ଜମ୍ମୁ–କଶ୍ମୀର ଓ ଉତ୍ତରାଖଣ୍ଡର ଜଣେ ଲେଖାଏ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।

## ଅଗଷ୍ଟ ୩୧ ଯାଏ...

କେନ୍ଦ୍ରାପଡ଼ାଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ଏହି ଜିଲାଗୁଡ଼ିକରେ ପୂର୍ବ ଭଳି ସପ୍ତାହ ଶେଷ ଦୁଇଦିନ ଶନିବାର ଓ ରବିବାର ଶଟ୍‌ଡାଉନ ରହିବ। ତେବେ ସଂକ୍ରମିତ ଅଞ୍ଚଳରୁ ଯାନବାହନ ଚଳାଚଳ ଉପରେ ସ୍ଥାନୀୟ କର୍ତ୍ତୃପକ୍ଷ କଟକଣା ଜାରି କରିପାରିବେ। ପ୍ରବାସୀଙ୍କ ପାଇଁ କ୍ୱାରାଣ୍ଟାଇନ୍ ଅବଧି ୧୪ ଦିନ ମଧ୍ୟରେ ସୀମିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସ୍ଥାନୀୟ ପ୍ରଶାସନ ଏହି ନିୟମ ପାଳନ କରିବେ। ପରିସ୍ଥିତିରେ ସୁଧାର ଆସି ନ ଥିବାରୁ ସ୍କୁଲ, କଲେଜ, କୋଚିଂ ସେଣ୍ଟର ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକ ଅଗଷ୍ଟ ୩୧ ଯାଏ ବନ୍ଦ ରହିବ। ଏହି ସମୟ ମଧ୍ୟରେ ଶିକ୍ଷାଦାନ ବନ୍ଦ ରହିବ। ମାତ୍ର କାର୍ଯ୍ୟାଳୟ ଖୋଲାରହିବା ସହ ପରୀକ୍ଷା ଓ ମୂଲ୍ୟାୟନ କାର୍ଯ୍ୟ ଚାଲୁରହିବ। ରାତ୍ରିକାଳୀନ କର୍ଫ୍ୟୁରେ ରାଜ୍ୟ ସରକାର ସାମାନ୍ୟ କୋହଳ କରିଛନ୍ତି। ପୂର୍ବରୁ ରାତ୍ରିକାଳୀନ କର୍ଫ୍ୟୁ ସନ୍ଧ୍ୟା ୭ଟାରୁ ସକାଳ ୫ଟା ଯାଏ କରାଯାଇଥିଲା। ଜୁଲାଇ ପହିଲାରୁ ରାତ୍ରିକାଳୀନ କର୍ଫ୍ୟୁ ରାତି ୯ରୁ ସକାଳ ୫ଟା ଯାଏ ବଳବତ୍ତର ରହିବ। ତେବେ ଏହି ସମୟରେ ସମସ୍ତ ଜରୁରୀ ସେବା ପ୍ରଦାନକାରୀ ଯାନବାହନ ଓ କର୍ମଚାରୀଙ୍କୁ କଟକଣାରୁ ବାଦ୍ ଦିଆଯାଇଛି। ଅନ୍‌ଲକ୍–୨ରେ ଶପିଂମଲ୍‌ଗୁଡ଼ିକୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଶପିଂମଲ୍‌ଗୁଡ଼ିକ ସ୍ଥାନୀୟ ପ୍ରଶାସନର ଅନୁମତି ନେଇ ଖୋଲାଯାଇପାରିବ। ରେଷ୍ଟୁରାଣ୍ଟ ଓ ଢାବା ଖୋଲାରହିବ। କେବଳ ଖାଦ୍ୟ ପାର୍ସଲ ଦିଆଯାଇ ପାରିବ ବୋଲି ମଙ୍ଗଳବାର ଅପରାହ୍ନରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସେହିପରି ସିନେମା ହଲ୍, ଥିଏଟର, ଜିମ୍ ପୂର୍ବଭଳି ବନ୍ଦ ରହିବ। ଧାର୍ମିକ ସ୍ଥଳ ଖୋଲିବ ନାହିଁ। ସାମାଜିକ, ରାଜନୈତିକ ସମାଗମକୁ ମଧ୍ୟ ବାରଣ କରାଯାଇଛି। କ୍ରୀଡ଼ା କିମ୍ବା ଅନ୍ୟ କୌଣସି ପ୍ରକାର ସମାବେଶକୁ ଜୁଲାଇ ୩୧ଯାଏ ନିଷେଧ କରାଯାଇଛି। କୋଭିଡ୍ ମୁକାବିଲା ପାଇଁ ଗ୍ରାମାଞ୍ଚଳରେ କୋଭିଡ୍ କମିଟି ଗଠନ ହେବ। ପ୍ରତି ପଞ୍ଚାୟତରେ କୋଭିଡ୍ କେୟାର ହୋମ୍ ଖୋଲାଯିବ। କୋଭିଡ୍ କେୟାର ହୋମ୍ ଦାୟିତ୍ୱରେ ସରପଞ୍ଚମାନେ ରହିବେ। କ୍ୱାରାଣ୍ଟାଇନ ନିୟମ ଶତପ୍ରତିଶତ ପାଳନ କରିବା ପାଇଁ ସରପଞ୍ଚ ଓ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମାଞ୍ଚଳରେ ଲୋକମାନଙ୍କୁ ଏହି ମହାମାରୀ ବିଷୟରେ ଅଧିକ ସଚେତନ କରାଯିବ। ସର୍ବସାଧାରଣ ସ୍ଥାନରେ ଛେପ ପକାଇଲେ ଜରିମାନା ହେବ। ସାମାଜିକ ଦୂରତ୍ୱ ଓ ମାସ୍କ ପିନ୍ଧିବାକୁ କଡ଼ାକଡ଼ି କରାଯାଇଛି। ନିୟମ ଉଲ୍ଲଂଘନକାରୀଙ୍କ ପ୍ରତି ଶୂନ ସହନଶୀଳତା (ଜିରୋ ଟଲରାନ୍ସ) ନୀତିଅବଲମ୍ବନ କରାଯିବ। କୋଭିଡ୍–୧୯ ଗାଇଡ୍‌ଲାଇନ ପାଳନ କରୁ ନ ଥିବା ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବିରୋଧରେ ବିପର୍ଯ୍ୟୟ ପରିଚାଳନା ଆଇନ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ପେଟ୍ରୋଲ ପମ୍ପ, ଛାପା ଗଣମାଧ୍ୟମ କଟକଣା ମୁକ୍ତ ରହିବେ। ଶିଳ୍ପ ଓ କାରଖାନାରେ କାର୍ଯ୍ୟରତ ଶ୍ରମିକମାନଙ୍କୁ କଟକଣା ମୁକ୍ତ କରାଯାଇଛି। ରାଜ୍ୟରେ କ୍ୱାରାଣ୍ଟାଇନ ସେଣ୍ଟର ସଂଖ୍ୟା କମାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଅତ୍ୟାବଶ୍ୟକ କାର୍ଯ୍ୟକଳାପଗୁଡ଼ିକୁ କଟକଣା ମୁକ୍ତ କରାଯାଇଛି। ନିର୍ମାଣ ଓ ଶିଳ୍ପାନୁଷ୍ଠାନରେ କାର୍ଯ୍ୟ ଚାଲୁରହିବ। ରାଜ୍ୟକୁ ସଂକ୍ରମିତ ଅଞ୍ଚଳରୁ ଯେପରି ଅଧିକ ବିମାନ କିମ୍ବା ଟ୍ରେନ୍ ନ ଆସିବ ସେ ଦିଗରେ ପଦକ୍ଷେପ ନିଆଯିବ। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥିତି ଭଲ ଅଛି। କରୋନା ମୁକାବିଲା ସହ ଅର୍ଥନୈତିକ ବ୍ୟବସ୍ଥାକୁ ସମ୍ଭାଳିବାକୁ ପଡ଼ିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

## କ୍ରାଇମ୍‌ବ୍ରାଞ୍ଚ ନେଲା...

ଆନୁଷ୍ଠାନିକ ଭାବେ ତଦନ୍ତ ଆରମ୍ଭ କରିବ। ଉଲ୍ଲେଖଯୋଗ୍ୟ ଯେ, ବୀରମିତ୍ରପୁର ଥାନାର ଆଇଆଇସି ଆନନ୍ଦ ଚନ୍ଦ୍ର ମାଝି ଥାନାରେ ଜଣେ ନାବାଳିକାଙ୍କୁ ରଖି ବାରମ୍ବାର ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଆଇଆଇସିଙ୍କ ସମେତ ଅନ୍ୟ ୫ଜଣଙ୍କ ନାମରେ ରାଏବଗା ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଆଇଆଇସି ମାଝିଙ୍କୁ ଡିଜିପି ନିଲମ୍ବନ କରିଛନ୍ତି।

## ଦୁଇଟି ଘଟଣାର ନ୍ୟାୟ ନ ଆସିବା ଯାଏ ଲଢ଼ିବୁ: ଭାଜପା

**ଭୁବନେଶ୍ୱର,୩୦।୬(ବ୍ୟୁରୋ):** ରାଜ୍ୟରେ ଜଣେ ମହିଳା ଓ ନାବାଳିକାଙ୍କୁ ପୋଲିସ ବଳାତ୍କାର କରିବା ଘଟଣାରେ ସରକାରଙ୍କୁ ଘେରିଛି ଭାଜପା। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ମାଲକାନଗିରି ପୋଲିସ କ୍ୟାଣ୍ଟିନରେ କାର୍ଯ୍ୟରତ ଆଦିବାସୀ ମହିଳାଙ୍କୁ ବଳାତ୍କାର କରାଯାଇଥିଲା। ଏହାପରେ ତାଙ୍କ ମୃତ୍ୟୁ ହୋଇଥିଲା। ବୀରମିତ୍ରପୁର ଘଟଣାରେ ଖୋଦ୍ ଥାନା ଅଧିକାରୀ ଜଣେ ନାବାଳିକାଙ୍କୁ ବନ୍ଧକ ରଖି ଯୌନ ଉତ୍ପୀଡନ କରିଆସୁଥିଲେ। ଏହି ଦୁଇଟି ଘଟଣାରେ ପୋଲିସର ସମ୍ପୃକ୍ତି ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ଦୁଇଟି ଘଟଣା ଆଦିବାସୀ ମହିଳାଙ୍କ ସହ ହୋଇଥିବାରୁ ଏପର୍ଯ୍ୟନ୍ତ କାହିଁକି ଏସ୍‌ସି ଏସ୍‌ଟି ଆଟ୍ରୋସିଟି ଆକ୍ଟ ଲଗାଯାଇ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ତୁରନ୍ତ ପୀଡିତାଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବାର ବ୍ୟବସ୍ଥା ଥିବାବେଳେ ରାଜ୍ୟ ସରକାର ଚୁପ୍ ରହିଛନ୍ତି ଏହି ଦୁଇଟି ଘଟଣାରେ ପୀଡିତାଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଏ ଲଢ଼େଇ ଜାରି ରହିବ। ସରକାର ଏ ଘଟଣାକୁ ଗୁରୁତର ସହ ନେଇ ଏସ୍‌ଆଇଟି ଗଠନକରି ସ୍ଥାନୀୟ ପୋଲିସଙ୍କୁ ବାଦ୍ ଦେଇ ତଦନ୍ତ କରିବାକୁ ପୃଥ୍ୱୀରାଜ ଦାବି କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ର ହେତୁ କାର୍ଯ୍ୟ ହାସଲ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଯିବ। ଶିକ୍ଷା କ୍ଷେତ୍ରରେ ସୁନାମ ଓ ଗବେଷଣାରେ ସଫଳତା ହେତୁକ ପ୍ରଶଂସିତ ହେବେ। ବନ୍ଧୁମାନଙ୍କ ସହଯୋଗରେ ଅଟକି ରହିଯାଇଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବ। ଶିଳ୍ପ, ବାଣିଜ୍ୟ ଓ ରାଜନୀତିରେ ଆଶା ପୂରଣ ହେବ।

**ବୃଷ**

ଶୁକ୍ରଙ୍କ ରାଶ୍ୟାବସ୍ଥାନରୁ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ମନୋରଞ୍ଜନର ମଉକା ପାଇବେ। ନିଜର କାମ ପଛକୁ ପକାଇ ପଡୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇ ସମାଲୋଚିତ ହୋଇପାରନ୍ତି। ଜମିଜମା କାରବାର, ନୂତନ ଘର ତିଆରି, ଯାନ ବାହନ ମରାମତି, ଦୋକାନର ଉନ୍ନତି କାରଣରୁ ଖୁସୀ ରହିବେ।

**ମିଥୁନ**

ଧନାଧିପ କୋଣଭାବସ୍ଥ ଯୋଗୁ ଆର୍ଥିକ ଉନ୍ନତି ଘଟିବ ଏବଂ ନୂତନ କର୍ମାରମ୍ଭରେ କୌଣସି ଅସୁବିଧା ହେବ ନାହିଁ। ଘର କିମ୍ବା ଜମିଜମା, ପୁରୁଣା ଗାଡି ଓ ଯାନ୍ତ୍ରିକ ଜିନିଷ କିଣିବା ପାଇଁ ମନ ବଳାଇବେ। ପଡୋଶୀଙ୍କ ସହ ମନୋମାଳିନ୍ୟ ଘଟିପାରେ। ଅଧିକାଂଶ ସମୟରେ ଅନ୍ୟମନସ୍କ ରହିପାରନ୍ତି।।

**କର୍କଟ**

ଚନ୍ଦ୍ର ଓ ମଙ୍ଗଳଙ୍କ ଷଡାଷ୍ଟକ ସ୍ଥିତିରୁ ମନ ଚାହୁଁଥିବା କାମଟି କରିପାରିବେ ନାହିଁ। କର୍ମକ୍ଷେତ୍ରରେ ଦୃଢ ମନୋବଳ ନେଇ କୌଣସି କଥାକୁ ଖାତିର ନ କରି ଆଗକୁ ମାଡି ଚାଲିବେ। ଆପଣଙ୍କ କାର୍ଯ୍ୟକଳାପରେ ସାମୟିକ ଅସନ୍ତୁଷ୍ଟ ହୋଇ ବନ୍ଧୁମାନେ ସମାଲୋଚନା କରିପାରନ୍ତି। କାର୍ଯ୍ୟବ୍ୟସ୍ତତାଜନିତ ଟେନ୍ସନ ଲାଗି ରହିବ।

**ସିଂହ**

ରବି ସହ ରାହୁଙ୍କ ସଂଯୋଗ ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ଆଜି କୌଣସି କାର୍ଯ୍ୟ ସମସ୍ୟା ବହୁଳ ଯୋଗୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ପାରିବାରିକ କ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବାର ଆଶା କରାଯାଇପାରେ। ବାଣିଜ୍ୟ ଓ ବ୍ୟବସାୟରୁ ଭଲ ଲାଭ ପାଇବେ।

**କନ୍ୟା**

ମୁଖଭାବରେ ଚନ୍ଦ୍ରଙ୍କ ଯୋଗୁ ସୁସ୍ୱାଦୁ ଭୋଜନ ପାଇବେ, ମିଠା କଥା କହି ବନ୍ଧୁଙ୍କ ମନ ତୋଷିବେ। ପରୋକ୍ଷ ଭାବରେ ଶତ୍ରୁତା କରୁଥିବା ଲୋକମାନେ ମଧ୍ୟ ମିତ୍ରତା ସାଜିବା ପାଇଁ ଚେଷ୍ଟିତ ହେବେ। ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ପରିବହନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା**

କର୍ମାଧିପ ରାଶିସ୍ଥ ଯୋଗୁ ଯାତ୍ରା ପ୍ରୀତିପ୍ରଦ ରହିବା ସଙ୍ଗକୁ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ମିଳିବ। ଆନୁଷ୍ଠାନିକ କାମରେ ଗଠନମୂଳକ ପରାମର୍ଶ ଦେଇ ବନ୍ଧୁ ତଥା ସହକର୍ମୀମାନଙ୍କ ପ୍ରିୟପାତ୍ର ହେବେ। ଅଟକି ରହିଥିବା ନିର୍ମାଣ ତଥା ବ୍ୟବସାୟ ଭିତ୍ତିକ କାମଗୁଡିକ ସୁରୁଖୁରୁରେ ହୋଇଯିବ।

**ବିଛା**

ବିଭିନ୍ନ ପ୍ରକାରର ସମସ୍ୟା ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ମଙ୍ଗଳ ସ୍ଥିତି ପ୍ରଭାବରେ ଆଲୋଚନା କ୍ଷେତ୍ରରେ ଭାବିଚିନ୍ତି ତଥା ପ୍ରତ୍ୟେକ ଦିଗକୁ ବିଚାର କରି କାମ କରିବା ଭଲ ହେବ। ସହକର୍ମୀମାନେ ସାଧାରଣ କଥାକୁ ନ ବୁଝି ମଧ୍ୟ ଘଟଣାକୁ ଅତିରଞ୍ଜିତ କରି କହିପାରନ୍ତି।

**ଧନୁ**

ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରିବାକୁ ପଡିବ କିନ୍ତୁ ଆର୍ଥିକ ଦିଗରୁ ଉପକୃତ ହେବେ। ପାରିବାରିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବା କାରଣରୁ ଭାବପ୍ରବଣତା ବୃଦ୍ଧି ପାଇପାରେ। ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ଅଫିସରେ କାର୍ଯ୍ୟବ୍ୟସ୍ତତା ହେତୁ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ।

**ମକର**

ମଙ୍ଗଳ ତୃତୀୟସ୍ଥ ଯୋଗୁ ଭ୍ରାତୃ ସମ୍ପର୍କ ଭଲ ରହି ନ ପାରେ। ପରିବାରର କୌଣସି ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ବନ୍ଧୁମାନଙ୍କ ସହ ଆଲୋଚନା କରିପାରନ୍ତି। ଜମିଜମା କ୍ରୟ ବିକ୍ରୟ କିମ୍ବା ନୂତନ ବାଣିଜ୍ୟାରମ୍ଭ ପାଇଁ ମନ ବଳିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।

**କୁମ୍ଭ**


ଆଜି ଯେଉଁଠି ଯାହା କହିବେ କିମ୍ବା କରିବେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବ। ସାଙ୍ଗସାଥୀଙ୍କ ସହଯୋଗରୁ ବିବଦମାନ ସ୍ଥିତିରୁ ସହସା ମୁକ୍ତି। କେତେକ ଆକସ୍ମିକ ସମସ୍ୟାକୁ ନେଇ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ନୀଚ ସଂସର୍ଗରୁ ଦୂରେଇ ରହନ୍ତୁ, ନତୁବା ସମାଲୋଚିତ ହେବାକୁ ପଡିପାରେ।

**ମୀନ**

ମନର ଅସ୍ଥିରତା ସଙ୍ଗକୁ ଶାରୀରିକ ସୁସ୍ଥତା ନ ରହିବାରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଚତୁର୍ଥସ୍ଥ ପାପଗ୍ରହ ଯୋଗୁ ପରିବାରର ଖର୍ଚ୍ଚ ଭାର କ୍ରମଶଃ ବଢି ବଢି ଯିବା କାରଣରୁ ମନରେ ସରସତା ରହିବ ନାହିଁ। ସଭାସମିତିରେ, ରାଜନୈତିକ କ୍ଷେତ୍ରରେ ତଥା ବ୍ୟବସାୟ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ।

ଆଜି ପବିତ୍ର ବାହୁଡାଯାତ୍ରା, ଆଷାଢ଼ ଶୁକ୍ଳପକ୍ଷର ସର୍ବସମ୍ମତ ପଦ୍ମା ଏକାଦଶୀ ବୁଧବାର, ଜୁଲାଇ ୧ ତାରିଖ, ଚିକିତ୍ସକ ଦିବସ, ଜିଏସ୍‌ଟି ଦିବସ, ଆଜିଠାରୁ ବନ ମହୋତ୍ସବ ସପ୍ତାହ ଆରମ୍ଭ, ରାଶି ନକ୍ଷତ୍ର–ବିଶାଖା/ତୁଳା,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, କର୍କଟ ରାଶିର ଘାତବାର, ଦିବା ଘ.୦୭.୫୩ମି. ଗତେ ଘ.୧୧.୨୪ମି. ମଧ୍ୟେ, ଘ.୦୨.୦୨ ମି. ଗତେ ଘ.୦୫.୩୩ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୬ମି. ଗତେ ଘ.୧୦.୦୨ମି. ମଧ୍ୟେ, ରାତ୍ରି ଘ.୧୨.୧୨ମି. ଗତେ ଘ.୦୧.୩୯ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୧.୨୫ମି. ଗତେ ଘ.୦୧.୨୯ମି. ମଧ୍ୟେ ରାହୁ କାଳ।


# classifieds Everyday
**0674-2580101, 2549302**




**BRIDE WANTED**

ସାକ୍ଷୀଗୋପାଳରେ ବ୍ୟବସାୟ କରୁଥିବା ୩୬ବର୍ଷୀୟ ବ୍ରାହ୍ମଣ ପାତ୍ରପାଇଁ ବ୍ରାହ୍ମଣ ପାତ୍ରୀ ଆବଶ୍ୟକ। 7978566155. D-69418

ବୟସ 41 ଏବଂ 37 ଓବିସି ପାଇଁ ପାତ୍ରୀ ଆବଶ୍ୟକ। 8144732934. D-17631

ପୁଅର ବାହାଘର ପାଇଁ କନ୍ୟାପାତ୍ରୀ ଖୋଜୁଛନ୍ତି କି? ସବୁ ଜାତିର କନ୍ୟାପାତ୍ରୀ ପାଇଁ "Akankshya Matrimony". 7978736177. D-68250

**GROOM WANTED**

ଝିଅର ବାହାଘର ପାଇଁ ବରପାତ୍ର ଖୋଜୁଛନ୍ତି କି? ସବୁ ଜାତିର ବରପାତ୍ର ପାଇଁ "Akankshya Matrimony". 7978736177. D-68249

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**SALE**

"Residential Plot (55x45) Prime Location at Khandagiri, Bhubaneswar for sale. Sthitiban, Gharabari. Phone : 6371358272". D-69296

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, outright. 9348232008, 6371569855. D-69128

ଭୁବନେଶ୍ୱର ପିତାପଲ୍ଲି ଛକ ପାଖରେ NH side ପ୍ଲଟ୍ ମିଳୁଅଛି। Owner-9090963952. D-69112

ଭୁବନେଶ୍ୱର ସୁନ୍ଦରପଦାରେ ଘର କରିବା ପ୍ଲଟ୍ sqft.-950/, Xavier University ପାଖରେ 310/-, plot booking 20,000/-, 9938016295. D-69125

**2000sqft. plot with 30ft road, boundary wall, Electricity near Infosys-II, Janla, Bhuasuni Temple. 9438400633.** D-69126

ଭୁବନେଶ୍ୱର ପିତାପଲ୍ଲୀ ଛକ NH sideରେ boundary wall, 30ft. ରାସ୍ତା ସହିତ plot ମିଳୁଛି ଏବଂ ଜଟଣୀଗେଟ୍‌ରୁ 500, ଦୂରତାରେ ଘରବାରି ପ୍ଲଟ୍ କିଣି ଘର କରନ୍ତୁ। 6370292040. D-69127




Building construction, renovation, reparing coloring plumbing work. Contact- Mistrilabour.com. 9658009658. D-69297

**GENERAL**

**SALE**


Audio recording digital studio available at Kharavela Nagar, Bhubaneswar. 9437008388. D-17614

ଗାୟତ୍ରୀ କ୍ଲୋନ୍‌ସ ନର୍ସରୀ ଇଉକାଲିପଟାସ୍ କ୍ଲୋନ୍‌ସ ଚାରାପାଇଁ ଯୋଗାଯୋଗ କରନ୍ତୁ। 9658244357, 8249372486. D-69517




2BHK flat with parking at Lingipur rent family. Contact: 7894381416. D-59952

1200sqft. Office space available for rent at Goutam Nagar, Bhubaneswar. 9337117523. D-67558




Monalisa massage club : All types body massage with hiprofile smart lady rooms service available 9708545108. D-17618

Newly open full body massage SPA in Bhubaneswar. Contact: 7205058838. D-69292

Experience full body massage with us (expert). Call: 7377048581, 06742597822. D-69293

Full body herbal massage with refreshment expert therapist. 7381239385, 06742540855. D-69294

**LOST**

My original sale deed/ docu No. 1081313843/ 1108131332 2, 11.9.2013, and Khata/ plot No. 127/ 106 towards purchase of land Ao.059 at Kesura Mouza lost somewhere. Please intimate anybody found. Vijaylaxmi Bhuyan, Kesura, 9861543401, 9861434307. D-68353

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Ph.D Award**


Dr. Sunil Kumar Das Bendi, has obtained his Ph.D. in Management from Ravenshaw University, Cuttack. He has done extensive studies on the thesis entitled "Consumer Preference and Satisfaction for Handicraft Products: A case study of Odisha", under the supervision on Dr. Tushar Kanta Pany, Associate Professor, School of Commerce and Management Studies, Ravenshaw University. His thesis has been examined and highly appreciated by Prof. S.V. Satyanarayan, Department of Commerce, Osmania University, Hyderabad and Prof. Rabi Narayan Kar, Principal, Shyam Lal College, Delhi. He is the son of Smt. Kamala Das and Late Shri Dandapani Das of Parlakhemundi, Gajapati District, Odisha. He is the son in-law of retired reader in Physics Mr. Purusottam Das and Smt. Shashikala Das of Cuttack. He owns his success to God and his Wife Dr. Suchilipsa Das, Associated Professor in Chemistry. He has expressed his gratitude to Krishna Uncle, Sanjukta Aunt, Shiva Prasad Uncle, Debaki Aunt, Buchi Aunt, Sagar, Premananda, Revanth, Manasa for their constant motivation. Finally, he dedicates his success to his two Daughters, Riya and Alia.
D-17619

**ଜନ୍ମଦିନ ଶୁଭେଚ୍ଛା**


**ବବିତା ମାର୍ଣ୍ଡି (ମାମା)**
**ଭୁବନେଶ୍ୱର**
ଆଜି ତୋର ଦ୍ୱାଦଶ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁ କି ପ୍ରଭୁ ତୋର ଚଲାପଥ କୁସୁମିତ କରିବା ସହିତ ତୋତେ ଦୀର୍ଘାୟୁ, ବିଦୂଷୀ ଓ ଯଶସ୍ୱୀ କରନ୍ତୁ।
**–:ଶୁଭେଚ୍ଛା ସହ:–**
ଆଈ, ମା, ବାପା, ଭାଇ: ସମୀର, ବାଦଲ୍ ମାମୁ, ମାଈଁ, ଭଉଣୀ: ଶୁଭ, ମୀରା, ମିଷ୍ଟି, ସୋନାଲି, କେତକି, ବାସନ୍ତୀ, କାକା, ବନ୍ଧୁଗଣ ଓ ପରିବାରବର୍ଗ
ଧ–୧୬୩୦


**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

# ଆଶାର ଉତ୍ସ

**ଆଜିକାଲି ରୋଗୀମାନେ ସେମାନଙ୍କ ରୋଗ ଓ ତା'ର ଚିକିତ୍ସା ପାଇଁ ଇଣ୍ଟରନେଟ୍ ଉପରେ ଅତ୍ୟଧିକ ଭାବେ ନିର୍ଭର କରିବା ଏକ ବଡ଼ ସଙ୍କଟ ଭାବେ ଦେଖାଦେଇଛି। ଯାହାକୁ ସାଇବର କଣ୍ଡ୍ରିଆ ବୋଲି କୁହାଯାଏ।**

ଜଣେ ଯୁଗାନ୍ତକାରୀ ଡାକ୍ତର ଭାବେ ପ୍ରସିଦ୍ଧ ତଥା ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ଡା. ବିଧାନ ଚନ୍ଦ୍ର ରାୟଙ୍କ ଜନ୍ମ ଏବଂ ମୃତ୍ୟୁ ଦିବସ ଅନୁସାରେ ଜୁଲାଇ ୧କୁ ଭାରତରେ ଡାକ୍ତରଙ୍କ ଦିବସ ରୂପେ ପାଳନ କରାଯାଏ। ଏହି ଦିବସରେ ସାଧାରଣ ନାଗରିକମାନେ ସେମାନଙ୍କ ଜୀବନରେ ଡାକ୍ତରମାନଙ୍କ ଥିବା ଭୂମିକା ବିଷୟରେ ଅବଗତ ହୋଇ ନିଜର ଶ୍ରଦ୍ଧା ଓ ସମ୍ମାନ ଜ୍ଞାପନ କରିବା ଆବଶ୍ୟକ। ଡାକ୍ତରମାନେ ମଧ୍ୟ କିପରି ନିଜର ସେବା ମନୋଭାବ ଦ୍ୱାରା ଲୋକମାନଙ୍କ ମଧ୍ୟରେ ହଜିଥିବା ବିଶ୍ୱାସ ଫେରାଇ ଆଣିପାରିବେ ସେଥିପାଇଁ ଅନୁଚିନ୍ତା ଜରୁରୀ।

ସ୍ୱାସ୍ଥ୍ୟ ହେଉଛି ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଯାହା କି ଦେଶର ଅର୍ଥନୈତିକ ପ୍ରଗତି ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ଆମ ଦେଶରେ ସମାଜର ସବୁବର୍ଗର ଲୋକଙ୍କ ପାଖରେ ଯେଭଳି ଉତ୍ତମ ସ୍ୱାସ୍ଥ୍ୟସେବା ପହଞ୍ଚିପାରିବ ସେଥିପାଇଁ ଆମେ ପ୍ରତିଜ୍ଞାବଦ୍ଧ ହେବା ଦରକାର। ବିଶେଷ କରି ମହିଳା ଏବଂ ବରିଷ୍ଠ ନାଗରିକମାନେ ଯେଭଳି ଭଲ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେଥିପାଇଁ ଆମେ ଯତ୍ନବାନ ହେବା ଆବଶ୍ୟକ।



ଆଜିକାଲି ରୋଗୀମାନେ ସେମାନଙ୍କ ରୋଗ ଓ ତା'ର ଚିକିତ୍ସା ପାଇଁ ଇଣ୍ଟରନେଟ୍ ଉପରେ ଅତ୍ୟଧିକ ଭାବେ ନିର୍ଭର କରିବା ଏକ ବଡ଼ ସଙ୍କଟ ଭାବେ ଦେଖାଦେଇଛି, ଯାହାକୁ ସାଇବର କଣ୍ଡ୍ରିଆ ବୋଲି କୁହାଯାଏ। ଚିକିତ୍ସା ବିଜ୍ଞାନରେ କୌଣସି ଜ୍ଞାନ ନ ଥାଇ ଇଣ୍ଟରନେଟ ଆଧାରରେ ରୋଗୀ ବେଳେବେଳେ ନିଜର ଚିକିତ୍ସା ଆରମ୍ଭ କରିଥାଏ। ରୋଗ ସମ୍ପର୍କରେ ଡାକ୍ତର ନିଜର ମତାମତ ରଖିବା ପୂର୍ବରୁ ଏହାକୁ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ ପ୍ରଭାବିତ କରିବାକୁ ଚେଷ୍ଟା କରିଥାନ୍ତି। ବହୁ ସମୟରେ ଇଣ୍ଟରନେଟ ଦେଖି ପାର୍ଶ୍ୱପ୍ରତିକ୍ରିୟା ପାଇଁ ଭୟ କରି ରୋଗୀ ଉପଯୁକ୍ତ ଔଷଧ ନେବାରେ ଅବହେଳା କରି ରୋଗକୁ ଜଟିଳ କରିଥାଏ। ଏହାକୁ ଇଣ୍ଟରନେଟ୍ ଡ୍ରାଇଭର ଇନ୍‌ଫର୍ମେସନ୍ ଅବ୍‌ଷ୍ଟ୍ରକ୍ଟିଙ୍ଗ ଟ୍ରିଟମେଣ୍ଟ ବୋଲି କୁହାଯାଏ। ଚିକିତ୍ସା ନିମନ୍ତେ ଆଜି ଡାକ୍ତରମାନଙ୍କୁ ବହୁ ଅଯଥା ଚାପର ବଶବର୍ତ୍ତୀ ହୋଇ କାମ କରିବାକୁ ପଡୁଛି, ଯଦିଓ ଉତ୍ତମମାନର ସ୍ୱାସ୍ଥ୍ୟସେବା ଯୋଗାଇବାରେ ସେମାନେ କିଛି ମାତ୍ରାରେ ସଫଳ ହେଉଛନ୍ତି।

ସୂଚନାଯୋଗ୍ୟ ସମ୍ ଅଲ୍ଟିମେଟ୍ ମେଡିକେୟାର୍‌କୁ ଆମେ ସୁପର ସ୍ପେଶିଆଲିଟି ଟରସିଆରି କେୟାର ହସ୍ପିଟାଲ୍ ଭାବେ ପରିଗଣିତ କରିବା ପାଇଁ ଚାହୁଁଛୁ, ଯେଉଁଠାରେ କି ସବୁବର୍ଗର ଲୋକମାନେ ଚିକିତ୍ସା ସୁବିଧା ପାଇପାରିବେ। ଆମେ ଜାତୀୟ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ନୀତି ମାର୍ଗଦର୍ଶିକା ଅନୁସାରେ କାର୍ଯ୍ୟ କରୁଛୁ। ଆମ ହସ୍ପିଟାଲ୍‌ରେ କାର୍ଡିଆକ୍ ସାଇନ୍ସ, ନ୍ୟୁରୋ ସାଇନ୍ସ, ନ୍ୟୁରୋ ସର୍ଜରି, ଅର୍ଥୋପେଡିକ୍ସ, ଅଙ୍କୋଲୋଜି ଏବଂ ଅନ୍ୟ ଶାଖାଗୁଡ଼ିକୁ ନେଇ ଆମେ ଓଡ଼ିଶାର ଜନସାଧାରଣଙ୍କ ନିକଟରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛୁ। ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ମଧ୍ୟ ଆମେ ଆଗରେ ରହିବାକୁ ପ୍ରଚେଷ୍ଟା ଜାରି ରଖିବୁ।

ସମାଜରେ ଦ୍ୱିତୀୟ ଭଗବାନ ଭାବେ ପରିଚିତ ଡାକ୍ତରଙ୍କ ପୂର୍ବ ପ୍ରତିଷ୍ଠା ଓ ଗରିମା ପୁଣି ଫେରିଆସୁ। ଡାକ୍ତରୀ ପେସାକୁ ଏକ ସାଧୁତା ଓ ତ୍ୟାଗର ପ୍ରତୀକ ଭାବେ ଗ୍ରହଣ କରି ଅଧିକରୁ ଅଧିକ ମେଧାବୀ ଯୁବପିଢ଼ି ଏହାକୁ କର୍ମପନ୍ଥା ଭାବେ ଗ୍ରହଣ କରି ନିଜକୁ ଭାଗ୍ୟବାନ ମନେ କରନ୍ତୁ। ଯୁଗ ଯୁଗ ଧରି ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଢ଼ିବାରେ ଡାକ୍ତରମାନଙ୍କ ଥିବା ଭୂମିକା ଯୋଗୁ ସେମାନଙ୍କୁ ସମାଜର ସବୁଠାରୁ ସମ୍ମାନାସ୍ପଦ ଓ ପ୍ରଭାବଶାଳୀ ବ୍ୟକ୍ତି ଭାବେ ପରିଗଣନା କରାଯାଇଛି।

ଆମେ ଆମ ଚିକିତ୍ସକମାନଙ୍କୁ ମଧ୍ୟ ଧନ୍ୟବାଦ ଜଣାଇବାକୁ ଚାହୁଁଛୁ, ଯେଉଁମାନେ କି ଦିନରାତି ଏକ କରି ଅଧ୍ୟୟନ କରିଥିଲେ ଏବଂ ୨୪ ଘଣ୍ଟା ରୋଗୀମାନଙ୍କ ଚିକିତ୍ସା ନିମନ୍ତେ ନିଜକୁ ନିୟୋଜିତ କରିଛନ୍ତି। ଆମ ଡାକ୍ତରମାନଙ୍କ ନିଃସ୍ୱାର୍ଥପର ସେବା ହିଁ ଆମର ସବୁଠାରୁ ବଡ଼ ଶକ୍ତି ଏବଂ ଭବିଷ୍ୟତ ନିମନ୍ତେ ଆଶାର ଉତ୍ସ।

**– ଡା. ଚିର ରଞ୍ଜନ ଖାଡଙ୍ଗା**
କନ୍‌ସଲ୍‌ଟାଂଟ-ରେଡିଏସନ୍
ଅଙ୍କୋଲୋଜି, ଅଙ୍କୋସାଇନ୍‌ସେସ୍ ବିଭାଗ,
ସମ୍ ଅଲ୍ଟିମେଟ୍
ମେଡିକେୟାର, ଭୁବନେଶ୍ୱର

## ଗ୍ଲାସେ ପାଣି...



ଆମକୁ ଶୋଷ କଲେ ଆମେ ପାଣି ପିଇଥାଉ। ପାଣି ପିଇବାର ଅନେକ ଉପକାରୀ ଗୁଣ ରହିଛି। ସକାଳୁ ଉଠି ଗ୍ଲାସେ ପାଣି ପିଇଲେ ତାହା ଶରୀର ପାଇଁ କେତେ ଉପକାରୀ ତାହା ପିଉଥିବା ବ୍ୟକ୍ତି ହିଁ ଜାଣେ। ଖାଲିପେଟରେ ସକାଳୁ ପାଣି ପିଇଲେ ତାହା ଶରୀରରେ ଶକ୍ତି ସଂଚାର କରାଇଥାଏ। ସକାଳୁ ବିଛଣାରୁ ଉଠିବା ପରେ ଶରୀର ବିଭିନ୍ନ ପ୍ରକ୍ରିୟା କାର୍ଯ୍ୟ କରିବା ଆରମ୍ଭ କରିଦିଏ। ତେଣୁ ସକାଳୁ ଖାଲି ପେଟରେ ପାଣି ଗ୍ଲାସେ ପିଇଲେ ଏହି ପ୍ରକ୍ରିୟା ଗୁଡ଼ିକ ଆହୁରି ସକ୍ରିୟ ଭାବରେ କାମ କରିଥାଏ। ବଡ଼ କଥା ହେଲା ଖାଲିପେଟରେ ସକାଳୁ ପାଣି ପିଇଲେ ପାଚନ କ୍ରିୟା ପୂର୍ବାପେକ୍ଷା ଆହୁରି ଦୃଢ଼ ହୋଇଥାଏ। ଶରୀରରେ ଥିବା ବିଷାକ୍ତ ତତ୍ତ୍ୱକୁ ଏହା ସହଜରେ ବାହାର କରିବାରେ ସକ୍ଷମ ହୋଇଥାଏ। ବେଳେ ବେଳେ ଭୋକ ଲାଗୁଥିଲେ ଯଦି ଗ୍ଲାସେ ପାଣି ପିଅନ୍ତି ତେବେ ତାହା ଭୋକକୁ କିଛି ସମୟ ଦୂର କରିଥାଏ। ଖାସ୍ କଥା ହେଲା ଖାଲି ପେଟରେ ଗ୍ଲାସେ ପାଣି ପିଇଲେ ତାହାର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।







# ଶହୀଦ ଡାକ୍ତରଙ୍କୁ ସଲାମ

ନିଜ ଦେଶର ମଙ୍ଗଳ ପାଇଁ ଯେ ଜୀବନ ଦିଏ ତାହାଙ୍କୁ ଶହୀଦ୍ କୁହାଯାଏ। ଜଣେ ନିଜର ବିଚାରଧାରା ପାଇଁ କୌଣସି ବିରୋଧୀ କିମ୍ବା ଶତ୍ରୁ ଦ୍ୱାରା ନିହତ ହେଲେ ସେହି ଦେଶ, ଜାତି, ଧର୍ମ ଓ ସମାଜ 'ଶହୀଦ'ର ମର୍ଯ୍ୟାଦା ଦେଇଥାଏ। ଅନେକ ବୈଜ୍ଞାନିକ ଓ ଚିକିତ୍ସା ବିଜ୍ଞାନୀ ବିଶ୍ୱର ମଙ୍ଗଳ ପାଇଁ ଜୀବନ ଦେଇ ଅମର ହୋଇଛନ୍ତି। କିନ୍ତୁ ଶହୀଦର ମର୍ଯ୍ୟାଦା ପିନ୍ଧି ନାହାଁନ୍ତି। ବିଜ୍ଞାନର ପ୍ରଗତି ଫଳରେ ମଣିଷର ସୁଖ, ସ୍ୱାଛନ୍ଦ୍ୟ, ସୁସ୍ଥତା, ସ୍ୱପ୍ନ ଓ ସମୃଦ୍ଧିର ପ୍ରଗତି ହୋଇଛି। ଅନେକ ଡାକ୍ତର ଓ ବୈଜ୍ଞାନିକ ଏଥିପାଇଁ ଅକଥନୀୟ ଅତ୍ୟାଚାର, ନିର୍ଯାତନା ଓ ଲାଞ୍ଛନା ସହ୍ୟ କରି ଜେଲ୍ ଯାଇଛନ୍ତି, ବିଷପାନ କରିଛନ୍ତି ଓ ଜଳନ୍ତା ନିଆଁରେ ପୋଡ଼ି ହୋଇ ମୃତ୍ୟୁବରଣ କରିଛନ୍ତି। ତାଙ୍କର ବଳିଦାନ ମାନବ ସମାଜ ପାଇଁ ଅମର ହୋଇ ରହିଛି।



ଡାକ୍ତର ଲି ୱେନ୍ଲିୟାଙ୍ଗ୍

କରୋନା ଯୁଦ୍ଧର ପ୍ରଥମ ଶହୀଦ୍ ଚାଇନାର ଉହାନ୍ ସହରର ଡାକ୍ତର ଲି ୱେନ୍ଲିୟାଙ୍ଗ୍। କୋଭିଡ୍-୧୯ ଭୂତାଣୁର ସୃଷ୍ଟି ଓ ସଂକ୍ରମଣ ବିଷୟରେ ପ୍ରଥମେ ଡାକ୍ତର ଲିୱେନ୍ଲିୟାଙ୍ଗ୍ ଜାଣି ତାଙ୍କର ଡାକ୍ତର ବନ୍ଧୁମାନଙ୍କୁ ଜଣାଇଲେ। ଏଥିରେ ପ୍ରଶାସନ କ୍ଷୁବ୍ଧ ହୋଇ ତାଙ୍କୁ ଜେଲ୍ ଦଣ୍ଡ ଦେଲେ। ଅପରପକ୍ଷେ ସେ ନିଜେ କରୋନାରେ ସଂକ୍ରମିତ ହୋଇ ମୃତ୍ୟୁବରଣ କଲେ। ଏହି ତଥ୍ୟକୁ ଗୁଜବ କହି ଲୁଚାଇବାକୁ ଚେଷ୍ଟା କରିବା ଫଳରେ ଏହା ବିଶ୍ୱ ମହାମାରୀରେ ପରିଣତ ହେଲା।

ସୂଚନାଯୋଗ୍ୟ ବହୁ ପୁରାତନ 'ହିପୋକ୍ରାଟିକ୍ ଶପଥ' ରୋଗୀ ଚିକିତ୍ସା ପ୍ରାରମ୍ଭରୁ ଡାକ୍ତରମାନେ ନେଇଥାନ୍ତି। ସେମାନେ ଈଶ୍ୱରଙ୍କୁ ସାକ୍ଷୀ ରଖି ଶପଥ କରନ୍ତି ଯେ, ରୋଗୀ ସେବା ମୋର ପରମ ଧର୍ମ ହେବ। ମୋର ଶକ୍ତି ଓ ବିଚାରକୁ ନେଇ ରୋଗୀମାନଙ୍କ ଚିକିତ୍ସାରେ ଅବହେଳା କରିବି ନାହିଁ। ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ନମ୍ରତା ଓ ଶ୍ରଦ୍ଧାର ସହିତ ପାଳନ କରିବା ପାଇଁ ଈଶ୍ୱର ପ୍ରେରଣା ଦିଅନ୍ତୁ। ନିଷ୍ଠାପର ଡାକ୍ତର ସର୍ବଦା ରୋଗୀର କଷ୍ଟ, ଯନ୍ତ୍ରଣା ଓ ଦୁଃଖ ଅପନୋଦନ କରି ବିଶ୍ୱାସଭାଜନ ହୁଅନ୍ତି। ମାନବ ସେବା ହିଁ ମାଧବ ସେବା। ଏହା କିନ୍ତୁ ସତ୍ୟ ଯେ- ସ୍ୱାସ୍ଥ୍ୟ ସେବା ହେଉଛି ବିପଦପୂର୍ଣ୍ଣ। ଏଥିରେ ଅନେକ ଉନ୍ନତି ସମ୍ଭବ ହୋଇଛି। ଅନେକ ସଂକ୍ରାମକ ରୋଗ, କୀଟବାହକ ରୋଗ ଓ ଭୟାନକ କ୍ୟାନ୍‌ସର ଅପସରି ଗଲାଣି। ବଞ୍ଚିବାର ବୟସ ସୀମା ଦ୍ୱିଗୁଣିତ ହେଲାଣି। ଏହା ସବୁ ଡାକ୍ତରଙ୍କର ଅବଦାନ। ବର୍ତ୍ତମାନ କରୋନା ଭୂତାଣୁ ସଂକ୍ରମଣ ସାର୍ବଦେଶିକ ହୋଇ ବିଶ୍ୱରେ ଭୟାନକ ରୂପ ନେଇଛି। ଏଥିପାଇଁ ଫଳପ୍ରଦ ଔଷଧ ଓ ଟିକା ନାହିଁ। କେବଳ ଉପଯୁକ୍ତ ରୋଗୀ ଲୋକ ଓ ଭୂତାଣୁଠାରୁ ଦୂରେଇ ରହିବା ବାଞ୍ଛନୀୟ। ଏହି ପରିସ୍ଥିତିରେ ରୋଗୀ ଡାକ୍ତରଠାରୁ ସାନ୍ତ୍ୱନା, ଶ୍ରଦ୍ଧା ଓ ସେବା ଆଶା କରେ। ତା'ର ପ୍ରତିବଦଳରେ ପ୍ରତିଦାନ ଦେବା ସମ୍ଭବ ନୁହେଁ। ସେହି ପ୍ରତିଦାନ ହେଉଛି ଚିକିତ୍ସା କରୁଥିବା ଡାକ୍ତରଙ୍କର ଅମାପ, ଅକ୍ଷୟ ଓ ଅତୁଳନୀୟ ଧର୍ମ।

ମାଆ ଆମକୁ ଜନ୍ମ ଦିଅନ୍ତି; କିନ୍ତୁ ଡାକ୍ତର ପୁନର୍ଜନ୍ମ ଦିଅନ୍ତି। ଡାକ୍ତରମାନେ ଅନେକ ପ୍ରତିକୂଳ ପରିସ୍ଥିତିରେ ରୋଗୀ ସେବା କରନ୍ତି। କରୋନା ଯୁଦ୍ଧରେ ଯୋଦ୍ଧାଭାବେ ପରିଗଣିତ କେତେକ ଡାକ୍ତର ଶହୀଦ୍ ହେଲେଣି। ଆଜି ଦିନରେ ଜନସାଧାରଣଙ୍କୁ ଅନୁରୋଧ ଡାକ୍ତରଙ୍କର ବହୁମୂଲ୍ୟ ଅବଦାନ ପାଇଁ ସ୍ନେହ ଓ ଶ୍ରଦ୍ଧା ସୁମନ ଅର୍ପଣ କରନ୍ତୁ।

**– ଡା. ଦ୍ୱିଜେଶ କୁମାର ପଣ୍ଡା**
୧୨, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ମୋ:୯୪୩୮୪୭୦୭୭୭




JMG Speciality Diagnostics
(NABL Accredited)
Services:
Automated Pathology (All type of blood tests), Ultrasound and Pregnancy tests, Endoscopy & Colonoscopy, Digital X-Ray, ECG, TMT, 2D Echo, PFT, Neurology tests and various other tests
Door Step Blood Collection & X-Ray at Home Available
Address:
Mangalabag Chhak, Opposite Police Station, Cuttack - 01
Phone: 0671-2423004 / 8093080040 / 41 / 42

## COVID-19 ଏବଂ ଡାଏବେଟିସ୍

କ୍ଷୀଣ ପାଉଥିବା ରୋଗ ପ୍ରତିନିରୋଧକ ଶକ୍ତି ଯୋଗୁଁ ଡାଏବେଟିସ୍ ରୋଗୀଙ୍କଠାରେ କୋରୋନା ଭୂତାଣୁ ସଂକ୍ରମଣର ସମ୍ଭାବନା ବୃଦ୍ଧି ପାଇଥାଏ। ଏଥି ସହିତ କୋରୋନା ଜନିତ ଭୟାବହତା, ଜଟିଳତା, ହସ୍ପିଟାଲ ଏଡମିଶନ ଏବଂ ମୃତ୍ୟୁ ଆଦି ଅଧିକ ମାତ୍ରାରେ ଦେଖାଯାଇଥାଏ। ବୟସ୍କ ଡାଏବେଟିସ୍ ରୋଗୀ, ଅନିୟନ୍ତ୍ରିତ ରକ୍ତ ସର୍କରାରେ ପୀଡ଼ିତ ରୋଗୀ ତଥା ଉଚ୍ଚରକ୍ତ ଚାପ, ହୃଦୟ, ଫୁସ୍‌ଫୁସ୍, କିଡ୍‌ନୀ ଏବଂ ଲିଭର ସମସ୍ୟାରେ ଆକ୍ରାନ୍ତ ଡାଏବେଟିସ୍ ରୋଗୀ, ଏଡସ୍, ଟ୍ୟୁବରକ୍ୟୁଲୋସିସ୍ ଆଦି ଇନ୍‌ଫେକ୍‌ସନ ଏବଂ ଷ୍ଟେରୋଇଡ୍ ବଟିକା ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ପାଖରେ ଏହି COVID-19ର ସମ୍ଭାବନା ଅଧିକ ମାତ୍ରାରେ ଦେଖାଦିଏ। ରକ୍ତ ଶର୍କରା ନିୟନ୍ତ୍ରଣରେ ରହିବା ସହ ସନ୍ତୁଳନ ବଜାୟ ରଖିବା ପାଇଁ ଖାଦ୍ୟରେ ଶ୍ୱେତସାରର ମାତ୍ରା କମ୍ ହେବା ଦରକାର। ସରଳ ଶ୍ୱେତସାର (ଫଳ ରସ, ମହୁ, ଚକ୍‌ଲେଟ୍, ଆଇସ୍‌କ୍ରିମ୍, ମିଠା ପାନୀୟ ଆଦି)ର ଗ୍ରହଣ କମାଇ ଜଟିଳ ଶ୍ୱେତସାର (ଭାତ, ରୁଟି, ଆଳୁ, ଶସ୍ୟ ଜାତୀୟ ଖାଦ୍ୟ)ର ପରିମାଣ ବଢ଼େଇବା ଦରକାର। ପୁଷ୍ଟିସାର (ଆମିଷ ଖାଦ୍ୟ, ପନୀର, ସୋୟାବିନ୍) ତଥା ଭିଟାମିନ୍ ଏବଂ ମିନେରାଲ ଯୁକ୍ତଖାଦ୍ୟ (ସବୁଜ ପନିପରିବା, ଫଳ) ଅଧିକ ମାତ୍ରାରେ ସେବନ କରନ୍ତୁ।



DR. SUNIL KUMAR KOTA, MD
(Medicine)
DNB (Endocrinology),
Consultant Endocrinologist &
Diabetes, Thyroid...




AAROGYAM HOSPITAL
(A Unit Of Koshal Multicare Hospitals Pvt. Ltd.)
Happy Doctor's Day- 2020
Being a Doctor, you need to face lot of challenges every day especially now a days during covid pandemic situations and one of the such challenges is to keep fighting for the health of your patients. There are many sacrifice and lot of hard work to become a successful Doctor. wishing a very happy Doctor's Day to all respectful Doctor.
D2/8, INDUSTRIAL ESTATE, NEAR KENDRIYA VIDYALAYA NO.1
SAMBALPUR, 768006, ODISHA, 6003000094 | 6003000095, www.aarogyamhospitals.com

## ବଲାଙ୍ଗୀର ପୌରସଂସ୍ଥା, ବଲାଙ୍ଗୀର


ଓଡ଼ିଶାର ଅଗ୍ରଣୀ ଖବରକାଗଜ - ଧରିତ୍ରୀ - ନିଷ୍ଠାପର ଭାବରେ ଆମ ଅଞ୍ଚଳର ସାଂସ୍କୃତିକ, ସାମାଜିକ, ରାଜନୈତିକ ତଥା ବିଭିନ୍ନ କ୍ଷେତ୍ରର ଚିତ୍ର-ଚରିତ୍ରର ସମ୍ବାଦକୁ ଜନସାଧାରଣଙ୍କ ପାଖକୁ ପହଞ୍ଚାଉଅଛି। ବର୍ତ୍ତମାନ କରୋନା ସଂକଟ କାଳରେ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ଜନ ସଚେତନତା ସୃଷ୍ଟି କରିବା ସହ କରୋନା ସମ୍ବନ୍ଧୀୟ ନିତ୍ୟନୈମିତ୍ତିକ ସଠିକ୍ ଖବର ପରିବେଷଣ କରୁଛି। ଏ ପରିପ୍ରେକ୍ଷୀରେ ବଲାଙ୍ଗୀର ପୌର ପରିଷଦ ଏହି ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଅଭିନନ୍ଦନ ଜଣାଉଛି।

### କରୋନା ସଂକ୍ରମଣଠାରୁ ସଚେତନ ରହନ୍ତୁ

- ବୈଶ୍ୱିକ ମହାମାରୀ କରୋନା ପାଇଁ ସଦାସର୍ବଦା ସଚେତନ ରୁହନ୍ତୁ, ଅଯଥା ଆତଙ୍କିତ ହୁଅନ୍ତୁ ନାହିଁ।
- ପ୍ରତିଦିନ ମାସ୍କ ବ୍ୟବହାର କରନ୍ତୁ ଏବଂ ସାମାଜିକ ଦୂରତ୍ୱ ରକ୍ଷା କରନ୍ତୁ।
- ବିନା କାର୍ଯ୍ୟରେ ଘରୁ ବାହାରକୁ ବାହାରନ୍ତୁ ନାହିଁ।
- ଜନଗହଳି ସ୍ଥାନ ବର୍ଜନ କରନ୍ତୁ।
- ଛିଙ୍କିବା ସମୟରେ ରୁମାଲ ବ୍ୟବହାର କରନ୍ତୁ।
- ବାରମ୍ବାର ହାତକୁ ସାବୁନ ପାଣିରେ ଅନ୍ତତଃ କୋଡିଏ ସେକେଣ୍ଡ ପର୍ଯ୍ୟନ୍ତ ଧୁଅନ୍ତୁ।
- ନିଜେ ସ୍ୱଚ୍ଛ ରହିବା ସଙ୍ଗେ ସଙ୍ଗେ ନିଜର ଘର ଏବଂ ଘର ଆଖପାଖ ସଫାସୁତୁରା ରଖନ୍ତୁ ଏବଂ ସାନିଟାଇଜ କରନ୍ତୁ।
- କାଶ, ଜ୍ୱର, ତଣ୍ଟି ଦରଜ ଲକ୍ଷଣ ଦେଖାଦେଲେ ସାଙ୍ଗେ ସାଙ୍ଗେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

ଶ୍ରୀ ବିପିନ ବିହାରୀ ଦୀପ
ନିର୍ବାହୀ ଅଧିକାରୀ
ପୌର ପରିଷଦ, ବଲାଙ୍ଗୀର

ଶ୍ରୀ ଅରିନ୍ଦମ ଡାକୁଆ
ଜିଲ୍ଲାପାଳ, ବଲାଙ୍ଗୀର ତଥା ପ୍ରଶାସକ
ପୌର ପରିଷଦ, ବଲାଙ୍ଗୀର






ହତାଶା କେବେ ବି ଅଗ୍ରଗତି ଲାଗି ଆବଶ୍ୟକ ନୁହେଁ। ଏହା ସର୍ବଦା ଏକ ଦୁର୍ବଳତା ଓ ତାମସିକତାର ଲକ୍ଷଣ। ଏହା ଜଣାଇଦିଏ ଯେ, ଏକ ବିରୋଧୀ ଶକ୍ତି ତୁମ ଭିତରେ ପ୍ରବେଶ କରିଛି। ଏହି ବିରୋଧୀ ଶକ୍ତି ତୁମ ସାଧନା ବିରୋଧରେ କାର୍ଯ୍ୟ କରେ। -ଶ୍ରୀମା



# ଆରମ୍ଭ ମାତ୍ର

ଭାରତ-ଚାଇନା ମଧ୍ୟରେ ଲଦାଖର ଗଲୱାନ ଉପତ୍ୟକାକୁ ନେଇ ସୀମା ବିବାଦ ଚାଲିଥିବା ବେଳେ ଭାରତ ସରକାର ଟିକ୍‌ଟକ୍ ସମେତ ଚାଇନାର ୫୯ଟି ଆପ୍‌କୁ ନିଷିଦ୍ଧ କରିଛନ୍ତି। ମନ୍ଦ ଉଦ୍ଦେଶ୍ୟ ରଖି ଚାଇନା ବହୁ ଆପ୍‌କୁ ଏଠାରେ ପ୍ରବେଶ କରାଇ ଭାରତର ସାର୍ବଭୌମତ୍ୱ ଓ ଜାତୀୟ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଛି ବୋଲି ଅଭିଯୋଗ କରି କେନ୍ଦ୍ର ସରକାର ଏହି ନିଷେଧାଦେଶ ଜାରି କରିଛନ୍ତି। ବିଗ୍ ବାସ୍କେଟ, ବାଇଜୁ, ଓଲା, ଓୟୋ, ପଲିସି ବଜାର, ଲ୍ଲିକର, ସ୍ୱାପ୍‌ଡିଲ, ସ୍ୱିଗି, ଜମାଟୋ, ଉଡାନ ଏବଂ ଏହିଭଳି ଅନେକ ଆପ୍ ମାଧ୍ୟମରେ ବିରାଟ ବ୍ୟବସାୟ ଭାରତରେ କରୁଛନ୍ତି। ଏହିସବୁ କେବଳ ଯେ ଚାଇନାର ଡିଜାଇନ୍ ତାହା ନୁହେଁ, ଏହି କମ୍ପାନୀଗୁଡ଼ିକରେ ଚାଇନା ବ୍ୟବସାୟିକ ସଂସ୍ଥାର ବିପୁଳ ଅର୍ଥ ବିନିଯୋଗ ହୋଇଛି। ଏହାର ଅର୍ଥ ହେଲା ସେହି କମ୍ପାନୀର ପରିଚାଳନାରେ ବିନିଯୋଗକାରୀଙ୍କର ନିଜର କାର୍ଯ୍ୟାଳୟ ଖୋଲିଥିବାରୁ ଅନେକ ହଜାର କର୍ମଚାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ଏବେ ସେହି ଆପ୍‌କୁ ନିଷିଦ୍ଧ କରିବା ସହଜ ହୋଇପାରେ। ତେବେ ଏଥିରେ ନିଯୁକ୍ତି ପାଇଥିବା ଭାରତୀୟଙ୍କୁ ଚାକିରିରୁ ବିଦା ହେବାକୁ ପଡ଼ିବ। ଫଳରେ ଦେଶର ଅର୍ଥନୀତି ଉପରେ ବେକାରି ବୋଝ ବଢ଼ିବ। ଏହି ବ୍ୟବସ୍ଥାରେ ପରିଚାଳନାରେ ବିଭିନ୍ନ ସ୍ତରରେ ପ୍ରଭାବ ରହିଛି। ତାଇନାରେ ବିକଶିତ ହୋଇଥିବା ପ୍ରତ୍ୟେକ ଆପ୍‌ର ଏକ ସର୍ବନିମ୍ନ ସର୍ତ୍ତ ହେଉଛି ତାହାର ପ୍ରତି ବ୍ୟବହାରକାରୀଙ୍କ ସବୁ ତଥ୍ୟ ଚାଇନା ସରକାର ପାଖରେ ରଖାଯାଇଥାଏ। ସେଥିପାଇଁ ଚାଇନା ଆପ୍ ବ୍ୟବହାର କରୁଥିବା ଭାରତୀୟଙ୍କ କୌଣସି ଗୋପନୀୟତା ରହୁନାହିଁ।

ଦେଖିବାକୁ ଗଲେ ଭାରତର ଏଭଳି ତତ୍ପରତାପୂର୍ଣ୍ଣ ପଦକ୍ଷେପ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ଲଦାଖ ମଧ୍ୟକୁ ପ୍ରବେଶ କରିଥିବାର ପ୍ରତିଫଳନ ବୋଲି କୁହାଯାଉଛି। ଭାରତ ସରକାର ଗଲୱାନ ଘାଟିକୁ ଠିକ୍ ଭାବେ ପରିଚାଳନା କରି ନ ପାରିବାରୁ ଚାରିଆଡ଼ୁ ସମାଲୋଚିତ ହୋଇଛନ୍ତି। ୨୦ ଯବାନଙ୍କ ମୃତ୍ୟୁ ଓ ଦେଶବାସୀଙ୍କ ଅସନ୍ତୋଷକୁ ପ୍ରଶମିତ କରିବା ସକାଶେ ସରକାରଙ୍କ ଏଭଳି ଡିଜିଟାଲ ଆକ୍ରମଣ ଭାରତ ପକ୍ଷରୁ କରାଗଲା ବୋଲି କେତେକ ମହଲରୁ ମତ ପ୍ରକାଶ ପାଉଛି। ଇତିମଧ୍ୟରେ ଦଳେ ସ୍ୱଦେଶୀ ନିଦ୍ରା ଭଙ୍ଗ କରି ହଠାତ୍ ଚାଇନା ସାମଗ୍ରୀ ବର୍ଜନ କରିବାକୁ ଦାବି ଆରମ୍ଭ କଲେ। ଏହି ଦାବିକୁ ଗତ ୫/୬ ବର୍ଷ ମଧ୍ୟରେ ଆରମ୍ଭ କରାଯାଇଥିଲେ ତାହାର ସୁଫଳ ଏବେ ଅତି ସହଜରେ ମିଳିପାରି ଥାଆନ୍ତା। ଏବେ କେଉଁ କେବେ ମିଳିବ କେହି ଜାଣି ନାହାନ୍ତି। ଏହି ନିଷେଧାଦେଶର ମୂଳ ଲକ୍ଷ୍ୟ କେଉଁ ଅଧିକୁ ଜନତାଙ୍କୁ ସନ୍ତୁଷ୍ଟ କରିବା। ଯେଉଁମାନେ ଚାଇନା ସାମଗ୍ରୀ ବନ୍ଦ କରିବାକୁ କହୁଛନ୍ତି ସେମାନେ ହୁଏତ ନିଜେ ଚାଇନା ନିର୍ମିତ ମୋବାଇଲ୍ ଧରି, ଚାଇନା ନିର୍ମିତ କମ୍ପ୍ୟୁଟରର ମନିଟର ସମ୍ମୁଖରେ ବସି, ଚାଇନା ନିର୍ମିତ କି-ବୋର୍ଡରେ ନିଜର ବିରକ୍ତିଭାବ ଲେଖି ଅନେକଙ୍କୁ ଜଣାଉଛନ୍ତି। ସେମାନେ ହୁଏତ ଭୁଲିଯାଉଛନ୍ତି ଯେ, ସେମାନଙ୍କ କମ୍ପ୍ୟୁଟର ବା ଫୋନ୍‌ର ଇଣ୍ଟରନେଟ୍ ସହ ସଂଯୋଗ ନିମନ୍ତେ ବ୍ୟବହୃତ ହେଉଥିବା ବ୍ରଡ୍‌ବ୍ୟାଣ୍ଡ ସାମଗ୍ରୀ ସବୁ ପ୍ରାୟ ଚାଇନା ନିର୍ମିତ। ଭାରତର ଉଭୟ ଘରୋଇ ଓ ସରକାରୀ ଟେଲିକମ୍ କମ୍ପାନୀର ମୁଖ୍ୟ ସୁଇଚ୍ ଫାସିଲିଟି ବା ସୁବିଧା ୯୦ ପ୍ରତିଶତ ଚାଇନା ନିର୍ମିତ। ଏପରିକି ଆମର ଗ୍ରାମାଞ୍ଚଳରେ ଚାଇନା ନିର୍ମିତ ପ୍ଲାଷ୍ଟିକ୍ ଚାଉଳ ବିକ୍ରି ହୋଇଥାଉଛି। ଭାରତୀୟଙ୍କ ବଡ଼ିଲାଇଟ୍, ଇଲେକ୍ଟ୍ରିକ୍ କେବୁଲ, ଟର୍ଚ୍ଚ ଲାଇଟ୍ ଓ ବ୍ୟାଟେରି, ଚାରିଚକିଆ ଓ ଦୁଇଚକିଆ ଯାନର ଯନ୍ତ୍ରାଂଶଠାରୁ ଆରମ୍ଭ କରି ବିଦ୍ୟୁତଶକ୍ତି ଉତ୍ପାଦନକାରୀ ପ୍ରକଳ୍ପରେ ଚାଇନା ସାମଗ୍ରୀ ବିନା କାମ ଚଳିବ ନାହିଁ। ଏସବୁକୁ ସମ୍ପୂର୍ଣ୍ଣ ବନ୍ଦ କଲେ ଦେଶରେ ଜନସାଧାରଣ ବାଧ୍ୟ ହୋଇ ବିକଳ୍ପ ସାମଗ୍ରୀ ବ୍ୟବହାର କରନ୍ତେ।

ଏବେ ସରକାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରିବା ପରିବର୍ତ୍ତେ ସମ୍ପୂର୍ଣ୍ଣ ସହଯୋଗ ଓ ସମର୍ଥନ ଦେବା ଦରକାର। ଚାଇନା ବିରୋଧୀ ଅଭିଯାନକୁ ଆରମ୍ଭ କରିବାର ଏକ ବିରାଟ ପ୍ରୟୋଜନ ଥିଲା। କେନ୍ଦ୍ର ସରକାର ପଦକ୍ଷେପ ନେଇ ଶିଥିଳ ପାଣିକୁ ଏକ ଛୋଟିଆ ଟେକା ମାତ୍ର ପକାଇଛନ୍ତି। ଏଇ ସମୟରେ ଭାରତରେ ଥିବା ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) କମ୍ପାନୀ ଯଥା- ଇନ୍‌ଫୋସିସ୍, ଟିସିଏସ୍, ୱିପ୍ରୋ ଏବଂ ଏଗୁଡ଼ିକ ସହିତ ଭାରତରେ ଥିବା ଆଇଟି ଗୁରୁମାନେ ନିଜ ଦକ୍ଷତା ପ୍ରମାଣ କରିବାର ଭଲ ସୁଯୋଗ ଆସିଗଲା। ଏହା ସତ୍ୟ ଯେ, ସେହି କମ୍ପାନୀଗୁଡ଼ିକ ଅନେକ ଲକ୍ଷ ଚାକିରି ଯୋଗାଉଥାନ୍ତି। ତେବେ ଚାକିରି ଯୋଗାଇବା ବ୍ୟତୀତ ସେମାନଙ୍କର ନିଜସ୍ୱ କୌଣସି ଆପ୍ ବା କୌଶଳ ଉଦ୍ଭାବନ କରିବାର ଏପର୍ଯ୍ୟନ୍ତ ଭାରତବାସୀ ଜାଣି ନାହାନ୍ତି। ଆଜି ଟିକ୍‌ଟକ୍, ହେଲୋ, ୟୁସି ବ୍ରାଉଜର ଓ ଅନ୍ୟ ମଉଜ ମଜ୍ଲିସ୍ ଭଳି ଆପ୍ ଭାରତୀୟମାନେ ହୁଏତ ବ୍ୟବହାର କରିପାରନ୍ତେ। କିନ୍ତୁ ଆଜିପର୍ଯ୍ୟନ୍ତ ସେମାନେ କେବଳ ଜବ୍ ଠିକାଦାର ଭାବେ କାର୍ଯ୍ୟ କରିଆସୁଥିବା ହେତୁ ନିଜସ୍ୱ ଜ୍ଞାନକୌଶଳକୁ କେବେହେଲେ ବିକଶିତ କରୁନାହାନ୍ତି। ତେବେ ଏବେ ପ୍ରତିଜ୍ଞା ନେଇ ଭାରତୀୟ ଆଇଟି ବୁଦ୍ଧିଧାରୀମାନେ ଆଗେଇ ଆସିଲେ ନୂଆ କିଛି ସୃଷ୍ଟି କରାଯାଇପାରନ୍ତା। ଉଦାହରଣ ସ୍ୱରୂପ ଟିକ୍‌ଟକ୍ ପରିବର୍ତ୍ତେ ଭାରତୀୟ ଆପ୍ 'ଚିଙ୍ଗାରି'କୁ ବ୍ୟବହାର କରିବା ନିଶ୍ଚିତଭାବେ କଷ୍ଟକର ବୋଲି କୁହାଯାଉଛି। ସେହିଭଳି ଆପ୍‌ର ପ୍ରଯୁକ୍ତିବିଦ୍ୟା ପରିସରକୁ ବ୍ୟାପକ କରାଯାଇ ପାରିଲେ ହୁଏତ ତାହା ଆଦୃତିଲାଭ କରିପାରନ୍ତା। ପୂର୍ବରୁ 'ମିତ୍ରୋଁ' ନାମକ ଏକ ଆପ୍‌କୁ ଅନେକ ଭାରତୀୟ ଡାଉନ୍‌ଲୋଡ୍ କରିସାରିବା ପରେ ଜେଗେଣା ଜାଣିବାକୁ ପାଇଲେ ଯେ ତାହା ଏକ ପାକିସ୍ତାନୀ କମ୍ପାନୀ ଦ୍ୱାରା ପରିଚାଳିତ। ସାଧାରଣ ଭାରତୀୟ ସେହି ତଥ୍ୟ ସମ୍ପର୍କରେ ଅଜ୍ଞ ଥିବା ହେତୁ ସେହି 'ମିତ୍ରୋଁ'ର ଡାଉନ୍‌ଲୋଡ୍ ଏକ କୋଟିରୁ ଊର୍ଦ୍ଧ୍ୱକୁ ଗଲାଣି। ଯେହେତୁ 'ମିତ୍ରୋଁ' ଶବ୍ଦକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଯୋଡ଼ାଯାଉଛି, ସେହେତୁ ଏ ଆପ୍‌ର ଲୋକପ୍ରିୟତା ପରି ନାହିଁ।

ମୋଟାମୋଟି ଦେଖିବାକୁ ଗଲେ ଏହିସବୁ ଆପ୍, ଯେଉଁଗୁଡ଼ିକୁ ବାରଣ କରାଯାଇଛି ସେହି କବଳରୁ କୌଣସି ଫଳାଫଳ ମିଳିଲା ପରି କାହିଁ କେମିତି ମନେ ହେଉନାହିଁ। କିନ୍ତୁ ଏହା ଆରମ୍ଭ ମାତ୍ର।



# ଶ୍ରୀଜୀଉଙ୍କ ମାଉସୀ ମା'

ପ୍ରଫୁଲ୍ଲ କୁମାର ସାହୁ

ରଥ ଦ୍ରୁତଗତିରେ ଆଗେଇ ଚାଲିଛି ଅଯୋଧ୍ୟା ଅଭିମୁଖେ। ଗୁରୁ ବଶିଷ୍ଠଙ୍କ ସହସା ଡାକରା ପାଇ ମାତୁଳାଳୟରୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି ଭରତ ଓ ଶତ୍ରୁଘ୍ନ। ପଥ ମଧ୍ୟରେ ଦୁଇ ଭାଇଙ୍କ ମନକୁ ଶଙ୍କାଗ୍ରସ୍ତ କରୁଛି ଗୋଟିଏ ପରେ ଗୋଟିଏ ଅଶୁଭ ସଂକେତ। କେଉଁଠି କାକମାନଙ୍କ ଅଶୁଭ ରାବ ତ କେଉଁଠି ଶୁଣିବାକୁ ମିଳୁଛି ଶୃଗାଳର ବିକୃତ ସ୍ୱର। ଅଯୋଧ୍ୟା ନଗରୀରେ ରଥ ପ୍ରବେଶ ମାତ୍ରେ ସେ ଆଶଙ୍କାକୁ ବହୁଗୁଣିତ କରିଦେଉଛି ନଗରବାସୀଙ୍କ ବିଷଣ୍ଣଭାବ। ରଥ ରାଜନଅର ସମ୍ମୁଖରେ ପହଞ୍ଚିଲାକ୍ଷଣି ସେମାନେ ଏକପ୍ରକାର ଭିତରକୁ ପ୍ରବେଶ କଲେ ମନରେ ଏକ ଅଜଣା ଭୟ ଓ ଉଦ୍‌ବେଗ ନେଇ। ନଅର ଭିତରେ ପ୍ରାୟ ସମସ୍ତଙ୍କୁ ଆଚ୍ଛନ୍ନ କରି ରଖିଥିଲା ଏକ ବିଷାଦର କଳା ବାଦଲ। କିଛି ବୁଝିବା ପୂର୍ବରୁ ମାତା ପିତା ଓ ପ୍ରାଣପ୍ରିୟ ଅଗ୍ରଜଙ୍କ ଦର୍ଶନ ପାଇଁ ବ୍ୟାକୁଳ ହୋଇ ଉଠିଲା ଭରତଙ୍କ ପ୍ରାଣ। ଏତିକିବେଳେ ମାତା କୈକେୟୀ ଅନ୍ତଃପୁରରୁ ବାହାରି ଆସିଲେ ସହାସ୍ୟ ବଦନରେ। ପଚାରି ବୁଝିଲେ ପିତ୍ରାଳୟର କୁଶଳ ବାର୍ତ୍ତା। ସଂକ୍ଷେପରେ ସର୍ବ କୁଶଳ କହି ଆପଣା କୁଳର କୁଶଳ ଜିଜ୍ଞାସା କଲେ ପୁତ୍ର ଭରତ। ପିତା କେମିତି ଅଛନ୍ତି ଓ ଅଗ୍ରଜ କାହାନ୍ତି ଆଦି ଅନେକ ପ୍ରଶ୍ନ ପଚାରିଗଲେ ଅତି ବ୍ୟଗ୍ରତାର ସହିତ। କିଛି ଟିକେ ରହି ପୁଣି ଖୋଲିଲେ ମାତା କୈକେୟୀ। କହିଗଲେ ମହାରାଜାଙ୍କୁ ବର ମାଗିବାଠାରୁ ରାମ ବନବାସ ପର୍ଯ୍ୟନ୍ତ ସକଳ ଘଟଣା। ପ୍ରଥମେ ନିଜ କାନକୁ ଏକଥା ବିଶ୍ୱାସ କରିପାରିଲେନି ଭରତ। ପର ମୁହୂର୍ତ୍ତରେ ମନେହେଲା ଆକାଶଟା ଯେମିତି ତାଙ୍କ ମଥା ଉପରେ ଛିଡି ପଡୁଛି ଖଣ୍ଡ ଖଣ୍ଡ ହୋଇ। ଆଖିରୁ ଝରିଗଲା ଧାର ଧାର ଲୁହ। ବହୁ ସମୟ ପରେ ପ୍ରକୃତିସ୍ଥ ହୋଇ ଭାବିଲେ, ପୁତ୍ରକୁ ସିଂହାସନରେ ବସାଇବା ପାଇଁ ଜଣେ ନାରୀ କ'ଣ କେବେ ନିଜ ସ୍ୱାମୀଙ୍କୁ ମୃତ୍ୟୁମୁଖକୁ ଠେଲିଦେଇ ପାରେ! ତେବେ ଏହା ହିଁ କ'ଣ ମା' କୈକେୟୀଙ୍କର ଅସଲ ରୂପ! ନା ନିଜେ ରାଜମାତା ହେବା ପାଇଁ ଯିଏ ପୁତ୍ରାଧିକ ରାମଚନ୍ଦ୍ରଙ୍କୁ ଚଉଦ ବର୍ଷ ବନବାସ ପଠାଇଦେଇ ପାରେ, ସେ କେବେ କାହାର ମା' ହୋଇପାରେନି। ମନ ଭିତରେ ପୁରିଉଠିଲା ଘୃଣା। କ୍ରୋଧରେ ଫାଟିପଡିଲା ଛାତି। ସେହି ମୁହୂର୍ତ୍ତରେ ସେ ସୂର୍ଯ୍ୟ, ଅଗ୍ନି ତଥା ଦଶ ଦିଗପାଳଙ୍କୁ ସାକ୍ଷୀରଖି ପ୍ରତିଜ୍ଞା କଲେ କୈକେୟୀଙ୍କ ରାଜମାତା ହେବାର ସ୍ୱପ୍ନକୁ ସେ କେବେ ସଫଳ ହେବାକୁ ଦେବେନି କି ଆଉ ତାଙ୍କୁ ମା' ବୋଲି ସମ୍ବୋଧନ କରିବେ ନାହିଁ ପିଣ୍ଡରେ ପ୍ରାଣଥିବା ପର୍ଯ୍ୟନ୍ତ। ପୁତ୍ର ଭରତଙ୍କ ଏଭଳି ପ୍ରକାଶ୍ୟ ପ୍ରତିଜ୍ଞାରେ ହତବାକ୍ ହୋଇଗଲେ କୈକେୟୀ। ତାଙ୍କ ପାଟିରୁ ବାକ୍ୟ ସ୍ଫୁରିବା ପୂର୍ବରୁ ଅଯୋଧ୍ୟାର ଭାବୀ ରାଜା ଭରତ ଘରୁ ବାହାରି ଗଲେ ଝଡ଼ ବେଗରେ।

ତେଣୁ ଦୁଃଖ ଓ ଅନୁଶୋଚନାରେ କାନ୍ଦି କାନ୍ଦି ଦିନ କାଟିବାକୁ ଲାଗିଲେ ମାତା କୈକେୟୀ। ଦିନଗଲା ସପ୍ତାହ ଗଲା ମାସ ଗଲା ବର୍ଷ ଗଲା। ଦିନ ପରେ ଦିନ। ଚଉଦ ବର୍ଷ ପରେ ବର୍ଷା। ହେଲେ ଜନନୀ ଆଖିରୁ ଶ୍ରାବଣ ଲୁହ। ଦୁଃଖର ନିଆଁରେ ଜଳି ଜଳି କ୍ଷୀଣ ହେବାକୁ ଲାଗିଲା ଶରୀର। ମନରେ କେବଳ ସେହି ଗୋଟିଏ ଚିନ୍ତା, କେବେ ବନବାସର ଅବଧି ସାରି ଅଯୋଧ୍ୟା ଫେରିଆସିବେ ରାମ ଲକ୍ଷ୍ମଣ ଓ ସୀତା। ସେମାନଙ୍କ ଫେରିବା ବାଟକୁ ଚାହିଁ ସେ କେବଳ ଦିନ ଗଣିଚାଲିଲେ ସକାଳ ସଞ୍ଜ।

ଶେଷରେ ଅନ୍ତହେଲା ତାଙ୍କ ଦୀର୍ଘ ପ୍ରତୀକ୍ଷାର ଦିନ। ରାବଣ ଓ କୁମ୍ଭକର୍ଣ୍ଣ ଆଦି ଅସୁରମାନଙ୍କୁ ବିନାଶ କରି ଅଯୋଧ୍ୟା ଫେରି ଆସିଲେ ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ର। ତାଙ୍କ ପ୍ରତ୍ୟାବର୍ତ୍ତନରେ ଅଯୋଧ୍ୟାବାସୀଙ୍କ ମନରେ ଖେଳିଗଲା ଏକ ଅନିର୍ବଚନୀୟ ଆନନ୍ଦର ହିଲ୍ଲୋଳ। ବାଦ୍ୟ ନୃତ୍ୟ ସଂଗୀତରେ କମ୍ପିଉଠିଲା ଅଯୋଧ୍ୟା ନଗରୀ। ରାମଚନ୍ଦ୍ରଙ୍କ ଦର୍ଶନ ପାଇଁ ଛୁଟିଲା ଜନତାର ସୁଅ। ଗୁରୁ ବଶିଷ୍ଠଙ୍କୁ ପ୍ରଣିପାତ ପୂର୍ବକ ଅପେକ୍ଷାରତ ଅଯୋଧ୍ୟାବାସୀଙ୍କୁ କୃତଜ୍ଞତା ଜଣାଇ ପ୍ରଥମେ ମା' କୈକେୟୀଙ୍କ ଦର୍ଶନ ଇଚ୍ଛାକଲେ ରଘୁକୁଳ ତିଳକ ରାମଚନ୍ଦ୍ର। ଅତିଉତ୍କଣ୍ଠିତ ଚିତ୍ତରେ ଯନ୍ତ୍ରବତ ତାଙ୍କ ପୁରରେ ପହଞ୍ଚି ସାଷ୍ଟାଙ୍ଗ ପ୍ରଣିପାତ କରିବାକ୍ଷଣି ମା'ବାହୁ ପ୍ରସାରି ପ୍ରିୟପୁତ୍ରକୁ କୋଳେଇ ନେଲେ ଭାବ ଗଦ୍‌ଗଦ୍ ଚିତ୍ତରେ। ଆଖିରୁ ଝରିପଡିଲା ଟୋପା ଟୋପା ଅଶ୍ରୁ। ଅନ୍ତର୍ଯ୍ୟାମୀ ଅନ୍ତର ବେଦନାକୁ ଚାପିରଖି ମା'କୈକେୟୀଙ୍କ ଭଗ୍ନ ସ୍ୱାସ୍ଥ୍ୟକୁ ଦେଖିଥିଲେ ବିସ୍ମୟ ବିସ୍ଫାରିତ ନେତ୍ରରେ।

ତେଣେ ଗୁରୁ ବଶିଷ୍ଠଙ୍କ ନିର୍ଦ୍ଦେଶକ୍ରମେ ଆରମ୍ଭ ହୋଇଗଲା ଅଭିଷେକ ଉତ୍ସବ ପାଇଁ ଆୟୋଜନ। ଦ୍ୱାରେ ଦ୍ୱାରେ ଶୋଭା ପାଇଲା ସୁବର୍ଣ୍ଣ କଳସ। ଶୁଭ ଦିବସର ମଙ୍ଗଳ ମୁହୂର୍ତ୍ତରେ ସିଂହାସନରେ ଉପବେଶନ କଲେ ରଘୁକୁଳ ତିଳକ ରାମଚନ୍ଦ୍ର। ଏହି ଅବସରରେ କୃତଜ୍ଞତା ସ୍ୱରୂପ ସୁଗ୍ରୀବ ଓ ଅଙ୍ଗଦ ଆଦି ବାନରମାନଙ୍କ ମନୋବାଞ୍ଛା ପୂର୍ଣ୍ଣ ପାଇଁ ସେ ପ୍ରଦାନ କଲେ ନାନା ପ୍ରକାର ଉପହାର। ଅଦୂରରେ ଥାଇ ଏହା ଦେଖୁଥିଲେ ମାତା କୈକେୟୀ। ଅନ୍ତରର ବ୍ୟଥା ଓ ବେଦନାର ତାଡନାକୁ ଆଉ ଏଡି ନ ପାରି ପହଞ୍ଚିଗଲେ ରାଜା ରାମଚନ୍ଦ୍ରଙ୍କ ସମ୍ମୁଖରେ। କାନି ପତିଦେଇ କହିଲେ, ହେ ରାଜନ୍! ମୋର ଏକ ଅଭିଳାଷ ଅଛି, ପୂର୍ଣ୍ଣ କରିପାରିବ? ସହସା ସିଂହାସନରୁ ଉଠି ଆସିଲେ ରାମଚନ୍ଦ୍ର। ଅନ୍ତର୍ଯ୍ୟାମୀଙ୍କୁ ଅଜଣା ନ ଥିଲା ମା'ଙ୍କ ଅନ୍ତର ବେଦନା। ତଥାପି ଅତି ନମ୍ରତାର ସହିତ କହିଲେ କୁହନ୍ତୁ ମାତେ, କ'ଣ ଅଭିଳାଷ। କୋହଭରା ସ୍ୱରରେ କୈକେୟୀ କହିଲେ, ମୁଁ ପୁତ୍ର ଭରତ ମୁହଁରୁ ମା' ଡାକ ଶୁଣିବାକୁ ଚାହେଁ। ଏତିକି କେବଳ ମୋର ମାଗୁଣି। ଭରତ ଆଡ଼କୁ ଚାହିଁଲେ ଅଗ୍ରଜ ରାମଚନ୍ଦ୍ର। ଆଦେଶ ବୁଝିଗଲେ ଅନୁଜ ଭରତ। ହାତଯୋଡ଼ି କାକୁସ୍ଥ ମୁଦ୍ରାରେ କହିଲେ, ଆପଣଙ୍କ ଯେ କୌଣସି ଆଦେଶ ମୁଁ ପାଳନ କରିପାରେ, ମାତ୍ର ଏହି ଗୋଟିଏ ଆଦେଶ ପାଳନ ପାଇଁ ମୁଁ ଅକ୍ଷମ। କାରଣ ମୋର ଜନ୍ମଦାତ୍ରୀଙ୍କୁ ମୁଁ ଆଉ ମା' ବୋଲି ସମ୍ବୋଧନ କରିବିନାହିଁ ବୋଲି ପ୍ରତିଜ୍ଞା କରିଛି ସୂର୍ଯ୍ୟ ଓ ଅଗ୍ନିଙ୍କୁ ସାକ୍ଷୀ ରଖି। କୁହନ୍ତୁ ଅଗ୍ରଜ, ସୂର୍ଯ୍ୟ ବଂଶର ଦାୟାଦ ହୋଇ ମୁଁ ସେ ପ୍ରତିଜ୍ଞା ଭାଙ୍ଗିବି କେମିତି? ଧର୍ମ ସଂକଟରେ ପଡ଼ିଗଲେ ରାମଚନ୍ଦ୍ର। କିଂ କର୍ତ୍ତବ୍ୟ ବିମୂଢ଼ ଅବସ୍ଥାରେ ରହିଗଲେ କିଛିକ୍ଷଣ। ଭରତଙ୍କ ବିବଶତା ଓ ଶ୍ରୀରାମଙ୍କ ନୀରବତା ଦେଖି ବାଧ୍ୟ ମାନିଲାନି ମାତା କୈକେୟୀଙ୍କ ଆଖିର ଲୁହ। ଅନ୍ତର୍ଯ୍ୟାମୀଙ୍କ ଅନ୍ତରକୁ ସମ୍ପୂର୍ଣ୍ଣ ବିଗଳିତ କରିଦେଲା ମାତୃହୃଦୟର କୋହ। ମା'ଙ୍କର ଦୁଇ ହାତକୁ ଜାବୁଡ଼ି ଧରି ଖୁବ୍ ଗମ୍ଭୀର ଭାବରେ କହିଲେ (ଯାହା ଅନ୍ୟମାନଙ୍କ ପାଇଁ ଥିଲା ଅବୋଧ୍ୟ) ମାନବ ଜାତିର କଲ୍ୟାଣ ପାଇଁ ଜଣେ ମା' କେତେ ତ୍ୟାଗ କରିପାରେ, ତୁମେ ହିଁ ତା'ର ସର୍ବକାଳୀନ ଦୃଷ୍ଟାନ୍ତ। ମାତ୍ର ତମର ଏ ତ୍ୟାଗର ଋଣ ଶୁଝିବା ମୋ ପାଇଁ ଏ ଜନ୍ମରେ ପ୍ରାୟତଃ ଅସମ୍ଭବ। ସେଥିପାଇଁ ମୁଁ କ୍ଷମାପ୍ରାର୍ଥୀ। ହେଲେ କଥା ଦେଉଛି ତମରି ବାତ୍ସଲ୍ୟ ମମତାରେ ବାନ୍ଧିହୋଇ ମୁଁ ଧରାବତରଣ କରିବି ଦ୍ୱାପର ଯୁଗରେ। ଦ୍ୱାପର ଯୁଗରେ ମୁଁ ଦେବକୀ ନନ୍ଦନ କୃଷ୍ଣ ରୂପରେ ଜନ୍ମ ନେବି ଏବଂ ତୁମେ ହେବ ମୋର ଯଶୋଦା ମା'। ଆଉ କଳି କାଳରେ ମୁଁ ଯେତେବେଳେ ନୀଳାଚଳ ଧାମରେ ଦାରୁବ୍ରହ୍ମ ରୂପରେ ବିରାଜମାନ କରିବି, ସେତେବେଳେ ତମେ ସେଠାରେ ପୂଜା ପାଇବ ମାଉସୀ ମା' ଅର୍ଦ୍ଧାସନୀ ରୂପରେ। ଫି ବର୍ଷ ଗୁଣ୍ଡିଚା ଯାତ୍ରା ବେଳେ ତମ ଦର୍ଶନ ଲାଭ କରିବି ଏବଂ ବାହୁଡ଼ା ବେଳେ ତମ ହାତ ତିଆରି ପୋଡପିଠା ଖାଇ ସନ୍ତୁଷ୍ଟ ହେବି, ଯାହାକୁ ପ୍ରସାଦ ଭାବରେ ଗ୍ରହଣ କରି ଧନ୍ୟ ହେବେ ଲକ୍ଷ ଲକ୍ଷ ଭକ୍ତ। କୁହ ମା' ଏଥିରେ ତମେ କ'ଣ ଖୁସି ନୁହଁ? ମାତା ଓ ପୁତ୍ର ମଧ୍ୟରେ ଏ ବାର୍ତ୍ତାଳାପ ଅନ୍ୟମାନଙ୍କ ପାଇଁ ଅବୋଧ୍ୟ ଥିଲା ସତ, ହେଲେ କୈକେୟୀଙ୍କ ଆର୍ତ୍ତ୍ୟଜ କରି କୈକେୟୀ ମା'ଙ୍କ ଶୁଷ୍କଲା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି କୈକେୟୀ ମା'ଙ୍କ ଓଠରେ ଖେଳିଯାଇଥିଲା ଧାରେ ହସର ଲହରି।

ତ୍ରେତୟା ଯୁଗରେ ମା'ଙ୍କୁ ଯେଉଁ କଥା ଦେଇଥିଲେ ତାକୁ ଏଯାଏ ଭୁଲିନାହାନ୍ତି ମହାପ୍ରଭୁ। ତେଣୁ ପ୍ରତିବର୍ଷ ଘୋଷଯାତ୍ରା ଅବସରରେ ରଥ ଯାଉଥିବା ଆସୁଥିବା ବେଳେ ମାଉସୀ ମା' ମନ୍ଦିର ସମ୍ମୁଖରେ। ସିଂହଦ୍ୱାରରୁ ଶ୍ରୀଗୁଣ୍ଡିଚା ମନ୍ଦିର ଯିବା ବାଟରେ ଦଣ୍ଡପାତିସାହି ପାର୍ଶ୍ୱରେ ଥିବା ବଳଗଣ୍ଡି ନିକଟରେ ଅବସ୍ଥିତ ମାଉସୀ ମା' ମନ୍ଦିର। କେଶରୀ ବଂଶର ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ପଚିଶ ହାତ ଉଚ୍ଚତା ବିଶିଷ୍ଟ ମନ୍ଦିରରେ ପୂଜା ପାଉଛନ୍ତି ସାହାନ ପଥରରେ ନିର୍ମିତ ମାଉସୀ ମା' ଦେବୀ ଅର୍ଦ୍ଧାସନୀଙ୍କ ଦ୍ୱିଭୁଜା ବିଗ୍ରହ। ରଥଯାତ୍ରା ସମୟରେ ମାଉସୀ ମା' ମନ୍ଦିର ଖୁବ୍ ଚଳଚଞ୍ଚଳ ହୋଇଉଠେ ଏବଂ ଭକ୍ତଙ୍କ ପାଇଁ ପାଲଟି ଯାଏ ବିଶେଷ ଆକର୍ଷଣ। ବିଧି ଅନୁସାରେ ଶ୍ରୀଗୁଣ୍ଡିଚା ଦିନ ମାଉସୀ ମା' ମନ୍ଦିର ନିକଟରେ ତିନି ରଥ ଟିକେ ଅଟକିଯାଏ ଏବଂ ଭାଇ ଭଉଣୀ ମାଉସୀ ମା'ଙ୍କୁ ସାକ୍ଷାତ କରି ତରତର ହୋଇ ଚାଲି ଯାଆନ୍ତି ଗୁଣ୍ଡିଚା ମନ୍ଦିର ଅଭିମୁଖେ। ହେଲେ ଭୁଲାନ୍ତିନି ସେ ମାଉସୀ ମା'ଙ୍କୁ ମନେ ପକାଇ ଦେଇ ଯାଆନ୍ତି ପୋଡ଼ପିଠା କଥା। ନବଦିନ ଯାତ୍ରା ସାରି ଫେରିବା ବେଳେ ଅର୍ଥାତ୍ ବାହୁଡ଼ା ଦିନ ମାଉସୀ ମା' ମନ୍ଦିର ପାଖରେ ତିନିରଥ ପୁଣି ଅଟକେ ଏବଂ ମାଉସୀ ମା' ମନ୍ଦିର ପକ୍ଷରୁ ଶ୍ରୀଜୀଉଙ୍କୁ ଅର୍ପଣ କରାଯାଏ ପୋଡ଼ପିଠା। ଏହି ପିଠା ପ୍ରତି ମହାପ୍ରଭୁଙ୍କର ଲକ୍ଷପଣ ହିଁ ମାଉସୀ ମା'ଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଓ ଆତ୍ମୀୟତା। ସତରେ ବାତ୍ସଲ୍ୟ ମମତାର ବନ୍ଧନ କେତେ ଶକ୍ତ ତା'ର ଏକ ଜ୍ୱଳନ୍ତ ନିଦର୍ଶନ ହେଉଛି ରଥଯାତ୍ରା ଓ ମାଉସୀ ମା' ମନ୍ଦିରରେ ପ୍ରଚଳିତ ବିଧି।

ପଟ୍ଟାଦେହ୍ୱା, ମୟୂରଭଞ୍ଜ
ମୋ:୯୪୩୮୮୫୫୦୮୮



# ଏବେବି ଜୀବନ୍ତ-ସ୍ମୃତିର ସ୍ତବକ

ଶୁଭେନ୍ଦୁ ମହାନ୍ତି

## ଦୂରଦର୍ଶନ ଓଡ଼ିଆ ସମାଚାର ଜୟନ୍ତୀ ଅବସରରେ

ଇତିହାସ ଆଇନାରେ ପ୍ରତିବିମ୍ବିତ ହୁଏ ଅତୀତର ଅନେକଟି ପୃଷ୍ଠା ଆଉ ଛବି। ତନ୍ମଧ୍ୟରୁ କେତୋଟି ସମୟକ୍ରମେ ଝାପସା ହୋଇଆସୁଥିବା ବେଳେ ନିର୍ଦ୍ଦିଷ୍ଟ କେତୋଟି ମୁହୂର୍ତ୍ତ ସବୁଦିନ ପାଇଁ ଜୀବନ୍ତ ଆଉ ଜ୍ୱଳନ୍ତ ଘଟଣା ଭାବେ ଭବିଷ୍ୟତର ଦିଗ୍‌ବଳୟକୁ ନିମନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ବର୍ତ୍ତମାନର ଜୀବନକୁ କରିଦିଏ ଚଳଚଞ୍ଚଳ। ଏପରି ଏକ ଐତିହାସିକ ମୁହୂର୍ତ୍ତ ଆସିଥିଲା ଓଡ଼ିଶାର ଦୂରଦର୍ଶନକୁ। ୧୯୮୮ ମସିହା ଜୁଲାଇ ପହିଲା ସନ୍ଧ୍ୟା ୬ଟା ୩୦ ମିନିଟ୍ ଦୂରଦର୍ଶନ କେନ୍ଦ୍ର କଟକର ସମସ୍ତ ଅଧିକାରୀ ତଥା କର୍ମଚାରୀଙ୍କ ବଢ଼ିଗଲା ହୃତ୍‌ସ୍ପନ୍ଦନ।

"ନମସ୍କାର। ସ୍ୱାଗତ କରୁଛୁ ଆଜି ସନ୍ଧ୍ୟାର ସମାଚାରକୁ...

ଉପସ୍ଥାପିକା ଥିଲେ ସେ ସମୟର ଜଣାଶୁଣା ଦୂରଦର୍ଶନ ଘୋଷିକା ସଂଘମିତ୍ରା କାନୁନଗୋ। ମାତ୍ର ଦଶ ମିନିଟ୍ର ସମାଚାର ପ୍ରସାରଣରେ ସମଗ୍ର ରାଜ୍ୟରେ ଖେଳିଯାଇଥିଲା ଆନନ୍ଦର ଲହରି, ପୂରଣ ହୋଇଥିଲା ରାଜ୍ୟବାସୀଙ୍କର ଆକାଂକ୍ଷା, ବାସ୍ତବ ରୂପ ନେଇଥିଲା ସେମାନଙ୍କର ବହୁ ଦିନର ସ୍ୱପ୍ନ।

ତେବେ ଏହି ଐତିହାସିକ ଅଭିଯାନର ପୃଷ୍ଠଭୂମିରେ ଥିଲେ କଟକ ଦୂରଦର୍ଶନ କେନ୍ଦ୍ରର ତତ୍କାଳୀନ ନିର୍ଦ୍ଦେଶିକା- ବୀଣା ଦେବୀ, ସମାଚାର ସମ୍ପାଦକ ରିଗିଧାରୀ ମହାନ୍ତି, ପ୍ରଯୋଜକ- ଉରିରଞ୍ଜନ ମିଶ୍ର ଏବଂ ଶରତ୍ ମହାନ୍ତି ତଥା ଦୂରଦର୍ଶନର ସମସ୍ତ କର୍ମଚାରୀ। ସେଇ ସନ୍ଧ୍ୟାର ରୋମାଞ୍ଚ, ଓଡ଼ିଶାରେ ଦୂରଦର୍ଶନ ସହ ଜଡ଼ିତ ସମସ୍ତ ସୃଜନଶୀଳ ହୃଦୟରେ ଆଜି ବି ଅଣିଦେଉଥାଏ ସ୍ପନ୍ଦନର ପୁଲକ। ୧୯୮୭ ମସିହାରେ କଟକ ତୁଳସୀପୁରସ୍ଥିତ ଦୂରଦର୍ଶନ କେନ୍ଦ୍ରରେ ଉଚ୍ଚକ୍ଷମତାସମ୍ପନ୍ନ ଟ୍ରାନ୍ସମିଟର ସ୍ଥାପିତ ଓ କାର୍ଯ୍ୟକ୍ଷମ ହେବାପରେ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମଗୁଡ଼ିକର ସିଧାପ୍ରସାରଣ। ନିର୍ଦ୍ଦେଶିକା ବୀଣା ଦେବୀଙ୍କ ଉଦ୍ୟମକ୍ରମେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟରୁ ବିଧିବଦ୍ଧ ଅନୁମତି ଆସିବା ପରେ ସମାଚାର ପାଇଁ ଆରମ୍ଭ ହୋଇଯାଇଥିଲା ପ୍ରସ୍ତୁତି ପର୍ବ। କାର୍ଯ୍ୟକ୍ରମ ବିଭାଗ, ବୈଷୟିକ ବିଭାଗ ଏବଂ ପ୍ରଥମ ସମାଚାର ବିଭାଗର ମିଳିତ ଉଦ୍ୟମରେ ଜୁଲାଇ ପହିଲା - ୧୯୮୮ରୁ ୧୦ ମିନିଟ୍‌ର ସମାଚାର ପ୍ରତି ସନ୍ଧ୍ୟା ୬.୩୦ରେ ସିଧାପ୍ରସାରଣ ପାଇଁ ଆୟୋଜନ ହୋଇଥିଲା। ତା'ର କିଛି ଦିନ ପୂର୍ବରୁ ସମାଚାର ଉପସ୍ଥାପିକା/ଉପସ୍ଥାପକଙ୍କ ଚୟନ ପ୍ରକ୍ରିୟା ଶେଷ ହୋଇଥିଲା। ସେ ସମୟର ମନୋନୀତ ପ୍ରାର୍ଥୀଙ୍କ ମଧ୍ୟରେ ଥିଲେ - ଦଣାଶ ମିଶ୍ର, ତାରା ପ୍ରସାଦ ଷଡ଼ଙ୍ଗୀ, କ୍ଷୀରପ୍ରଭା ଷଡ଼ଙ୍ଗୀ, ମନୋଜ ପଣ୍ଡା, ଧୀର ମଲ୍ଲିକ, ତନ୍ଦ୍ରା ରାୟ, ଶୁଭେନ୍ଦୁ ମହାନ୍ତି ଓ ସ୍ନେହଲତା ମିଶ୍ର ଆଦି ଆଉ କେତେ ଜଣ। ସଂଘମିତ୍ରା କାନୁନଗୋ ପ୍ରଥମ ଆଠଟି ସନ୍ଧ୍ୟାରେ ସମାଚାର ପାଠ କରିବା ପରେ ସାମୟିକ ଉପସ୍ଥାପନାମାନଙ୍କ ମଧ୍ୟରୁ ପ୍ରଥମେ ଏହି ଲେଖକଙ୍କୁ ଏକବିଂଶକ୍ରମେ ୧୦ ଦିନ ସମାଚାର ଉପସ୍ଥାପନା କରିବାର ସୁଯୋଗ ମିଳିଥିଲା। ମନେପଡ଼େ ସେ ସମୟର କେତେଟି କଥା। ପୁରୁଣା, ଛୋଟିଆ ଘରେ ହାତରେ ଲେଖାଯାଇଥିଲା ସମାଚାରର ପ୍ରତିଟି ପୃଷ୍ଠା। ନଥିଲା ଟେଲି ପ୍ରମ୍ପଟର ମେସିନ ବା ଇୟର ଫୋନ୍ ବ୍ୟବସ୍ଥା। ପ୍ରଯୋଜକଙ୍କର ନିର୍ଦ୍ଦେଶକୁ ଫ୍ଲୋର ମ୍ୟାନେଜରଙ୍କ ସଙ୍କେତ ମାଧ୍ୟମରେ ବୁଝି ସମାଚାର ପାଠ କରିବାକୁ ହେଉଥିଲା। ଉପସ୍ଥାପନାକୁ ଆକର୍ଷଣୀୟ କରିବା ପାଇଁ ଆମେ ସମାଚାରର ପ୍ରଥମ କେତୋଟି ଧାଡ଼ି ମନେ ରଖିଦେଉଥିଲୁ। ସେ ସମୟର ସିଗ୍‌ନେଚର ଇମେଜ୍ ଟ୍ୟୁନ୍‌କୁ ପ୍ରସ୍ତୁତ କରିଥିଲେ ତତ୍କାଳୀନ ସମାଚାର ପ୍ରଯୋଜକ- ଉରିରଞ୍ଜନ ମିଶ୍ର ଓ ଶରତ୍ ମହାନ୍ତି।

ଇତିମଧ୍ୟରେ ଓଡ଼ିଆ ସମାଚାର ଅନେକଟି ପାହାଚ ଅତିକ୍ରମ କରି ଦର୍ଶକଙ୍କ ବିଶ୍ୱାସଭାଜନ ହୋଇପାରିଛି। ସମାଚାର ନିର୍ଦ୍ଦେଶକ ସଞ୍ଜୟ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୯୯୯ ମସିହା ମହାବାତ୍ୟା ଓ ଭୟାବହ ବାରିପଦା ଅଗ୍ନିକାଣ୍ଡର ଖବରକୁ ଦେଶ ତଥା ବିଦେଶରେ କୋଣ ଅନୁକୋଣରେ ପ୍ରସାରଣ କରି ଓଡ଼ିଆ ସମାଚାରର ଗୌରବ ବୃଦ୍ଧିରେ ସହାୟକ ହୋଇଥିଲା। ତା'ଛଡ଼ା ବାର୍ଷିକ ସମ୍ବାଦ ପତ୍ରିକା 'ଫର୍ଦ୍ଦ', ସକାଳ ଓ ଅପରାହ୍ନ ୩ଟା ସମାଚାର, ଯୁଗଳ ସମ୍ବାଦ ପାଠିକା/ପାଠକଙ୍କ ଦ୍ୱାରା ସମାଚାର ଉପସ୍ଥାପନା କ୍ଷେତ୍ରରେ ତତ୍କାଳୀନ ସମାଚାର ନିର୍ଦ୍ଦେଶକ ସଞ୍ଜୟ ରାଉତ ଓ ପ୍ରଯୋଜକ ନୀଳାଦ୍ରି ମୋହନ ଶତପଥୀଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ଥିଲା। ସାମ୍ପ୍ରତିକ ଘଟଣାବଳୀ ଉପରେ ଆଧାରିତ 'ପରିକ୍ରମା' ଏବେ ବେଶ୍ ଲୋକପ୍ରିୟ ହୋଇପାରିଛି। ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ସିଧା ପ୍ରସାରଣ ସମାଚାରକୁ ଲୋକାଭିମୁଖୀ କରାଇଛି।

୧୯୯୨ ମସିହାରେ କଟକରୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହେବା ପରେ ସମାଚାରର ରୂପରେଖରେ କେତୋଟି ଆଶାଜନକ ପରିବର୍ତ୍ତନ ହୋଇପାରିଛି। ଟେଲି ପ୍ରମ୍ପଟର, ଇୟର ଫୋନ୍, ଭର୍ଚୁଆଲ୍ ଷ୍ଟୁଡିଓ ଆଦି କେତେକ ବୈଷୟିକ ସୁବିଧା ସମାଚାରକୁ ଅନେକ ପରିମାଣରେ ସମୃଦ୍ଧ କରିଛି। ଏ କ୍ଷେତ୍ରରେ ଅବସରପ୍ରାପ୍ତ ସମାଚାର ପ୍ରଯୋଜକ ଦୁର୍ଗା ଦତ୍ତ କାନୁନଗୋଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ତଥାପି ଓଡ଼ିଆ ସମାଚାରକୁ ଓଡ଼ିଶାରେ ସର୍ବାଧିକ ଲୋକପ୍ରିୟ କରାଇବା ପାଇଁ ଆବଶ୍ୟକ ସୂଚନା ଓ ପ୍ରସାରଣ ମନ୍ତ୍ରୀ, କେନ୍ଦ୍ରରେ ଅବସ୍ଥାପିତ ଦୁଇ ଓଡ଼ିଆ କେନ୍ଦ୍ରମନ୍ତ୍ରୀ, ରାଜ୍ୟର ବୁଦ୍ଧିଜୀବୀ ତଥା ଦର୍ଶକଙ୍କ ଶ୍ରଦ୍ଧା ଓ ସହଯୋଗ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଧିକ ଆର୍ଥିକ ତଥା ବୈଷୟିକ ସହାୟତା ମିଳିଲେ ଓଡ଼ିଆ ସମାଚାରରେ ବର୍ତ୍ତମାନ ଅବସ୍ଥାପିତ ଅଧିକାରୀ, କର୍ମଚାରୀମାନେ ସେମାନଙ୍କର ଅଭିନବ ସୃଜନଶୀଳତାକୁ ଅନେକ ମାତ୍ରାରେ ରୂପାୟନ କରିପାରନ୍ତେ। ଘରୋଇ ଚ୍ୟାନେଲଗୁଡ଼ିକ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରି ସମାଚାର ଉପସ୍ଥାପନା କରୁଛନ୍ତି। ହେଲେ ଲୋକସେବା ପ୍ରସାରଣକାରୀ ସଂସ୍ଥା ଦୂରଦର୍ଶନ ତା'ର ମୌଳିକତା ବଜାୟ ରଖି ଖବର ପ୍ରସାରଣ କରୁଥିବାରୁ ତାହାର ଏକ ଭିନ୍ନ ଚାହିଦା ରହିଛି, ଯାହା ସତ୍ୟମ୍ ଶିବମ୍ ସୁନ୍ଦରମ୍‌ର ସ୍ୱପ୍ନକୁ ଚରିତାର୍ଥ କରିପାରିଛି।

ସି/୧୨୨୨, ସିଡିଏ, ସେକ୍ଟର-୬, ମର୍କତନଗର, କଟକ, ମୋ: ୯୨୩୮୫୨୬୦୩୦

## ଏଇ ଭାରତରେ

ସହରରେ ରହି ଦୀର୍ଘ ବର୍ଷ ଧରି ପାଣି ସମ୍ବାଦରେ ଟଙ୍କାଟିଏ ବ୍ୟୟ ନ କରିବା କଥା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଏମିତି କରୁଛନ୍ତି ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ସହରର ଜଗନ୍ନାଥରାଜୁ ନଗର କଲୋନିର ବାସିନ୍ଦା। ସେମାନେ ୨୨ ବର୍ଷ ମଧ୍ୟରେ ବୁନ୍ଦାଏ ପାଣି ବି କିଣିନାହାନ୍ତି। କଲୋନିରେ ୧,୫୦୦ ଘର ରହିଛି। ସେଠାରେ ଜଗନ୍ନାଥରାଜୁ ନଗର ବାସିନ୍ଦା ବିକାଶ ସଂଘ (ଆର୍‌ଡବ୍ଲ୍ୟୁଏ)ର ସଭାପତି କେ.ଏସ୍.ଆର୍ ମୂର୍ତ୍ତି କଲୋନି ବାସିନ୍ଦାଙ୍କ ସହଯୋଗରେ ଜଳକୁଣ୍ଡ ନିର୍ମାଣ କରି ବର୍ଷାଜଳ ସଂରକ୍ଷଣ କରୁଛନ୍ତି। କଲୋନିର ବହୁ ପରିତ୍ୟକ୍ତ କୂଅ ଓ ସମ୍ପକୁ ବି ପାଣିକୁଣ୍ଡରେ ପରିଣତ କରିଛନ୍ତି ମୂର୍ତ୍ତି। ଛାତରୁ ପାଇପ ଯୋଗେ ସଂଯୋଗ କରାଯାଇ ପାଣି ସଂଗ୍ରହ କରାଯାଉଛି। ଏହି ପାଣିକୁ ବିଶୋଧନ କରାଯାଇ ଲୋକମାନେ ପିଇବା ଲାଗି ବ୍ୟବହାର କରୁଛନ୍ତି। ଏହାବ୍ୟତୀତ କଲୋନି ରାସ୍ତାର ଦୁଇ ପାର୍ଶ୍ୱରେ ବି ୧୫ଟି ୪ଫୁଟ୍ ଲମ୍ବ ୪ଫୁଟ୍ ଚଉଡ଼ା ଓ ୫ ଫୁଟ୍ ଗଭୀରର କୁଣ୍ଡ ନିର୍ମାଣ କରାଯାଇ ବର୍ଷାଜଳ ସଂଗ୍ରହ ହେଉଛି। ପ୍ରତିଟି କୁଣ୍ଡ ନିର୍ମାଣ କରିବାରେ ବ୍ୟୟ କରୁଛନ୍ତି ୭,୦୦୦ଙ୍କା। ଏହି ପାଣିକୁ ପରିଷ୍କାର କରିବା ପାଇଁ କୁଣ୍ଡ ଭିତରେ ବଡ଼ୁରି ଗୋଡ଼ି, ବାଲି ଓ ଛୋଟ ପଥରଖଣ୍ଡ ରଖାଯାଇ ବିଭିନ୍ନ କାର୍ଯ୍ୟରେ ଲଗାଯାଉଛି। ଏହାଦ୍ୱାରା ବର୍ଷାଦିନେ ରାସ୍ତାରେ ବର୍ଷାଜଳ ଅଟକି ସମସ୍ୟା ସୃଷ୍ଟି କରୁନାହିଁ କି ଖରାଦିନେ ପାଣି ସମସ୍ୟା ଦେଖାଯାଉନି ବୋଲି କହନ୍ତି ମୂର୍ତ୍ତି। ବିଶାଖାପାଟଣା ସହରର ଅନ୍ୟ ସ୍ଥାନରେ ୨୦୦ ଫୁଟ୍ ଗଭୀରରେ ଭୂତଳ ଜଳସ୍ତର ରହୁଥିବାବେଳେ ଏହି କଲୋନି ଓ ତା' ଆଖପାଖରେ ୫୦ଫୁଟ୍‌ରେ ଜଳସ୍ତର ରହୁଛି। ଏହି କାର୍ଯ୍ୟ ଲାଗି ଆର୍‌ଡବ୍ଲ୍ୟୁଏକୁ କେନ୍ଦ୍ର ଜଳ ସଂଶାଧନ ମନ୍ତ୍ରଣାଳୟ ପକ୍ଷରୁ ପୁରସ୍କୃତ କରାଯାଇଛି। ବର୍ଷକୁ ଏହି କୁଣ୍ଡଗୁଡ଼ିକରେ ୭.୪୫ ଲକ୍ଷ ଲିଟର ପାଣି ସଂରକ୍ଷଣ କରାଯାଉଛି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | D | 7 | | | 8 | | | 9 | | | | |
| C | A | | 1 | | 8 | E | 9 | | | | | D | | |
| D | 3 | 7 | | | | A | | | | 8 | | | | |
| | | | | | | 2 | | | 6 | | | | | B |
| | E | 6 | | B | | | 3 | | | | 0 | | C | |
| | | | | 3 | | | 4 | D | B | | | | | 7 |
| | 2 | 3 | 5 | | | | | | | 6 | A | | E | |
| | C | | | | E | 0 | 6 | | | | | 8 | | 1 |
| | 8 | | 4 | D | | | | 5 | E | | | 6 | | |
| | 4 | 1 | | A | 6 | | | | 2 | 5 | | | | |
| 8 | 7 | 0 | B | | | | C | 1 | | | | | 5 | |
| | | | 9 | | | 0 | | | | | | | 8 | 4 |
| | | | | | 0 | 3 | B | | | 2 | | A | | |
| | | | E | 2 | | | 8 | | | 1 | | | | |
| | | 1 | 9 | 8 | | | D | | 5 | | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 2 | A | 4 | D | 1 | 6 | C | B | 7 | 9 | 0 | 8 | 5 | 3 |
| 3 | 8 | 0 | 2 | 5 | 9 | 4 | D | 1 | A | C | E | 7 | B | 6 |
| 1 | 4 | 6 | C | 7 | E | 9 | 0 | 8 | 5 | B | 3 | D | 2 | A |
| 5 | 9 | D | 3 | A | B | E | 2 | 7 | 6 | 8 | 1 | 4 | 0 | C |
| B | C | 7 | 0 | 8 | 6 | A | 3 | 5 | 4 | 2 | D | 9 | E | 1 |
| D | 7 | 2 | 5 | 9 | C | B | A | 0 | 1 | E | 4 | 3 | 6 | 8 |
| 4 | B | 8 | D | E | 3 | 7 | 5 | 9 | 2 | 6 | A | C | 1 | 0 |
| C | 0 | E | 1 | 6 | A | 2 | 8 | 3 | 9 | 7 | B | 5 | D | 4 |
| 9 | 6 | 3 | 8 | 2 | 4 | D | 1 | C | 0 | 5 | A | 7 | B | E |
| A | 1 | 5 | 7 | B | 0 | C | 6 | 4 | D | 3 | 8 | 2 | 9 | [illegible] |
| 0 | D | B | 9 | 4 | 2 | 5 | E | C | 8 | A | 6 | 1 | 3 | 7 |
| 8 | E | C | B | 1 | D | 0 | 9 | 2 | 3 | 4 | 7 | 6 | A | 5 |
| 2 | 3 | 4 | A | C | 5 | 1 | 7 | 6 | E | 0 | 9 | B | 8 | D |
| 7 | 5 | 1 | 6 | 0 | 8 | 3 | B | A | C | D | 2 | E | 4 | 9 |
| 6 | A | 9 | E | 3 | 7 | 8 | 4 | D | B | 1 | 5 | 0 | C | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସହାୟତା ନ ମିଳିବାର କାରଣ କ'ଣ

ମହାଶୟ,

ବିଗତ ଫନୀ ବାତ୍ୟା ପରେ ପତ୍ର ପ୍ରେରକର ଖାତା ନଂ ୨୦୦, ପ୍ଲଟ୍ ନଂ ୧୪୮୬ର ଜମିରେ ମୁଗ ଫସଲ ଉଜୁଡ଼ି ଯାଇଥିବାର ତଦନ୍ତ କରି ସାକ୍ଷୀଗୋପାଳ କୃଷି କାର୍ଯ୍ୟାଳୟ ଅଧିକାରୀ ଫଟୋ ଉଠାଇ ନେଇ ନାମ ପଞ୍ଜୀକରଣ କରି ସହାୟତା ମିଳିବ ବୋଲି ଜଣାଇଲେ, ଯାହା ଅଦ୍ୟାବଧି ମିଳିନାହିଁ। ସେହିପରି କାଳିଆ କୃଷି ସହାୟତା ପାଇବା ପାଇଁ ସତ୍ୟବାଦୀ (ସାକ୍ଷୀଗୋପାଳ) କୃଷିଭିଲାରେ ଚିହ୍ନିତ/ବିଜ୍ଞାପିତ ଥିବାବେଳେ ପତ୍ରପ୍ରେରକଙ୍କୁ ଅଦ୍ୟାବଧି ପ୍ରଥମ କିସ୍ତି ମିଳିନି। ଏଥିପାଇଁ ସହାୟକ କେନ୍ଦ୍ରରେ ଦରଖାସ୍ତ କରିବାରୁ ରାମଚନ୍ଦ୍ର ଦାଶ, ପିତା ସ୍ୱର୍ଗତ କେଳୁ ଦାଶ ନାମରେ ଫୋନ୍ ନଂ. ୪୯୮୩୫୫୮୨୦ ମିଳିଥିଲେ ବି ଏବେଯାଏ କାଳିଆ ପ୍ରଥମ କିସ୍ତି ମିଳିନାହିଁ। ପ୍ରଧାନମନ୍ତ୍ରୀଙ୍କ କୃଷି ସହାୟତା ବି ପାଇପାରିନାହିଁ। ବ୍ୟାଙ୍କରେ ପାସ୍‌ବୁକ୍ ଥିଲେ ମଧ୍ୟ ଜନଧନ ଯୋଜନା ରାଶିରୁ ବଞ୍ଚିତ ହୋଇଛି। ୪ଟି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅନୁରୋଧ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗବକୁଣ୍ଡ, ପୁରୀ

## କରୋନା ଏକାଠି ବସେଇ ଖୁଏଇ ପାରିଲା

ସମ୍ପ୍ରତି ସାରା ବିଶ୍ୱ ନିଜ ଘରେ ବନ୍ଦୀ। ଆପଣାର ଲୋକ ବି ଏକ ମିଟର ଦୂରରେ। କରୋନା ଭୂତାଣୁ ସମସ୍ତଙ୍କୁ ମାରି ଗୋଡ଼ାଉଛି। ଇତ୍ୟବସରରେ କେନ୍ଦ୍ର ଏବଂ ରାଜ୍ୟ ସରକାର ଲକ୍‌ଡାଉନ ଓ ସଟ୍‌ଡାଉନ ଲାଗୁ କରି କିଛି କିଛି କଟକଣା ଜାରି କରିଛନ୍ତି, ଯଦ୍ୱାରା କେହି କାହାରିକୁ ଛୁଇଁ ପାରିବେ ନାହିଁ। ଦୂରତା ବଜାୟ ରହିବ। ଏହାଦ୍ୱାରା ରୋଗ ପ୍ରଶମିତ ହେବ। କରୋନା ମହାମାରୀ ସଂକ୍ରମଣ ହେବା ପୂର୍ବରୁ ଗଣିଷ ଏତେ ବ୍ୟସ୍ତ ଥିଲା ଯେ ପରିବାରର ସବୁ ସଦସ୍ୟ କେତେବେଳେ ଏକାଠି ବସି ଖାଇବା ସମ୍ଭବ ନ ଥିଲା। ବାପା ଚାକିରି କିମ୍ବା ବ୍ୟବସାୟରେ ବ୍ୟସ୍ତ, ପୁଅର ବାହାରେ ଧନ୍ଦା, ଝିଅ ଛାତ୍ରାବାସରେ ରହି ପାଠ ପଢୁଛି, ଭାଇ ବିଦେଶରେ। କରୋନା ଭୟ ଯୋଗୁ ସମସ୍ତେ ଘରକୁ ଫେରିଆସିଲେ। ଲକ୍‌ଡାଉନ୍‌ରେ ରହିଲେ। ଏକାଠି ଖାଇଲେ, ପରିବାର ପରିବାର ଭଳି ଦିଶିଲା। କରୋନା ଏତିକି ଲାଭ କଲା।

କମଳାକାନ୍ତ ପଣ୍ଡା, ମାର୍କୋଣା, ବାଲେଶ୍ୱର

## ଚିରନ୍ତନୀ


ଅନ୍ଧକାରେ
ଗନ୍ଧ କା'ର
ଆସିଲା ଏଥି ଛୁଟି
ଚରଣ କା'ର କମଳ ସମ ଉଠିଲା
ଆହା ଫୁଟି! (ସନ୍ଧ୍ୟା ପଥେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଘୂର୍ଣ୍ଣିବଳୟ: ୧୦ ଜିଲାରେ ବର୍ଷା ସମ୍ଭାବନା**

ଭୁବନେଶ୍ୱର,(ବ୍ୟୁରୋ)-ଉତ୍ତର ଛତିଶଗଡ଼ ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏଥିସହିତ ଉତ୍ତର ପୂର୍ବ ବିହାର ଏବଂ ଉତ୍ତର ଓଡ଼ିଶା ଉପକୂଳ ଦେଇ ଏକ ଟ୍ରପ୍ ଲାଇନ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ବରଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଏବଂ ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୪ ତାରିଖ ଯାଏ ରାଜ୍ୟର ଆଭ୍ୟନ୍ତରୀଣ ଏବଂ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।




# ଆଜି ବାହୁଡ଼ିବେ ମହାପ୍ରଭୁ



ରଥରେ ଚାରମାଳ ବନ୍ଧାଯାଉଛି।

**ପୁରୀ ଅଫିସ,୩୦।୬**

■ମଧ୍ୟାହ୍ନ ୧୨ଟାରେ ରଥଟଣା
■ସିଂହଦ୍ୱାରରେ ତିନିରଥ ପହଞ୍ଚାଇବାକୁ ନିଷ୍ପତ୍ତି
■ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ହେବ
■ସରିଲା ସନ୍ଧ୍ୟା ଦର୍ଶନ

ଜନ୍ମବେଦିରେ ସରିଛି ମହାପ୍ରଭୁଙ୍କ ଲୀଳାଖେଳା। ମହାମାରୀ କରୋନା ପାଇଁ ଭକ୍ତଶୂନ୍ୟ ନବଦିନାତ୍ମକ ଯାତ୍ରା ଶେଷ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ଏବେ ଜନ୍ମବେଦିରୁ ରତ୍ନବେଦିକୁ ବାହୁଡ଼ିବା ଲାଗି ପ୍ରସ୍ତୁତ ହେଉଛନ୍ତି। ଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପରେ ୭ ଦିନର ରହଣି ପରେ ବୁଧବାର ଭଉଣୀଭାଇଙ୍କୁ ସାଥିରେ ଧରି ଶ୍ରୀମନ୍ଦିର ଅଭିମୁଖେ ବାହୁଡିବେ କାଳିଆ ଠାକୁର। ଏଥିପାଇଁ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରରେ ଅପେକ୍ଷା କରି ରହିଛନ୍ତି ତିନି ରଥ। ରଥଗୁଡ଼ିକୁ ମହାରଣା ସେବକ ଓ ରଥ ବିଶେଷଜ୍ଞ କମିଟି ଯାଞ୍ଚ କରିସାରିଛନ୍ତି। ଅନ୍ୟପକ୍ଷରେ ବାହୁଡ଼ା ଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

ମଙ୍ଗଳବାର ଥିଲା ସନ୍ଧ୍ୟା ଦର୍ଶନ। ଏଥର ଭକ୍ତଙ୍କୁ ଦର୍ଶନ ସୁଯୋଗ ମିଳୁ ନ ଥିବାରୁ ନୀତିକାନ୍ତି ସ୍ୱାଭାବିକ ରହିଥିଲା। ସୋମବାର ରାତି ୩ଟା ୧୦ରେ ଦ୍ୱାରଫିଟା ଯାଇ ମଙ୍ଗଳବାର ଭୋର ୪ଟା ୫ରେ ହୋଇଥିଲା ମଙ୍ଗଳ ଆଳତି। କରୋନା ପାଇଁ ଭକ୍ତଙ୍କୁ ମନ୍ଦିର ଭିତରକୁ ଛଡ଼ାଯାଉ ନ ଥିବାରୁ ନୀତିକାନ୍ତି ସଅଳ ଚାଲିଥିଲା। ସକାଳ ୮ଟା ପରେ ବାହାରିଥିଲା ଆଡ଼ପ ଅବଡ଼ା। ଭକ୍ତମାନେ ସୁବିଧାରେ ଏହା ପାଇ ପାରିଥିଲେ। ଏହାପରେ ଦ୍ୱିତୀୟ ଭୋଗମଣ୍ଡପ, ତୃତୀୟ ଭୋଗମଣ୍ଡପ ଉଠିଥିଲା। ଅପରାହ୍ନ ୧ଟା ୫ରେ ସରିଥିଲା ସନ୍ଧ୍ୟା ଆଳତି। ସେହିପରି ୨ଟା ୨୫ରେ ସନ୍ଧ୍ୟା ଧୂପ ଶେଷ ହୋଇଥିଲା। ଏହାପରେ ଅନ୍ୟାନ୍ୟ ନୀତି ବଢି ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାବିଗ୍ରହଙ୍କ ପହୁଡ଼ ଆଳତି ଓ ଶ୍ରୀମୁଖ ଖଣ୍ଡୁଆ ନୀତି ସମ୍ପନ୍ନ ହୋଇଥିଲା। ପରେ ମହାପ୍ରଭୁଙ୍କ ବାହୁଟକଣ୍ଠି, ଚାରବନ୍ଧା ଓ କୁସୁମି ଲାଗି ନୀତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ ବୁଧବାର ଭୋର ୪ଟାରେ ମଙ୍ଗଳ ଆଳତି ହେବ। ଠାକୁର ଖେଚୁଡ଼ି ଭୋଗ ଖାଇସାରି ଶ୍ରୀମନ୍ଦିର ଅଭିମୁଖେ ବାହାରିବେ। ସକାଳ ୭ଟା ୪୫ରେ ମଙ୍ଗଳାର୍ପଣ ଓ ୮ଟାରେ ବାହୁଡ଼ା ପହଣ୍ଡି ଆରମ୍ଭ ହେବ। ପୂର୍ବାହ୍ନ ସାଢେ ୧୦ଟାରୁ ସାଢେ ୧୧ଟା ମଧ୍ୟରେ ଛେରାପହଁରା ନୀତି ବଢି ମଧ୍ୟାହ୍ନ ୧୨ଟାରେ ରଥଟଣା ଆରମ୍ଭ ହେବ।

ରଥଟଣା ସରିବା ପରେ ରଥ ଉପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ। ବାହୁଡ଼ା ପରଦିନ ଅର୍ଥାତ୍ ଗୁରୁବାର ସୁନାବେଶ ରହିଛି। ତେଣୁ ବାହୁଡ଼ା ଦିନ ହିଁ ସିଂହଦ୍ୱାରରେ ତିନିରଥ ପହଞ୍ଚାଇବା ଲାଗି ପ୍ରଶାସନ ସ୍ଥିର କରିଛି। ଆବଶ୍ୟକ ପଡ଼ିଲେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇ ରାତିରେ ରଥ ଟଣାଯାଇ ସିଂହଦ୍ୱାରରେ ପହଞ୍ଚାଇବାର ଯୋଜନା ରହିଛି ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ଦାରୁବିଗ୍ରହଙ୍କ ବାହୁଡ଼ା ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି।

# କରୋନା ମୃତ୍ୟୁସଂଖ୍ୟା ୨୫ ଛୁଇଁଲା

**ଭୁବନେଶ୍ୱର,୩୦।୬(ବ୍ୟୁରୋ)**

■ଆଉ ୨୦୬ ଆକ୍ରାନ୍ତ ଚିହ୍ନଟ, ୨୪୩ ସୁସ୍ଥ
■୭ ହଜାର ଟପିଲା ସଂକ୍ରମିତଙ୍କ ସଂଖ୍ୟା

ରାଜ୍ୟରେ ଆଉ ୨ ଜଣଙ୍କ ଜୀବନ ନେଇଛି କରୋନା ଭୂତାଣୁ। ମୃତକ ଦୁଇ ଜଣ ଗଞ୍ଜାମ ଜିଲାର ବୋଲି ଜଣାପଡ଼ିଛି। ପୂର୍ବରୁ କରୋନାରେ ଗଞ୍ଜାମ ଜିଲାରେ ୧୨ ଜଣଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ଦୁଇ ଜଣଙ୍କର ମୃତ୍ୟୁ ହେବା ପରେ ଜିଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୪ରେ ପହଞ୍ଚିଛି। ଜଣେ ୪୮ ଓ ଅନ୍ୟ ଜଣେ ୪୯ ବର୍ଷୀୟ ମହିଳାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ରାଜ୍ୟରେ ପ୍ରଥମଥର ପାଇଁ କରୋନାରେ ମହିଳାଙ୍କ ମୃତ୍ୟୁ ହୋଇଛି। ଏହା ପୂର୍ବରୁ କରୋନାରେ ମୃତ୍ୟୁ ହୋଇଥିବା ସମସ୍ତ ଆକ୍ରାନ୍ତ ପୁରୁଷ ଥିଲେ। ମଙ୍ଗଳବାର ସୁଦ୍ଧା ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨୫କୁ ବୃଦ୍ଧି ପାଇଛି।

ଅନ୍ୟପକ୍ଷରେ ରାଜ୍ୟର ୨୨ଟି ଜିଲାରୁ ୨୦୬ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୭,୦୬୫କୁ ବୃଦ୍ଧି ପାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୧୯୨ ଜଣ କ୍ୱାରାଣ୍ଟାଇନ୍ କେନ୍ଦ୍ରର ଓ ୧୪ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏମାନଙ୍କ ମଧ୍ୟରେ ମାଲକାନଗିରିରୁ ସର୍ବାଧିକ ୩୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୯ ଜଣ କରୋନା ଯୋଦ୍ଧା ରହିଛନ୍ତି। ସେହିଭଳି ଯାଜପୁରରେ ୨୮ ଜଣ ଆକ୍ରାନ୍ତ ହୋଇଥିବା ବେଳେ କୋରାପୁଟରେ ୧୮, କଟକ ଓ ଜଗତ୍‌ସିଂହପୁରରେ ୧୭ ଜଣ ଲେଖାଏ, ବଲାଙ୍ଗୀରରେ ୧୬, ଦେବଗଡ଼ରେ ୧୫, ମୟୂରଭଞ୍ଜରେ ୭, କେନ୍ଦୁଝର ଓ ଅନୁଗୋଳରେ ୬ ଜଣ ଲେଖାଏ, ବାଲେଶ୍ୱରରେ ୫, ଭଦ୍ରକ, ଢେଙ୍କାନାଳ, କେନ୍ଦ୍ରାପଡ଼ା ଓ ସମ୍ବଲପୁରରେ ୪ଜଣ ଲେଖାଏ, ଗଞ୍ଜାମ ଓ ଝାରସୁଗୁଡ଼ାରେ ୩ ଜଣ ଲେଖାଏ, ସୁନ୍ଦରଗଡ଼ରେ ୨ ଏବଂ ବୌଦ୍ଧ, ନୟାଗଡ଼ ଓ ପୁରୀରେ ଜଣେ ଲେଖାଏ ଆକ୍ରାନ୍ତ ହୋଇଛନ୍ତି। ସେହିପରି ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ମଧ୍ୟରୁ ୨୪୩ ଜଣ ଆରୋଗ୍ୟ ହୋଇଛନ୍ତି। ରାଜ୍ୟରେ ଗୋଟିଏ ଦିନରେ ସର୍ବାଧିକ ରୋଗୀ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଏମାନଙ୍କ ମଧ୍ୟରେ ଗଜପତିରୁ ୫୯, ଗଞ୍ଜାମ ୪୧, ଖୋର୍ଦ୍ଧା ୩୮, କନ୍ଧମାଳ ୧୭, ଝାରସୁଗୁଡ଼ା ୧୫, ସୁନ୍ଦରଗଡ଼ ୧୦, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ାରୁ ୮ ଜଣ ଲେଖାଏ, କୋରାପୁଟ ୭, ବରଗଡ଼ ଓ ମୟୂରଭଞ୍ଜରୁ ୬ ଜଣ ଲେଖାଏ, ଜଗତ୍‌ସିଂହପୁର ୫, କଟକ, ମାଲକାନଗିରି ଓ ନବରଙ୍ଗପୁରରୁ ୪ ଜଣ ଲେଖାଏ ଥିବାବେଳେ ବାଲେଶ୍ୱର ୨ ଓ କଳାହାଣ୍ଡିରୁ ଜଣେ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ଆରୋଗ୍ୟଙ୍କ ସଂଖ୍ୟା ୫ ହଜାର ଟପିଯାଇଛି। ବର୍ତ୍ତମାନ ଓଡ଼ିଶାରେ ୫୧୮୯ ଜଣ ସୁସ୍ଥ ହୋଇସାରିଥିବା ବେଳେ ୧୮୪୪ ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି।

## ପୁରୀକୁ ଯାତ୍ରୀବାହୀ ଟ୍ରେନ୍, ଯାନ ଚଳାଚଳ ବନ୍ଦ

**ଭୁବନେଶ୍ୱର,୩୦।୬(ବ୍ୟୁରୋ)**

ବୁଧବାର ଶ୍ରୀ ଜୀଉଙ୍କ ବାହୁଡ଼ା ଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ସହରକୁ ମଙ୍ଗଳବାର ରାତି ୯ଟାରୁ ଜୁଲାଇ ୨ ତାରିଖ ରାତି ୧୧ଟା ୩୦ ମିନିଟ୍ ଯାଏ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏହି ସମୟରେ ବାହାରୁ କୌଣସି ଯାନବାହନ ପୁରୀକୁ ଯାଇ ପାରିବେ ନାହିଁ। ବିପର୍ଯ୍ୟୟ ପରିଚାଳନା ଆଇନ ୨୦୦୫ ଅନୁଯାୟୀ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି (ଏସ୍‌ଇସି) ନିର୍ଦ୍ଦେଶ କ୍ରମେ ପୁରୀକୁ ଉକ୍ତ ସମୟ ମଧ୍ୟରେ କୌଣସି ଯାତ୍ରୀବାହୀ ଟ୍ରେନ୍ କିମ୍ବା ବସ୍ ଚଳାଚଳକୁ ବାରଣ କରାଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ନେଇ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି।

## ପ୍ରଫେସର ଦଣ୍ଡେଶ୍ୱର ହୋତା ଏସ୍‌ସିବି ପ୍ରିନ୍ସିପାଲ

**କଟକ ଅଫିସ,୩୦।୬**



ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟର ୪୯ତମ ଡିନ୍ ତଥା ପ୍ରିନ୍ସିପାଲ ଭାବେ ୟୁରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ଦଣ୍ଡେଶ୍ୱର ହୋତା ମଙ୍ଗଳବାର ଦାୟିତ୍ୱ ନେଇଛନ୍ତି। ଡା. ଜୟଶ୍ରୀ ମହାନ୍ତି ଅଧ୍ୟକ୍ଷ ପଦବୀରୁ ଅବସର ନେବା ପରେ ଡା. ହୋତାଙ୍କୁ ଡିଏମ୍‌ଇଟି ଏହି ନିଯୁକ୍ତି ଦେଇଛି। ୟୁରୋଲୋଜିରେ ପରବର୍ତ୍ତୀ ବିଭାଗୀୟ ମୁଖ୍ୟ ଯୋଗ ଦେବା ଯାଏ ସେ ଏହି ବିଭାଗର ଦାୟିତ୍ୱ ମଧ୍ୟ ତୁଲାଇବେ। ସେ ଗତ ୧୦ ବର୍ଷଧରି ମେଡିକାଲ କାଉନସିଲ ଅଫ୍ ଇଣ୍ଡିଆର ଓଡ଼ିଶାରୁ ରାଜ୍ୟ ମନୋନୀତ ପ୍ରତିନିଧି ରହିଆସିଛନ୍ତି। ବିଭିନ୍ନ ସମୟରେ ସ୍ନାତକୋତ୍ତର କମିଟି ଓ ସ୍ଥାନାନ୍ତରୀକରଣ କମିଟିର ଅଧ୍ୟକ୍ଷ ଭାବେ ମଧ୍ୟ ସେ କାମ କରିଛନ୍ତି। ୨୦୦୯ରେ ତାଙ୍କ ପ୍ରଚେଷ୍ଟାରେ ଏସ୍‌ସିବିରେ ପ୍ରଥମ କରି ୟୁରୋଲୋଜି ବିଭାଗରେ ଏମ୍‌ସିଏଚ୍ (ମୂତ୍ରାଶୟ ବିଭାଗ ସ୍ନାତକୋତ୍ତର) ପାଠ୍ୟକ୍ରମ ଆରମ୍ଭ ହୋଇଥିଲା। ସେହିପରି ତାଙ୍କରି ପ୍ରଚେଷ୍ଟାରେ ଓଡ଼ିଶାରେ ସରକାରୀ ହସ୍ପିଟାଲରେ କିଡ୍‌ନୀ ପ୍ରତିରୋପଣ ଆରମ୍ଭ ହୋଇଥିଲା ଓ ବର୍ତ୍ତମାନ ସୁଦ୍ଧା ସେ ୨୦୦ରୁ ଅଧିକ କିଡ୍‌ନୀ ପ୍ରତିରୋପଣ କରିସାରିଛନ୍ତି। କାଡାଭରିକ (ମୃତ୍ୟୁ ପରେ) ଅଙ୍ଗ ପ୍ରତିରୋପଣ ପ୍ରକ୍ରିୟା ଆରମ୍ଭ କରାଇବାରେ ମଧ୍ୟ ତାଙ୍କର ଉଲ୍ଲେଖନୀୟ ଭୂମିକା ରହିଥିଲା। ୨୦୧୭ରେ ଦ୍ୱିତୀୟ ଓଡ଼ିଆ ଭାବେ ସେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦିଆଯାଉଥିବା ସବୁଠାରୁ ବଡ଼ ସମ୍ମାନ (ଡା. ବି.ସି. ରାୟ) ଉପାଧି ଲାଭ କରିଥିଲେ। ଏହି ନିଯୁକ୍ତି ପରେ ଡାକ୍ତର ହୋତା ନିଜ ପ୍ରତିକ୍ରିୟାରେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ତୁଲାଇବା ଓ ମେଡିକାଲ ଶିକ୍ଷାର ମାନବୃଦ୍ଧିରେ ନିଜକୁ ନିୟୋଜିତ କରିବେ ବୋଲି କହିଛନ୍ତି।

# କରୋନା ସଂକ୍ରମିତ ନାଲ୍‌କୋ ଅଧିକାରୀଙ୍କ ମୃତ୍ୟୁ

**ଅନୁଗୋଳ ଅଫିସ, ୩୦।୬**

■ସମ୍ବଲପୁରରୁ ଆସୁଥିଲେ ତାଳଚେର କୋଭିଡ୍ ହସ୍ପିଟାଲ
■ସଂସ୍ପର୍ଶରେ ଆସିଥିବା ୧୫ଜଣ କ୍ୱାରାଣ୍ଟାଇନ୍‌ରେ
■ସ୍ତ୍ରୀଙ୍କ ରିପୋର୍ଟ ମଧ ପଜିଟିଭ୍

ଅନୁଗୋଳ ଜିଲାରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋର ଜଣେ ବରିଷ୍ଠ ଅଧିକାରୀଙ୍କ ସୋମବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ସ୍ତ୍ରୀଙ୍କ ସହ ସମ୍ବଲପୁରରେ ଥିବାବେଳେ ସ୍ୱାବ୍ ରିପୋର୍ଟରୁ ସେ କରୋନାରେ ସଂକ୍ରମିତ ବୋଲି ଜଣାପଡ଼ିବା ପରେ ତାଙ୍କୁ ତୁରନ୍ତ ଅନୁଗୋଳ ଜିଲା ତାଳଚେରସ୍ଥିତ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ହେଲେ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ଅନୁଗୋଳ ଜିଲାରେ ଏହା ପ୍ରଥମ କରୋନା ମୃତ୍ୟୁ ବୋଲି ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଏକ ବିଜ୍ଞପ୍ତି (ନଂ. ୩୦୩/ଆବାସିକ)ରେ ସୂଚନା ଦିଆଯାଇଛି।

ପ୍ରକାଶ ଯେ, ନାଲ୍‌କୋର ଏହି ବରିଷ୍ଠ ଅଧିକାରୀ ଗତ ୧୨ରୁ ୧୭ ତାରିଖ ପର୍ଯ୍ୟନ୍ତ ଛୁଟି ନେଇ ସ୍ତ୍ରୀଙ୍କ ସହ ଶାଶୁଙ୍କ ଅନ୍ତ୍ୟେଷ୍ଟିରେ ଯୋଗଦେବାକୁ ବ୍ରହ୍ମପୁର ଯାଇଥିଲେ। ସେଠାରୁ ଆସିବା ପରେ ସମ୍ବଲପୁର ଯାଇଥିଲେ। ସମ୍ବଲପୁରରେ ସ୍ତ୍ରୀଙ୍କୁ ଛାଡ଼ି ଅନୁଗୋଳସ୍ଥିତ କାର୍ଯ୍ୟକ୍ଷେତ୍ରକୁ ଫେରିଥିଲେ। ତେବେ ଅସୁସ୍ଥତା ଅନୁଭବ କରିବାରୁ ସମ୍ବଲପୁର ଚାଲିଯାଇଥିଲେ। ସେଠାରେ ତାଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିବା ପରେ ତାଙ୍କୁ ସୋମବାର ବିଳମ୍ବିତ ରାତିରେ ସମ୍ବଲପୁରରୁ ତାଳଚେରସ୍ଥିତ କୋଭିଡ୍ ମେଡିକାଲକୁ ପଠାଇ ଦିଆଯାଇଥିଲା। କିନ୍ତୁ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ମୃତ୍ୟୁ ନେଇ ଡାକ୍ତର ସ୍ପଷ୍ଟ କରିଥିବା ଜିଲାପାଳ ମହାନ୍ତି ପ୍ରକାଶ କରିଛନ୍ତି। ସମ୍ପୃକ୍ତ ୫୭ ବର୍ଷୀୟ ଅଧିକାରୀଙ୍କ ମୃତ୍ୟୁ ପରେ ନାଲ୍‌କୋ କାର୍ଯ୍ୟାଳୟସ୍ଥିତ ତାଙ୍କ ପ୍ରକୋଷ୍ଠ, ନାଲ୍‌କୋ କଲୋନୀରେ ଥିବା ବାସଭବନ, ନାଲ୍‌କୋ ମେଡିକାଲ ଓପିଡି ଓ କ୍ୟାଣ୍ଟିନକୁ ସିଲ୍ କରାଯିବା ସହ ସାନିଟାଇଜ୍ କରାଯାଉଛି। ତାଙ୍କ ସଂସ୍ପର୍ଶରେ ଆସିଥିବା ୧୫ଜଣଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଶେଷକୃତ୍ୟ ପାଇଁ ମଙ୍ଗଳବାର ମୃତଦେହ ଭୁବନେଶ୍ୱର ସତ୍ୟନଗର ପଠାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ସମ୍ପୃକ୍ତ ଅଧିକାରୀଙ୍କ ସ୍ତ୍ରୀ ମଧ କରୋନାରେ ସଂକ୍ରମିତ ହୋଇଥିବାରୁ ତାଙ୍କୁ ସମ୍ବଲପୁର ଜିଲା ପ୍ରଶାସନ କଟକସ୍ଥିତ ଅଶ୍ୱିନୀ ହସ୍ପିଟାଲ ପଠାଇଥିବା ଅନୁଗୋଳ ଜିଲାପାଳ କହିଛନ୍ତି।




ବାହୁଡ଼ାଯାତ୍ରା ଉପଲକ୍ଷେ ମଙ୍ଗଳବାର ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ପିକ୍‌ଅପ୍-କାର୍ ଧକ୍କା : ୩ ମୃତ

**ସୋନପୁର/ତରଭା,୩୦।୬ (ନି.ପ୍ର./ଡି.ଏନ.ଏ)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ସୁବର୍ଣ୍ଣପୁର ଜିଲା ତରଭା ଥାନା ତରେଇକେଲା ଛକ ନିକଟରେ ମଙ୍ଗଳବାର କାର-ପିକ୍‌ଅପ୍ ଧକ୍କା ହେବାରୁ ୩ ଶ୍ରମିକଙ୍କ ମୃତ୍ୟୁ ଘଟିଛି। କାର ଡ୍ରାଇଭର ଓ ଅନ୍ୟ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ଅଗ୍ନିଶମ କର୍ମଚାରୀ ଡ୍ରାଇଭର ଓ ୪ ଶ୍ରମିକଙ୍କୁ ତରଭା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ଶ୍ରମିକ ଅଲିଅଜଗର ଖାନ, ଶେଖ ମହସିନ୍ ଜମାଦାର ଓ ଶେଖ ନଜରୁଲ ଜମାଦାରଙ୍କୁ ମୃତ ଘୋଷଣା କରିଥିଲେ। ଡ୍ରାଇଭର ରତ୍ନାକର ପଟେଲ ଓ ଶ୍ରମିକ ସାହେବ ହୁସେନ ଗୁରୁତର ଥିବାରୁ ତାଙ୍କୁ ବଲାଙ୍ଗୀର ମେଡିକାଲକୁ ପଠାଯାଇଛି। ମୃତ ଓ ଆହତ ଶ୍ରମିକଙ୍କ ଘର ମେଦିନାପୁର ଅଞ୍ଚଳରେ।

## ବଡ଼ମ୍ବା: ଖବରଦାତାଙ୍କ ସମେତ ୭ ପଜିଟିଭ୍

**ବଡ଼ମ୍ବା,୩୦।୬(ଡି.ଏନ୍.ଏ.)**

କଟକ ଜିଲା ବଡ଼ମ୍ବା ବ୍ଲକରେ କରୋନାସ୍ଥିତି ଅଣାୟତ୍ତ ହେବାରେ ଲାଗିଛି। ମଙ୍ଗଳବାର ପୁଣି ୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ଖବରଦାତା ଓ ଶିଶୁ ଥିବା ବେଳେ ୨ ଜଣ ସ୍ୱତନ୍ତ୍ର ପୋଲିସ ଫୋର୍ସ କର୍ମଚାରୀ, ଜଣେ କନଷ୍ଟେବଳ ଆଉ ୨ ଜଣ ବଡ଼ମ୍ବା ଥାନାର ଅସ୍ଥାୟୀ କର୍ମଚାରୀ ରହିଛନ୍ତି। ଏହାକୁ ମିଶାଇ ଗତ ୩ ଦିନ ମଧ୍ୟରେ ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ୧୯ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରେ ବଡ଼ମ୍ବା ଥାନାରୁ କେବଳ ୬ ଜଣ କର୍ମଚାରୀ ରହିଛନ୍ତି। ପ୍ରଶାସନ ପକ୍ଷରୁ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ଚିହ୍ନଟ କାର୍ଯ୍ୟ ଜୋରଦାର କରାଯାଇଛି।

## ଅଧ୍ୟାପିକାଙ୍କୁ କରୋନା, ଭିସୁଟ୍ ୨ ଦିନ ସିଲ୍

**ସମ୍ବଲପୁର,୩୦।୬(ବ୍ୟୁରୋ)**

**କରୋନାରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା**

ସମ୍ବଲପୁର ଜିଲା ବୁର୍ଲା ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ର ଜଣେ ଅଧ୍ୟାପିକା କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେଥିପାଇଁ ଭିସୁଟକୁ ୨ ଦିନ ପାଇଁ ସିଲ୍ କରିଦିଆଯାଇଥିବା କୁଳପତି ପ୍ରଫେସର ଅଟଳ ଚୌଧୁରୀ ସୂଚନା ଦେଇଛନ୍ତି। କୁଳପତି ପ୍ରଫେସର ଚୌଧୁରୀ କହିଛନ୍ତି, ଅଧ୍ୟାପିକା କରୋନାରେ ଆକ୍ରାନ୍ତ ହୋଇଥିବା ଖବର ଜଣାପଡିବା ପରେ ଭୟ ସୃଷ୍ଟି ହୋଇଛି। ସେ କାହା ସଂସ୍ପର୍ଶରେ ଆସିଛନ୍ତି ସେ ନେଇ ଖୋଳତାଡ଼ ଆରମ୍ଭ ହୋଇଛି। ବୁଧବାର ସଂପୂର୍ଣ୍ଣ ବିଶ୍ୱବିଦ୍ୟାଳୟକୁ ସାନିଟାଇଜ କରାଯିବ ।। ଯେଉଁମାନେ ଅଧ୍ୟାପିକାଙ୍କ ସଂସ୍ପର୍ଶରେ ଆସିଥିବେ ସେମାନଙ୍କ ସ୍ୱାବ୍ ଟେଷ୍ଟ କରାଯିବ। ସୂଚନାଯୋଗ୍ୟ, ସମ୍ପୃକ୍ତ ଅଧ୍ୟାପିକା ସିଭିଲ ଇଞ୍ଜିନିୟରିଂ ବିଭାଗରେ କାର୍ଯ୍ୟରତ ଥିଲେ। ତାଙ୍କ ସ୍ୱାମୀ ଅନୁଗୁଳର ନାଲ୍‌କୋରେ କାର୍ଯ୍ୟରତ ଥିଲେ। ସେ ଅସୁସ୍ଥ ହେବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଭିମ୍‌ସାର ଆଇସୋଲେଶନ୍ ୱାର୍ଡରେ ଭର୍ତ୍ତି କରାଯାଇଥିଲା । ସ୍ୱାବ୍ ଟେଷ୍ଟ ପରେ ସୋମବାର ତାଙ୍କ ରିପୋର୍ଟ ପଜିଟିଭ ଆସିଥିଲା । ଫଳରେ ତାଙ୍କୁ ତାଳଚେର କୋଭିଡ୍ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ପଜିଟିଭ ରିପୋର୍ଟକୁ ନେଇ ଅଧ୍ୟାପିକାଙ୍କ ମଧ୍ୟ ସ୍ୱାବ୍ ଟେଷ୍ଟ କରାଯାଇଥିଲା । ମଙ୍ଗଳବାର ତାଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ଭିସୁଟ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି।

# ଆଜିଠୁ କାଉଣ୍ଟରରେ ମିଳିବ ମଦ

**ଭୁବନେଶ୍ୱର,୩୦।୬(ବ୍ୟୁରୋ)**

■ଗ୍ରାହକମାନେ ସ୍ଲଟ୍ ବୁକିଂ କରି କିଣିବେ
■ସରକାରଙ୍କ ନିୟମ ନ ମାନିଲେ ମଦ ମନା
■ନିୟମ ଉଲ୍ଲଂଘନ କଲେ ଦୋକାନ ସିଲ୍

ମଦଦୋକାନ କାଉଣ୍ଟରଗୁଡ଼ିକରେ ମଙ୍ଗଳବାରଠାରୁ ମଦ ମିଳିବ। ଗ୍ରାହକମାନେ ସିଧାସଳଖ କାଉଣ୍ଟରରୁ ଯାଇ ମଦ କିଣିବେ। ବିଦେଶୀ ମଦ, ବିୟର ଦୋକାନ କାଉଣ୍ଟରରେ ଏହା ମିଳିବ। ଲକ୍‌ଡାଉନ ଆରମ୍ଭରୁ ମଦ ବିକ୍ରି ଉପରେ ସରକାର କଟକଣା ଲଗାଇଥିଲେ। ଏହାପରେ ମେ ତୃତୀୟ ସପ୍ତାହରେ ଅନ୍‌ଲାଇନରେ ମଦବିକ୍ରି ପାଇଁ ଓଡ଼ିଶା ସରକାର ଅନୁମତି ଦେଇଛନ୍ତି। ଏହାର ଠିକ୍ ୫ ସପ୍ତାହ ପରେ ଶୁକ୍ରବାର ରାଜ୍ୟ ସରକାର ପୁଣିଥରେ କାଉଣ୍ଟରରେ ମଦ ବିକ୍ରି ପାଇଁ ଅନୁମତି ଦେଇଛନ୍ତି।

କିନ୍ତୁ ସରକାର ଅନେକ କଟକଣା ଭିତରେ କାଉଣ୍ଟର ଖୋଲିବା ପାଇଁ ଅନୁମତି ଦେଇଛନ୍ତି। ଯଦି ସରକାରଙ୍କ ନିୟମ କୌଣସି କାଉଣ୍ଟର ପକ୍ଷରୁ ଖିଲାପ କରାଯାଏ ତେବେ ଦୋକାନ ସିଲ୍ କରିଦିଆଯିବ। ଜୁଲାଇ ପହିଲାରୁ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ଦୋକାନ ଖୋଲା ରହିବ। ସନ୍ଧ୍ୟାକାଳୀନ ଭିଡ଼କୁ ଏଡାଇବା ପାଇଁ ୬ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି। ଅନ୍ ଶପ୍‌ଗୁଡିକରେ ମଧ ଅଫ୍ ଶପ ଭଳି ମଦ ବିକ୍ରି ହୋଇପାରିବ। କିନ୍ତୁ ଦୋକାନ ଯିବା ପୂର୍ବରୁ ଗ୍ରାହକଙ୍କୁ ସ୍ଲଟ୍ ବୁକିଂ କରିବାକୁ ପଡିବ। ଏଥିପାଇଁ ଏକ ଇ-ଟୋକନର ବ୍ୟବସ୍ଥା କରାଯାଇଛି। ଆବଶ୍ୟକ ସ୍ଥଳରେ ଦୋକାନ ସମ୍ମୁଖରେ ବ୍ୟାରିକେଡ୍ ବ୍ୟବସ୍ଥା ମଧ କରାଯିବ। ଏହାସହ ଜନଗହଳି ରୋକିବା ଲାଗି ଅଧିକ ମାନବ ସମ୍ବଳର ବ୍ୟବହାର ମଧ କରିପାରିବେ। ଗ୍ରାହକମାନେ ଯେପରି ସାମାଜିକ ଦୂରତା ରକ୍ଷା କରିବେ ତାହା ମଧ ଜରୁରୀ। ସବୁ କର୍ମଚାରୀ ମଦ ଦୋକାନଗୁଡ଼ିକରେ ମାସ୍କ ବ୍ୟବହାର କରିବେ। ଏହା ବ୍ୟତୀତ କାଉଣ୍ଟର ଭିତର ଏବଂ ବାହାରକୁ ବାରମ୍ବାର ସାନିଟାଇଜ କରିବେ। ଯେଉଁ ଗ୍ରାହକମାନେ ମାସ୍କ ବ୍ୟବହାର ନ କରିବେ ଏବଂ ସାମାଜିକ ଦୂରତା ମାନିବେନି ସେମାନଙ୍କୁ ମଦ ନ ଦେବାକୁ କୁହାଯାଇଛି। ଭିଡ଼ ନିୟନ୍ତ୍ରଣ ସକାଶେ ସବୁ ପ୍ରକାର ପଦକ୍ଷେପ ନେବା ଉପରେ ସରକାର ଗୁରୁତ୍ୱାରୋପ କରିଛନ୍ତି। ଟୋକନ ପାଇବା ପରେ ଜଣେ ମଦଦୋକାନ ଯାଇପାରିବେ। ଇ-ଟୋକନ କିଭଳି ମିଳିବ ସେନେଇ ଦୋକାନୀ ଡିସ୍‌ପ୍ଲେ କରିବେ।

ପ୍ରାୟ ଏକ ମାସ ଧରି ସରକାର ଅନ୍ ଓ ଅଫ ଶପ୍‌ଗୁଡିକରେ ଅନ୍‌ଲାଇନ ମଦ ବିକ୍ରି ଚାଲିଛି। ବର୍ତ୍ତମାନ ମଦଦୋକାନଗୁଡିକରେ ଅଫ୍‌ଲାଇନ ବିକ୍ରି ସହିତ ଅନ୍‌ଲାଇନ ବିକ୍ରି ମଧ ଜାରି ରହିବ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଓପିଏସ୍‌ସି ପୋର୍ଟାଲକୁ ଯାଇ ସ୍ଲଟ୍ ବୁକିଂ କରିହେବ। ତେଣୁ ମଦଦୋକାନୀଗୁଡିକ ନିଜ ଦୋକାନ ବାହାରେ ଠିକ୍ ଡିସପ୍ଲେ ମାଧ୍ୟମରେ ସ୍ଲଟ୍ ବୁକିଂ ବ୍ୟବସ୍ଥା ସମ୍ପର୍କରେ ଦର୍ଶାଇପାରିବେ। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ସୋମବାର ଏକ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି ଯେ, ମହୁଲି ଏବଂ ଦେଶ ମଦର ହୋମ ଡେଲିଭରି ମଧ କରାଯିବ। ଉପକୂଳ ଅଞ୍ଚଳର ଦେଶୀମଦ ସାଙ୍ଗକୁ ଆଦିବାସୀ ଅଞ୍ଚଳର ମହୁଲି ବିକ୍ରି କରିବା ଲାଗି ଦର୍ଶାଯାଇଛି। ଗୋଟିଏ ବୋତଲ ପିଛା ୧୦ଟଙ୍କା ଡେଲିଭରି ଚାର୍ଜ ପଡିବ। ଅଧିକ ୫୦ଟଙ୍କା ପର୍ଯ୍ୟନ୍ତ ଡେଲିଭରି ଚାର୍ଜ ଦେବାକୁ ପଡିବ।

ଧରିତ୍ରୀ
DHARITRI
ବୁଧବାର, ୧ ଜୁଲାଇ, ୨୦୨୦



## ନିମାପଡ଼ା ସବ୍‌ଜେଲରେ ବିଚାରାଧୀନ କଏଦୀ ପଜିଟିଭ୍

ନିମାପଡ଼ା(ଡି.ଏନ୍.ଏ): ନିମାପଡ଼ା ଉପକାରାଗାରରେ ମଙ୍ଗଳବାର ଜଣେ ୨୫ବର୍ଷୀୟ ବିଚାରାଧୀନ କଏଦୀ କରୋନା ପଜିଟିଭ ବାହାରିଥିବା ଜେଲର ସନ୍ତୋଷିନୀ ଦାଶ କହିଛନ୍ତି। ଚିହ୍ନଟ କଏଦୀ ଜଣକ ଗୋପ ଥାନା ଅଞ୍ଚଳର। ସେ ଏକ ଅପରାଧ ମାମଲାରେ ଗିରଫ ହୋଇ ଗତ ୨୮ ତାରିଖରେ ନିମାପଡ଼ା ସବଜେଲକୁ ଆସିଥିଲେ। ଗତ ରବିବାର ତାଙ୍କର ସ୍ୱାବ ପରୀକ୍ଷା ପାଇଁ ପଠାଯାଇଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ରିପୋର୍ଟ ପଜିଟିଭ ଆସିଥିଲା। ଚିହ୍ନଟ ପରେ ଉକ୍ତ ବିଚାରାଧୀନ କଏଦୀଙ୍କୁ ଭୁବନେଶ୍ୱର କୋଭିଡ ହସ୍ପିଟାଲ ପଠାଇବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ଟିମକୁ ଜେଲର ଦାଶ ଜଣାଇ ଦେଇଛନ୍ତି।

## ସଂକ୍ଷେପରେ

### ଦାୟିତ୍ୱ ନେଲେ ଏଡିଜି ସୌମ୍ୟା ମିଶ୍ର



**କଟକ ଅଫିସ,୩୦।୬:** ଅଗ୍ନିଶମ ବିଭାଗ ଏବଂ ହୋମଗାର୍ଡ଼ର ଏଡିଜି ଭାବେ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି ବରିଷ୍ଠ ଆଇପିଏସ୍ ଅଧିକାରୀ ଡ. ସୌମ୍ୟା ମିଶ୍ର। ୧୯୯୪ ମସିହା ତେଲେଙ୍ଗାନା କ୍ୟାଡର୍‌ର ଆଇପିଏସ୍ ଅଧିକାରୀ ମିଶ୍ର କ୍ୟାଡେଟ୍ ଡେପୁଟେସନ୍‌ରେ ଓଡ଼ିଶା ଆସିବା ପରେ ଗତ ଜୁନ୍ ୩ ତାରିଖରେ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅଗ୍ନିଶମ ଏବଂ ହୋମଗାର୍ଡ଼ ଡିଜି ଡ. ସତ୍ୟଜିତ ମହାନ୍ତି ଏବଂ ଆଇଜି ଅସିତ ପାଣିଗ୍ରାହୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

### ୭୨ ଘଣ୍ଟା ଲାଗି ଜରିପଡ଼ା କଣ୍ଟେନମେଣ୍ଟ ଜୋନ୍

**କଟକସଦର,୩୦।୬(ଡି.ଏନ୍.ଏ):** କଟକସ୍ଥିତ କ୍ୟାନ୍ସର ହସ୍ପିଟାଲରୁ ପଜିଟିଭ ଚିହ୍ନଟ ୨ବ୍ୟକ୍ତିଙ୍କ ମଧ୍ୟରେ ଜଣେ କିଶନନଗର ଥାନା ଅଧୀନ ରାମକୁମାରପୁର ଓ ଅନ୍ୟଜଣେ କଟକସଦର ଅନ୍ତର୍ଗତ ଜରିପଡ଼ା ଗ୍ରାମର ଅଟନ୍ତି। ଏହାପରେ ଜିଲାପାଳ ଜରିପଡ଼ା ଗ୍ରାମକୁ ମଙ୍ଗଳବାର ରାତିରୁ ୭୨ ଘଣ୍ଟା ପାଇଁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ରାମକୁମାରପୁର ଗ୍ରାମର ଚିହ୍ନଟ ଆକ୍ରାନ୍ତ ଜଣକ ଏକ ବିବାହ ଭୋଜିରେ ଯୋଗଦେଇଥିବା ଜଣାପଡ଼ିଛି। ସେହିପରି ଜରିପଡ଼ା ଗ୍ରାମର ବ୍ୟକ୍ତିଜଣକ ଘର ବାହାରେ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଛି। ତେଣୁ ମଙ୍ଗଳବାର ଏକ ମେଡିକାଲ ଟିମ ଜରିପଡ଼ାକୁ ଆସି ଘର ଘର ବୁଲି ଯାଞ୍ଚ କରିବା ଆରମ୍ଭ କରିଛନ୍ତି। ଏହାସହ ପ୍ରହରାଜପୁର ପଞ୍ଚାୟତରୁ ମଧ୍ୟ ଜଣେ ବ୍ୟକ୍ତିଙ୍କ ସ୍ୱାବ ପଜିଟିଭ ଚିହ୍ନଟ ହୋଇଛି।

### ୨ ବର୍ଷର ଶିଶୁପୁତ୍ର ପଜିଟିଭ୍

**ବାଲକାଟୀ,୩୦।୬(ଡି.ଏନ୍.ଏ):** ଖୋର୍ଦ୍ଧା ଜିଲାରେ ମଙ୍ଗଳବାର ଜଣେ ୨ ବର୍ଷ ଶିଶୁପୁତ୍ର କରୋନା ପଜିଟିଭ ଚିହ୍ନଟ ହୋଇଛି। ଚିହ୍ନଟ ଶିଶୁ ଜଣକ ପରିବାର ସହ ବାଲିଅନ୍ତା ବ୍ଲକ ହୀରାପୁର ସଙ୍ଗରୋଧ କେନ୍ଦ୍ରରେ ଥିଲେ। ସୋମବାର ଉକ୍ତ ଶିଶୁର ବାପା ପଜିଟିଭ ଚିହ୍ନଟ ହେବାରୁ କୋଭିଡ୍ ହସ୍ପିଟାଲ ପଠାଯାଇଥିଲା। ଶିଶୁପୁତ୍ରଟିକୁ ତାଙ୍କ ମା'ଙ୍କ ସଙ୍ଗେ ବୁଧବାର କୋଭିଡ ହସ୍ପିଟାଲ ପଠାଯିବ ବୋଲି ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା.ତନ୍ମୟ ତ୍ରିପାଠୀ କହିଛନ୍ତି। ଏହି ବ୍ଲକର ସରକଣା ପଞ୍ଚାୟତର ଉକ୍ତ ପରିବାର ଗତ ୨୭ତାରିଖରେ ଗୁଜରାଟରୁ ଫେରି ସଙ୍ଗରୋଧ କେନ୍ଦ୍ରରେ ଥିଲେ।

# ବାହୁଡ଼ାଯାତ୍ରା ପାଇଁ ୭୦ ପ୍ଲାଟୁନ ଫୋର୍ସ

- ୪୦୦ ଅଫିସର ନିୟୋଜିତ ହେବେ
- ବଡ଼ଦାଣ୍ଡକୁ କେହି ନ ବାହାରିବାକୁ ପରାମର୍ଶ
- ଟେଷ୍ଟ ନେଗେଟିଭ ଥିବା ସେବାୟତ ଟାଣିବେ ରଥ

**ପୁରୀ ଅଫିସ,୩୦।୬**

ଆସନ୍ତା ୧ ତାରିଖରେ ବାହୁଡ଼ା ଯାତ୍ରା। କୋଭଡ୍ ଗାଇଡ଼ଲାଇନ ଏବଂ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ମାନି ସମସ୍ତ କାର୍ଯ୍ୟ କରାଯିବ। ଏହାକୁ ନଜରରେ ରଖି ବାହୁଡ଼ା ଯାତ୍ରା ପାଇଁ ସ୍ୱତନ୍ତ୍ର ପୋଲିସ ବ୍ୟବସ୍ଥା କରାଯାଇଛି। ମୋଟ ୭୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଏଥିସହ ୪୦୦ ଅଫିସର ନିୟୋଜିତ ହେବେ ବୋଲି କ୍ରାଇମ୍‌ବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ କ୍ରାଇମ୍‌ବ୍ରାଞ୍ଚ ଏଡିଜି କହିଛନ୍ତି, ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଏଥର ରଥଯାତ୍ରା ଏବଂ ଏହା ସମ୍ବନ୍ଧିତ ଅନ୍ୟାନ୍ୟ ଉତ୍ସବ ପାଳନ କରାଯାଉଛି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ପୋଲିସ ବ୍ୟବସ୍ଥା ବି କରାଯାଇଛି। ଯେଉଁପରି ରଥଯାତ୍ରା ଭକ୍ତଶୂନ୍ୟ ରହିଥିଲା ଠିକ୍ ସେମିତି ବାହୁଡ଼ା, ସୁନାବେଶ, ଅଧରପଣା ଏବଂ ନୀଳାଦ୍ରିବିଜେ ଭକ୍ତଶୂନ୍ୟ ଭାବେ କରାଯିବ। ପ୍ରତ୍ୟେକ ଭକ୍ତ ବିଶେଷକରି ପୁରୀବାସୀ ରଥଯାତ୍ରାରେ ଯେଭଳି ଅକୁଣ୍ଠ ସହଯୋଗ ପ୍ରଦାନ କରିଥିଲେ ସେହିଭଳି ଅତୁଟ ସମର୍ଥନ ଦେବେ ବୋଲି ଆଶା ରଖିଛୁ। ପ୍ରତ୍ୟେକ ବ୍ୟକ୍ତି ଘରେ ରହି ଟିଭି ମାଧ୍ୟମରେ ମହାପ୍ରଭୁଙ୍କ ଏହି ଯାତ୍ରା ଦେଖିପାରିବେ।

ବାହୁଡ଼ା ଯାତ୍ରା ପାଇଁ ବଡ଼ଦାଣ୍ଡକୁ ସମ୍ପୂର୍ଣ୍ଣ ଭାବେ ସିଲ୍ କରାଯିବ। ସମଗ୍ର ଜିଲା ସମେତ ପୁରୀ ସହରକୁ ସୋମବାର ରାତି ୧୦ଟାରୁ କର୍ଫ୍ୟୁ ବଳବତ୍ତର ରହିବ। କର୍ଫ୍ୟୁକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ତ୍ରିସ୍ତରୀୟ ପୋଲିସ ବ୍ୟବସ୍ଥା କରାଯାଇଛି। ପୁରୀ ଜିଲାକୁ ସଂଯୋଗ କରୁଥିବା ସମସ୍ତ ପ୍ରବେଶ ପଥ ସିଲ୍ ରହିବ। କୌଣସି ବାହାର ଲୋକ ପୁରୀକୁ ଆସିପାରିବେ ନାହିଁ। ସୁରକ୍ଷା ଦାୟିତ୍ୱରେ ୪୦ ପ୍ଲାଟୁନ ଫୋର୍ସ ଏବଂ ୪୦୦ରୁ ଉର୍ଦ୍ଧ୍ୱ ଅଧିକାରୀ ନିୟୋଜିତ ହେବେ। କେନ୍ଦ୍ରାଞ୍ଚଳ ଡିଆଇଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରୀ ଏସ୍‌ପି, ୩ ଜଣ କମାଣ୍ଡାଣ୍ଟସ୍ତରୀୟ ଅଧିକାରୀ, ୧୨ଜଣ ଡେପୁଟି କମାଣ୍ଡାଣ୍ଟସ୍ତରୀୟ ଅଧିକାରୀ ପୋଲିସ ବ୍ୟବସ୍ଥାକୁ ତଦାରଖ କରିବେ। ରଥଟଣାକୁ ସହଜ ଓ ଶୃଙ୍ଖଳିତ କରିବା ପାଇଁ ଅଗ୍ନିଶମ କର୍ମଚାରୀମାନେ ରାସ୍ତାରେ ପାଣି ସ୍ପ୍ରେ କରିବେ। ଫଳରେ ଖରାତାତି ହ୍ରାସ ପାଇବ ଓ ରାସ୍ତା ଥଣ୍ଡା ରହିବ। ସେହିପରି କରୋନା ଟେଷ୍ଟ ନେଗେଟିଭ ଥିବା ସେବାୟତମାନଙ୍କୁ କେବଳ ରଥ ଟାଣିବାକୁ ଅନୁମତି ମିଳିବ। ବଡ଼ଦାଣ୍ଡକୁ କେହି ନ ଆସିବାକୁ ତଥା ବାହାରକୁ ନ ବାହାରିବାକୁ ପୁରୀବାସୀଙ୍କୁ ଅନୁରୋଧ କରାଯାଇଛି ବୋଲି କ୍ରାଇମ୍‌ବ୍ରାଞ୍ଚ ଏଡିଜି ପ୍ରକାଶ କରିଛନ୍ତି।



ଖବରଦାତା ସମ୍ମିଳନୀରେ କ୍ରାଇମ୍‌ବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଉଛନ୍ତି।

# ଶ୍ରୀମନ୍ଦିର ଭିତରେ ବିପଦ ନାହିଁ

## ୨ ସୁଦ୍ଧା ସରିବ ଗର୍ଭଗୃହ ମରାମତି କାମ

**ପୁରୀ ଅଫିସ,୩୦।୬**

ଶ୍ରୀମନ୍ଦିର ଭିତରେ କୌଣସି ପ୍ରକାର ବିପଦ ନାହିଁ। ବିଶେଷଜ୍ଞମାନଙ୍କ ଯାଞ୍ଚ ପରେ ଯେଉଁ ସବୁ କାମ କରାଯିବା ଲାଗି ନିଷ୍ପତ୍ତି ହୋଇଥିଲା ତାହା କରାଯାଉଛି। ଏଏସ୍ଆଇ ଏବଂ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ମରାମତି କାର୍ଯ୍ୟ ଚାଲିଛି। ଆସନ୍ତା ଜୁଲାଇ ୨ ତାରିଖ ସୁଦ୍ଧା ଗର୍ଭଗୃହର ସମସ୍ତ ମରାମତି କାମ ଶେଷ ହେବ ବୋଲି କହିଛନ୍ତି ଏଏସ୍ଆଇ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ କୋଟୟା ଭିଞ୍ଜାମୁରି। ମଙ୍ଗଳବାର ଶ୍ରୀମନ୍ଦିର ମରାମତି କାମ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଭିଞ୍ଜାମୁରି କହିଛନ୍ତି, କାମ ଠିକ୍ ଭାବେ ଚାଲିଛି। ମହାପ୍ରଭୁ ଶ୍ରୀମନ୍ଦିରକୁ ବିଜେ ପୂର୍ବରୁ ସମସ୍ତ କାମ ଶେଷ କରାଯିବ।

ମହାପ୍ରଭୁ ନବଦିନାତ୍ମକ ଯାତ୍ରାରେ ଗୁଣ୍ଡିଚା ମନ୍ଦିର ଆସିବା ପରେ ପ୍ରତିବର୍ଷ ଗର୍ଭଗୃହ ଯାଞ୍ଚ ଏବଂ ମରାମତି କରାଯାଇଥାଏ। ତେଣୁ ଗତ ୨୫ ତାରିଖରେ ଗର୍ଭଗୃହ ଯାଞ୍ଚ ହୋଇଥିଲା। ଏଥିସହ ନାଟମଣ୍ଡପ, ଜଗମୋହନ, ଭୋଗମଣ୍ଡପ ଏବଂ ରୋଷଶାଳାର ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ବୈଷୟିକ କୋର୍ କମିଟି, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ପୂର୍ତ୍ତ ବିଭାଗ ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ବରିଷ୍ଠ ଅଧିକାରୀ ଓ ଇଞ୍ଜିନିୟର ଏହି ଯାଞ୍ଚ କରିଥିଲେ। ଗର୍ଭଗୃହ କାନ୍ଥରେ ଫିମ୍ପି ଭଳି ଧଳା ଆସ୍ତରଣ ଜମିଥିବାବେଳେ ନାଟମଣ୍ଡପ ଚଟାଣର କେତେକ ପଥର ନଷ୍ଟ ହୋଇଥିବା ଦେଖିଥିଲେ। ସେହିପରି ଭୋଗ ମଣ୍ଡପ ଓ ରୋଷଘର ଚଟାଣ ବୁଲି ଦେଖିଥିଲେ। ଏହି ଯାଞ୍ଚ ପରେ ମନ୍ଦିର ପରିସରସ୍ଥ ସେବାୟତଙ୍କ ବିଶ୍ରାମ ଗୃହରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କ'ଣ କ'ଣ ମରାମତି କରାଯିବ ତାହା ଚୂଡ଼ାନ୍ତ କରାଯାଇଥିଲା। ସେହି ଅନୁଯାୟୀ କାମ ଜାରି ରହିଛି।

# 'ସବୁ ସେବାୟତଙ୍କ ନମୁନା ନେଗେଟିଭ'



ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଏବଂ ଅନ୍ୟ ଅଧିକାରୀ।

**ବାହୁଡ଼ା ଯାତ୍ରା ପ୍ରସ୍ତୁତି ବୈଠକ**

- ବଡ଼ଦାଣ୍ଡରେ ୧.୫ ଲକ୍ଷ ଲିଟର ପାଣି ସିଞ୍ଚନ ହେବ
- କୋର୍ଟଙ୍କ ରାୟ ମାନିବାକୁ ଜିଲାପାଳଙ୍କ ପରାମର୍ଶ

**ପୁରୀ ଅଫିସ,୩୦।୬**

ବୁଧବାର ବାହୁଡ଼ା ଯାତ୍ରା। କୋଭିଡ଼ ଗାଇଡ଼ଲାଇନ ଏବଂ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁପାଳନ କରି କିପରି ଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯାଇପାରିବ ସେନେଇ ମଙ୍ଗଳବାର ନିଳାଦ୍ରୀ ଭକ୍ତନିବାସରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରଡ଼ିସି ଅନିଲ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଳୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା।

ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି, ବାହୁଡ଼ା ଯାତ୍ରାରେ ସାମିଲ ହେବାକୁ ଥିବା ସମସ୍ତ ସେବାୟତଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ସମସ୍ତଙ୍କ ନମୁନା ରିପୋର୍ଟ ନେଗେଟିଭ ରହିଛି। ରଥ ଟାଣିବାକୁ ସହଜ କରିବା ଲାଗି ଅଗ୍ନିଶମ ବାହିନୀ ପକ୍ଷରୁ ବଡ଼ଦାଣ୍ଡରେ ୧.୫ଲକ୍ଷ ଲିଟର ପାଣି ସିଞ୍ଚନ କରାଯିବ। ଆଧ୍ୟାତ୍ମିକ ଚେତନା ପାଇଁ ବଡ଼ଦାଣ୍ଡରେ ଭଜନ ପରିବେଷଣ କରାଯିବ। ମହାପ୍ରଭୁଙ୍କ ନୀତିକାନ୍ତି ତ୍ୱରାନ୍ୱିତ ଚାଲିଛି। ନିର୍ଘଣ୍ଟ ସମୟରେ ରଥଟଣା ହେବ। ରଥଯାତ୍ରା ଭଳି ବାହୁଡ଼ା ଯାତ୍ରା ମଧ୍ୟ ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଜିଲାପାଳ ବଳୱନ୍ତ ସିଂ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବା ଲାଗି ପରାମର୍ଶ ଦେଇଛନ୍ତି। ଜିଲାପାଳ କହିଛନ୍ତି, ବାହୁଡ଼ା ଯାତ୍ରା ଦିନ କୌଣସି ପୁରୀବାସୀ ବାହାରକୁ ବାହାରି କଟକଣା ଉଲ୍ଲଂଘନ କରନ୍ତୁ ନାହିଁ। ଘରେ ଟିଭିରେ ମହାପ୍ରଭୁଙ୍କ ବାହୁଡ଼ା, ସୁନାବେଶ, ଅଧରପଣା ଓ ନୀଳାଦ୍ରିବିଜେ ଦେଖନ୍ତୁ। ସୋମବାର ରାତି ୧୦ଟାରୁ ଜିଲାରେ କର୍ଫ୍ୟୁ ଜାରି ହୋଇଛି। ଏହା ୨ ତାରିଖ ରାତି ୧୦ଟା ଯାଏ ବଳବତ୍ତର ରହିବ। ଜିଲାକୁ ସଂଯୋଗ କରୁଥିବା ସମସ୍ତ ପ୍ରବେଶ ପଥ ସିଲ୍ କରିଦିଆଯାଇଛି। ବାହାରୁ କୌଣସି ଗାଡ଼ିମୋଟର ଆସିବାକୁ ଦିଆଯିବ ନାହିଁ। ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

ଅନ୍ୟପକ୍ଷରେ ରାତିରେ ମନ୍ତ୍ରୀ ପ୍ରତାପ ଜେନା, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ପ୍ରମୁଖ ନାକଚଣା ଦ୍ୱାର ସମ୍ମୁଖରେ ରହିଥିବା ତିନିରଥ ସ୍ଥଳ ବୁଲିବା ସହ ବାହୁଡ଼ା ଯାତ୍ରା ପ୍ରସ୍ତୁତିର ଅନୁଧ୍ୟାନ କରିଛନ୍ତି।

# ଗୁରୁବାର ସୁନାବେଶ

**ପୁରୀ ଅଫିସ,୩୦।୬:** ଆସନ୍ତା ଗୁରୁବାର ଆଷାଢ ଶୁକ୍ଳ ଦ୍ୱାଦଶୀ। ଏହିଦିନ ମହାପ୍ରଭୁଙ୍କ ଅନନ୍ୟ ସୁନାବେଶ ଅନୁଷ୍ଠିତ ହେବ। ଏହି ପବିତ୍ର ତିଥିରେ ରଥାରୂଢ ଚତୁର୍ଦ୍ଧାବିଗ୍ରହ ମହଣ ମହଣ ସୁନାରେ ସଜେଇ ହେବେ। ହେଲେ ଏଥର କରୋନା ପାଇଁ ଭକ୍ତମାନେ ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରିପାରିବେ ନାହିଁ। ମଇଲମ ଓ ମେକାପ ସର୍ବାଙ୍ଗ ନୀତି ବଢିବା ପରେ ଠାକୁରଙ୍କ ସୁନାବେଶ ଆରମ୍ଭ ହେବ। ଅପରାହ୍ନ ୪ଟାଠାରୁ ସାଢେ ୫ଟା ମଧ୍ୟରେ ଏହି ବେଶ ବଢିବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ତିନିଠାକୁର ହସ୍ତ, ପାଦ, ସହିତ କଣ୍ଠମାଳା, ଶ୍ରୀଭୁଜ, ଶ୍ରୀପୟର, ରତ୍ନ ପଦକ, ରତ୍ନ କିରଟ, କାନଫୁଲ, କରପଲ୍ଲବ, ମୁଦି, କଣ୍ଠିମାଳ, ବଳା, ବାହୁଟି, କାନ୍ତ, ଜରକବର ଓ କଟି ମେଖଳା ଆଦି ବହୁବିଧ ରତ୍ନଅଳଙ୍କାର ସଜେଇ ହେବେ। ସୂଚନାଥାଉ କି, ତିନିଠାକୁର ବର୍ଷକରେ ପାଞ୍ଚଥର ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ଶ୍ରୀମନ୍ଦିର ରତ୍ନସିଂହାସନରେ ଠାକୁର ୪ଥର ଏବଂ ରଥରେ ଗୋଟିଏ ଥର ସୁନାବେଶ ତଥା ବଡ଼ ତଡାଉ ବେଶ ହୋଇଥାନ୍ତି। ସେହିପରି ଆସନ୍ତା ୩ ତାରିଖରେ ଅଧରପଣା ଏବଂ ୪ ତାରିଖରେ ନୀଳାଦ୍ରିବିଜେ ଅର୍ଥାତ୍ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିବେ। ୦

**୩ରେ ଅଧରପଣା, ୪ରେ ନୀଳାଦ୍ରିବିଜେ**

# ଦୂରଦର୍ଶନରେ ବାହୁଡ଼ାଯାତ୍ରା, ସୁନାବେଶର ସିଧା ପ୍ରସାରଣ



ଖବରଦାତା ସମ୍ମିଳନୀରେ ଦୂରଦର୍ଶନ କେନ୍ଦ୍ରର ଅଧିକାରୀମାନେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର,୩୦।୬(ବ୍ୟୁରୋ)**

କରୋନା ମହାମାରୀ ଯୋଗୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପରାମର୍ଶକ୍ରମେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ପୁରୀ ଶ୍ରୀଗୁଣ୍ଡିଚା ଯାତ୍ରା ଏବଂ ସ୍ନାନଯାତ୍ରାର ସଫଳତାର ସହ ସିଧାପ୍ରସାରଣ କରାଯାଇଥିଲା। ସେହିଭଳି ବୁଧବାର ବାହୁଡ଼ା ଯାତ୍ରାର ସିଧାପ୍ରସାରଣ ଦୂରଦର୍ଶନରେ ସକାଳ ୭ଟା ୩୦ରୁ କରାଯିବ। ଏଥିସହ ଆସନ୍ତା ୨ ତାରିଖ ଅପରାହ୍ନ ୩ଟା ୩୦ରୁ ସୁନାବେଶ, ୩ ତାରିଖ ଅପରାହ୍ନ ୪ଟା ୩୦ରୁ ଅଧରପଣା ଏବଂ ୪ ତାରିଖ ଅପରାହ୍ନ ୩ଟା ୩୦ରୁ ନୀଳାଦ୍ରିବିଜେର ସିଧା ପ୍ରସାରଣ କରାଯିବ। ଉଚ୍ଚ ଗୁଣବତ୍ତା ଅଡିଓ ଏବଂ ଭିଡିଓ ପାଇଁ ୧୨ଟି ଡ୍ରୋନ୍ କ୍ୟାମେରାରେ ବାହୁଡ଼ା ଯାତ୍ରାର କଭ୍‌ରେଜ୍ କରାଯିବ। ବାହୁଡ଼ା ଯାତ୍ରା ଓ ସୁନାବେଶର ଲାଇଭ୍ ୱେବ୍‌କାଷ୍ଟ ଏନ୍ଆଇସି ମାଧ୍ୟମରେ http://rathjatra.nic.inରେ ପ୍ରସାରଣ ହେବ। ସେହିପରି ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଏବଂ ନିଳାଦ୍ରୀବିଜେର ସିଧା ପ୍ରସାରଣ ଡିଡି ଓଡ଼ିଆର ୟୁଟ୍ୟୁବ୍ ଚ୍ୟାନେଲ www.youtube.com/c/ddodishaରେ ପ୍ରସାରଣ ହେବ। ଡିଡି ଓଡ଼ିଆରେ ଶ୍ରୀକ୍ଷେତ୍ର ମାଧୁରୀ ସିରିଜ୍ ତଥା ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ସଙ୍ଗୀତ ରୂପକ କାର୍ଯ୍ୟକ୍ରମ, ପ୍ରାମାଣିକ ଚିତ୍ର, ସାକ୍ଷାତକାର ଇତ୍ୟାଦିର ପ୍ରସାରଣ କରାଯିବ। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସହ ଏକ ଅନ୍ତରଙ୍ଗ ଆଳାପର ପ୍ରସାରଣ ଗତ ୨୮ ଏବଂ ୨୯ତାରିଖରେ ପ୍ରସାରିତ ହୋଇଥିଲା। ତଥ୍ୟ ଓ ତତ୍ତ୍ୱ ଉପରେ ଆଧାରିତ ଧାରା ବିବରଣୀ ସହ ଲୋକେ ଦୂରଦର୍ଶନରେ ବାହୁଡ଼ା ଓ ସୁନାବେଶର ସିଧାପ୍ରସାରଣ ଦେଖିପାରିବେ ବୋଲି ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏଥିପାଇଁ ବୈଦ୍ୟୁତିକ ଗଣମାଧ୍ୟମ ଏବଂ ୱେବ୍ ମିଡ଼ିଆକୁ ବିନା ମୂଲ୍ୟରେ ଫିଡ୍ ଦିଆଯିବ। କେନ୍ଦ୍ର ଉପମହାନିର୍ଦ୍ଦେଶକ ଧ୍ରୁବ ନନ୍ଦ, କାର୍ଯ୍ୟକ୍ରମ ମୁଖ୍ୟ ଦୀପ୍ତି ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ ବି.ଏନ୍ ଅଧିକାରୀ, ସହ ନିର୍ଦ୍ଦେଶକ ପି.କେ ଲେଙ୍କା, କାର୍ଯ୍ୟକ୍ରମ କାର୍ଯ୍ୟକାରୀ ପି.କେ ପଟ୍ଟନାୟକ, ଦିଲ୍ଲୀପ କୁମାର ସାହୁ, ପ୍ରଶାସନିକ ଅଧିକାରୀ ଲକ୍ଷ୍ମଣ ସାହୁ, ସହ ଗବେଷକ ଅଧିକାରୀ ଗଣେଶ ତ୍ରିପାଠୀ ପ୍ରମୁଖ ଏହି ସୂଚନା ଦେଇଛନ୍ତି।

# ୨ ପୋଲିସ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

**ପୁରୀ ରଥଯାତ୍ରା ବୁଲିବା ମହଙ୍ଗା ପଡ଼ିଲା**

- ସମାନ ଭୁଲ୍ କରି ବଡ଼ଚଣା ଆଇଆଇସି ନିଲମ୍ବିତ ହୋଇଥିଲେ

**ଭୁବନେଶ୍ୱର, ୩୦।୬(ବ୍ୟୁରୋ)**

ପୋଲିସ ନିୟମକୁ ଭାଙ୍ଗି କମିଶନରେଟ ପୋଲିସର ଜଣେ ଏସିପି ଏବଂ ଖୋର୍ଦ୍ଧାର ଜଣେ ଡିଏସ୍‌ପି ପୁରୀ ରଥଯାତ୍ରା ବୁଲିବାକୁ ଯାଇଥିଲେ। ଏପରିକି ଅଧିକାରୀ ଦ୍ୱୟ ସାଥିରେ ଏକାଧିକ ଖବରଦାତାଙ୍କୁ ନେଇ ରଥଯାତ୍ରା ବୁଲାଇଥିଲେ। ଏ ସଂକ୍ରାନ୍ତରେ ଧରିତ୍ରୀରେ ଗତ ୨୮ ତାରିଖରେ ଖବର ପ୍ରକାଶ ପାଇଥିଲା। ଏହାପରେ ପୋଲିସ ବିଭାଗରେ ହଇଚଇ ସୃଷ୍ଟି ହୋଇଥିଲା। ସମ୍ପୃକ୍ତ ଦୁଇ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପୋଲିସ ଡିଜି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଏକାଧିକ ବ୍ୟକ୍ତି ଟୁଇଟ୍ କରିଥିଲେ। ଶେଷରେ ମଙ୍ଗଳବାର ଦୁଇ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଡିଜିପି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସେମାନଙ୍କ ବିରୋଧରେ ଏବେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ (ଡିସିପ୍ଲିନ୍ ପ୍ରୋସିଡିଂ) ଆରମ୍ଭ ହୋଇଛି। ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସୂଚନା ଅନୁଯାୟୀ, ଏହି ପ୍ରୋସିଡିଂ ଶେଷ ନ ହେବା ପର୍ଯ୍ୟନ୍ତ ସେମାନେ ପଦୋନ୍ନତି ପାଇପାରିବେ ନାହିଁ। ଦୁଇ ଅଫିସର ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରି ନ ପାରିଲେ ଏହି ପ୍ରୋସିଡିଂ ଲମ୍ବା ସମୟ ଚାଲିବ ବୋଲି ଜଣାପଡ଼ିଛି।

ଅନ୍ୟପକ୍ଷରେ ଆଇନ ସମସ୍ତଙ୍କ ପାଇଁ ସମାନ ହୋଇଥିବାବେଳେ ଏହି ଦୁଇ ଅଫିସରଙ୍କ ବିରୋଧରେ ରାଜ୍ୟ ପୋଲିସ ଅନୁକମ୍ପା ଦେଖାଉଥିବା ଅଭିଯୋଗ ହୋଇଛି। ଦୁଇ ଅଫିସରଙ୍କ ଉପରସ୍ତରରେ ପ୍ରଭାବ ରହିଥିବାରୁ ସେମାନଙ୍କୁ ଖସାଇ ଦେବାକୁ ଏକ ପ୍ରକାର ଷଡ଼ଯନ୍ତ୍ର କରାଯାଇଛି। କାରଣ ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ କରି ଏପ୍ରିଲ ୧୯ ସନ୍ଧ୍ୟାରେ ଯାଜପୁର ଜିଲା ବଡ଼ଚଣା ଆଇଆଇସି ଦୀପକ କୁମାର ଜେନା ସପରିବାର ପୁରୀ ବୁଲିବାକୁ ଯାଇଥିଲେ। ସିଂହଦ୍ୱାର ଥାନାରେ ଏକ ମାମଲା ହୋଇଥିଲା। ଡିଜିପି ଅଭୟ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତାଙ୍କୁ ନିଲମ୍ବିତ କରିଥିଲେ। ମାତ୍ର ଉପରୋକ୍ତ ଦୁଇ ଅଧିକାରୀଙ୍କ ବିରୋଧରେ କେବଳ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହୋଇଛି। ଉଭୟଙ୍କର ଉପରସ୍ତରରେ ପ୍ରଭାବ ଥିବାରୁ ତାଙ୍କ ବିରୋଧରେ ଆସିଥିବା ପ୍ରୋସିଡିଂକୁ ଉଠାଇ ଦେବେ ବୋଲି ଚର୍ଚ୍ଚା ଚାଲିଛି। ତେଣୁ ଦୀପକ ଜେନାଙ୍କ ଭଳି ଏହି ଦୁଇ ଅଫିସରଙ୍କ ବିରୋଧରେ ଦୃଷ୍ଟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି। ସୂଚନାଯୋଗ୍ୟ, ଖୋର୍ଦ୍ଧାର ଡିଏସ୍‌ପି ଏବଂ କମିଶନରେଟ ପୋଲିସର ଏସିପି ୧୪୪ ଧାରାକୁ ନ ମାନି ସରକାରୀ ଗାଡ଼ି ସହ ପୋଲିସ ପୋଷାକରେ ପୁରୀ ବୁଲିବାକୁ ଯାଇଥିଲେ। ଏପରି କି ସାଥିରେ କେତେଜଣ ଖବରଦାତାଙ୍କୁ ନେଇଥିଲେ। ସେମାନଙ୍କୁ ବାଟରେ ପୋଲିସ ଅଟକାଇଥିଲେ ମଧ୍ୟ ସେମାନେ ଗଣ୍ଡଗୋଳ କରିଥିଲେ। ସମ୍ପୃକ୍ତ ଖବରଦାତାମାନେ ୧୪୪ ଧାରା ଜାରି ଅଞ୍ଚଳରେ ଫଟୋ ଉଠାଇ ସୋସିଆଲ ମିଡ଼ିଆରେ ଛାଡ଼ିଥିଲେ। ଯାହାକି ପରବର୍ତ୍ତୀ ସମୟରେ ଭାଇରାଲ ହୋଇଥିଲା।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**FINANCE**
ପଇସା ଆମର କାମ ତମର
SREE Vinayak capital
ବ୍ୟକ୍ତିଗତ ସମ୍ପତ୍ତି, ଶିକ୍ଷା, ଆଧାରକାର୍ଡ ଉପରେ କେବଳ ୨୪ ଘଣ୍ଟା ଭିତରେ 3 % ବର୍ଷକୁ ସୁଧରେ ଋଣ ଯୋଗାଇ ଦେଉଛି । ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଲାଭ
2nd Floor, Block-B, Ansal Complex Boring Road, Patna-3
8570815828
8376093742

**INDIA NETWORK**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecom.in
7599145935
8280122168

**BIJAY FINANCE**
BIJAY FINANCE
ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ଯୋଗାଇ ଦେଉଛି । ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

କୋଭିଡ୍-19 (ସ୍ପେଶାଲ ଋଣ ଅଫର)
**MAHALAXMI FINANCE**
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ଛାଡ଼
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
079061-42337
094682-97482
ADDRESS: T-51, GAUTAMPURI, DELHI

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
9818298397
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**BALAJI FINANCE LIMITED**
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7751971708

**BUSINESS**
ମୋବାଇଲ ଟାୱାର
ବନ୍‌ସଲ ଟାୱାର (Govt. Approved) କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ ।
ମାସିକ ଭଡା - ୪୫,୦୦୦/-, ଆଡଭାନ୍ସ - ୬୦ଲକ୍ଷ + ଚାକିରୀ
86858-58468
89305-21981
Web: www.bansaltower.com

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FINANCE LTD.**
REG. NO. U6519TN198PLC00855
ପର୍ସନାଲ, ଏଗ୍ରିକଲ୍‌ଚର, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ସବୁ ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
77519-71907
73765-91521
H.No. 12, Sohana Distt. Mohali

ଖର୍ଚ୍ଚ ଋଣରୁ କଟିବ
**HDB FINANCE**
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବିପିଏଲ୍ ଋଣ, ଆଦି ସବୁ ଋଣ
2% ସୁଧ 40% ଛାଡ଼
ଋଣ ଧମାକା
ମହିଳା, ସରକାରୀ କର୍ମଚାରୀଙ୍କୁ ବିଶେଷ ରିହାତି
94572-93387
94572-94728
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ନିର୍ଦ୍ଦେଶ ନ ମାନିଲେ ସିଲ୍

**କଟକ ଅଫିସ:** ସିଡିଏ ସେକ୍ଟର-୭ସ୍ଥିତ ଏକ ଘରୋଇ ନର୍ସିଂହୋମ ଉପରେ ସିଏମ୍‌ସି ଚଢ଼ାଉ କରିଛି। ମଙ୍ଗଳବାର ସିଏମ୍‌ସି ଏନଫୋର୍ସମେଣ୍ଟର ଏକ ଟିମ୍ ଚଢ଼ାଉ କରିବା ସହ ଚେତାବନୀ ଦେଇଛି। କିଛି ଦିନ ତଳେ ଉକ୍ତ ନର୍ସିଂହୋମର କର୍ମଚାରୀଙ୍କ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଥିଲା। ମାତ୍ର ଏବେ ସେମାନଙ୍କର ରିପୋର୍ଟ ଆସିନାହିଁ। ସେମାନଙ୍କ ମଧ୍ୟରେ କିଏ ଆକ୍ରାନ୍ତ ଅଛନ୍ତି କି ନାହାନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ତେଣୁ ରିପୋର୍ଟ ଆସିବା ପରେ ନର୍ସିଂହୋମ ଖୋଲିବାକୁ ସିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଏହି ନିର୍ଦ୍ଦେଶକୁ ପାଳନ କରା ନ ଯାଏ, ତେବେ ଜରିମାନା ଆଦାୟ କରାଯିବା ସହ ସିଲ୍ ହେବ ବୋଲି ସିଏମ୍‌ସି ଏନଫୋର୍ସମେଣ୍ଟ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି।

## ସଂକ୍ଷେପରେ

### ଓପୋଲଫେଣ୍ଡର୍ ନୂଆ ଏମ୍‌ଡି



**ଭୁବନେଶ୍ୱର,୩୦।୬:** ଓପୋଲଫେଣ୍ଡର୍ ନୂଆ ପରିଚାଳନା ନିର୍ଦ୍ଦେଶକ ଭାବେ ଡକ୍ଟର ସତ୍ୟନାରାୟଣ ପଣ୍ଡା ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ବିଦାୟୀ ଏମ୍‌ଡି ଡାକ୍ତର ବଳରାମ ସାହୁଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଡା. ପଣ୍ଡା ଜଣେ ଦକ୍ଷ ପ୍ରକାଶକ ଭାବେ କାର୍ଯ୍ୟ କରି ଆସିଛନ୍ତି। ଓପୋଲଫେଣ୍ଡର୍ ବିକାଶ ଦିଗରେ ତାଙ୍କର ଯୋଗଦାନର ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ ଡାକ୍ତର ବିମଳ ମହାପାତ୍ର, ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ରନାଥ ପ୍ରଧାନ, ମଣ୍ଡଳ ପ୍ରବନ୍ଧକ ବିବେକାନନ୍ଦ ପଟ୍ଟନାୟକ, ମାର୍କେଟିଂ ଅଧିକାରୀ ତାରିଣୀ କୁମାର ସାହୁ ଏବଂ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୨୦ଗ୍ରାମ ବ୍ରାଉନସୁଗାର ଜବତ

**ବାଲିପାଟଣା,୩୦।୬(ଡି.ଏନ୍.ଏ.):** ବ୍ରାଉନସୁଗାର ବିକ୍ରି କରିବା ଅଭିଯୋଗରେ ମଙ୍ଗଳବାର କମିଶନରେଟ ପୋଲିସର କ୍ୟୁଏଟି ଟିମ୍ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ବାଲିପାଟଣା ଥାନା ଅନ୍ତର୍ଗତ ବେଙ୍ଗବତୀ ବସ୍ତିର ସେକ୍ ଅନସାରୀ। ତାଙ୍କ ନିକଟରୁ ୨୦ ଗ୍ରାମ ବ୍ରାଉନସୁଗାର, ୨୨୦୦ ଟଙ୍କା, ମୋବାଇଲ ଫୋନ ଓ ଗୋଟିଏ ବାଇକ୍ ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୯୩/୨୦)ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଦୀର୍ଘ ଦିନ ହେବ ଅନ୍‌ସାରୀ ବ୍ରାଉନସୁଗାର ବେପାର ଚଳାଇଥିବା କ୍ୟୁଏଟି ଟିମ୍ ଜାଣିବାକୁ ପାଇଥିଲା। ବାଲିପାଟଣା ପୋଲିସ ସହାୟତାରେ କ୍ୟୁଏଟି ଟିମ୍ ତାଙ୍କୁ ଅଠାନ୍ତର ଛକରୁ ଗିରଫ କରିଥିଲା।

### ୩ ଦିନ ଅଡ଼ଶପୁର ବଜାର ଶଟ୍‌ଡାଉନ

**କଣ୍ଟାପଡା, ୩୦।୬(ଡି.ଏନ୍.ଏ):** କଣ୍ଟାପଡ଼ା ବ୍ଲକ ଅଧୀନ ଅଡ଼ଶପୁର ପଞ୍ଚାୟତରେ ଜଣେ ଆଇନଜୀବୀ ଓ ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ମହିଳା କର୍ମଚାରୀଙ୍କ ସ୍ୱାବ ପଜିଟିଭ ବାହାରିଛି। ଏହାପରେ ସରପଞ୍ଚ ଡଲି ସ୍ୱାଇଁ ଲୋକଙ୍କ ସୁରକ୍ଷା ଦୃଷ୍ଟିକୁ ଦେଖି ବରାହିପୁର ଛକଠାରୁ କଜେଜ ଛକ(ବଜାର ଛକ) ପର୍ଯ୍ୟନ୍ତ ୩ଦିନ ପାଇଁ ଶଟଡାଉନ ଘୋଷଣା କରିଛନ୍ତି। ଏହା ଆସନ୍ତା ୧ତାରିଖ ସକାଳ ୬ଟାରୁ ୩ତାରିଖ ରାତି ୯ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଆଇନଶୃଙ୍ଖଳା ଦୃଷ୍ଟିରୁ ସରପଞ୍ଚ ସ୍ୱାଇଁ ଓଲଟପୁର ଥାନାର ସହାୟତା ଲୋଡ଼ିଛନ୍ତି। ପଜିଟିଭ ବାହାରି ଥିବା ଆଇନଜୀବୀ ଜଣକ ତହସିଲର କେତେକ କର୍ମଚାରୀଙ୍କ ସଂସ୍ପର୍ଶରେ ଆସିଥିଲେ। ଅପରପକ୍ଷେ ଅଡ଼ଶପୁର ଅସ୍ଥାୟୀ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଣେ ମହିଳା ଏଏନ୍‌ଏମ୍‌ଙ୍କ ସ୍ୱାବ ରିପୋର୍ଟ ପଜିଟିଭ ଆସିଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ହସ୍ପିଟାଲ କଟକଣା ଅସମ୍ଭାଳ

ଭୁବନେଶ୍ୱର, ୩୦।୬(ବ୍ୟୁରୋ)

ରାଜଧାନୀ ବସ୍ତି ଅଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ୁଥିବାରୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଘରୋଇ ହସ୍ପିଟାଲ ପାଇଁ ନୂଆ ନିୟମାବଳୀ ଜାରି କରାଯାଇଛି। ଘରୋଇ ହସ୍ପିଟାଲରେ ବସ୍ତି ଅଞ୍ଚଳରୁ ଆସି କାମ କରୁଥିବା କର୍ମଚାରୀଙ୍କ ପାଇଁ ଏହି ନିୟମ କରାଯାଇଛି। ଏହି କର୍ମଚାରୀମାନେ ହସ୍ପିଟାଲ କ୍ୟାମ୍ପସରେ ରହିବେ। ସେମାନଙ୍କୁ ୧୪ଦିନିଆ ଶିଫ୍ଟରେ ଡ୍ୟୁଟି କରିବାକୁ କୁହାଯାଇଛି। ଏହାପରେ ସେମାନଙ୍କ କୋଭିଡ୍ ଟେଷ୍ଟ କରାଯିବ। ରିପୋର୍ଟ ନେଗେଟିଭ୍ ଆସିଲେ ଘରକୁ ଛଡ଼ାଯିବ। ଏହାପରେ ଆଉ ଗୋଟେ ପର୍ଯ୍ୟାୟରେ ଅନ୍ୟମାନଙ୍କୁ ଡ୍ୟୁଟିରେ ରଖାଯିବାର ବ୍ୟବସ୍ଥା କରାଯିବ। ତେବେ ବିଏମ୍‌ସିର ଏଭଳି ନିୟମାବଳୀକୁ ନେଇ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସମ୍ପର୍କରେ ଜଗନ୍ନାଥ ହସ୍ପିଟାଲ ନିର୍ଦ୍ଦେଶକ ଡା. ବିଶ୍ୱଜିତ ମିଶ୍ର କୁହନ୍ତି, ହସ୍ପିଟାଲରେ କର୍ମଚାରୀଙ୍କ ରହିବା ପାଇଁ ଆବଶ୍ୟକ ଜାଗା ନାହିଁ। ଆମ ପାଖରେ ୫୦ଟି ଶଯ୍ୟା ଅଛି। ୩୦ଟି ବେଡ୍ ରୋଗୀ ପାଇଁ ଥିବା ବେଳେ ୧୦ଟି ଶିଶୁଙ୍କ ପାଇଁ ଏନ୍‌ଆଇସିୟୁ ବେଡ୍ ଏବଂ ବାକି କାଜୁଆଲ୍‌ଟି ରହିଛି। ଅନ୍ୟପଟେ ଯଦି କର୍ମଚାରୀମାନେ ୧୪ ଦିନ କାମ କରିବେ, ତା'ହେଲେ ଆମକୁ ବାକି ୧୪ଦିନ ପାଇଁ ନୂଆ ନିଯୁକ୍ତି ଦେବାକୁ ପଡ଼ିବ। ଏପରି କି ୧୪ଦିନ କାମ ପାଇଁ ପୂରା ମାସର ଦରମା ଦେବା କଷ୍ଟକର ହୋଇପଡ଼ିବ। କାରଣ ଗତ ୩ରୁ ୪ମାସ ହେବ ମାତ୍ର ୩୦ପ୍ରତିଶତ ରୋଗୀ ହସ୍ପିଟାଲକୁ ଆସୁଛନ୍ତି। ଅନ୍ୟପଟେ ଭୁବନେଶ୍ୱର ଏମ୍ସ ଠାରୁ ଆରମ୍ଭ କରି କ୍ୟାପିଟାଲ ହସ୍ପିଟାଲ, ମ୍ୟୁନିସିପାଲିଟି ହସ୍ପିଟାଲ ସବୁଠି ହାଉସ୍ କିପିଂ ଓ ମେଣ୍ଟେନାନ୍ସ ପାଇଁ ବସ୍ତିରେ ରହୁଥିବା ଲୋକମାନେ ହିଁ ଯାଇ କାମ କରୁଛନ୍ତି। ଏପରି କି ମ୍ୟୁନିସିପାଲିଟି ହସ୍ପିଟାଲରେ ୭୦ପ୍ରତିଶତ କର୍ମଚାରୀ ବସ୍ତିରୁ ଆସୁଥିବାବେଳେ କ୍ୟାପିଟାଲ ହସ୍ପିଟାଲରେ ୫୦ପ୍ରତିଶତ ବସ୍ତିରୁ ଆସି କାମ କରୁଥିବା କୁହାଯାଉଛି।

ଏ ନେଇ ଗ୍ୟାଷ୍ଟ୍ରୋ ଆଣ୍ଡ୍ କିଡ୍‌ନୀ କେୟାର ହସ୍ପିଟାଲର ଜିଆଇ ସର୍ଜନ ଡା. ବୃନ୍ଦାବନ ନାହାକ କୁହନ୍ତି, ବିଏମ୍‌ସି ନିୟମ କରିଛି, ତାକୁ ମାନିବାକୁ ପଡ଼ିବ। କିନ୍ତୁ ଏହାକୁ ପାଳନ କରିବା ସମ୍ଭବପର ନୁହେଁ। ବର୍ତ୍ତମାନ ଆର୍ଥିକ ସ୍ଥିତି ମଧ୍ୟ ଠିକ୍ ନାହିଁ। ଏବେବି ଆମର ୫୦ପ୍ରତିଶତ ରୋଗୀ ଆସୁଛନ୍ତି। ହସ୍ପିଟାଲରେ ୧୪ଦିନ କାମ କରି ସେମାନଙ୍କ କୋଭିଡ୍ ଟେଷ୍ଟ କରି ଛାଡ଼ିବା ପରେ ସେମାନେ ପୁଣି ବସ୍ତିକୁ ଯିବେ। ୨ୟ ଥର କାର୍ଯ୍ୟରେ ଯୋଗ ଦେବାକୁ ଆସିବାବେଳେ ସଂକ୍ରମଣ ହୋଇ ନ ଆସିବେ ବୋଲି କେହି କହିପାରିବେ ନାହିଁ।

ଭୁବନେଶ୍ୱର ଆଉ ଏକ ଜଣାଶୁଣା ଘରୋଇ ହସ୍ପିଟାଲ ମୁଖ୍ୟ(ନିଜ ନାମକୁ ପ୍ରକାଶ କରିବାକୁ ଅନିଚ୍ଛୁକ)ଙ୍କ କହିବା ହେଲା ବିଏମ୍‌ସି ଯେଉଁ ନିୟମ କରିଛି ତାହାକୁ ଭଲ ଭାବେ ଚିନ୍ତା କରିବାର ଥିଲା। ସରକାରଙ୍କ କହିବାନୁଯାୟୀ, ହସ୍ପିଟାଲରୁ କର୍ମଚାରୀମାନେ ସଂକ୍ରମିତ ହୋଇ ବସ୍ତିକୁ ଯାଉଛନ୍ତି। ଫଳରେ ସେଠାରେ ଅଧିକ ସଂକ୍ରମଣ ହେଉଛି। କିନ୍ତୁ ସେମାନେ ହସ୍ପିଟାଲ ରୋଗୀଙ୍କ ପାଖରୁ ସଂକ୍ରମିତ ହୋଇଛନ୍ତି ନା ବସ୍ତିରୁ ତାହା ଜଣା ନାହିଁ। ଅନ୍ୟପଟେ ୧୪ଦିନ କାମ ପରେ ତାଙ୍କର କୋଭିଡ୍ ଟେଷ୍ଟ କିଏ କରିବ ଏବଂ ଏଥିପାଇଁ ଟଙ୍କା କିଏ ଖର୍ଚ୍ଚ କରିବ ତାହା ମଧ୍ୟ ସ୍ପଷ୍ଟ ନାହିଁ।

ସେହିପରି ସଞ୍ଜୀବନୀ ହସ୍ପିଟାଲର ମୁଖ୍ୟ ତଥା ଅଲ୍ ଓଡ଼ିଶା ପ୍ରାଇଭେଟ୍ ମେଡିକାଲ ଏଷ୍ଟାବ୍ଲିଶ୍‌ମେଣ୍ଟ ଫୋରମର ସଭାପତି ଡା. ଅଜୟ ମିଶ୍ର କହିଛନ୍ତି ଯେ, ବସ୍ତିରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ସମ୍ଭବ ନୁହେଁ। ତେଣୁ ୧୪ଦିନ କାମ କରିବା ପରେ ସେମାନେ ସରକାରୀ କ୍ୱାରାଣ୍ଟାଇନ୍‌ରେ ରହିବା ଉଚିତ। ଘରୁ ଆସିଲା ପରେ ସେମାନେ କେଉଁ ପରିସ୍ଥିତିରେ ଆସିଥିବେ ତାହା କେହି ଜାଣି ନ ଥିବେ। ତେଣୁ ଏହା ମଧ୍ୟ ଗୋଟିଏ ବଡ଼ ସମସ୍ୟା ହେବ। ୧୪ଦିନିଆ କାମ କରିଲେ ଆମକୁ ତିନୋଟି ଶିଫ୍ଟରେ କାମ କରିବା ପାଇଁ ଲୋକ ରଖିବାକୁ ପଡ଼ିବ। ବର୍ତ୍ତମାନ ସମୟରେ ଆର୍ଥିକ ପରିସ୍ଥିତି ଏପରି ହେଲାଣି ହସ୍ପିଟାଲ ଚଳାଇବା କଷ୍ଟକର ହୋଇପଡ଼ିଛି। ଏଭଳିସ୍ଥିତିରେ ବିଏମ୍‌ସିର ଏହି ନିୟମ ପାଳନ କରିବା ସମ୍ଭବ ନୁହେଁ।

ଅନ୍ୟପଟେ ଏ ସମ୍ପର୍କରେ ବିଏମ୍‌ସି କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀ କହିଛନ୍ତି ଯେ, କୋଭିଡ୍ ପରିଚାଳନା ପାଇଁ ଏହା ବାଧ୍ୟତାମୂଳକ ରହିଛି। ବର୍ତ୍ତମାନ ସାଧାରଣ ପରିସ୍ଥିତି ନୁହେଁ। ଏହାର ଅନ୍ୟ କିଛି ଉପାୟ ନାହିଁ। ତେଣୁ ଏହି ନିୟମ ମାନିବାକୁ ପଡ଼ିବ ବୋଲି ଚୌଧାରୀ କହିଛନ୍ତି।

# ରବିଧାନ କିଣାରେ ରେକର୍ଡ

## ଗତବର୍ଷ ତୁଳନାରେ ୬୦ ପ୍ରତିଶତ ଅଧିକ କିଣାହୋଇଛି

କଟକ ଅଫିସ,୩୦।୬

ବିଗତ ବର୍ଷଗୁଡ଼ିକ ତୁଳନାରେ ଚଳିତଥର କଟକ ଜିଲାରେ ସର୍ବାଧିକ ପରିମାଣର ରବିଧାନ କିଣାଯାଇଛି। ଏହା ଗତ ୧୦ବର୍ଷର ରେକର୍ଡକୁ ଭାଙ୍ଗିଛି ବୋଲି ଜିଲା ଯୋଗାଣ ବିଭାଗ ସୂଚନା ଦେଇଛି। ଗତ ବର୍ଷ ୫୫ ହଜାର କୁଇଣ୍ଟାଲ ରବିଧାନ କିଣା ହୋଇଥିଲା। ଚଳିତ ବର୍ଷ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୧ଲକ୍ଷ ୨୦ ହଜାର ୪୩୦ କୁଇଣ୍ଟାଲ ୬୫ କେ.ଜି. ଧାନ କିଣା ସରିଛି ବୋଲି ଅତିରିକ୍ତ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି। ପୂର୍ବବର୍ଷ ତୁଳନାରେ ଏଥର କଟକ ଜିଲାରେ ୬୦ ପ୍ରତିଶତରୁ ଅଧିକ ରବି ଧାନ କିଣା ହୋଇଛି।

ମେ ପହିଲାରୁ ଜୁନ ୩୦ ପର୍ଯ୍ୟନ୍ତ ରାଜ୍ୟ ସରକାର ରବିଧାନ କିଣନ୍ତି। କଟକରେ ଏହି ପ୍ରକ୍ରିୟା ମେ' ୨୧ରୁ ଆରମ୍ଭ ହୋଇଥିଲା। ଚଳିତଥର କଟକ ଜିଲାରେ ୩୧୪୧ ଜଣ ଚାଷୀ ଧାନ ବିକିବା ପାଇଁ ନିଜକୁ ପଞ୍ଜୀକୃତ କରିଥିଲେ। ଏମାନଙ୍କ ମଧ୍ୟରୁ ୫୦୦ ଜଣ ନୂତନ ଚାଷୀ ପଞ୍ଜୀକରଣ ତାଲିକାରେ ରହିଛନ୍ତି। ବାଙ୍କୀ ବ୍ରହ୍ମପୁରା ସୋସାଇଟିରୁ ସର୍ବାଧିକ ୧୦୮ ଜଣ ନୂତନ ଚାଷୀ ପଞ୍ଜୀକୃତ ହୋଇଥିଲେ। ଡମପଡ଼ା ଗୋପାଳପୁର ସୋସାଇଟିରୁ ୯୧, ବିଲିପଦା ସୋସାଇଟିରୁ ୬୯, ତାଳବସ୍ତ ସୋସାଇଟିରୁ ୩୮, ବି.କେ. ରାମଚନ୍ଦ୍ରପୁର ସୋସାଇଟିରୁ ୩୧, ଢଁସର ସୋସାଇଟିରୁ ୨୧ ଜଣ ନୂତନ ଚାଷୀ ରହିଛନ୍ତି। ମୋଟ ୨୫୭୬ ଜଣ ଚାଷୀ ଧାନ ବିକିଛନ୍ତି। ଜିଲାର ୨୫ଟି ସୋସାଇଟିରୁ ଏହି ଧାନ ବିକ୍ରି ହୋଇଛି। ବାଙ୍କୀ-ଡମପଡ଼ା ବ୍ଲକରେ ଥିବା ସୋସାଇଟିରୁ ସର୍ବାଧିକ ଧାନ କିଣାଯାଇଛି। କୁଶପଙ୍ଗୀ ଅଞ୍ଚଳର ୩୩୭ ଜଣ ଚାଷୀଙ୍କଠାରୁ ୧୪ ହଜାର ୭୦ କୁଇଣ୍ଟାଲ, ତାଳବସ୍ତ ଅଞ୍ଚଳର ୨୪୧ ଜଣ ଚାଷୀଙ୍କଠାରୁ ୧୨ ହଜାର ୧୧୭ କୁଇଣ୍ଟାଲ, ପାର୍ଥପୁର ଅଞ୍ଚଳର ୨୩୫ ଜଣ ଚାଷୀଙ୍କଠାରୁ ୧୦ ହଜାର ୬୪ କୁଇଣ୍ଟାଲ, ବିଲିପଦା ଅଞ୍ଚଳରୁ ୧୯୯ ଜଣ ଚାଷୀଙ୍କଠାରୁ ୧୧ ହଜାର ୨୭୭ କୁଇଣ୍ଟାଲ ଧାନ କିଣାଯାଇଛି ବୋଲି ଯୋଗାଣ ବିଭାଗ ସୂଚନା ଦେଇଛି। ଅତିରିକ୍ତ ଯୋଗାଣ ଅଧିକାରୀ କହିଛନ୍ତି, ଏବର୍ଷ ଏତେ ମାତ୍ରାରେ ଧାନ କିଣାଯିବା ଏକ ରେକର୍ଡ। ମଙ୍ଗଳବାର ରାତି ୧୨ଟା ପର୍ଯ୍ୟନ୍ତ ଧାନ ବିକ୍ରି ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଏହି ପରିମାଣ ଆହୁରି ବଢ଼ିବ।




ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରେ ମଙ୍ଗଳବାର ପେଟ୍ରୋଲ୍ ଓ ଡିଜେଲ୍ ଦରବୃଦ୍ଧି ପ୍ରତିବାଦରେ ବାମପନ୍ଥୀ ଦଳଗୁଡ଼ିକ ପକ୍ଷରୁ ମିଳିତ ପ୍ରତିବାଦ।

# ଜୁଲାଇ ୩୧ ପର୍ଯ୍ୟନ୍ତ ଚାଲିବ ସ୍ୱତନ୍ତ୍ର ଟ୍ରେନ୍

**ସପ୍ତାହକୁ ୫ ପରିବର୍ତ୍ତେ ୩ ଦିନ ଚାଲିବ ଅଧିକାଂଶ ଟ୍ରେନ୍**

ଭୁବନେଶ୍ୱର,୩୦।୬(ବ୍ୟୁରୋ)

ପୂର୍ବତଟ ରେଳପଥ ଦ୍ୱାରା ଓଡ଼ିଶା ଭିତରେ ଚାଲୁଥିବା ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍ ଜୁନ୍ ୩୦ ପରିବର୍ତ୍ତେ ଜୁଲାଇ ୩୧ ତରିଖ ପର୍ଯ୍ୟନ୍ତ ଚାଲିବ। ଜୁନ୍ ୮ରୁ ରାଜ୍ୟ ମଧ୍ୟରେ ୬ଟି ଆନ୍ତଃରାଜ୍ୟ ଟ୍ରେନ୍ ଚଳାଚଳ ଆରମ୍ଭ କରିଥିବାବେଳେ ଏହାକୁ ଜୁନ୍ ୩୦ ପର୍ଯ୍ୟନ୍ତ ଚଳାଇବାକୁ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ମାତ୍ର ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ସାଧାରଣ ଯାତ୍ରୀବାହୀ ଟ୍ରେନ୍ ପରିବର୍ତ୍ତେ ଆସନ୍ତା ମାସେ ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ଟେନ୍ ଚଳାଚଳ କରାଯିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ଏଥିଲାଗି ଯାତ୍ରୀମାନେ ରିଜର୍ଭେଶନ କାଉଣ୍ଟର ସହ ଆଇ.ଆର୍.ସି.ଟି.ସି. ୱେବ୍‌ସାଇଟ୍‌ରେ ଟିକେଟ୍ ବୁକିଂ କରିପାରିବେ। କେବଳ କନ୍‌ଫର୍ମ ଟିକେଟ୍ ଥିଲେ ଯାତ୍ରୀ ଟ୍ରେନ୍‌ରେ ଚଢ଼ିପାରିବେ।

ସୂଚନା ମୁତାବକ, ସପ୍ତାହକୁ ୩ଦିନ ଚାଲିବାକୁ ଥିବା ସମ୍ବଲପୁର-ଖୋର୍ଦ୍ଧାରୋଡ଼-ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ୍ ସମ୍ବଲପୁରରୁ ପୂର୍ବଭଳି ସକାଳ ୬ଟା ଏବଂ ଖୋର୍ଦ୍ଧାରୋଡରୁ ଅପରାହ୍ନ ୪ଟା ୫୫ରେ ଛାଡ଼ିବ। ୩୧ ଜୁଲାଇ ପର୍ଯ୍ୟନ୍ତ ପ୍ରତ୍ୟେକ ସୋମବାର, ବୁଧବାର ଏବଂ ଶୁକ୍ରବାର ଏହି ଟ୍ରେନ୍ ଚାଲିବ। ସେହିଭଳି ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ଶନିବାର ଓ ରବିବାର ଛାଡ଼ି ସପ୍ତାହରେ ୫ଦିନ ଚାଲିବ। ପୂର୍ବଭଳି ସକାଳ ୬ଟା ୩୦ରେ ଏହା ଭୁବନେଶ୍ୱରରୁ ବାହାରିବ ଏବଂ ୨ଟା ୪୫ରେ ବଲାଙ୍ଗୀର ଷ୍ଟେଶନରୁ ଛାଡ଼ିବ। ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ଏଣିକି ସପ୍ତାହକୁ ୩ଦିନ ଚାଲିବ। ସୋମବାର, ବୁଧବାର ଓ ଗୁରୁବାର ଭୁବନେଶ୍ୱରରୁ ଏହି ଟ୍ରେନ୍ ସନ୍ଧ୍ୟା ୬ଟାରେ ବାହାରିବ ଏବଂ ମଙ୍ଗଳବାର, ଗୁରୁବାର ଓ ଶୁକ୍ରବାର ସକାଳ ୬ଟା ୩୦ରେ ଭଦ୍ରକ ଷ୍ଟେଶନ ଛାଡ଼ିବ। ତେବେ ଜୁଲାଇ ୧ ତାରିଖ ଦିନ ଏହା ଭଦ୍ରକ ଷ୍ଟେଶନରୁ ବନ୍ଦ ରହିବ। ସେହିଭଳି ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ମଧ୍ୟ ସପ୍ତାହକୁ ୫ଦିନ ପରିବର୍ତ୍ତେ ଏଣିକି ୩ଦିନ ଚଳାଚଳ କରିବ। ସୋମବାର, ବୁଧବାର ଓ ଗୁରୁବାର ଭୁବନେଶ୍ୱରରୁ ସନ୍ଧ୍ୟା ୫ଟା ୩୦ ଏବଂ ମଙ୍ଗଳବାର, ଗୁରୁବାର, ଶୁକ୍ରବାର ବ୍ରହ୍ମପୁରରୁ ସକାଳ ୭ଟାରେ ଛାଡ଼ିବ। ଜୁଲାଇ ୧ ତାରିଖ ଦିନ ଏହା ବ୍ରହ୍ମପୁର ଷ୍ଟେଶନରୁ ବାତିଲ ରହିବ। ସପ୍ତାହକୁ ୩ ଦିନ ଚାଲୁଥିବା ଭୁବନେଶ୍ୱର-କୋରାପୁଟ-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ଭାୟା ସମ୍ବଲପୁର-ରାୟଗଡ଼ା ଦେଇ ପୂର୍ବଭଳି ଚଳାଚଳ କରିବ। ସୋମବାର, ବୁଧବାର ଓ ଶୁକ୍ରବାର ଭୁବନେଶ୍ୱରରୁ ସନ୍ଧ୍ୟା ୬ଟା ୩୦ରେ ଏବଂ ମଙ୍ଗଳବାର, ଗୁରୁବାର ଓ ରବିବାର କୋରାପୁଟରୁ ସନ୍ଧ୍ୟା ୫ଟା ୩୦ରେ ଛାଡ଼ିବ। ରାଉରକେଲା-ଭୁବନେଶ୍ୱର-ରାଉରକେଲା ସ୍ୱତନ୍ତ୍ର ଟ୍ରେନ ଜୁଲାଇ ପହିଲାରୁ ୩୧ ତାରିଖ ମଧ୍ୟରେ ପ୍ରତି ଶନି ଓ ରବିବାର ବ୍ୟତୀତ ଅନ୍ୟଦିନରେ ଚଳାଚଳ କରିବ। ଏହା ରାଉରକେଲାରୁ ସକାଳ ୫ଟା ୧୦ରେ ଛାଡ଼ିବ ଏବଂ ଅପରାହ୍ନ ୨ଟା ୧୦ରେ ଭୁବନେଶ୍ୱରୁ ଛାଡ଼ିବ। ଅନ୍ୟପକ୍ଷରେ ନୂଆଦିଲ୍ଲୀରୁ ଭୁବନେଶ୍ୱର, ଭୁବନେଶ୍ୱରରୁ ମୁମ୍ବାଇ, ଭୁବନେଶ୍ୱରରୁ ହାଓଡ଼ା ଭଳି ଅନ୍ୟ ସ୍ୱତନ୍ତ୍ର ଟ୍ରେନ୍ ପୂର୍ବ ବିଜ୍ଞପ୍ତି ଅନୁସାରେ ଚଳାଚଳ କରିବ।

## ୧୫ଦିନ ପାଇଁ ଜନସାଧାରଣଙ୍କୁ ବିଏମ୍‌ସି, ବିଡିଏ ଅଫିସ୍ ମନା

**ଭୁବନେଶ୍ୱର,୩୦।୬(ବ୍ୟୁରୋ):** ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)କୁ ଆସନ୍ତା ୧୫ଦିନ ପାଇଁ ସର୍ବସାଧାରଣଙ୍କ ପ୍ରବେଶକୁ ମନା କରାଯାଇଛି। ଏନେଇ ବିଏମ୍‌ସି କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀ ମଙ୍ଗଳବାର ସୂଚନା ଦେଇଛନ୍ତି। ରାଜଧାନୀବାସୀଙ୍କ ସମସ୍ତ ସମସ୍ୟାର ସମାଧାନ କରିବାକୁ ବିଏମ୍‌ସି କାମ କରୁଛି। ତେଣୁ ଲୋକମାନେ ବର୍ତ୍ତମାନ ପରିସ୍ଥିତିରେ ବିଏମ୍‌ସି ଓ ବିଡିଏ କାର୍ଯ୍ୟାଳୟକୁ ଆସିବା ଦରକାର ନାହିଁ। ସେମାନେ www.bhubaneswar.me ୱେବସାଇଟ୍‌କୁ କ୍ଲିକ୍ କରି ସେମାନଙ୍କ ଅଭିଯୋଗ ଓ ସମସ୍ୟା ବିଏମ୍‌ସିକୁ ଜଣାଇପାରିବେ। ବିଏମ୍‌ସିର କ୍ଷେତ୍ରସ୍ତରୀୟ ଅଧିକାରୀ ଲୋକଙ୍କୁ ସାହାଯ୍ୟ କରିବେ। ବର୍ତ୍ତମାନ ସାମ୍ପ୍ରତିକ ପରିସ୍ଥିତିରେ କରୋନା ମୁକାବିଲା କରିବାରେ ଲୋକମାନେ ବିଏମ୍‌ସିକୁ ସହଯୋଗ କରନ୍ତୁ ବୋଲି ଚୌଧାରୀ କହିଛନ୍ତି।

Bhubaneswar based Food Processing Unit REQUIRE
MARKETING REPRESENTATIVES
For districts of Odisha : Deogarh, Nayagarh, Ganjam, Dhenkanal, Jajpur, Jagatsinghpur, Keonjhar, Balasore & Mayurbhanj.
CONTACT: 9338873400

REQUIRED
Marketing Executive of COVID-19 accessories for door to door sale on commission basis. Qualification 10th pass & above. Contact: Best Enterprises, Bhubaneswar.
Mobile: 9437015357 | 7381350131

ବ୍ଲକସ୍ତରୀୟ ନିଯୁକ୍ତି
Required 7th to +3, ITI, Diploma, B.Tech Qualification ଥିବା candidate ଆବଶ୍ୟକ।
ଦରମା - 7000/- ରୁ 38000/-
7894509327

PARADIP PORT TRUST
e-TENDER CALL NOTICE
Name of the work : "Construction of RCC Drain cum Retaining Wall alongside the IOHP Road (left side)". EMD cost : Rs.5,07,509/-. Last Date and Time of submission of Bid : 16.07.2020 up to 17:15 Hrs. For details please refer our website: https://eprocure.gov.in/eprocure/app.
Executive Engineer,
Harbour Works Division No.I
PPT/PR/99/20-21, DT.30.06.2020

इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत | In assessment, India trusts us
ୱେବ୍‌ସାଇଟ୍: www.ibps.in | କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in ରେ ଲଗ୍ ଇନ୍ କରନ୍ତୁ

ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆର୍‌ବି)ଗୁଡ଼ିକରେ ଅଫିସର୍ (ସ୍କେଲ୍- I, II ଓ III) ଏବଂ ଅଫିସ୍ ଆସିଷ୍ଟାଣ୍ଟ (ମଲ୍‌ଟିପର୍ପୋଜ୍)ଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା - ସିଆର୍‌ପି ଆର୍‌ଆର୍‌ବି - IX

ଆର୍‌ଆର୍‌ବି (ସିଆର୍‌ପି ଆର୍‌ଆର୍‌ବିଏସ୍ IX)ଗୁଡ଼ିକରେ ଗ୍ରୁପ୍ "ଏ" - ଅଫିସର୍ସ (ସ୍କେଲ୍- I, II ଓ III) ଏବଂ ଗ୍ରୁପ୍ "ବି" - ଅଫିସ୍ ଆସିଷ୍ଟାଣ୍ଟ (ମଲ୍‌ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ଲାଗି ଅନ୍‌ଲାଇନ୍ ପରୀକ୍ଷା ଇନଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍ (ଆଇବିପିଏସ୍) ଦ୍ୱାରା ସମ୍ଭବତଃ ସେପ୍ଟେମ୍ବର ଏବଂ ଅକ୍ଟୋବର/ନଭେମ୍ବର ୨୦୨୦ରେ ସଞ୍ଚାଳନ କରାଯିବ। ସମାନ ପ୍ରକ୍ରିୟା ଅଧୀନରେ ଗ୍ରୁପ୍ "ଏ" ଅଫିସର୍ସ (ସ୍କେଲ୍- I, II ଓ III)ଙ୍କ ନିଯୁକ୍ତି ଲାଗି ସାକ୍ଷାତ୍‌କାର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ନାବାର୍ଡ ଏବଂ ଆଇବିପିଏସ୍ ସହାୟତାରେ ନୋଡାଲ୍ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସମ୍ଭବତଃ ନଭେମ୍ବର ୨୦୨୦ରେ ସଂଯୋଜିତ ହେବ। ସିଆର୍‌ପି ଆର୍‌ଆର୍‌ବିଏସ୍ - IX ନିମନ୍ତେ ଆବେଦନ କରିବା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ ସେମାନେ ନିର୍ଦ୍ଧାରିତ ତାରିଖରେ ଆଇବିପିଏସ୍ ଦ୍ୱାରା ଜାରି ବିସ୍ତୃତ ଅଧିସୂଚନାରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ସର୍ବନିମ୍ନ ଯୋଗ୍ୟତା ପୂରଣ କରୁଥିବେ।

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ ଅନ୍-ଲାଇନ୍ ପଞ୍ଜୀକରଣ ଏବଂ ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ | ୦୧।୦୭।୨୦୨୦ରୁ ୨୧।୦୭।୨୦୨୦ |
| ପ୍ରାକ୍-ପରୀକ୍ଷା ତାଲିମ୍ (ପିଇଟି)* ସଞ୍ଚାଳନ | ୨୪।୦୮।୨୦୨୦ରୁ ୨୯।୦୮।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ସେପ୍ଟେମ୍ବର/ଅକ୍ଟୋବର, ୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରିର ଫଳାଫଳ | ଅକ୍ଟୋବର, ୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍/ସିଙ୍ଗଲ୍ | ଅକ୍ଟୋବର/ନଭେମ୍ବର, ୨୦୨୦ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୦୧।୦୭।୨୦୨୦ — ନିର୍ଦ୍ଦେଶକ

ଭାରତୀୟ ସାମୁଦ୍ରିକ ବିଶ୍ୱବିଦ୍ୟାଳୟ (ଆଇଏମ୍‌ୟୁ)
(ଜାହାଜ ଚଳାଚଳ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ)
ସଂସଦର ଏକ ଅଧିନିୟମ ଦ୍ୱାରା ୨୦୦୮ ମସିହାରେ ପ୍ରତିଷ୍ଠିତ
www.imu.edu.in

ନାମଲେଖା ଆରମ୍ଭ : ଶିକ୍ଷାବର୍ଷ ୨୦୨୦-୨୧
ସ୍ନାତକ, ସ୍ନାତକୋତ୍ତର ଏବଂ ଗବେଷଣା କାର୍ଯ୍ୟକ୍ରମ
ଅନ୍‌ଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା (ଆଇଏମ୍‌ୟୁ-ସିଇଟି)# ମାଧ୍ୟମରେ

୧. ବି.ଟେକ୍ (ମେରାଇନ୍ ଇଞ୍ଜିନିୟରିଂ)
୨. ବି.ଟେକ୍ (ନାଭାଲ ଆର୍କିଟେକ୍ଚର୍ ଆଣ୍ଡ ଓସେନ୍ ଇଞ୍ଜିନିୟରିଂ)
୩. ବି.ଏସ୍‌ସି (ନଟିକାଲ୍ ସାଇନ୍ସ)
୪. ବି.ଏସ୍‌ସି (ଶିପ୍ ବିଲ୍ଡିଂ ଆଣ୍ଡ ରିପେୟାର୍)
କେବଳ ଅନୁବନ୍ଧିତ ଅନୁଷ୍ଠାନରେ ସଞ୍ଚାଳିତ।
୫. ଡିଏନ୍‌ଏସ୍ (ଡିପ୍ଲୋମା ଇନ୍ ନଟିକାଲ ସାଇନ୍ସ)
୬. ବିବିଏ (ଲଜିଷ୍ଟିକ୍ସ, ରିଟେଲିଂ ଆଣ୍ଡ ଇ-କମର୍ସ)*
୭. ଏମ୍‌ବିଏ (ପୋର୍ଟ ଆଣ୍ଡ ଶିପିଂ ମ୍ୟାନେଜମେଣ୍ଟ)
୮. ଏମ୍‌ବିଏ (ଇଣ୍ଟରନ୍ୟାଶନାଲ ଟ୍ରାନ୍ସପୋର୍ଟେଶନ ଆଣ୍ଡ ଲଜିଷ୍ଟିକ୍ସ ମ୍ୟାନେଜମେଣ୍ଟ)
୯. ଏମ୍.ଏସ୍‌ସି (କମର୍ସିଆଲ ଶିପିଂ ଆଣ୍ଡ ଲଜିଷ୍ଟିକ୍ସ)
୧୦. ଏମ୍.ଟେକ୍ (ନାଭାଲ ଆର୍କିଟେକ୍ଚର ଆଣ୍ଡ ଓସେନ୍ ଇଞ୍ଜିନିୟରିଂ)
୧୧. ଏମ୍.ଟେକ୍ (ଡ୍ରେଜିଂ ଆଣ୍ଡ ହାର୍ବର ଇଞ୍ଜିନିୟରିଂ)
୧୨. ଏମ୍.ଟେକ୍ (ମେରାଇନ୍ ଇଞ୍ଜିନିୟରିଂ ଆଣ୍ଡ ମ୍ୟାନେଜମେଣ୍ଟ)
୧୩. ଏମ୍.ଏସ୍ (ଗବେଷଣା ଦ୍ୱାରା)
୧୪. ପିଏଚ୍.ଡି.

| | |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ଖୋଲାଯିବା ତାରିଖ: | ୦୧।୦୭।୨୦୨୦ |
| ମୌଳିକ ଅନ୍‌ଲାଇନ୍ ପଞ୍ଜୀକରଣ ଓ ଦେୟ ପଇଠର ଶେଷ ତାରିଖ: | ୨୬।୦୭।୨୦୨୦ |
| ପୂରଣ ହୋଇଥିବା ଫର୍ମ ଦାଖଲର ଶେଷ ତାରିଖ: | ୨୬।୦୭।୨୦୨୦ |
| ଅନ୍‌ଲାଇନ୍ ସିଇଟି (ବିବିଏକୁ ଛାଡ଼ି)ର ତାରିଖ: | ରବିବାର, ୧୬ ଅଗଷ୍ଟ, ୨୦୨୦** |
| କ୍ଲାସ୍ ଆରମ୍ଭ (ଆଇଏମ୍‌ୟୁ କ୍ୟାମ୍ପସ୍ ଓ ଏହାର ଅନୁବନ୍ଧିତ ଅନୁଷ୍ଠାନ): | ୦୫।୧୦।୨୦୨୦ (ବିବିଏକୁ ଛାଡ଼ି) |
| କ୍ଲାସ୍ ଆରମ୍ଭ - ବିବିଏ କାର୍ଯ୍ୟକ୍ରମ*: | ୦୧।୦୯।୨୦୨୦ |

ସମସ୍ତ ତାରିଖ ଅନିର୍ଦ୍ଦିଷ୍ଟ ଅଟେ । ଅଧିକ ବିବରଣୀ ପାଇଁ, ଦୟାକରି ଆଇଏମ୍‌ୟୁର ଶିକ୍ଷାଗତ ସୂଚନା ପୁସ୍ତିକା ୨୦୨୦-୨୧ ଦେଖନ୍ତୁ ଯାହା www.imu.edu.inରେ ଉପଲବ୍ଧ

ସାରା ଭାରତର ସମସ୍ତ ସାମୁଦ୍ରିକ ତାଲିମ ଅନୁଷ୍ଠାନରେ ଜାହାଜ ଚଳାଚଳ ମହାନିର୍ଦ୍ଦେଶାଳୟଙ୍କ ଦ୍ୱାରା ଅନୁମୋଦିତ ପ୍ରାକ୍-ସାମୁଦ୍ରିକ ପାଠ୍ୟକ୍ରମ [ଡିପ୍ଲୋମା ଇନ୍ ନଟିକାଲ ସାଇନ୍ସ, ବି.ଏସ୍‌ସି (ନଟିକାଲ୍ ସାଇନ୍ସ), ବି. ଟେକ୍ (ମେରାଇନ୍ ଇଞ୍ଜିନିୟରିଂ)] ରେ ନାମ ଲେଖାଇବା ପାଇଁ ଆଇଏମ୍‌ୟୁ-ସିଇଟି ବାଧ୍ୟତାମୂଳକ।
*ବିବିଏ (ଲଜିଷ୍ଟିକ୍ସ, ରିଟେଲିଂ ଓ ଇ-କମର୍ସ)ରେ ନାମଲେଖା ଆଇଏମ୍‌ୟୁ-ସିଇଟି ମାଧ୍ୟମରେ ହୋଇ ନ ଥାଏ, ତେଣୁ ପ୍ରାର୍ଥୀମାନେ (ବିବିଏରେ ଆଗ୍ରହୀ) ପୃଥକ୍ ଭାବେ ପଞ୍ଜୀକରଣ କରିପାରିବେ। ବିବିଏ କାର୍ଯ୍ୟକ୍ରମ ସମ୍ପର୍କିତ ଅଧିକ ବିବରଣୀ ପାଇଁ ଦୟାକରି ଶିକ୍ଷାଗତ ସୂଚନା ପୁସ୍ତିକା ୨୦୨୦-୨୧ ଦେଖନ୍ତୁ।
# ଦ୍ରଷ୍ଟବ୍ୟ: ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ମୂଳବାସିନ୍ଦା କିମ୍ବା ସେଠାରେ ଅତି କମ୍‌ରେ ୫ ବର୍ଷ ଧରି ବାସ କରୁଥିବା ପ୍ରାର୍ଥୀମାନଙ୍କ ପାଇଁ, ସ୍ନାତକ ପାଠ୍ୟକ୍ରମ ଲାଗି ଆଇଏମ୍‌ୟୁ ତରଫରୁ ଆଣ୍ଡାମାନ ଓ ନିକୋବର ପ୍ରଶାସନ ଦ୍ୱାରା ଏକ ପୃଥକ୍ ସିଇଟି କାର୍ଯ୍ୟକ୍ରମ ସଞ୍ଚାଳନ କରାଯିବ।
**କୋଭିଡ୍-୧୯ ମହାମାରୀ କାରଣରୁ ସିଇଟିର ତାରିଖ ପରିବର୍ତ୍ତିତ ହୋଇପାରେ। ସୁନିଶ୍ଚିତୀକରଣ/ସଦ୍ୟତମ ସୂଚନା ପାଇଁ ପ୍ରାର୍ଥୀମାନେ ଆଇଏମ୍‌ୟୁ ୱେବ୍‌ସାଇଟ୍‌କୁ ଅନୁସରଣ କରିବା ଜରୁରୀ।
# ପ୍ରଚଳିତ ମହାମାରୀ (କୋଭିଡ୍-୧୯) ପରିସ୍ଥିତିକୁ ଦୃଷ୍ଟିରେ ରଖି, ସିଇଟି ସଞ୍ଚାଳନ କରିବା ଅଥବା ନାମଲେଖା ପ୍ରକ୍ରିୟା ପାଇଁ ବିକଳ୍ପ ପଦ୍ଧତି ଅନୁସରଣ କରିବାର ଅଧିକାର ଆଇଏମ୍‌ୟୁ ନିକଟରେ ସଂରକ୍ଷିତ।
DAVP/37208/11/0005/2021

# ଅଲୋଡ଼ା ମୃତଦେହର ମୁକ୍ତିଦାତା

## ୧୨ ବର୍ଷରେ ୧୩୦୦ ମୃତଦେହର ଦାହ ସଂସ୍କାର କଲେଣି ଅଭିମନ୍ୟୁ



**ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ ହେଉ କି ଏସ୍‌ସିବି, ସେଠାରେ ଚିକିତ୍ସିତ ହେଉଥିବା ଯେଉଁ ରୋଗୀର କେହି ନାହାନ୍ତି, ତାଙ୍କ ପାଇଁ ଅଭିମନ୍ୟୁ ଅଛନ୍ତି। ଏକଥା ଖୋଦ୍ ସେଠାକାର ଡାକ୍ତରମାନେ ମଧ୍ୟ କୁହନ୍ତି। ସକାଳୁ ରାତି ଯାଏ ସେ ଅସହାୟ ରୋଗୀଙ୍କ ସେବାରେ ଲାଗିଥାନ୍ତି। ଗତ ୧୨ ବର୍ଷରେ ୧୩୦୦ରୁ ଅଧିକ ମୃତଦେହର ଦାହ ସଂସ୍କାର କରିଥିବା ଅଭିମନ୍ୟୁ ଏବେ କରୋନା ବେଳରେ ମଧ୍ୟ ସେହି ମହତ୍ କାମରୁ ବିରତ ହୋଇନାହାନ୍ତି। ତେଣୁ ସେ ଅଲୋଡ଼ା ମୃତଦେହ ପାଇଁ ମୁକ୍ତିଦାତା ପାଲଟି ଯାଇଛନ୍ତି।**

କଟକ ଅଫିସ,୩୦।୬

ଅଭିମନ୍ୟୁଙ୍କ ଘର କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଆଳି ଅଞ୍ଚଳରେ। ସପ୍ତମରେ ପାଠ ପଢୁଥିବା ବେଳେ କଟକ ଆସି ନେତାଜୀନଗର ଅଞ୍ଚଳରେ ରହୁଥିବା ଜେଜେବାପାଙ୍କ ପାଖରେ ରହିଥିଲେ। ବିଭିନ୍ନ ପ୍ରକାଶନୀ ସଂସ୍ଥାର ମାର୍କେଟିଂ ଦାୟିତ୍ୱରେ ଥିବାରୁ ଭଲ ରୋଜଗାର ହେଉଥିଲା। ତେଣୁ ପ୍ରଥମେ କେବଳ ଅସହାୟ ରୋଗୀଙ୍କୁ ଟଙ୍କା ଦେଇ ଚାଲି ଆସୁଥିଲେ ସେ। ପରେ ସେମାନଙ୍କ ସହ ଜଡ଼ିତ ହୋଇ ସେବା କରିବା ଆରମ୍ଭ କଲେ। ୨୦୦୮ରେ ନେତାଜୀ ନଗରର ଜଣେ ଯୁବକଙ୍କ ମୃତଦେହ ପୋଡ଼ିଥିଲେ। ଟିବି ରୋଗରେ ମରିଥିବା ଯୁବକଙ୍କ କେହି ସମ୍ପର୍କୀୟ ନ ଆସିବାରୁ ତାଙ୍କୁ ଏହି ଦାୟିତ୍ୱ ନେବାକୁ ପଡ଼ିଥିଲା ବୋଲି ସେ କହିଛନ୍ତି। ଏହା ଥିଲା ପ୍ରଥମ ଘଟଣା। ପରେ ସେ ନିଜର ସମ୍ବଳ ଦ୍ୱାରା ୧୩୦୦ରୁ ଅଧିକ ମୃତଦେହର ଦାହ ସଂସ୍କାର କରାଇଛନ୍ତି।

ଅଭିମନ୍ୟୁ ନିଜର ଏକ ଅନୁଭୂତିକୁ ନେଇ କୁହନ୍ତି, ୨୦୧୨ ମସିହାର କଥା। ବୋଧହୁଏ ନୟାଗଡ଼ ଅଞ୍ଚଳରୁ ସେମାନେ ଆସିଥିଲେ। ପାରିବାରିକ କଳହକୁ ନେଇ ଜଣେ ମା' ନିଜେ ଓ ନିଜର ଦୁଇ ଶିଶୁପୁତ୍ରଙ୍କୁ ବିଷ ଖୁଆଇ ଦେଇଥିଲା। ଏସ୍‌ସିବି ମେଡିକାଲରେ ଏହି ୩ ଜଣଙ୍କ ମୃତ୍ୟୁ ଘଟିବା ପରେ ମୃତଦେହ ଦୀର୍ଘ ସମୟ ପଡ଼ିରହିଥିଲା। ପରିବାର ଲୋକେ ନ ଆସିବାରୁ ମେଡିକାଲ କର୍ତ୍ତୃପକ୍ଷ ତାଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ତେଣୁ ସେ ୩ଟି ଯାକ ମୃତଦେହକୁ ନେଇ ଖାନ୍‌ନଗର ଶ୍ମଶାନରେ ଶେଷକୃତ୍ୟ କରାଇଥିଲେ। ଗୋଟିଏ ଜୁଇରେ ୩ ମୃତଦେହକୁ ରଖି ନିଆଁ ଲଗାଇବା ବେଳେ ସେ କୋହାଚ୍ଛନ୍ନ ହୋଇ ବହୁତ କାନ୍ଦିଥିଲେ ବୋଲି କହିଛନ୍ତି।

### ବିଚଳିତ କରିଥିଲା କ୍ୟାନ୍‌ସରରେ ୫ ଆତ୍ମୀୟଙ୍କ ମୃତ୍ୟୁ

ଅଭିମନ୍ୟୁଙ୍କ କହିବା ଅନୁଯାୟୀ, ୧୯୯୬ରେ ମା' ସୁଲୋଚନା ଦାସଙ୍କ କ୍ୟାନ୍‌ସର ରୋଗରେ ମୃତ୍ୟୁ ଘଟିଥିଲା। ପରକୁ ପର ମଝିଆବାପା, ଦାଦା, ଶ୍ୱଶୁର ଓ ଭିଣୋଇ ଏହି ରୋଗରେ ପରଲୋକକୁ ଚାଲିଗଲେ। ୫ଜଣ ଆତ୍ମୀୟ ଗୋଟିଏ ରୋଗରେ ମରିବା ତାଙ୍କୁ ବିଚଳିତ କରି ଦେଇଥିଲା। ତେଣୁ ୨୦୦୬ରୁ ସେ କ୍ୟାନ୍‌ସର ହସ୍ପିଟାଲକୁ ଯାଇ ଲୋକଙ୍କ ସେବା କରିବା ଆରମ୍ଭ କରିଥିଲେ।

**ଆପତ୍ତିଜନକ ମେସେଜ୍ ଭାଇରାଲ: ତଦନ୍ତ ଆରମ୍ଭ**

**ଟିକିରି:** ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରିଠାରେ ଏକ ହ୍ବାଟ୍ସଆପ୍ ଗ୍ରୁପ୍‌ରେ ଆପତ୍ତିଜନକ ମେସେଜ୍ ଭାଇରାଲ ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଗତ ୨୦ରେ ଟିକିରି ଗ୍ରାମର ଜି. ସାହୁ ସେହି ଅଞ୍ଚଳର ଜଣେ ଯୁବତୀଙ୍କୁ ଗ୍ରୁପ୍‌ରେ ଆକ୍ଷେପ କରି ଆପତ୍ତିଜନକ ମେସେଜ ପୋଷ୍ଟ କରିଥିଲେ। ଏହି ମେସେଜ୍ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିଲା। ଫଳରେ ଏନେଇ ଯୁବତୀ ଜଣକ ଟିକିରି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୧୦୪/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗ୍ରୁପ୍ ସଦସ୍ୟମାନଙ୍କ ମୋବାଇଲ୍ ଯାଞ୍ଚ ଚାଲିଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ୫୦% କର୍ମଚାରୀଙ୍କୁ ନେଇ ଚାଲିବ ସରକାରୀ ଅଫିସ

**ଭୁବନେଶ୍ୱର,୩୦।୬(ବ୍ୟୁରୋ)**

- କେଉଁମାନେ ଆସିବେ ସ୍ଥିର କରିବେ ବିଭାଗ
- ପ୍ରୋଟୋକଲ ଅନୁପାଳନର ଅଡିଟ୍ ରିପୋର୍ଟ ଦେବେ
- କର୍ମଚାରୀ ନିୟମ ଭାଙ୍ଗିଲେ କଠୋର କାର୍ଯ୍ୟାନୁଷ୍ଠାନ

ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ତେଣୁ ଏହାକୁ ନେଇ ସରକାର ମଧ୍ୟ ଚିନ୍ତାରେ ପଡ଼ିଗଲେଣି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ସର୍ବାଧିକ ୫୦ପ୍ରତିଶତ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେହିପରି ସରକାରୀ ଅଫିସଗୁଡ଼ିକୁ ଜିରୋ କରୋନା ସଂକ୍ରମଣମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେବାର ଦିନକ ପରେ ସାଧାରଣ ପ୍ରଶାସନ ବିଭାଗ ଏ ଦିଗରେ ପଦକ୍ଷେପ ନେଇଛି। ପ୍ରତ୍ୟେକ ସରକାରୀ ଅଫିସ କୋଭିଡ୍ ଅଡିଟ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏଥିଲାଗି ପ୍ରତ୍ୟେକ ବିଭାଗ ଓ ସରକାରୀ କାର୍ଯ୍ୟାଳୟରେ ଜଣେ ଲେଖାଏ ବରିଷ୍ଠ ଅଧିକାରୀଙ୍କୁ କୋଭିଡ୍ ଅନୁପାଳନ ଅଧିକାରୀ ଭାବେ ନିଯୁକ୍ତି ମିଳିବ। ଏହି ଅଧିକାରୀ କୋଭିଡ୍ ପ୍ରୋଟୋକଲ କାର୍ଯ୍ୟକାରିତାକୁ ଯାଞ୍ଚ କରିବେ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।

ଅନ୍ୟପଟେ ସାଧାରଣ ପ୍ରଶାସନ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା ମଙ୍ଗଳବାର ଏନେଇ ଏକ ନିର୍ଦ୍ଦେଶନାମା ଜାରି କରି କହିଛନ୍ତି ଯେ, ରାଜ୍ୟରେ କୋଭିଡ୍ ସଂକ୍ରମଣ ମାମଲା ବୃଦ୍ଧି ପାଇଥିବାକୁ ଦୃଷ୍ଟିରେ ରଖି ଜୁଲାଇ ମାସରେ ସମସ୍ତ ସରକାରୀ କାର୍ଯ୍ୟାଳୟ ନିଜର ମୋଟ କର୍ମଚାରୀ ସଂଖ୍ୟାର ୫୦ପ୍ରତିଶତ(ପ୍ରଥମ ଶ୍ରେଣୀ ଅଫିସରଙ୍କୁ ମିଶାଇ) କର୍ମଚାରୀଙ୍କୁ ନେଇ କାମକରିବେ। କେଉଁ କର୍ମଚାରୀମାନେ ଅଫିସ ଆସିବେ ତାହା ପର୍ଯ୍ୟାୟକ୍ରମେ ସ୍ଥିର କରିବାକୁ ବିଭାଗଗୁଡ଼ିକୁ କ୍ଷମତା ଦିଆଯାଇଛି। ଯେଉଁ ଅଫିସର ଓ କର୍ମଚାରୀଙ୍କୁ ଭିପିଏନ ସୁବିଧା ଦିଆଯାଇଛି ସେମାନେ ଚାହିଁଲେ ଘରୁ ରହି କାର୍ଯ୍ୟ କରିପାରିବେ। ତେବେ ଯେକୌଣସି କର୍ମଚାରୀ ଟେଲିଫୋନ ମାଧ୍ୟମରେ ସ୍ୱଳ୍ପ ସମୟର ନୋଟିସରେ ଅଫିସ କାମ କରିବାକୁ ବାଧ୍ୟ ହେବେ। ଯେଉଁ କର୍ମଚାରୀମାନେ ଅଫିସ ଆସିବେ ନାହିଁ ସେମାନେ ଘର ଭିତରେ ରହିବାକୁ କଡ଼ାକଡ଼ି ଭାବେ ପରାମର୍ଶ ଦିଆଯାଇଛି। ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଗୋଟିଏ ମାସରେ ୫ ହଜାର ବୃଦ୍ଧି ପାଇଥିବାରୁ ସରକାର ଏହି ପଦକ୍ଷେପ ନେଇଥିବା କୁହାଯାଇଛି। ଅନ୍ୟପଟେ ସରକାରୀ ଅଫିସକୁ କୋଭିଡ୍ ସଂକ୍ରମଣରୁ ରୋକିବା ଲାଗି ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, ସରକାରୀ ଅଫିସରେ କୋଭିଡ୍ ସଂକ୍ରମଣ ଗୁରୁତର ପ୍ରଭାବ ପକାଇବ। ମହାମାରୀ ବିରୋଧରେ ସରକାରୀ କଳର ଲଢେଇ ସାମର୍ଥ୍ୟକୁ ମଧ୍ୟ ପ୍ରଭାବିତ କରିବ। ତେଣୁ ସରକାରୀ କାର୍ଯ୍ୟାଳୟରେ ସର୍ବୋଚ୍ଚ ମାନର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ଅଛି। ସମସ୍ତ ବିଭାଗ ଏବଂ ଅଫିସକୁ ଜଣେ ଲେଖା ବରିଷ୍ଠ ଅଧିକାରୀ ଦାୟିତ୍ୱରେ ରହିବେ। ପ୍ରତ୍ୟେକ ଦିନ ସେମାନେ ଅଫିସ ଯାଞ୍ଚ କରି କୋଭିଡ୍ ପ୍ରୋଟୋକଲର ଅନୁପାଳନ ସମ୍ପର୍କରେ ନିଜର ସାପ୍ତାହିକ ଅଡିଟ ରିପୋର୍ଟ ଦାଖଲ କରିବେ। ଏହି ରିପୋର୍ଟ ମିଳିବା ପରେ ବିଭାଗୀୟ ମୁଖ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଉଦ୍ଦେଶ୍ୟମୂଳକ ଭାବେ ନିୟମ ଭାଙ୍ଗୁଥିଲେ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ। ସଂକ୍ରମଣ ରୋକିବା ଦିଗରେ ବିଭାଗୀୟ ମୁଖ୍ୟ ଉତ୍ତରଦାୟୀ ରହିବେ। ଏହି ରିପୋର୍ଟ ସାଧାରଣ ପ୍ରଶାସନ ବିଭାଗ ନିକଟରେ ଦାଖଲ ହେବ। ସାଧାରଣ ପ୍ରଶାସନ ବିଭାଗ ମୋଟ ୨୮ଟି ଦିଗ ଉପରେ ଗୁରୁତ୍ୱ ଦେବାକୁ କହିଛି।

## ସଂକ୍ଷେପରେ

### ତୈଳ ଦର ବୃଦ୍ଧି ନେଇ ବାମପନ୍ଥୀ ଦଳର ବିକ୍ଷୋଭ

**ଭୁବନେଶ୍ୱର,୩୦।୬(ବ୍ୟୁରୋ):** କରୋନା ମହାମାରୀ ମୁକାବିଲା ନାମରେ କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ପ୍ରସ୍ତୁତି ନ କରି ଲକ୍‌ଡାଉନ୍, ଶଟ୍‌ଡାଉନ ଘୋଷଣା କରିଛନ୍ତି। ଜନସାଧାରଣ ଲୋକଙ୍କୁ ଅଗଣତାନ୍ତ୍ରିକ ଭାବେ ଘରେ ବନ୍ଦୀ କରି ରଖି ପ୍ରତ୍ୟେକ ଦିନ ଡିଜେଲ ଓ ପେଟ୍ରୋଲ ଦର ବୃଦ୍ଧି ସହିତ ବିଭିନ୍ନ ପ୍ରକାର ଶ୍ରମିକ, କୃଷକ ବିରୋଧୀ ଆଇନ ପ୍ରଣୟନକରି ଜନଜୀବନକୁ ଅତିଷ୍ଠ କରୁଥିବା ପ୍ରତିବାଦରେ ମଙ୍ଗଳବାର ୪ ବାମପନ୍ଥୀ ଦଳ ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍‌ଏଲ୍) ଲିବେରେଶନ ଏବଂ ଏଆଇଏଫ୍‌ବି ପକ୍ଷରୁ ଧାରଣା ସହ ପ୍ରତିବାଦ କରିଛନ୍ତି। ବାମପନ୍ଥୀ ଦଳ ପକ୍ଷରୁ କୁହାଯାଇଛି, ଗତ ୪ ମାସ ହେଲା ଶଟ୍‌ଡାଉନ ଓ ଲକ୍‌ଡାଉନ ଯୋଗୁ ଡିଜେଲ, ପେଟ୍ରୋଲ ବ୍ୟବହାର କମିଯାଇଛି। କମ୍ପାନୀଗୁଡିକ ଏହି କ୍ଷତି ଭରଣା କରିବା ପାଇଁ କେନ୍ଦ୍ର ସରକାର ଦର ବୃଦ୍ଧି କରି ସାଧାରଣ ଲୋକଙ୍କ ଉପରେ ଆର୍ଥିକ ବୋଝ ଲଦି ଦେଉଛନ୍ତି। ଏହାର ପ୍ରଭାବ ସାଧାରଣତଃ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଉପରେ ପଡୁଥିବା କହିଛନ୍ତି।

### କରୋନା ଭୟ: ମିଳିଲାନି କାନ୍ଧ

**କବିସୂର୍ଯ୍ୟନଗର,୩୦।୬(ଡି.ଏନ୍.ଏ.):** କରୋନା ଭୟରେ ମୃତଦେହ ନେବାକୁ କାନ୍ଧ ମିଳିଲାନି। ଏପରି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଗୋପିନାଥପାଟଣା ସାହିରେ। ଜଣେ ବ୍ୟକ୍ତିଙ୍କୁ ୪ଦିନ ତଳେ ଜ୍ୱର ହେବାରୁ ପରିବାର ଲୋକେ କବିସୂର୍ଯ୍ୟନଗର ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ଭଲ ନ ହେବାରୁ ସୋମବାର କୋଭିଡ୍ ହସ୍‌ପିଟାଲ ନେବାକୁ ପ୍ରସ୍ତୁତି ଚାଲିଥିବାବେଳେ ମୃତ୍ୟୁ ହୋଇଥିଲା। ଅପରାହ୍ଣରେ ମୃତଦେହ ଗାଁକୁ ଆସିଥିଲେ ମଧ୍ୟ କେହି ଛୁଇଁ ନ ଥିଲେ। ତାଙ୍କ ଅବିବାହିତା ବଡ ଭଉଣୀ ଓ ସାନଭାଇ ଆମ୍ବୁଲାନ୍ସରୁ ଭାଇର ମୃତଦେହ ଓହ୍ଲାଇଥିଲେ। ପ୍ରଶାସନ ପାଖରେ ଖବର ପହଞ୍ଚିବାରୁ ମୁଖ୍ୟରାସ୍ତା କଡ଼ରେ ଜେସିବି ଦ୍ୱାରା ଗାତଖୋଳି ମୃତଦେହ ପୋତି ଦିଆଯାଇଥିଲା।

### ଫୋରଡରେ କୁମ୍ଭୀର ଆତଙ୍କ

**କେନ୍ଦ୍ରାପଡ଼ା ଅଫିସ, ୩୦।୬:** କେନ୍ଦ୍ରାପଡ଼ା ବ୍ଲକ କଂସାର ପଞ୍ଚାୟତ ଫୋରଡ ଓ ଆଖପାଖ ଗ୍ରାମରେ ଦୁଇଦିନ ଧରି କୁମ୍ଭୀର ଆତଙ୍କ ଦେଖାଯାଇଛି। ପ୍ରାୟ ଛଅ ଫୁଟ ଲମ୍ବର କୁମ୍ଭୀର ଗୋବରୀ ନଦୀରୁ ଉଠିଆସି ଫୋରଡ ଖେଳପଡିଆରେ ବୁଲାବୁଲି କରୁଛି। ତୁରନ୍ତ ଏହି କୁମ୍ଭୀରକୁ ସ୍ଥାନାନ୍ତର ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦୀପ୍ତିରଞ୍ଜନ ମୁଦୁଲି, ଶ୍ରୀକାନ୍ତ କୁମାର ଜେନା, କୈଳାସ ଚନ୍ଦ୍ର ଜେନା ପ୍ରମୁଖ ମଙ୍ଗଳବାର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଦୀପ୍ତିରଞ୍ଜନ କୁହନ୍ତି, ସୋମବାର ଅପରାହ୍ଣରେ ଏହି କୁମ୍ଭୀର ଖେଳପଡିଆରେ ଥିବାବେଳେ ମଙ୍ଗଳବାର ସକାଳେ ଏଣ୍ଡର ନିକଟ ଗୋବରୀ ନଦୀରେ ଦେଖାଯାଇଛି। କୁମ୍ଭୀର ବୁଲିବା ଖବର ଶୁଣିବା ପରେ କଳାମାଟିଆ, କାନପୁର, ନିଳିକଣା ସମେତ ଆଖପାଖ ଗ୍ରାମବାସୀ ଭୟଭୀତ ହୋଇଛନ୍ତି।

### ଶଟରଭାଙ୍ଗି ଅଳଙ୍କାର ଦୋକାନରୁ ଲୁଟ

**ବିଞ୍ଝାରପୁର, ୩୦।୬ (ଡି.ଏନ୍.ଏ.):** ବିଞ୍ଝାରପୁର ଥାନା ଅଧୀନ ମଇନ୍ଦା ଛକଠାରେ ଥିବା ଶ୍ରୀଗଣେଶ ଜୁଏଲର୍ସ ଶଟର ତାଡ଼ି ଦୁର୍ବୃତ୍ତମାନେ ରୁପା ଓ ସୁନା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଦୋକାନ ମାଲିକ ବ୍ରଜକିଶୋର ସାହୁ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ସୋମବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଦୋକାନ ଶଟର ତାଡ଼ି ଦୋକାନରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍ କରିନେଇଛନ୍ତି। ମଙ୍ଗଳବାର ବ୍ରଜକିଶୋର ଦୋକାନ ଖୋଲିବାକୁ ଆସିବା ପରେ ଶଟର ତଡ଼ା ହୋଇଥିବା ଦେଖିଥିଲେ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ପାଇ ବିଞ୍ଝାରପୁର ଥାନାଧିକାରୀ ଶିବଚରଣ ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଲୁଟେରାମାନେ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରା ଭାଙ୍ଗି ଦେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## ଶ୍ରଦ୍ଧାଳୁଙ୍କ ବିନା ଶ୍ରୀଜୀଉଙ୍କ ସନ୍ଧ୍ୟା ଦର୍ଶନ


ଆଡପ ମଣ୍ଡପରେ ଶ୍ରୀ ବଳଦେବଜୀଉ।

**କେନ୍ଦ୍ରାପଡ଼ା ଅଫିସ, ୩୦।୬**

କରୋନା କଟକଣା କେନ୍ଦ୍ରାପଡାର ଇଚ୍ଛାପୁରସ୍ଥ ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ନୀତିକାନ୍ତିରେ ବ୍ୟତିକ୍ରମ ସୃଷ୍ଟି କରିଛି । ଶ୍ରୀଜୀଉଙ୍କ ଜଗମୋହନ ମନ୍ଦିର ମଧ୍ୟରେ ପ୍ରତୀକାତ୍ମକ ଶ୍ରୀ ଗୁଣ୍ଡିଚା ମନ୍ଦିର ଆଡପମଣ୍ଡପରେ ଶ୍ରଦ୍ଧାଳୁଙ୍କ ବିନା ସାନ୍ଧ୍ୟ ଦର୍ଶନ ଶେଷ ହୋଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ସକାଳ ୬ରେ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି ହୋଇଥିଲା। ୮.୩୦ରେ ଶ୍ରୀଜୀଉଙ୍କ ନୀତିସ୍ନାନ, ୯.୩୦ରେ ଗୋପାଳବଲ୍ଲଭ ଧୂପ, ଅପରାହ୍ଣ ୧ଟାରେ ଖେଚୁଡ଼ି ଧୂପ ଓ ସାହାଣ ମେଲା ହୋଇଥିଲା। ରାତ୍ର ୧୧ରେ ବଡସିଂହାର ବେଶ ହୋଇ ଠାକୁରମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ଉପୁଣୀ ପିଠା ମଣୋହୀ ହେବ ବୋଲି ମନ୍ଦିର ସେବାୟତ ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଛନ୍ତି। ଚଳିତବର୍ଷ କରୋନା କଟକଣା ପାଇଁ ଶ୍ରୀଜୀଉ ବ୍ରହ୍ମ ତାଳଧ୍ୱଜ ରଥରେ ମାଉସୀମା' ମନ୍ଦିର ଯାଇନାହାନ୍ତି। ପ୍ରତୀକାତ୍ମକ ଭାବେ ଶ୍ରୀଜୀଉ ସ୍ନାନମଣ୍ଡପରେ ଦୁଇଦିନ ରହି ଜଗମୋହନ ମନ୍ଦିର ଆଡ଼ପ ମଣ୍ଡପରେ ବିରାଜମାନ ହୋଇଛନ୍ତି।


ସମ୍ବଲପୁର ଜିଲା ଧମା ଥାନା ଅଞ୍ଚଳର ପୂଜା ଅଗ୍ରୱାଲା ଓ ତାଙ୍କ ଝିଅ ସାନବି ମହାନଦୀକୁ ଡେଇଁ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ମଙ୍ଗଳବାର ଝାରସୁଗୁଡ଼ା ଓଡ୍ରାଫ୍ଟ ଟିମ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ଚାଲିଛି।

## ଅନ୍‌ଲାଇନ୍‌ରେ ଯୁକ୍ତ ୨ ପାଠପଢ଼ା

**ଭୁବନେଶ୍ୱର, ୩୦।୬(ବ୍ୟୁରୋ):**

ରାଜ୍ୟରେ କରୋନା ମହାମାରୀ କାୟା ବିସ୍ତାର କରିଚାଲିଛି। ଦିନକୁ ଦିନ ସ୍ଥିତି ଜଟିଳ ହେବାରେ ଲାଗିଛି। ସବୁ କ୍ଷେତ୍ରରେ ଏହାର ପ୍ରଭାବ ପଡ଼ିଛି। ସ୍କୁଲ, କଲେଜ ଏବେ ବନ୍ଦ ଥିବାବେଳେ କେବେ ଖୋଲିବ ସେନେଇ ଅନିଶ୍ଚିତତା ଲାଗିରହିଛି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଘୋର ବାଧାପ୍ରାପ୍ତ ହେଉଛି। ଏଭଳି ସମସ୍ୟା ଏଡ଼ାଇବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏକ ନିଷ୍ପତ୍ତି ନେଇଛି। ଏଣିକି ଯୁକ୍ତ୨ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ପାଠ ପଢ଼ିବେ। ବିଭିନ୍ନ ବିଷୟର ଅଧ୍ୟାପିକା ଓ ଅଧ୍ୟାପକମାନେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କରିବେ। ଏହା ମାଧ୍ୟମରେ ଅଧ୍ୟାପକମାନେ ଅନ୍‌ଲାଇନ କ୍ଲାସ୍ ନେବେ। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବୃନ୍ଦାବନ ବେହେରା ରାଜ୍ୟର ସମସ୍ତ ଯୁକ୍ତ୨ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି। କରୋନା ପାଇଁ କଲେଜ ଖୋଲି ଶିକ୍ଷାଦାନ କରାଇବା ଅସମ୍ଭବ ହେଉଥିବାରୁ ଏହି ବିକଳ୍ପ ବ୍ୟବସ୍ଥା ଦ୍ୱାରା ଯୁକ୍ତ ୨ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଯାଇପାରିବ ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ଅଧ୍ୟାପକମାନେ ନିଜ ନିଜ ବିଷୟର ଇଣ୍ଟରନେଟ୍ ଲିଙ୍କ୍ ହ୍ୱାଟ୍ସଆପ୍‌ରେ ଛାତ୍ରୀଛାତ୍ରଙ୍କୁ ପଠାଇବେ। ପ୍ରତି ୧୫ ଦିନରେ ଥରେ ଅନ୍‌ଲାଇନ୍ ଡାଉଟ୍ କ୍ଲିଅରିଂ କ୍ଲାସ୍ ନେବେ। ଅନ୍‌ଲାଇନ କ୍ଲାସ୍ ଠିକ୍ ଭାବେ ଚାଲିଛି କି ନାହିଁ ଅଧ୍ୟକ୍ଷମାନେ ପ୍ରତି ମାସରେ ରିପୋର୍ଟ ଦେବେ।

## ଭାରତୀୟ ଅନ୍‌ଲାଇନ୍ ଡ୍ୟାନ୍ସ ପ୍ରତିଯୋଗିତାରେ ବଳରାମ

**ଏବେ ଅଛନ୍ତି ଟପ୍-୨୦ର ଚତୁର୍ଥ ସ୍ଥାନରେ**

**କୁନ୍ଦୁରା,୩୦।୬(ଡି.ଏନ.ଏ.)**


ବଳରାମ

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତର ଜଣେ ଯୁବକ ଭାରତୀୟ ଅନ୍‌ଲାଇନ୍ ଡ୍ୟାନ୍ସ ପ୍ରତିଯୋଗିତାରେ ଟପ୍-୨୦ର ୪ର୍ଥ ସ୍ଥାନ ହାସଲ କରିଛନ୍ତି। ଫାଇନାଲ ରାଉଣ୍ଡରେ ବିଜୟୀ ହେବା ନେଇ ଆଶା ରଖିଥିବା ଏହି ଯୁବକ ଜଣକ ହେଉଛନ୍ତି ବଳରାମ ଆଚାର୍ଯ୍ୟ। ଲିମା ଗ୍ରାମର ଚିତ୍ତରଞ୍ଜନ ଏବଂ ଆରତିଙ୍କ ପୁଅ ବଳାରାମ ପିଲାଟିଦିନରୁ ଓଡ଼ିଶୀ ନୃତ୍ୟପ୍ରତି ଦୁର୍ବଳତା ରହିଛି। ଇନ୍‌ଷ୍ଟିଚ୍ୟୁଟ ଅଫ ମଲଟି ସ୍କିଲ୍ସ ପକ୍ଷରୁ ଏହି ସର୍ବଭାରତୀୟ ନୃତ୍ୟ ପ୍ରତିଯୋଗିତା ଅନଲାଇନ୍ ମାଧ୍ୟମରେ ଆୟୋଜିତ ହୋଇଥିଲା। ବଳରାମ ଏଥିରେ ନିଜକୁ ସାମିଲ କରିଥିଲେ। ଦାଦା ବଦ୍ରି ନାରାୟଣ ଆଚାର୍ଯ୍ୟଙ୍କ ପ୍ରେରଣା ପାଇ ନୃତ୍ୟକଳା ପ୍ରତି ତାଙ୍କର ଆଗ୍ରହ ବଢ଼ିଥିଲା। ଗୁରୁ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନିକଟରେ ନୃତ୍ୟଶିକ୍ଷା କରିଥିଲେ। ବର୍ତ୍ତମାନ ସେ ନବରଙ୍ଗପୁରରେ ଓଡିଶୀ ନୃତ୍ୟଗୁରୁ ଇନ୍ଦ୍ରାଣୀ ହୋତାଙ୍କ ନିକଟରେ ଶିକ୍ଷାଗ୍ରହଣ କରୁଛନ୍ତି। ୟୁଟ୍ୟୁବ୍‌ରେ ହେଉଥିବା ଏହି ପ୍ରତିଯୋଗିତାର ଫାଇନାଲ ରାଉଣ୍ଡ ଆସନ୍ତା ୨ରେ ହେବ। ଏଥିପାଇଁ ଭୋଟିଂ କରିବାକୁ ସେ ଓଡିଶାବାସୀଙ୍କୁ ନିବେଦନ କରିଛନ୍ତି ।

## ୨୯ ବିଏସ୍‌ଏଫ୍ ଯବାନଙ୍କୁ କରୋନା

**ମାଲକାନଗିରି,୩୦।୬(ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ମଙ୍ଗଳବାର ଗୋଟିଏ ଦିନରେ ୩୬ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୯ ଜଣ ବିଏସ୍‌ଏଫ୍ ଯବାନ ରହିଛି। ଏମାନେ ଦିଲ୍ଲୀ, ବିହାର, ଝାଡ଼ଖଣ୍ଡ, କର୍ନାଟକ, ମହାରଷ୍ଟ୍ର, ମଧ୍ୟପ୍ରଦେଶ, ରାଜସ୍ଥାନ, ତ୍ରିପୁରା, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରୁ ଆସି ମାଲକାନଗିରି ସଦର ମହକୁମାସ୍ଥିତ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟ, ମାଲ୍ୟବନ୍ତ ଛାତ୍ରାବାସ ଓ ମହିଳା ଛାତ୍ରାବାସ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ସେମାନଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ ଏହା ସ୍ପଷ୍ଟ ହୋଇଛି। ମାଲକାନଗିରି ଜିଲାର ବିଭିନ୍ନ ବିଏସ୍‌ଏଫ୍ କ୍ୟାମ୍ପରେ ନିୟୋଜିତ ଥିବା ଏହି ଯବାନମାନେ ଲକ୍‌ଡାଉନ ପୂର୍ବରୁ ନିଜନିଜ ରାଜ୍ୟକୁ ଛୁଟିରେ ଯାଇଥିଲେ। ଏବେ ସେମାନେ ଜିଲାକୁ ଫେରୁଛନ୍ତି। ଫେରୁଥିବା ଯବାନଙ୍କ ପାଇଁ ବିଏସ୍‌ଏଫ୍ ପକ୍ଷରୁ ଉପରୋକ୍ତ ୩ଟି ସ୍ଥାନରେ କ୍ୱାରେଣ୍ଟାଇନ ସେଣ୍ଟର ଖୋଲାଯାଇଛି। ସେହିପରି ତମସା ପଞ୍ଚାୟତ ଏମ୍‌ଭି-୭ ସଙ୍ଗରୋଧ କେନ୍ଦ୍ରରୁ ୪ଜଣ ଚିହ୍ନଟ ହୋଇଛନ୍ତି। ଏହି ୪ଜଣ ତାମିଲନାଡୁ ଓ ନୂଆଦିଲ୍ଲୀ ଫେରନ୍ତା। ସେହିପରି ଅନ୍ୟ ୩ଜଣ ଏମ୍‌ଭି-୧୨ ଗ୍ରାମର ଗୃହ ସଙ୍ଗରୋଧରେ ଥିଲେ। ଏହି ୩ଜଣ ମଧ୍ୟ ନୂଆଦିଲ୍ଲୀରୁ ଫେରିଥିଲେ। ଏମ୍‌ଭି-୧୨, ଏମ୍‌ଭି-୭, ମାଲକାନଗିରି କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟ, ମାଲ୍ୟବନ୍ତ ଛାତ୍ରାବାସ, ବାଳିକା ଛାତ୍ରାବାସ ଅଞ୍ଚଳକୁ ପ୍ରଶାସନ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିଥିବା ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି। ସୂଚନାଯୋଗ୍ୟ ଯେ, ଜିଲାରେ ବର୍ତ୍ତମାନ ସୁଦ୍ଧା ୯୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫୨ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅନ୍ୟ ୪୪ ଜଣ ମାଲକାନଗିର କୋଭିଡ୍-୧୯ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।


## ସାନଭାଇ ଠେଙ୍ଗାମାଡ଼ରେ ମଝିଆ ମୃତ

**ନିରାକାରପୁର,୩୦।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ସରପାରୀ ବଡସାହିରେ ମଙ୍ଗଳବାର ସାମାନ୍ୟ କଥାକୁ ନେଇ ସାନଭାଇ ଠେଙ୍ଗା ମାଡ଼ରେ ମଝିଆ ଭାଇଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିଜୟ ଅଧିକାରୀ। ମିଳିଥିବା ସୂଚନା ଅନୁଯାୟୀ, ଜମିବାଡିକୁ କେନ୍ଦ୍ରକରି ସାନଭାଇ ଅଜୟ ଅଧିକାରୀ (୨୨) ଓ ବିଜୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଅଜୟ ଉତ୍କ୍ଷିପ୍ତ ହୋଇ ଏକ ଠେଙ୍ଗା ସାହାଯ୍ୟରେ ପିଟିଦେବାରୁ ବିଜୟ ସେହିଠାରେ ଟଳିପଡିଥିଲେ। ପରିବାର ଲୋକେ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ନେଇଯାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଜଙ୍କିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଜୟଙ୍କୁ ଧରିନେଇ ଥାନାରେ ଅଟକ ରଖିଛି ।

## ମସ୍‌ଜିଦରେ ଭିଡ଼କୁ ବାରଣ କରିବାରୁ ଫାଣ୍ଡି ଭଙ୍ଗାରୁଜା, ଗାଡ଼ି ପୋଡ଼ି

**ତିର୍ତ୍ତୋଲ,୩୦।୬(ଡି.ଏନ.ଏ.)**



ତିର୍ତ୍ତୋଲ ଥାନା ଅଧୀନ କୃଷ୍ଣାନନ୍ଦପୁର ଫାଣ୍ଡି ଅଞ୍ଚଳରେ ଥିବା ଏକ ମସ୍‌ଜିଦରେ ମଙ୍ଗଳବାର ରୁଣ୍ଡ ହୋଇଥିବା ଲୋକଙ୍କୁ ପୋଲିସ ବାରଣ କରିବାକୁ ନେଇ ତୁମୁଳକାଣ୍ଡ ଘଟିଛି। ଉତ୍ୟକ୍ତ ଲୋକେ ଫାଣ୍ଡିରେ ଭଙ୍ଗାରୁଜା କରିବା ସହ ଫାଣ୍ଡି ଅଧିକାରୀ ଅନିରୁଦ୍ଧ ନାୟକଙ୍କ ଗାଡ଼ିକୁ ପୋଡ଼ି ଦେଇଛନ୍ତି। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ଶତାଧିକ ଲୋକ ଫାଣ୍ଡି ଆଗରେ ବିକ୍ଷୋଭ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ତିର୍ତ୍ତୋଲ ଏସ୍‌ଡିପିଓ ଦୀପକ କୁମାର ଜେନା, ତିର୍ତ୍ତୋଲ ଥାନା ଅଧିକାରୀ କୃଷ୍ଣପ୍ରସାଦ ମିଶ୍ର ପହଞ୍ଚି ଘଟଣା ସମାଧାନ କରିବାକୁ ଉଦ୍ୟମ ଚଳାଇଛନ୍ତି। ମିଳିଥିବା ସୂଚନା ଅନୁସାରେ, କୋଭିଡ୍-୧୯ ନିୟମ ଉଲ୍ଲଂଘନ କରି ଏହି ମସ୍‌ଜିଦ୍‌ରେ ବହୁ ଲୋକ ଏକାଠି ହୋଇଥିଲେ। ଖବର ପାଇ କୃଷ୍ଣାନନ୍ଦପୁର ଫାଣ୍ଡି ଅଧିକାରୀ ସଦଳବଳ ସେଠାରେ ପହଞ୍ଚି ଏହାକୁ ବାରଣ କରି ଫେରି ଆସିଥିଲେ। ଏହାର କିଛି ସମୟ ପରେ ମସଜିଦ୍ ଲୋକମାନେ ପହଞ୍ଚି ଫାଣ୍ଡି ଆଗରେ ପ୍ରତିବାଦ କରିବା ସହ ପୋଲିସ କାହିଁକି ଚପଲ ପିନ୍ଧି ପଶିଲା ବୋଲି କହି ହୋହଲ୍ଲା କରିଥିଲେ। ଏହାପରେ ଫାଣ୍ଡିରେ ଭଙ୍ଗାରୁଜା କରିଥିଲେ। ଖବର ଲେଖାହେବା ବେଳକୁ ମାମଲା ସମାଧାନ ହୋଇପାରି ନ ଥିଲା ବୋଲି ତିର୍ତ୍ତୋଲ ଥାନା ସୂତ୍ରରୁ ସୂଚନା ମିଳିଛି।


ବୁଧବାର ବାହୁଡ଼ା ଯାତ୍ରା: ପହଣ୍ଡି ପାଇଁ ମଙ୍ଗଳବାର ଶ୍ରୀଗୁଣ୍ଡିଚା ମନ୍ଦିରକୁ ମହାପ୍ରଭୁଙ୍କ ଟାହିଆ ନିଆଯାଉଛି।

## ବିଦେଶୀ କମ୍ପାନୀକୁ କୋଇଲା ଖଣି ନିଲାମ ଦେବା ନିଷ୍ପତ୍ତି ସଂଘୀୟ ବ୍ୟବସ୍ଥା ବିରୋଧୀ

**ଭୁବନେଶ୍ୱର,୩୦।୬(ବ୍ୟୁରୋ)**

ଲକ୍‌ଡାଉନ୍ ସମୟରେ କୌଣସି ପ୍ରକାର ଆଲୋଚନା, ପରାମର୍ଶ ଏବଂ ପ୍ରତିବାଦ ପାଇଁ ସୁଯୋଗ ନ ଥିବା ବେଳେ ପ୍ରଧାନମନ୍ତ୍ରୀ ୪୧ ଗୋଟି କୋଇଲା ଖଣିକୁ ଦେଶୀ-ବିଦେଶୀ କମ୍ପାନୀଗୁଡ଼ିକ ମାଲିକାନରେ ହସ୍ତାନ୍ତର କରିବା ଉଦ୍ଦେଶ୍ୟରେ ନିଲାମ ଘୋଷଣା ଅଗଣତାନ୍ତ୍ରିକ, ଜନ ବିରୋଧୀ ଏବଂ ରାଜ୍ୟ ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ ବୋଲି ଲୋକଶକ୍ତି ଅଭିଯାନ ସଭାପତି ପ୍ରଫୁଲ୍ଲ ସାମନ୍ତରା କହିଛନ୍ତି। ମଙ୍ଗଳବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ, ପ୍ରାକୃତିକ ସମ୍ପଦର ଲୁଟ୍ ହେବା ସହ ପରିବେଶୀୟ ଅପୂରଣୀୟ କ୍ଷତି ହେବ ଏବଂ ଦେଶରେ ଲକ୍ଷାଧିକ ପରିବାର ବିସ୍ଥାପିତ ହେବା ସହ ୧୦ ଲକ୍ଷ ବ୍ୟକ୍ତି ଜୀବିକା ହରାଇବେ। ଓଡ଼ିଶାରେ ଅତି କମ୍‌ରେ ୧୫ ହଜାର ପରିବାର ବିସ୍ଥାପିତ ହେବେ ବୋଲି ସେ ଅଭିଯୋଗ କରିଛନ୍ତି। ଏହି ନିଲାମ ପ୍ରକ୍ରିୟା ମଧ୍ୟ ଭର୍ଚୁଆଲ ନିଲାମ ଦ୍ୱାରା ହେବ। ଏହି ନିଷ୍ପତ୍ତି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ସଂଘୀୟ ବ୍ୟବସ୍ଥା ପ୍ରତି ଏକ ଆଘାତ ବୋଲି ସେ କହିଛନ୍ତି। ଓଡ଼ିଶାର ୯ଟି କୋଇଲା ଖଣି ମଧ୍ୟରୁ ୮ଟି ଅନୁଗୋଳ ଜିଲାର ଓ ଗୋଟିଏ ଝାରସୁଗୁଡା ଜିଲାର ୩୩ ହଜାର ହେକ୍ଟର ଜମିରେ ରହିଛି। ଏଥିରେ ଥିବା ଚାଷଜମି ଓ ଜଙ୍ଗଲ ଉପରେ ହଜାର ହଜାର ପରିବାରର ଜୀବିକା ନିର୍ଭର କରୁଛି। ଓଡ଼ିଶାର ୯ଟି ସମେତ ଦେଶର ୪୧ ଗୋଟି କୋଇଲା କ୍ଷେତ୍ର ନିଲାମ ନିଷ୍ପତ୍ତି ପ୍ରତ୍ୟାହାର କରାଯାଉ।

## ଆଠଗଡ଼ ସହର କଣ୍ଟେନ୍‌ମେଣ୍ଟ ଜୋନ୍

**କଟକ ଅଫିସ,୩୦।୬**

କଟକ ଜିଲାପାଳ ମଙ୍ଗଳବାର ଆଠଗଡ଼ ସହରକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ବଡ଼ମ୍ବା ସହରରେ ଗତ ୨୭ ଓ ୨୮ ତାରିଖରେ ୨ ଜଣ ଆକ୍ରାନ୍ତ ଚିହ୍ନଟ ହେବା ପରେ ସ୍ଥାନୀୟ ସଂକ୍ରମଣ ଆଶଙ୍କାରେ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ବରିଷ୍ଠ ପୋଲିସ ଅଧିକାରୀ ଓ ଅନ୍ୟ ଜଣେ ପୋଲିସ ଡ୍ରାଇଭର ଅଛନ୍ତି। ସେମାନେ ଆଠଗଡ଼ରେ ରହୁଥିବା ଯୋଗୁ ତାହାକୁ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଇଛି। ୩ ତାରିଖ ପର୍ଯ୍ୟନ୍ତ କଣ୍ଟେନ୍‌ମେଣ୍ଟ ବଳବତ୍ତର ରହିବା ସହ କଣ୍ଟାକ୍ଟ ଟ୍ରେସିଂ କରାଯିବ।କଣ୍ଟେନ୍‌ମେଣ୍ଟ ଜୋନ୍ଅଧୀନରେ ଆଠଗଡ଼ ସହରର ୧୮ଟି ୱାର୍ଡ ରହିବ। ଏଥିସହ ପୂର୍ବରେ ୬୫ ନମ୍ବର ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ସମସ୍ତ ଆପ୍ରୋଚ୍ ରାସ୍ତା, ପଶ୍ଚିମରେ ଆଠଗଡ଼ ଏନ୍‌ଏସିର ବୀରକିଶୋରପୁରଠାରୁ ଦୋରଡ଼ ଛକ, ଉତ୍ତରରେ ଚାନ୍ଦବାଲି ଛକଠାରୁ ବାରବାଟି ହୋଟେଲ୍ କଣ୍ଟୋଲ ଏବଂ ଦକ୍ଷିଣରେ ଚାନ୍ଦବାଲି ଛକଠାରୁ କଇଥ ଛକ ଧାଇପୁର ଏବଂ ଚାନ୍ଦବାଲି ଛକଠାରୁ ରାଧାବଲ୍ଲଭପୁର ଅଞ୍ଚଳରେ ଯାନବାହାନ ଚଳାଚଳରେ କଟକଣା ଲଗାଯାଇଛି।

## କଂଗ୍ରେସର ୩୩ ଜଣିଆ ଗଣମାଧ୍ୟମ କମିଟି ଘୋଷିତ

**ଭୁବନେଶ୍ୱର,୩୦।୬(ବ୍ୟୁରୋ)**

ସର୍ବଭାରତୀୟ ଜାତୀୟ କଂଗ୍ରେସର ସାମାଜିକ ଗଣମାଧ୍ୟମ ବିଭାଗ ଓ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ରାଜ୍ୟ ସାମାଜିକ ଗଣମାଧ୍ୟମ ଏବଂ ଡିଜିଟାଲ ମିଡିଆ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ ଏକ ୩୨ ଜଣିଆ ନୂତନ କମିଟି ଗଠନ କରିଛନ୍ତି। ଏଥିରେ ୧୨ ଜଣ ସାଧାରଣ ସମ୍ପାଦକ ଓ ୨୦ଜଣ ସମ୍ପାଦକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ମାତ୍ର ଏହି କମିଟି ଗଠନ ହୋଇ ଘୋଷଣା ହେବାର କିଛି ସମୟ ମଧ୍ୟରେ ଏହାକୁ ନେଇ କେଁ ଦେଖାଦେଇଛି। ସାମାଜିକ ଗଣମାଧ୍ୟମ ଜରିଆରେ ଏହି କମିଟିରେ କାର୍ଯ୍ୟ କରିବାକୁ ରବୀନ୍ଦ୍ର ଆଚାର୍ଯ୍ୟ ଅନିଚ୍ଛା ବ୍ୟକ୍ତ କରିଛନ୍ତି। ପିସିସି ପକ୍ଷରୁ ଜାରି ଏହି କମିଟି ତାଲିକା ଅନୁସାରେ ସାଧାରଣ ସମ୍ପାଦକଭାବେ ଚେତନ ମିଶ୍ର, ପୀତବାସ ପଣ୍ଡା, ଜୟତା ରାୟ, ଶିବମ ପଟ୍ଟନାୟକ, ଦୀପକ ମହାପାତ୍ର, ରବୀନ୍ଦ୍ର ଆଚାର୍ଯ୍ୟ, ଅଭିଳାଷ ପତି, ସମ୍ବିତ ଶ୍ରୀଚନ୍ଦନ, ସମସିଦା ତାୟବ, ପ୍ରିୟବ୍ରତ ସାହୁ, ଶୈଳେନ୍ଦୁ ଦାସ ଓ ପଓନ ଶର୍ମା ନିଯୁକ୍ତି ପାଇ ଥିବାବେଳେ ସେହିପରି ସମ୍ପାଦକ ଭାବେ ମିହିର ରାୟ, ଚନ୍ଦନ ରାୟ, ମାହେପର ନିଖତ, ଜଗତ ଜୀବନ ମହାନ୍ତି, ମାନସ ଆଚାର୍ଯ୍ୟ, ଚିନ୍ମୟ ହୋତା, ଅତିଥ୍ୟ ଦିବ୍ୟସିଂହ, ରଞ୍ଜିତ ପଣ୍ଡା, ଗଣେଶ ସାହୁ, ମୁରଲୀଧର ନାୟକ, ସୁବାସ ନାୟକ, ଅମିତ କୁମାର ନାୟକ, ମୁକେଶ ଅଗ୍ରୱାଲ, ଆସଲମ ଖାନ୍, ବିନ୍ଦୁଜା ଉପାଧ୍ୟାୟ, ସତ୍ୟବ୍ରତ ଗୁରୁ, ବିଶ୍ୱଜିତ୍ ସ୍ୱାଇଁ, ସର୍ବଜିତ ପଟ୍ଟନାୟକ, ଚନ୍ଦନ ପଟ୍ଟନାୟକ ଓ ମାନସ ପରିଡ଼ା ନିଯୁକ୍ତି ପାଇଛନ୍ତି। ସାମାଜିକ ଗଣମାଧ୍ୟମ ରାଜ୍ୟର ସ୍ୱାର୍ଥ ସମ୍ବଳିତ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଅଧିକ ଲୋକମାନଙ୍କ ପାଖରେ ପହଞ୍ଚାଇବେ। କଂଗ୍ରେସର ନୀତି, ଆଦର୍ଶ ଓ ଚିନ୍ତାଧାରାକୁ ରାଜ୍ୟରେ ପ୍ରତ୍ୟେକ ବର୍ଗର ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ନିଷ୍ପତ୍ତି ଗ୍ରହଣ ହୋଇଛି।

## ବଜ୍ରପାତରେ ମହିଳା ମୃତ

ଚିତ୍ରକୋଣ୍ଡା,୩୦।୬(ଡି.ଏନ୍.ଏ.)– ବିଜୁଳି ମାଡ଼ରେ ମହିଳା ମୃତ, ଚିତ୍ରକୋଣ୍ଡା ବଡପଦର ପଞ୍ଚାୟତ ଅନ୍ତର୍ଗତ ବନଗୁଡ଼ କଲୋନୀ ଗ୍ରାମରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଉଛନ୍ତି ଗ୍ରାମର ହରି ପାଙ୍ଗିଙ୍କ ସ୍ତ୍ରୀ ଜାନକୀ ପାଙ୍ଗି (୩୫)। ମଙ୍ଗଳବାର ଅପରାହ୍ଣରେ ବର୍ଷା ହୋଇ ବଜ୍ରପାତ ହେବାରୁ ଏଥିରେ ଜାନକୀଙ୍କ ମୃତ୍ୟୁ ହୋଇଛି। ପରିବାର ଲୋକେ ତାଙ୍କୁ ଚିତ୍ରକୋଣ୍ଡା ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ସଂକ୍ଷେପରେ

## ନାବାଳିକାଙ୍କୁ ଅସଦାଚରଣ ମାମଲା: ଅଭିଯୁକ୍ତ ଗିରଫ

ଜୟପୁର ,୩୦।୬(ଡି.ଏନ୍.ଏ.): ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାରେ ଜୟପୁର ସଦର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଡଙ୍ଗରଚିଞ୍ଚି ଗ୍ରାମର ବଳରାମ ଗାଡବା(୧୯)। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ରବିବାର ସନ୍ଧ୍ୟାରେ ଗ୍ରାମର ୧୩ ବର୍ଷୀୟା ବାଳିକା ନିକଟସ୍ଥ ଜୋନାଲକୁ ଶୌଚ ପାଇଁ ଯାଉଥିଲେ। ସେତେବେଳେ ଅଭିଯୁକ୍ତ ତାଙ୍କୁ ପ୍ରେମ ନିବେଦନ କରିବା ସହ ଅସଦାଚରଣ କରିଥିଲେ। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା (ନଂ. ୧୧୩/୨୦)ରେ ଏକ ମାମଲା ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୀମା ପ୍ରଧାନ ସୂଚନା ଦେଇଛନ୍ତି।

### କୋଭିଡ୍ ନିୟମ ନ ମାନିବା ପଡ଼ିଲା ମହଙ୍ଗା

## ମୋବାଇଲ ଦୋକାନ ସିଲ୍ କଲା ପ୍ରଶାସନ

ଚନ୍ଦାହାଣ୍ଡି, ୩୦।୬(ଡି.ଏନ୍.ଏ.)-ଜିଲା ପ୍ରଶାସନ ପକ୍ଷରୁ କୋଭିଡ୍-୧୯ ପାଇଁ ଜାରି ହୋଇଥିବା ନିୟମାବଳୀ ନ ମାନିବା ପଡ଼ିଲା ମହଙ୍ଗା। ଚନ୍ଦାହାଣ୍ଡି ବଜାରରେ ଥିବା ଏକ ମୋବାଇଲ ଦୋକାନକୁ ପ୍ରଶାସନ ସିଲ୍ କରିଦେଇଛି। ପ୍ରଶାସନର ଆକ୍ସନ ମୁଡ୍ ଦେଖି ଅନ୍ୟ ଦୋକାନୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଦିନ ୨ଟାପରେ ଦୋକାନ ନ ଖୋଲିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଛି। ଚନ୍ଦାହାଣ୍ଡି ସହରର ଏସ୍‌କେ ମୋବାଇଲ ଦୋକାନ ମାଲିକ ଶ୍ରୀମନ୍ତ ରଥ ଏହାକୁ କିନ୍ତୁ ମାନୁ ନ ଥିଲେ। ଏପରି ନ କରିବାକୁ ଚନ୍ଦାହାଣ୍ଡି ତହସିଲଦାର ହୃଦାନନ୍ଦ ସିଂ ମାଝି ଓ ଥାନାଧିକାରୀ ଅଭୟ ବେହେରା ତାଙ୍କୁ ପୂର୍ବରୁ ତାଗିଦ କରିଥିଲେ। କିନ୍ତୁ ସେ ଏହାକୁ ନ ମାନି ମଙ୍ଗଳବାର ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଦୋକାନ ଖୋଲା ରଖିଥିଲେ। ସାମାଜିକ ଦୂରତା ନ ରଖି ଅନେକେ ତାଙ୍କ ଦୋକାନରେ ଭିଡ଼ ଲଗାଇଥିଲେ। ତେଣୁ ତହସିଲଦାର ଏବଂ ଥାନାଧିକାରୀ ଦୋକାନକୁ ସିଲ୍ କରି ଦେଇଛନ୍ତି।

## ଶଟ୍‌ଡାଉନକୁ ସବୁଠି ସମର୍ଥନ

ପାରଳାଖେମୁଣ୍ଡି/ଗୁମ୍ମା,୩୦।୬(ସ୍ୱ.ପ୍ର.): ଗଜପତି ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ପାରଳାଖେମୁଣ୍ଡି ସହର ସମେତ ଗୋଷାଣୀ ବ୍ଲକ୍, ଗୁମ୍ମା ବ୍ଲକ୍ ଏବଂ କାଶୀନଗର ବ୍ଲକ୍‌ର ରାଣୀପେଣ୍ଠ ପଞ୍ଚାୟତକୁ ୨୮ରୁ ୩୦ ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଘୋଷଣା କରାଯାଇଥିଲା। ନିଜ ସୁରକ୍ଷା ଦୃଷ୍ଟିରୁ ଜନସାଧାରଣ ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିଥିବା ନଜରକୁ ଆସିଥିଲା। ୩ ଦିନ ଧରି ସବୁଠି ଶୂନ୍‌ଶାନ୍ ପରିଲକ୍ଷିତ ହୋଇଥିଲା। ଏସ୍‌ପି ସାରା ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ପକ୍ଷରୁ ସମସ୍ତ ଅଞ୍ଚଳରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଥିଲା। ଔଷଧ ଦୋକାନ, ପେଟ୍ରୋଲ ପମ୍ପ ଏବଂ ଗ୍ୟାସ୍ ଯୋଗାଣ ବ୍ୟତୀତ ସମସ୍ତ ଦୋକାନ, ବଜାର ସହ ଲୋକଙ୍କ ଯାତାୟାତ ଉପରେ କଟକଣା ଜାରି କରାଯାଇଥିଲା।

## ଦିନକରେ ୨୨,୨୫୦ ଜରିମାନା ଆଦାୟ

ରାୟଗଡ଼ା ଅଫିସ,୩୦।୬: ଯେତେ ସଚେତନ କଲେ ବି ମାନୁନାହାନ୍ତି ଅମାନିଆ। ରାୟଗଡ଼ା ଟାଉନ୍ ପୋଲିସ ପକ୍ଷରୁ ମାସ୍କ ଓ ହେଲ୍‌ମେଟ ଯାଞ୍ଚ କରାଯାଇ ମଙ୍ଗଳବାର ଗୋଟିଏ ଦିନରେ ୨୨ହଜାର ୨ଶହ ୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସହରର ପ୍ରମୁଖ ଛକମାନଙ୍କରେ ଯାଞ୍ଚ କରାଯାଇ ଏହି ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି।

# ବିପିୟୁଟିର ଅନ୍‌ଲାଇନ ପରୀକ୍ଷାକୁ ବିରୋଧ

ଜୟପୁର ,୩୦।୬ (ଡି.ଏନ୍.ଏ. /ନି.ପ୍ର.)



ଅନ୍‌ଲାଇନ ପରୀକ୍ଷାକୁ ଛାତ୍ରମାନେ ବିରୋଧ କରୁଛନ୍ତି ।

ଆସନ୍ତା ୯ରୁ ରାଜ୍ୟରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ପକ୍ଷରୁ ଅନ୍ତିମ ସେମିଷ୍ଟରର ବୈଷୟିକ ପରୀକ୍ଷା ହେବା ନେଇ ଘୋଷଣା କରାଯାଇଛି। ଏହି ପରୀକ୍ଷା ଅନ୍‌ଲାଇନରେ ହେବ। ମାତ୍ର ବିପିୟୁଟିର ଏନେଇ ରହିଥିବା କେତେକ ସର୍ତ୍ତକୁ ପରୀକ୍ଷାର୍ଥୀ ବିରୋଧ କରିଛନ୍ତି। ଜୟପୁରଠାରେ ଗ୍ରାମୀୟ ଫାର୍ମାସି କଲେଜ ସମେତ ରାଜ୍ୟର ଅନ୍ୟାନ୍ୟ କଲେଜ ଛାତ୍ରମାନେ ଏକତ୍ରିତ ହୋଇ ଏହାକୁ ବିରୋଧ କରିଛନ୍ତି। ଏନେଇ ବିପିୟୁଟି କୁଳପତିଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ସ୍ମାରକପତ୍ର ପଠାଯାଇଛି। ଫାର୍ମାସି ଶେଷବର୍ଷର ଛାତ୍ରମାନେ ଅଭିଯୋଗ କରିଛନ୍ତି ଯେ, ଲକ୍‌ଡାଉନ ଯୋଗୁ ବୈଷୟିକ କେନ୍ଦ୍ର ଓ କଲେଜକୁ ହଠାତ୍ ବନ୍ଦ କରାଯାଇଥିବାରୁ ଛାତ୍ରଛାତ୍ରୀମାନେ ବହି ଏବଂ ଅନ୍ୟାନ୍ୟ ପାଠ୍ୟୋପକରଣ ହଷ୍ଟେଲ କକ୍ଷରେ ଛାଡି ନିଜ ଘରକୁ ଫେରିଥିଲେ। ସେହିପରି ବିପିୟୁଟି ପକ୍ଷରୁ ଛାତ୍ରଛାତ୍ରୀମାନେ ସେମାନଙ୍କ ନିଜସ୍ୱ ଲାପ୍‌ଟପ୍‌ରେ କିମ୍ବା ପରୀକ୍ଷା ପାଇଁ ନିର୍ଦ୍ଧାରିତ କେନ୍ଦ୍ରଗୁଡ଼ିକରେ ଅନ୍‌ଲାଇନ ମାଧ୍ୟମରେ ପରୀକ୍ଷା ଦେଇପାରିବେ ବୋଲି କୁହାଯାଇଛି। ବର୍ତ୍ତମାନ ଛାତ୍ରଛାତ୍ରୀମାନେ ବିଭିନ୍ନ କୋଭିଡ୍ କିଛିମାନଙ୍କରେ କୋଭିଡ୍ ଯୋଦ୍ଧା ଭାବେ ନିୟୋଜିତ ଅଛନ୍ତି। ଏହି ଛାତ୍ରଛାତ୍ରୀମାନେ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ସଂକ୍ରମଣର ଭୟ ରହିଛି। ସେହିପରି ବାହାର ରାଜ୍ୟର ଛାତ୍ରଛାତ୍ରୀମାନେ ପରୀକ୍ଷା କେନ୍ଦ୍ରକୁ ଆସିବାରେ ସମସ୍ୟା ରହିଛି। ଅନ୍‌ଲାଇନ ପରୀକ୍ଷା ସମୟରେ କୌଣସି ବୈଷୟିକ ସମସ୍ୟା ଯୋଗୁ ସ୍କ୍ରିନ୍ ଅଫ୍ ହୋଇଗଲେ ଛାତ୍ରଛାତ୍ରୀଙ୍କୁ ଉକ୍ତ ବିଷୟରେ ଆଗକୁ ପରୀକ୍ଷା ଦେବାକୁ ସୁଯୋଗ ମିଳିବ ନାହିଁ। ୧୨୦ ମିନିଟ ମଧ୍ୟରେ ୧୦୦ ଅବ୍‌ଜେକ୍ଟିଭ ପ୍ରଶ୍ନର ଉତ୍ତର ଲେଖିବା ମଧ୍ୟ କଷ୍ଟକର ବୋଲି ସେମାନେ କହିଛନ୍ତି। ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ ଭଳି ଅନ୍‌ଲାଇନ ମାଧ୍ୟମରେ ସର୍ବକ୍ଷେତ୍ରେ ପ୍ରଶ୍ନପତ୍ର ପ୍ରେରଣକରି ପରୀକ୍ଷା କରିବା କିମ୍ବା ପୂର୍ବରୁ ହୋଇଥିବା ୭ଟି ସେମିଷ୍ଟର ପରୀକ୍ଷାର ମାର୍କ ଅନୁଯାୟୀ ଅନ୍ତିମ ପରୀକ୍ଷାର ମାର୍କ ପ୍ରଦାନ କରିବାକୁ ଶେଷ ବର୍ଷର ଛାତ୍ର ବିଶ୍ୱରଞ୍ଜନ ବିଶ୍ୱାଳ, ଏନ୍.ହରିଶ କୁମାର, ଜଗଦୀଶ ଜେନା, ରାଜୀବ ନାୟକ, ରାହୁଲ ବିଶ୍ୱାଳ, ସୁଜିତ ପଣ୍ଡା, ଦେବାଶିଷ ତ୍ରିପାଠୀ, ଅଭିଷେକ ପଣ୍ଡା ପ୍ରମୁଖ ଦାବି କରିଛନ୍ତି।

## ଡାବୁଗାଁର ୨ ପଞ୍ଚାୟତ ୭୨ଘଣ୍ଟା ଶଟ୍‌ଡାଉନ

ଡାବୁଗାଁ,୩୦।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ଡାବୁଗାଁ ବ୍ଲକର ସଦର ପଞ୍ଚାୟତ ଓ ଡଙ୍ଗରିଗୁଡା ପଞ୍ଚାୟତକୁ ସୋମବାର ରାତି ୧୨ଟାରୁ ୭୨ଘଣ୍ଟା ପାଇଁ ଶଟ୍‌ଡାଉନ କରାଯାଇଛି। ମଙ୍ଗଳବାର ଶଟ୍‌ଡାଉନ ପାଇଁ ଡାବୁଗାଁ ବଜାରରେ ସମସ୍ତ ଦୋକାନ ବନ୍ଦ ରହିଥିଲା। ବିଭିନ୍ନ ସ୍ଥାନରେ ପୋଲିସ ପଟ୍ରୋଲିଂ ମାଧ୍ୟମରେ ସେଷ୍ଟିକୁ ପ୍ରକାଶ ଯେ, ଡାବୁଗାଁ ସରପଞ୍ଚ ଯଶୋଦା ଗୌରା ଓ ଡଙ୍ଗରିଗୁଡା ସରପଞ୍ଚ ଅଞ୍ଜିଳା ମାଝି ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ଶଟ୍‌ଡାଉନ ଘୋଷଣା କରିଛନ୍ତି। ବୁଧବାର ରାତ୍ର ୧୨ଟା ପର୍ଯ୍ୟନ୍ତ ଏହି ଶଟ୍‌ଡାଉନ ବଳବତ୍ତର ରହିବ। ଶଟ୍‌ଡାଉନ ପୂର୍ବରୁ ଏ ନେଇ ଡାକବାଜି ଯନ୍ତ୍ର ଦ୍ୱାରା ଲୋକମାନଙ୍କୁ ସଚେତନ କରାଯାଇଥିଲା। ଶଟ୍‌ଡାଉନ ସମୟରେ ଔଷଧ ଦୋକାନ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିବ। ଏଥିସହ ଯାନବାହନ ଚଳାଚଳ ହେବନାହିଁ। ଶଟ୍‌ଡାଉନ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଗୁଣି ଗାରେଡ଼ି ସନ୍ଦେହ: ଗ୍ରାମରୁ ବିତାଡ଼ିତ ହେଲେ ୪ ପରିବାର

ଚିତ୍ରକୋଣ୍ଡା,୩୦।୬(ଡି.ଏନ୍.ଏ.)

ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଗାଲୁଲ୍ଲମାପୁଟି ପଞ୍ଚାୟତ ଟେକଗୁଡା ଗ୍ରାମର ୪ ପରିବାରର ୨୦ ଜଣ ସଦସ୍ୟ ଗତ ୨ ଦିନ ତଳେ ଗ୍ରାମ ଛାଡି ଚିତ୍ରକୋଣ୍ଡାରେ ପହଞ୍ଚିଛନ୍ତି। ଘରର କିଛି ଜିନିଷ ଧରି ସେମାନେ ସିଲେରୁ ଲଞ୍ଚଘାଟରେ ଓହ୍ଲାଇ ଥାନା ସମ୍ମୁଖ ଓ ପଛପାର୍ଶ୍ୱରେ ରହିଥିଲେ। ପରେ ସେମାନେ ସ୍ଥାନୀୟ ଅପରେଟର କଲୋନୀ ଗ୍ରାମରେ ରହୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଏହି ୪ ପରିବାରର ଲୋକେ ଗୁଣିଗାରେଡି କରୁଥିବା ଗ୍ରାମବାସୀ ସନ୍ଦେହ କରି ଆସୁଥିଲେ। ଏନେଇ ଗ୍ରାମରେ ବସିଥିବା ବୈଠକରେ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରି ଗ୍ରାମବାସୀ ଗ୍ରାମରୁ ବିତାଡ଼ିତ ୪ ପରିବାର ପ୍ରକାଶ କରିଛନ୍ତି। ମାତ୍ର ବିଚ୍ଛିନ୍ନାଞ୍ଚଳର କେତେକ ବ୍ୟକ୍ତିଙ୍କୁ ଏସମ୍ପର୍କରେ ପଚାରିବାରୁ ସେମାନେ ଏଭଳି କିଛି ଘଟଣା ଘଟି ନ ଥିବା କହିଥିଲେ। ଅନ୍ୟପକ୍ଷରେ ଗ୍ରାମର ୫/୬ଜଣ ବ୍ୟକ୍ତି ସେମାନଙ୍କ ଜମି ହାତେଇବା ଲାଗି ଏପରି ଚକ୍ରାନ୍ତ କରି ଗ୍ରାମରୁ ସେମାନଙ୍କୁ ତଡ଼ିଥିବା ଏହି ବିତାଡିତ ପରିବାରର ଲୋକମାନେ ଅଭିଯୋଗ କରିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ପଞ୍ଜୀକରଣର ୨ଘଣ୍ଟା ମଧ୍ୟରେ ମିଳିଲା ଜମିପଟ୍ଟା

ମୁନିଗୁଡ଼ା,୩୦।୬(ଡି.ଏନ୍.ଏ.): ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ସଂଶୋଧିତ ୨୦୨୦ ନିୟମ ଅନୁଯାୟୀ ମଙ୍ଗଳବାର ମୁନିଗୁଡ଼ାଠାରେ ଜମି ପଞ୍ଜୀକରଣର ୨ ଘଣ୍ଟା ମଧ୍ୟରେ ପଟ୍ଟା ପ୍ରଦାନ କରାଯାଇଛି। ଆର୍‌ଆଇ ମାନଙ୍କ ପ୍ରଚେଷ୍ଟାରେ ଦୁଇଘଣ୍ଟା ମଧ୍ୟରେ ପଟ୍ଟା ପ୍ରସ୍ତୁତ କରାଯାଇ ଥିବାବେଳେ ତହସିଲଦାର ଦେବାଶିଷ ଗୌଡ଼ ୫ ଆବେଦନକାରୀଙ୍କୁ ପଟ୍ଟା ପ୍ରଦାନ କରିଛନ୍ତି। ସେହିପରି ଆଗାମୀ ଦିନରେ ଜମି ମାଲିକ ଜୀବିତ ଥିଲେ ଏବଂ କୌଣସି ସମସ୍ୟା ନ ଥିଲେ ରେଜିଷ୍ଟ୍ରେସନର ୭ଦିନ ମଧ୍ୟରେ ପଟ୍ଟା ଡାକ ଯୋଗେ ପ୍ରେରଣ କରାଯିବ ବୋଲି ସୂଚନା ମିଳିଛି।

# ତୈଳ ଦର ବୃଦ୍ଧିକୁ ବିରୋଧ: ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



କଂଗ୍ରେସ ପକ୍ଷରୁ ମାଲକାନଗିରି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ମାଲକାନଗିରି/କୋରୁକୋଣ୍ଡା/କାଳିମେଳା/ରାୟଗଡ଼ା ଅଫିସ/ଜୟପୁର, ୩୦।୬(ଡି.ଏନ୍.ଏ./ନି.ପ୍ର.)

ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାରେ ମଙ୍ଗଳବାର ତୈଳ ଦର ବୃଦ୍ଧିକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। କ୍ରମାଗତ ଭାବେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଘଟୁଛି। ଏଥିଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀର ମଧ୍ୟ ଦରବୃଦ୍ଧି ଘଟୁଛି। କେନ୍ଦ୍ର ଓ ରାଜ୍ୟ ସରକାର ନିଜର ଆର୍ଥିକ ସ୍ଥିତି ବୃଦ୍ଧି ପାଇଁ ଜନସାଧାରଣଙ୍କ ଉପରେ ବୋଝ ଲଦୁଛନ୍ତି ବୋଲି କଂଗ୍ରେସ ଓ ସିପିଆଇ (ଏମ୍)ଅଭିଯୋଗ କରିଛି। ମଙ୍ଗଳବାର ଉଭୟ ଦଳ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କଂଗ୍ରେସର ଜିଲା ସଭାପତି ଗୋବିନ୍ଦ ପାତ୍ର, କାର୍ଯ୍ୟକାରୀ ସଭାପତି ରାମ ପଟ୍ଟନାୟକ,ସିପିଆଇ(ଏମ୍)ର ଜିଲା ଆବାହକ ବ୍ରଜ ମାଝିଙ୍କ ନେତୃତ୍ୱରେ ଉଭୟ ଦଳର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରି ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ।

କୋରୁକୋଣ୍ଡା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବିଡିଓ ଦାଶରଥି ସରାବୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ତୈଳ ଦର ହ୍ରାସ ପାଇଁ କଂଗ୍ରେସ ଦାବି କରିଛି। ଜିଲା ଉପସଭାପତି ଭିମା ବାରସେ, ବ୍ଲକ ସଭାପତି ମଙ୍ଗୁ ଖିଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

କାଳିମେଳା ବ୍ଲକ ସଂଗ୍ରେସ ପକ୍ଷରୁ ବିଡିଓ ଉମା ସାଧାରଣ ଦଳାଇଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ଅଧ୍ୟକ୍ଷ ମାଲା ମାଡ଼ିଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ବେଳେ ପଞ୍ଚୁରାମ ସରକାର,ନିର୍ମଳ ବରର୍ମନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ରାୟଗଡ଼ାରେ ଡିୱାଇଏଫ୍‌ଆଇ ଓ ଏସ୍‌ଏଫ୍‌ଆଇ ବିରୋଧ କରିଛି। ଆନ୍ତର୍ଜାତିକ ବଜାରରେ ତୈଳ ଦର ଯଥେଷ୍ଟ କମ୍ ରହିଥିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାର ଅଧିକ ଦରବୃଦ୍ଧି କରି ଲୋକଙ୍କୁ ହନ୍ତସନ୍ତ କରୁଛନ୍ତି। ଉଭୟ ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜିଲା ସଭାପତି ଦୋରା କଣ୍ଡାଗରି ଏବଂ ଏସ୍‌ଏଫ୍‌ଆଇର ସଦସ୍ୟମାନେ ଉପସ୍ଥିତ ଥିଲେ।

କୋରାପୁଟ ଜିଲାର ଜୟପୁର ଶ୍ରମିକ ଭବନଠାରେ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ଜିଲା ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିଯୋଗୁ ବିଭିନ୍ନ ଖାଉଟି ସାମଗ୍ରୀର ଦର ଅହେତୁକ ଭାବେ ବୃଦ୍ଧି ପାଇ ଚାଲିଛି। ଏପରି ସ୍ଥିତିରେ କେନ୍ଦ୍ର ଓ ରାଜ୍ୟ ସରକାର ପାଉଥିବା ରାଜସ୍ୱ ହ୍ରାସ କରି ତୈଳ ଦର କମାଇବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି। ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ ମହାନ୍ତି, ଜିଲା ସହ ସମ୍ପାଦକ ରାମକୃଷ୍ଣ ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## କୋରାପୁଟ ଜିଲାରେ ୧୮ପଜିଟିଭ

ଜୟପୁର/ବୋରିଗୁମ୍ମା,୩୦।୬ (ଡି.ଏନ.ଏ. )

କୋରାପୁଟ ଜିଲାରେ ୧୮ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ୧୫ ଜଣ ବିଭିନ୍ନ କ୍ୱାରାଣ୍ଟାଇନ ସେଣ୍ଟରରୁ ଏବଂ ୩ ଜଣ ହୋମ୍ କ୍ୱାରାଣ୍ଟାଇନରୁ ଚିହ୍ନଟ ହୋଇଥିବା ମଙ୍ଗଳବାର ଜିଲା ପ୍ରଶାସନ ସୂଚନା ଦେଇଛି । ବୋରିଗୁମ୍ମା ବ୍ଲକର ଜଣେ ୫୮ବର୍ଷୀୟ ସ୍ୱାସ୍ଥ୍ୟକର୍ମୀ ଥିବା ବେଳେ ୨ଜଣ ଜୟପୁର ବ୍ଲକ ଫାମ୍ପୁଣି ଗ୍ରାମର। ଫାମ୍ପୁଣି ଗ୍ରାମର ୨ବ୍ୟକ୍ତି ହେଉଛନ୍ତି ଜଣେ ପୋଲିସ କର୍ମଚାରୀଙ୍କ ମାଆବାପା ବୋଲି ଜଣାପଡିଛି। ପୋଲିସ କର୍ମଚାରୀ ଜଣକ ତାଙ୍କ ବାପାଙ୍କ ଚିକିତ୍ସା ପାଇଁ ବିଶାଖାପାଟଣା ଯାଇ ସେଠାରୁ ଗ୍ରାମକୁ ଫେରିଥିଲେ। ବନ୍ଧୁଗାଁ ବ୍ଲକରେ ସର୍ବାଧିକ ୧୦ ଜଣ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କୋତାବେଢା ଟିଏମ୍‌ସିରେ ୩, ଜୋରୁଗୁଡାରୁ ୫ ଏବଂ ବିଏସ୍‌ଏଫ୍ କ୍ୟାମ୍ପର ୨ଜଣ ଯବାନ ରହିଛନ୍ତି । ୨ ଯବାନ ଦିଲ୍ଲୀରୁ ଫେରି କ୍ୱାରାଣ୍ଟାଇନ ସେଣ୍ଟରରେ ଥିଲେ। ସେହିପରି ସୁନାବେଡ଼ା ସହରର ୨ଟି କ୍ୱାରାଣ୍ଟାଇନରୁ ୩ଜଣ ରହିଛନ୍ତ। ସେଥିରୁ ୨ଜଣ ହରିୟାଣା ଏବଂ ଜଣେ ମହିଳା ମୁମ୍ବାଇ ଫେରନ୍ତା ବୋଲି ଜଣାପଡିଛି। କୋରାପୁଟ ସହରର ଗାନ୍ଧୀନଗର କ୍ୱାରାଣ୍ଟାଇନ କେନ୍ଦ୍ରରୁ ଜଣେ ୯ ବର୍ଷର ବାଳକ ଏବଂ ବୈପାରିଗୁଡା ବ୍ଲକ ଚନ୍ଦ୍ରପଡା ପଞ୍ଚାୟତ ଟିଏମ୍‌ସିର ଜଣେ ତାମିଲନାଡୁ ଫେରନ୍ତା ରହିଛନ୍ତି । ସମସ୍ତଙ୍କୁ ଜୟପୁର କୋଭିଡ୍ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏଯାବତ୍ ଜିଲାରେ ଚିହ୍ନଟ ସମୁଦାୟ ୪୭ଜଣଙ୍କ ମଧ୍ୟରୁ ୨୪ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

# କୋଡ଼ିଙ୍ଗା ପଞ୍ଚାୟତରେ ଆଲୋକୀକରଣ

କୋଡିଙ୍ଗା, ୩୦।୬(ଡି.ଏନ୍.ଏ.)–କୋଡିଙ୍ଗା ପଞ୍ଚାୟତକୁ ଆଲୋକୀକରଣ କରାଯାଇଛି। କୋଡିଙ୍ଗା ତହସିଲଦାରଙ୍କ ଆଗ୍ରହକ୍ରମେ ସ୍ଥାନୀୟ ସରପଞ୍ଚଙ୍କ ପକ୍ଷରୁ ଚତୁର୍ଦ୍ଦଶ ଅର୍ଥ କମିଶନରଙ୍କ ପାଣ୍ଠି ବିନିଯୋଗରେ ସମସ୍ତ (୧୧ଟି) ୱାର୍ଡରେ ଏହି ବ୍ୟବସ୍ଥା କରାଯାଇଛି। କୋଡିଙ୍ଗା ମୁଖ୍ୟ ସଡ଼କ ଶିବମନ୍ଦିରଠାରୁ କଲେଜ ରାସ୍ତା, ପ୍ରତ୍ୟେକ ସାହି ଓ ୱାର୍ଡରେ ୧୫୦ଟି ଏଲ୍‌ଇଡି ଲାଇଟ୍ ଲଗାଯାଇଛି। ଏହି କାର୍ଯ୍ୟ ଗତ ୮ ତାରିଖରୁ ଆରମ୍ଭ ହୋଇଥିଲା। ଏହାକୁ ସରପଞ୍ଚ ଡମାଇ ଭତ୍ରା, ଯୁବନେତା ବୁଦୁରାମ ଭତ୍ରା, ବରିଷ୍ଠ ବିଜେଡି ନେତା ବଦ୍ରିନାରାୟଣ ସିଂ, ଭାଜପା କର୍ମୀ ବୁଲି ପଟ୍ଟନାୟକ, ଆଇନଜୀବୀ ଦିଗାମ୍ବର ପାଣିଗ୍ରାହୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ସାନ୍ତାଳୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି

ବୈପାରିଗୁଡ଼ା, ୩୦।୬(ଡି.ଏନ୍.ଏ.):

ସାନ୍ତାଳ ବିଦ୍ରୋହର ୧୬୫ତମ ଶହୀଦ ଦିବସ ଅବସରରେ ବୈପାରିଗୁଡ଼ାରେ ଏକ ଶ୍ରଦ୍ଧାଞ୍ଜଳି ସଭା କରାଯାଇଛି। ଏଆଇଡିଏସ୍‌ଓ, ମହିଳା ସାଂସ୍କୃତିକ ସଙ୍ଗଠନ,ଏଆଇଡିୱାଇଓ ଏବଂ ଏଆଇକେକେ ପକ୍ଷରୁ ଅନୁଷ୍ଠିତ ଏହି ସଭାରେ ସାନ୍ତାଳୀ ସ୍ୱାଧୀନତା ସଂଗ୍ରାମୀ କାହ୍ନୁ ମୁର୍ମୁ, ସିଦ୍ଧୁ ମୁର୍ମୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସଂଗ୍ରାମୀମାନେ ଇଂରେଜଙ୍କ ବିରୋଧରେ ଆନ୍ଦୋଳନ କରି ଫାଶୀ ପାଇଥିବା ନେଇ ଆଲୋଚନା କରାଯାଇଥିଲା। ଏହି ସଭାରେ ଲକ୍ଷ୍ମୀ ବାରିକ,ସୂର୍ଯ୍ୟ ନାରାୟଣ ବିଶୋୟୀ, ବାସନ୍ତୀ ଖରା,ରୁକ୍ମିଣୀ ବାରିକ ଓ ନବୀନା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।


### ତହସିଲ କାର୍ଯ୍ୟାଳୟ, ଗୁଡ଼ାରି

**ଦୀର୍ଘମିଆଦୀ ଲିଜ୍ ନିମନ୍ତେ ନିଲାମ ଇସ୍ତାହାର**

ବିଜ୍ଞପ୍ତି ସଂଖ୍ୟା: ୧୧୨୦ ତାରିଖ: ୩୦।୦୬।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗୁଡାରି ତହସିଲର ତିନୋଟି ସୈରାତ ଉତ୍ସଗୁଡ଼ିକ ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ ୨୦୧୬ (OMMC Rules-2016) ମୁତାବକ ପାଞ୍ଚ ବର୍ଷ ନିମନ୍ତେ ୨୦୨୦–୨୦୨୧ ବର୍ଷଠାରୁ ୨୦୨୪–୨୦୨୫ ବର୍ଷ ପର୍ଯ୍ୟନ୍ତ ଦିଆଯିବ। ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା ବିଜ୍ଞାପନ, ସର୍ତ୍ତାବଳୀ, ସୈରାତ ଉତ୍ସ ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି www.rayagada.nic.inରେ ଉପଲବ୍ଧ କରାଯାଇଛି। ଇଚ୍ଛୁକ ବ୍ୟକ୍ତିବିଶେଷ ବିଜ୍ଞାପନରେ ଦର୍ଶାଯାଇଥିବା Form-M ପୂରଣ କରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ ରେଜିଷ୍ଟ୍ରି ଡାକ ଯୋଗେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା./- ତହସିଲଦାର, ଗୁଡ଼ାରି

### ODISHA WATER & SANITATION MISSION

(A GOVERNMENT OF ODISHA AGENCY)
Ground Floor, Jal O Parimal Bhawan, Unit-V,
Bhubaneswar, Odisha-751001, Ph: 0674-2390412
e-mail: oswsm@rediffmail.com
No.: 4065/Date: 29.06.2020
(File: OWSM-WSSO-230/2019)

**REQUEST FOR PROPOSAL (RFP)**

**Request for Proposal (RFP) For Hiring of Reputed Manpower Agency/ Service Provider to provide Manpower support to Odisha State Water & Sanitation Mission, Panchayati Raj & Drinking Water Department, Government of Odisha**

**No.i-08:-** The Panchayati Raj & Drinking Water Department, Government of Odisha invites Request for proposal (RFP) for Hiring of Reputed Manpower Agency/ Service Provider to provide Manpower support to Odisha Water & Sanitation Mission, Panchayati Raj & Drinking Water Department, Government of Odisha.

The eligibility criteria for selection of Agency/Firms are provided below:

(a) The bidder should be registered for a minimum period of 3 years under the Indian Companies Act, 2013/ Partnership Act 1932/ Societies Registration Act 1860/ Indian Trust Act 1882/ Any Other relevant Act in India.
(b) The bidder should have the average annual turnover of at least 1 Crore during the last three Financial Years 2017-18, 2018-19 & 2019-20.
(c) The agency must have successfully undertaken similar type of services to Central/State Government Organizations/ Autonomous bodies/ Corporate Sector amounting to Rs. 1 Crores or two similar type of services amounting to Rs. 0.625 Crores each.
(d) The firm or any partners of the firm should not be black-listed by any Government or any other organization in respect of any assignment or behaviour.
(e) Firm should have never been indicted by any court of law or any regulatory body or any State/Central Government agencies.

Interested Agency/ Firms may download the RFP document from Government of Odisha website i.e. www.tendersodisha.gov.in/ www.odishapanchayat.gov.in from 01.07.2020 to 04.08.2020. The last date for submission of RFP document is 04.08.2020 before 4.00 PM.

A pre-bid meeting shall be conducted at **11:00** hours on dt. 06.07.2020 at Office of the Engineer-In-Chief, Rural Water Supply & Sanitation, Jal O Parimal Bhawan, Unit-V, Bhubaneswar-751001, Odisha. Interested bidders may send their queries to oswsm@rediffmail.com and attend the said pre-bid meeting.

The Authority reserves the right to accept or reject any/all RFP without assigning any reason thereof.

Sd./- Mission Director, OWSM
OIPR-25119/11/0001/2021

### OFFICE OF THE COLLECTOR, BHADRAK

(ST & SC Dev. Section)
dwobhadrak@gmail.com, 06784-240335/241415
Letter No.760 SSD Date30.06.2020

**ADVERTISEMENT**

Applications in prescribed form are invited from intending candidates for filling up one Sanskrit teacher and one Junior Teacher (Sikhya Sahayak) B.A. B.Ed. in the SSD High School/Ashram School/Sevashram under ST & SC Dev. Deptt. of Bhadrak District on contractual basis under ST & SC Development Department of Bhadrak District on contractual basis. The details can be obtained from the District Website i.e. www.bhadrak.nic.in. The last date for receipt of application form is 22.7.2020.

Sd./- COLLECTOR, BHADRAK

### BHUBANESWAR MUNICIPAL CORPORATION

E-mail ID; ae-elect@bmc.gov.in and
No. C-66 sethyshyamsundar@gmail.com

**E-PROCUREMENT NOTICE**

1. Bid Reference No. : BMC-EED-II-05(El.)/2020-21 Dt.29.06.2020
2. Tender Call Notice No. : No. 24151 / Dt.29.06.2020
3. No. of Work : 4 Nos.
4. Bid value of each work : Rs.410454.00 to Rs.566942.00
5. Period of Completion : 30 Days

Date and time Schedule

| Start | End | Opening |
|---|---|---|
| 11.00 A.M. of Dt.01.07.2020 | 4.00 P.M. of Dt.07.07.2020 | 5.00 P.M. of Dt.07.07.2020 |

6. Tender Details : Can be seen from the procurement portal: https://www.tendersodisha.gov.in.

Sd./- Executive Engineer, Div.-II
Bhubaneswar Municipal Corporation
OIPR-13002/11/0018/2021

### WATCO

No. C-67

OFFICE OF THE GENERAL MANAGER, WATCO DIVISION-II, BHUBANESWAR,
Near Rajiv Bhawan, Unit-V, Bhubaneswar-751001, Odisha, India
Telefax: - +91-674-2390322 E-mail – gmdivtwowatco@gmail.com

**NATIONAL COMPETITIVE BIDDING THROUGH e-PROCUREMENT**

Invitation For Bids (IFB)
Dtd.29.06.2020

| | | |
|---|---|---|
| 01 | Name of the work | : Provision for Chlorine Leak absorption system (Chloro Scrub) at 3 MGD WTP, Bhuasuni, Bhubaneswar |
| 02 | Estimate cost | : Rs.28.63 lakhs |
| 03 | Period of completion | : 12 (Twelve Months) |
| 04 | Class of contractor | : Registered Agency / Firm / Manufacturers / Authorised Dealer/ Distributer of Gas Chlorination Equipment |
| 05 | Date & Time of availability of bid document in the portal | : From 11.00 AM of Dt.01.07.2020 to 5.00 PM of 15.07.20 |
| 06 | Last date / time of receipt of bids in the portal | : 5.00 PM of 15.07.2020 |
| 07 | Last date & time of seeking clarification | : 5.00 PM of 08.07.2020 |
| 08 | Date & Time of opening of bids | : At 12.30 PM of 16.07.2020 |
| 09 | Name and Address of the Officer Inviting Bid | : General Manager, WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in".

GENERAL MANAGER,
WATCO DIVISION-II, BHUBANESWAR
OIPR-13083/11/0006/2021

### ତହସିଲଦାରଙ୍କ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି

OFFICE OF THE TAHASILDAR, PARALAKHEMUNDI, GAJAPATI
Phone: 06815-222231, E-mail: tahasildar.pkd@gmail.com, tah.parala-od@nic.in

ନଥି ସଂଖ୍ୟା ୨୫୧୬/ସୈରାତ ତାରିଖ: ୨୬।୦୬।୨୦୨୦

**ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ନିଲାମ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ପାରଳାଖେମୁଣ୍ଡି ତହସିଲ ଅନ୍ତର୍ଗତ ନିମ୍ନ ପ୍ରଦତ୍ତ ଲଘୁ ଖଣିଜ/ଖାଦନଗୁଡ଼ିକ ୨୦୨୦–୨୧ ଆର୍ଥିକ ବର୍ଷଠାରୁ ୨୦୨୪–୨୫ ଆର୍ଥିକ ୫ (ପାଞ୍ଚ) ବର୍ଷ ନିମନ୍ତେ ସଂଲଗ୍ନ ବିବରଣୀ ମୁତାବକ ତହସିଲଦାର, ପାରଳାଖେମୁଣ୍ଡିଙ୍କ ଦ୍ୱାରା ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତିମାନେ OMMC (Amendment) Rules - 2016ରେ ଥିବା Form-M ପୂରଣ କରି ଆବଶ୍ୟକ ଥିବା ସମସ୍ତ କାଗଜ ସହ ୩କିତା ସହି ନକଲ ଜଉମୁଦ ଥିବା ଲଫାପାରେ ଆବେଦନ କରିପାରିବେ, ଯାହାକି ରେଜିଷ୍ଟର୍ଡ ପୋଷ୍ଟ/ସ୍ପିଡ୍ ପୋଷ୍ଟ ଜରିଆରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ତା୧୬।୦୭।୨୦୨୦ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ। ଧାର୍ଯ୍ୟ ଦିନ ସୁଦ୍ଧା ପ୍ରାପ୍ତ ସମସ୍ତ ଆବେଦନ ଫର୍ମ ଦରଖାସ୍ତକାରୀ କିମ୍ବା ତାଙ୍କ ସ୍ୱୀକୃତିପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ତା୧୭।୦୭।୨୦୨୦ରିଖ ଅପରାହ୍ନ ୦୩.୦୦ ଘଣ୍ଟା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଖୋଲାଯାଇ ତନଖି କରି ସର୍ବୋଚ୍ଚ ମୂଲ୍ୟ ଦର୍ଶାଇଥିବା ବ୍ୟକ୍ତିଙ୍କ ନାମେ ନିଲାମ ଧାର୍ଯ୍ୟ କରାଯିବ। କୌଣସି କାରଣବଶତଃ ନିଲାମ ହୋଇପାରିନଥିବ ଉତ୍ସ ପାଇଁ ଦରଖାସ୍ତ ତା୩୧।୦୭।୨୦୨୦ରିଖ ଓ ପୁନଶ୍ଚ ନିଲାମ ନ ହୋଇ ରହିଯାଇଥିବା ଉତ୍ସ ପାଇଁ ତା୩୦।୦୭।୨୦୨୦ରିଖ ଅପରାହ୍ନ ୦୧ ଘଟିକା ସୁଦ୍ଧା ଗ୍ରହଣ କରାଯାଇ ସେହିଦିନ ଅପରାହ୍ନ ୦୩.୦୦ଟିକା ସମୟରେ ନିୟମାନୁଯାୟୀ ଖୋଲାଯାଇ ନିଲାମ ଧାର୍ଯ୍ୟ କରାଯିବ। ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ଓ ଅସମ୍ପୂର୍ଣ୍ଣ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ। କୌଣସି କାରଣବଶତଃ ନିଲାମକୁ ସ୍ଥଗିତ ଓ ରଦ୍ଦ କରିବା କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଅଛି। ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ (୧) ଦରଖାସ୍ତ ପାଉଣା ବାବଦ ଟ.୧୦୦୦/–ଙ୍କା (ଅଣଫେରସ୍ତ)ର ଟ୍ରେଜେରି ଚାଲାଣ/ବ୍ୟାଙ୍କ ଡ୍ରାଫ୍ଟ। (୨) ପ୍ରସ୍ତାବିତ ସୈରାତ ଉତ୍ସର ତଫସିଲ ସହ ଚୌହଦୀର ସମ୍ପୂର୍ଣ୍ଣ ବିବରଣୀ, ସମ୍ପୃକ୍ତ ସୈରାତ ଉତ୍ସକୁ ପରିଦର୍ଶନ କରି ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ନକ୍ସା ମେଳ କରି ସଂଲଗ୍ନ କରିବେ। (୩) ସୈରାତ ଉତ୍ସ ବାବଦୀୟ କୌଣସି ବକେୟା ଅର୍ଥ ପୈଠ ନ କରିଥିବା ସମ୍ବନ୍ଧୀୟ ସତ୍ୟପାଠ। (୪) ରାଜସ୍ୱ ଅଧିକାରୀଙ୍କଠାରୁ ପ୍ରାପ୍ତ Solvency Certificate ସହ ସ୍ଥାବର ସମ୍ପତ୍ତିର ପ୍ରମାଣପତ୍ର। (୫) ଅନ୍ୟାନ୍ୟ ଆବଶ୍ୟକ ତଥ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା ନିଜର ଉପଲବ୍ଧି ଥିବା ଯନ୍ତ୍ରପାତି ଆର୍ଥିକ ଅବସ୍ଥା ବାବଦୀୟ ତଥ୍ୟ।

**ସୈରାତ ଉତ୍ସଗୁଡ଼ିକର ବିବରଣୀ**

| କ୍ର.ନଂ. | ରାଜସ୍ୱ ମୌଜାର ନାମ | ଖାତା ନଂ. | ଖସଡ଼ା (ପ୍ଲଟ ନଂ.) | ସୈରାତ ଉତ୍ସର ରକବା | ସୈରାତ ଉତ୍ସଗୁଡ଼ିକର ନାମ | ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ବାଘଶାଳା | ୨୪୬ | ୪୮୨, ୧୧୫/୧୩୫୫ | ହେ. ୮.୩୨୦ | ବାଲିଘାଟ, ବାଘଶାଳା | ୩୫.୦୦ |
| ୨ | ବୋମିକା | ୧୫୨ | ୪୫୪,୧୯୫, ୨୦୧/୭୩୧ | ହେ. ୮.୫୯୩ | ବାଲିଘାଟ, ବୋମିକା | ୩୫.୦୦ |
| | | ୧୨୮ | ୭ | | | ୩୫.୦୦ |
| ୩ | ଉପଲଡା | ୩୭୬ | ୭୪୮ | ହେ. ୪.୫୮୯ | ବାଲିଘାଟ, ଉପଲଡା | ୩୫.୦୦ |
| ୪ | ଉପଲଡା | ୩୭୬ | ୧୭୨୫ | ହେ. ୫.୮୯୯ | ଉପଲଡା, ପଥର ଖାଦାନ–୮ | ୧୩୦.୦୦ |

ଏଥି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ତହସିଲ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି ତଥା www.gajapati.nic.in ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଟେ। ଆବେଦନ କରିଥିବା କଭର ଉପରେ ''ସୈରାତ ନିଲାମ'' ପଦ ଲେଖିବା ହେବେ।

ସ୍ୱା./– ତହସିଲଦାର, ପାରଳାଖେମୁଣ୍ଡି

### ତହସିଲ କାର୍ଯ୍ୟାଳୟ, ଚମ୍ପୁଆ

ପତ୍ର ସଂଖ୍ୟା: ୨୩୬୧ ତାରିଖ: ୩୦।୦୬।୨୦୨୦

**ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିଲାମ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚମ୍ପୁଆ ତହସିଲ ଅନ୍ତର୍ଗତ ଲଘୁ ଖଣିଜ ସମ୍ପଦ ଉତ୍ସଗୁଡ଼ିକୁ (OMMC Rules - 2016) ମୁତାବକ ଦୀର୍ଘମିଆଦୀ ଲିଜ୍ ସୂତ୍ରରେ ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ନିଲାମ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। ଇଚ୍ଛୁକ ବ୍ୟକ୍ତି ବିଶେଷ OMMC (Amendment) Rules - 2016ରେ ପ୍ରଦତ୍ତ (Form-M) ପୂରଣ କରି ଏହାର ୩ କପି ସହ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପା (Sealed Cover) ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ତହସିଲଦାର, ଚମ୍ପୁଆଙ୍କ କାର୍ଯ୍ୟାଳୟରେ ଥିବା Drop Boxରେ ଆସନ୍ତା ତା୩୦।୦୭।୨୦୨୦ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ ପକାଇପାରିବେ (ଛୁଟିଦିନ ବ୍ୟତୀତ)। ଅସମ୍ପୂର୍ଣ୍ଣ ଦରଖାସ୍ତ ଏବଂ ୩୦।୦୭।୨୦୨୦ରିଖ ଅପରାହ୍ନ ୫.୦୦ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡ଼ିକ ବିଚାରକୁ ନିଆଯିବ ନାହିଁ। ତା୩୧।୦୭।୨୦୨୦ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ଅଧିକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ତହସିଲଦାରଙ୍କ କୋଠରି (Chamber), ଚମ୍ପୁଆଠାରେ ତନଖି କରାଯାଇ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଭିତ୍ତିରେ ଯୋଗ୍ୟ ଲିଜ୍‌ଧାରୀ ଚୟନ କରାଯିବ। ଯେଉଁ ସୈରାତ ଉତ୍ସଗୁଡ଼ିକ ପ୍ରଥମ ତାରିଖରେ ଚୂଡ଼ାନ୍ତ ହୋଇନପାରିବ ସେହି ଉତ୍ସ ପାଇଁ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଯଥାକ୍ରମେ ତା୦୭।୦୮।୨୦୨୦ରିଖ ଓ ତା୧୪।୦୮।୨୦୨୦ରିଖ ପୂର୍ବାହ୍ନ ୧୧.୦୦ ଘଟିକା ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ ଏବଂ ଉକ୍ତ ଦିନ ଅପରାହ୍ନ ୩.୩୦ ଘଟିକା ସମୟରେ ପୂର୍ବମତେ ଦରଖାସ୍ତଗୁଡ଼ିକୁ ତନଖି କରାଯାଇ ଲିଜ୍‌ଧାରୀ ଚୟନ କରାଯିବ। ଉତ୍ସଗୁଡ଼ିକର ବିବରଣୀ ଦରଖାସ୍ତ କରିବାର ନିୟମାବଳୀ ଓ ଲିଜ୍ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ କେନ୍ଦୁଝର ଜିଲ୍ଲା Website: www.kendhujar.nic.inରେ ଉପଲବ୍ଧ ହେବ ଓ ଅନ୍ୟ କୌଣସି ତଥ୍ୟ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଧାର୍ଯ୍ୟ ତାରିଖ ପୂର୍ବରୁ (ଛୁଟିଦିନ ବ୍ୟତୀତ) ଯେକୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରିବେ। କୌଣସି କାରଣ ନ ଦର୍ଶାଇ ଲିଜ୍ ସ୍ଥଗିତ/ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ ଓ ଜିଲାପାଳଙ୍କର ରହିଅଛି।

ସ୍ୱା./– ତହସିଲଦାର–ତଥା–କ୍ଷମତାସମ୍ପନ୍ନ ପ୍ରାଧିକାରୀ, ଚମ୍ପୁଆ

### OFFICE OF THE COLLECTOR, BHADRAK

(ST & SC Dev. Section)
dwobhadrak@gmail.com, 06784-240335/241415
Letter No.742 SSD Date 26.06.2020

**EXPRESSION OF INTEREST**

Expression of interest (EOI) are invited from the reputed NGOs having valid registration number for providing assistance to the District Project Monitoring Cell (DPMC) in connection with Pradhan Mantri Adarsh Gram Yojana (PMAGY) as per direction of the Govt. in ST & SC Development Department, Odisha vide letter No. 6858/SSD dated 08.05.2020. The sealed EOI should reach to District Welfare Office, Bhadrak by Registered Post or Speed Post only on or before 22.7.20 upto 05.30 P.M. and it will be opened on 24.7.20 at Conference Hall, Collectorate Convergence Committee for PMAGY and Tenderers. The above EOI is subject to the guidelines and terms & conditions attached with this Notice.

Necessary papers along with the details are available in District Website www.bhadrak.nic.in and can be downloaded from the Website.

Shortfall of any required documents will not be entertained and the EOI paper will be liable for rejection. NO EOI WILL BE RECEIVED BY HAND OR BY COURIER SERVICE. The undersigned will not be responsible for any delay in postal service.

Sd./- COLLECTOR, BHADRAK



ପାକିସ୍ତାନ ଇଣ୍ଟରନ୍ୟାଶନାଲ ଏୟାରଲାଇନ୍ସର ବିମାନ ଚଳାଚଳ ଉପରେ ୟୁରୋପରେ ୬ ମାସ ପାଇଁ କଟକଣା ଜାରି କରାଯାଇଛି। ଏନେଇ ୟୁରୋପିଆନ୍ ୟୁନିୟନ୍ ଏୟାର ସେଫ୍ଟି ଏଜେନ୍ସି ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ଫଳରେ ୟୁରୋପୀୟ ସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ପାକିସ୍ତାନର କୌଣସି ବିମାନ ଚଳାଚଳ କରିପାରିବ ନାହିଁ। ଦେଶର ୨୬୨ ପାଇଲଟଙ୍କ ଲାଇସେନ୍ସ ସନ୍ଦେହଜନକ ବୋଲି ପାକିସ୍ତାନ ଅଭିହିତ କରି ସେମାନଙ୍କୁ ବସାଇଦେବା ପରେ ଏପରି ପଦକ୍ଷେପ ନିଆଯାଇଥିବା କୁହାଯାଉଛି।



ଆସାମର ନଗାଓଁ ଜିଲା କାଜିରଙ୍ଗା ନିକଟସ୍ଥ ବାଘମାରି ଗ୍ରାମକୁ ବନ୍ୟା ପାଣି ମାଡ଼ିଆସିଥିବାରୁ ସୁରକ୍ଷିତ ସ୍ଥାନକୁ ଯାଉଛନ୍ତି ଏକ ପରିବାରର ସଦସ୍ୟମାନେ।




ତୈଳଦର ବୃଦ୍ଧି ପ୍ରତିବାଦରେ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ହରିଶ ରାଓ୍ୱତ୍ ଡେରାଡୁନସ୍ଥିତ ରାଜଭବନ ବାହାରେ ଧାରଣାରେ ବସିଛନ୍ତି।



ବିବାଦୀୟ ହଂକଂ ସୁରକ୍ଷା ଆଇନକୁ ମଙ୍ଗଳବାର ଚାଇନା ଅନୁମୋଦନ କରିଛି। ଏନେଇ ହଂକଂରେ ଚାଇନା ସପକ୍ଷବାଦୀମାନେ ଚାଇନା ଜାତୀୟ ପତାକା ଧରି ଉତ୍ସବ ମନାଉଛନ୍ତି।

# ଭାରତରେ ୪.୫୮ କୋଟି ମହିଳା ନିଖୋଜ

**ଜାତିସଂଘ,୩୦।୬**

ବିଗତ ୫୦ ବର୍ଷ ମଧ୍ୟରେ ବିଶ୍ୱରେ ୧୪ କୋଟି ୨୬ ଲକ୍ଷ ମହିଳା ନିଖୋଜ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଏକତୃତୀୟାଂଶ ଅର୍ଥାତ୍ ୪ କୋଟି ୫୮ ଲକ୍ଷ ମହିଳା ଭାରତର ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ସଦ୍ୟ ରିପୋର୍ଟରେ କୁହାଯାଇଛି। ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍‌ଏଫ୍‌ପିଏ) ପକ୍ଷରୁ ମଙ୍ଗଳବାର ଦି ଷ୍ଟେଟ୍ ଅଫ୍ ୱାର୍ଲ୍ଡ ପପୁଲେଶନ ବା ବିଶ୍ୱ ଜନସଂଖ୍ୟାର ସ୍ଥିତି ୨୦୨୦ ରିପୋର୍ଟ ଜାରି କରାଯାଇଛି। ବିଶ୍ୱର ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ସଂସ୍ଥା ୟୁଏନ୍‌ଏଫ୍‌ପିଏ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ବିଗତ ୫୦ ବର୍ଷରେ ନିଖୋଜ ମହିଳାଙ୍କ ସଂଖ୍ୟା ଦୁଇଗୁଣରୁ ଅଧିକ ବୃଦ୍ଧି ପାଇଛି। ୧୯୭୦ରେ ସାରା ବିଶ୍ୱରେ ୬ କୋଟି ୧୦ ଲକ୍ଷ ମହିଳା ନିଖୋଜ ଥିବାବେଳେ ୨୦୨୦ରେ ଏହି ସଂଖ୍ୟା ୧୪ କୋଟି ୨୬ ଲକ୍ଷରେ ପହଞ୍ଚିଛି। ନିଖୋଜ ମହିଳାଙ୍କ ମଧ୍ୟରେ କେବଳ ଭାରତର ୪ କୋଟି ୫୮ ଲକ୍ଷ ଥିବାବେଳେ ଚାଇନାର ୭ କୋଟି ୨୩ ଲକ୍ଷ ଅଛନ୍ତି। ପ୍ରସବ ପୂର୍ବରୁ ଲିଙ୍ଗ ନିରୂପଣ ଓ ପ୍ରସବ ପରବର୍ତ୍ତୀ ପ୍ରଭାବ ଯୋଗୁ ଏକ ନିର୍ଦ୍ଦିଷ୍ଟ ତାରିଖରୁ



ଜନସଂଖ୍ୟାରୁ ନିଖୋଜ ହୋଇଥିବା ମହିଳାଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ଏହି ସଂସ୍ଥା କହିଛି।

୨୦୧୩ରୁ ୨୦୧୭ ମଧ୍ୟରେ ଭାରତରେ ପ୍ରତିବର୍ଷ ପ୍ରାୟ ୪ ଲକ୍ଷ ୬୦ ହଜାର ଶିଶୁକନ୍ୟା ଜନ୍ମ ସମୟରୁ ହିଁ ନିଖୋଜ ହୋଇଛନ୍ତି। ଏକ ବିଶ୍ଳେଷଣ ଅନୁସାରେ ଦେଶରେ ପ୍ରାୟ ଦୁଇ-ତୃତୀୟାଂଶ ଝିଅ ନିଖୋଜ ହେବାର କାରଣ ଲିଙ୍ଗ ନିରୂପଣ ଓ ଲିଙ୍ଗ ଆଧାରରେ ଭେଦଭାବ ସମ୍ପର୍କିତ। ସେହିପରି ଏକ-ତୃତୀୟାଂଶ ଶିଶୁକନ୍ୟା ଜନ୍ମ ପରେ ମୃତ୍ୟୁମୁଖରେ ପଡୁଛନ୍ତି। ଉକ୍ତ ରିପୋର୍ଟରେ ବିଶେଷଜ୍ଞମାନଙ୍କ ପକ୍ଷରୁ ମିଳିଥିବା ପରିସଂଖ୍ୟାନକୁ ଭିତ୍ତିକରି କୁହାଯାଇଛି ଯେ, ଲିଙ୍ଗ ଆଧାରରେ ଭେଦଭାବ କାରଣରୁ (ଜନ୍ମ ପୂର୍ବରୁ) ଲିଙ୍ଗ ନିରୂପଣ ଯୋଗୁ ସାରା ବିଶ୍ୱରେ ନିଖୋଜ ହେଉଥିବା ହାରାହାରି ୧୨ ଲକ୍ଷରୁ ୧୫ ଲକ୍ଷ ଶିଶୁକନ୍ୟାଙ୍କ ମଧ୍ୟରୁ ୯୦ରୁ ୯୫% କେବଳ ଚାଇନା ଓ ଭାରତରେ ହେଉଛି। ପ୍ରତିବର୍ଷ ପିଲା ଜନ୍ମ କ୍ଷେତ୍ରରେ ମଧ୍ୟ ଏହି ଦୁଇ ଦେଶ ସବୁଠୁ ଆଗରେ ଅଛନ୍ତି। ସରକାରମାନେ ଲିଙ୍ଗ ନିରୂପଣ

**୫୦ ବର୍ଷର ହିସାବ**

- ବିଶ୍ୱର ଏକ-ତୃତୀୟାଂଶ ନିଖୋଜ ମହିଳା ଭାରତର: ଜାତିସଂଘ ରିପୋର୍ଟ
- ପ୍ରତିବର୍ଷ ୪.୬୦ ଲକ୍ଷ ଶିଶୁକନ୍ୟା ଜନ୍ମ ପରେ ନିଖୋଜ ହେଉଛନ୍ତି
- ଲିଙ୍ଗଗତ ଭେଦଭାବ ଓ ଜନ୍ମ ପୂର୍ବରୁ ଲିଙ୍ଗ ନିରୂପଣ ମୁଖ୍ୟ କାରଣ
- ୧୦% ବଢ଼ିବ ଅବିବାହିତ ପୁରୁଷଙ୍କ ସଂଖ୍ୟା

ଏଡ଼ାଇବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଭାରତ ଓ ଭିଏତ୍‌ନାମରେ ଲୋକଙ୍କ ବିଚାରରେ ପରିବର୍ତ୍ତନ ପାଇଁ ଅଭିଯାନ ଆରମ୍ଭ କରାଯାଇଛି।

ବିଶ୍ଳେଷଣ ଅନୁସାରେ ଭାରତରେ ଶିଶୁକନ୍ୟାଙ୍କ ମୃତ୍ୟୁହାର ସର୍ବାଧିକ। ପ୍ରତି ୧,୦୦୦ ଶିଶୁକନ୍ୟା ଜନ୍ମ ହେବା ପରେ ୧୩.୫%ଙ୍କ ମୃତ୍ୟୁ ଘଟୁଛି। ୫ ବର୍ଷ ବୟସରୁ କମ୍ ପ୍ରତି ୯ ଜଣ କନ୍ୟାଙ୍କ ମଧ୍ୟରୁ ଜଣଙ୍କ ଜୀବନ ଯାଉଛି। ଝିଅଙ୍କ ପରିବର୍ତ୍ତେ ପୁଅଙ୍କୁ ପ୍ରାଥମିକତା ଦେବା କାରଣରୁ କିଛି ଦେଶରେ ମହିଳା ଓ ପୁରୁଷଙ୍କ ଅନୁପାତରେ ବଡ଼ ବ୍ୟବଧାନ ଦେଖିବାକୁ ମିଳିଛି। ଜନସଂଖ୍ୟାରେ ଏହି ଅସନ୍ତୁଳନ ଯୋଗୁ ବିବାହ ପ୍ରଣାଳୀ ଉପରେ ମଧ୍ୟ ପ୍ରଭାବ ପଡ଼ିବ। ସ୍କୁଲ ଉପସ୍ଥାନ ପାଇଁ ନଗଦ ରାଶି ହସ୍ତାନ୍ତର କିମ୍ବା ସ୍କୁଲ ଫିଜ୍ ଛାଡ଼ ଓ ବହି, ୟୁନିଫର୍ମ ଆଦି ପ୍ରଦାନ ଭଳି ସୁବିଧା ସହ ସଫଳ ଶିକ୍ଷା ପ୍ରଣାଳୀ ଆପଣାଗଲେ ଶିଶୁକନ୍ୟାଙ୍କ ମୃତ୍ୟୁହାରକୁ ରୋକାଯାଇପାରିବ ବୋଲି ଅଧ୍ୟୟନରେ ପ୍ରସ୍ତାବ ଦିଆଯାଇଛି। ଏଥିରେ 'ଅପନି ବେଟୀ ଅପନା ଧନ' ଭଳି ଭାରତରେ ନିଆଯାଉଥିବା ସଫଳ ନଗଦ ରାଶି ହସ୍ତାନ୍ତର ଯୋଜନାକୁ ପ୍ରଶଂସା କରାଯାଇଛି। ଜନସଂଖ୍ୟାରେ ଅସନ୍ତୁଳନ ଯୋଗୁ ବିବାହ ବ୍ୟବସ୍ଥା ବହୁଳ ଭାବେ ପ୍ରଭାବିତ ହେବ। ଭାରତରେ ସମ୍ଭାବ୍ୟ କନ୍ୟାଙ୍କ ତୁଳନାରେ ସମ୍ଭାବ୍ୟ ବରଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ୨୦୫୫ ମସିହା ବେଳକୁ ଏହି ସ୍ଥିତି ଭାରତରେ ସବୁଠୁ ଖରାପ ହେବ। ୨୦୫୦ ପରେ ୫୦ ବର୍ଷ ବୟସ ପର୍ଯ୍ୟନ୍ତ ଏକାକୀ ରହୁଥିବା ଅବିବାହିତ ପୁରୁଷଙ୍କ ସଂଖ୍ୟା ୧୦% ବୃଦ୍ଧି ପାଇବ ବୋଲି ରିପୋର୍ଟରେ ଦର୍ଶାଯାଇଛି।

# ଚିନ୍ତାବ୍ୟକ୍ତ କଲା ଚାଇନା

**ନୂଆଦିଲ୍ଲୀ/ବେଜିଂ,୩୦।୬**

**କଟକଣା ପରେ ବନ୍ଦହେଲା ଟିକ୍‌ଟକ୍**

କେନ୍ଦ୍ର ସରକାର ଦେଶରେ ଚାଇନା ଭିଡିଓ ଆପ୍ ଟିକ୍‌ଟକ୍ ସମେତ ୫୯ଟି ଆପ୍ଲିକେଶନ ଉପରେ ସୋମବାର କଟକଣା ଜାରି କରିଛନ୍ତି। ଟିକ୍‌ଟକ୍‌କୁ ଗୁଗଲ ପ୍ଲେ ଷ୍ଟୋର ଓ ଆପ୍ ଷ୍ଟୋରରୁ ହଟାଇ ଦିଆଯାଇଛି। ଫଳରେ ଏହା କାମ କରିବା ବନ୍ଦ କରିଦେଇଛି। ଏହା ସତ୍ତ୍ୱେ ଯେଉଁମାନଙ୍କ ମୋବାଇଲରେ ଏହି ଆପ୍ ଡାଉନ୍‌ଲୋଡ୍ ହୋଇ ରହିଛି, ସେମାନେ କିଛି ସମୟ ପାଇଁ ଏହାକୁ ବ୍ୟବହାର କରିପାରିବେ। ଅନ୍ୟପକ୍ଷରେ ସରକାରଙ୍କ ନିଷ୍ପତ୍ତିକୁ ନେଇ ଚାଇନା ଚିନ୍ତାବ୍ୟକ୍ତ କରିଛି। ଜାତୀୟ ସୁରକ୍ଷା ଦୃଷ୍ଟିରୁ ଟିକ୍‌ଟକ୍ ଓ ଅନ୍ୟ ୫୮ ଚାଇନା ଆପ୍‌କୁ ଭାରତ ସରକାରଙ୍କ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ବ୍ୟାନ୍ କରିଛି। ଏନେଇ ମଙ୍ଗଳବାର ଟିକ୍‌ଟକ୍ ଇଣ୍ଡିଆର ମୁଖ୍ୟ ନିଖିଲ ଗାନ୍ଧୀ କହିଛନ୍ତି, ସରକାରଙ୍କ ପକ୍ଷରୁ ଆମକୁ ସ୍ପଷ୍ଟୀକରଣ ମଗାଯାଇଛି। ଭାରତରେ ଏହି ଆପ୍‌କୁ ସୁରକ୍ଷିତ ଭାବେ ଚଳାଇବା ପାଇଁ ଆମେ ସମସ୍ତ ଦିଗ ଉପରେ ଧ୍ୟାନ ଦେଉଛୁ। ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ କହିଛନ୍ତି, ଭାରତ ସରକାରଙ୍କ ନୋଟିସ ମିଳିଛି। ଆମେ ସ୍ଥିତି ଯାଞ୍ଚ କରୁଛୁ। ଚାଇନା ସରକାର ସବୁବେଳେ ନିଜ ଦେଶର କମ୍ପାନୀଗୁଡ଼ିକୁ



ଝାଓ ଲିଜିଆନ୍

ଅନ୍ତର୍ଜାତୀୟ ଓ ସ୍ଥାନୀୟ ଆଇନ ତଥା ଅନ୍ୟ ନିୟମଗୁଡ଼ିକୁ ବିଦେଶରେ ମାନିବାକୁ ପରାମର୍ଶ ଦେଇଥାଏ। ଚାଇନା ସମେତ ବିଦେଶୀ ପୁଞ୍ଜିନିବେଶକାରୀଙ୍କ ବୈଧ ଓ ଆଇନଗତ ଅଧିକାର ବଜାୟ ରଖିବା ଭାରତ ସରକାରଙ୍କ ଉତ୍ତରଦାୟିତ୍ୱ ବୋଲି ସେ କହିଛନ୍ତି।

## ତାଜ୍ ହୋଟେଲ ଉଡ଼ାଇବାକୁ ଧମକ



**ମୁମ୍ବାଇ,୩୦।୬ (ଆଇଏଏନ୍‌ଏସ୍)**

ମୁମ୍ବାଇର ପ୍ରସିଦ୍ଧ ହୋଟେଲ ତାଜ୍ ମହଲ ପ୍ୟାଲେସ୍‌କୁ ବିସ୍ଫୋରଣରେ ଉଡ଼ାଇଦେବାକୁ ଫୋନ୍‌ରେ ଧମକ ମିଳିବା ପରେ ସେଠାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମଙ୍ଗଳବାର ଅପରାହ୍ନ ୧୨.୩୦ରେ ହୋଟେଲକୁ ଏଭଳି ଫୋନ୍‌କଲ ଆସିଥିବା ମୁମ୍ବାଇ ପୋଲିସ କହିଛି। ପାକିସ୍ତାନର କରାଚୀରୁ ଏହି ଫୋନ୍ କରାଯାଇଥିବା ଜଣାପଡ଼ିଛି। ଏନେଇ ତଦନ୍ତ ଆରମ୍ଭ କରାଯାଇଥିବା ବେଳେ ହୋଟେଲ ଚାରିପଟେ ସୁରକ୍ଷା ବ୍ୟବସ୍ଥା ବଢ଼ାଯାଇଛି। ପ୍ରକାଶଥାଉ କି, ୨୦୦୮ରେ ପାକିସ୍ତାନୀ ଆତଙ୍କବାଦୀମାନେ ମୁମ୍ବାଇରେ ଆକ୍ରମଣ କରିବା ସହ ଏହି ହୋଟେଲକୁ ଟାର୍ଗେଟ କରିଥିଲେ।

## ସିନ୍ଦୂର ପିନ୍ଧିବାକୁ ମନାକରିବାରୁ ଛାଡ଼ପତ୍ର

**ଗୁଆହାଟୀ,୩୦।୬**

**ହାଇକୋର୍ଟ ଦେଲେ ଅନୁମତି**

ଜଣେ ବିବାହିତା ହିନ୍ଦୁ ମହିଳା ଶଙ୍ଖା ଓ ସିନ୍ଦୂର ପିନ୍ଧିବାକୁ ମନା କରିବାରୁ ଶେଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଛାଡ଼ପତ୍ର ଦିଆଯାଇଛି। ମୁଖ୍ୟ ବିଚାରପତି ଅଜୟ ଲାମ୍ବାଙ୍କ ଅଧ୍ୟକ୍ଷତାରେ ଗଠିତ ଗୁଆହାଟୀ ହାଇକୋର୍ଟ ଫାମିଲି କୋର୍ଟ ରାୟକୁ ଖାରଜ କରି ସ୍ୱାମୀଙ୍କ ସପକ୍ଷରେ ରାୟ ଦେଇଛନ୍ତି। ପୂର୍ବରୁ ମହିଳାଙ୍କୁ ନିର୍ଯାତନା ଦିଆଯାଇପାରିବ ନାହିଁ ବୋଲି ଫାମିଲି କୋର୍ଟ ରାୟ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ସ୍ୱାମୀ ହାଇକୋର୍ଟରେ ଅପିଲ କରିଥିଲେ। ୨୦୧୨ରେ ବିବାହ ହୋଇଥିବା ବେଳେ ମହିଳା ଜଣକ ବୈବାହିକ ଜୀବନକୁ ଅସ୍ୱୀକାର କରି ପରିବାର ସହ ରହିବାକୁ ମନା କରିଥିଲେ। ପରେ ସ୍ୱାମୀ-ସ୍ତ୍ରୀ ୨୦୧୩ ଜୁନ୍ ୩୦ରୁ ଅଲଗା ରହିଆସୁଥିଲେ। ମହିଳା ଜଣକ ପରିବାର ଓ ସ୍ୱାମୀଙ୍କ ବିରୋଧରେ ଅନେକ ଅତ୍ୟାଚାର ଅଭିଯୋଗ ଆଣିଥିଲେ ହେଁ ତାହା ବେଶିଦିନ ତିଷ୍ଠିପାରି ନ ଥିଲା। ପରେ ସବୁକଥା ଜଣାପଡ଼ିଥିଲା।

## ଭାଇଜାଗ୍ ଫାର୍ମରେ ଗ୍ୟାସ୍ ଲିକ୍: ୨ ମୃତ

**ବିଶାଖାପାଟଣା,୩୦।୬ (ଆଇଏଏନ୍‌ଏସ୍)**

ବିଶାଖାପାଟଣାସ୍ଥିତ ଏକ ଫାର୍ମାସ୍ୟୁଟିକାଲ ୟୁନିଟ୍‌ରେ ଗ୍ୟାସ୍ ଲିକ୍‌ହୋଇ ୨ ଜଣ ପ୍ରାଣ ହରାଇଥିବା ବେଳେ ୪ ଗୁରୁତର ହୋଇପଡ଼ିଛନ୍ତି। ପରୱାଡ଼ାର ଜବାହରଲାଲ୍ ନେହେରୁ ଫାର୍ମା କମ୍ପାନୀର ସାଇନର ଲାଇଫ୍ ସାଇନ୍‌ସେସ୍ ପ୍ରାଇଭେଟ୍ ଲିମିଟେଡ୍‌ରେ ସୋମବାର ରାତ ୧୧.୩୦ରେ ଘଟିଥିଲା। ମଙ୍ଗଳବାର ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ଗୋଟିଏ ରିଆକ୍ଟରରୁ ଆଉ ଏକ ରିଆକ୍ଟରକୁ ହାଇଡ୍ରୋଜେନ୍ ସଲ୍‌ଫାଏଡ୍ ପଠାଯାଉଥିବା ବେଳେ ଏହା ଲିକ୍ ହେବାରୁ ଦୁର୍ଘଟଣା ହୋଇଥିବା ରେଭେନ୍ୟୁ ଡିଭିଜନାଲ ଅଫିସର ପି. କିଶୋର ପ୍ରକାଶ କରିଛନ୍ତି। ମୃତକମାନେ ହେଲେ ଶିଫ୍ଟ ଇନ୍‌ଚାର୍ଜ ଆର୍. ନରେନ୍ଦ୍ର ଓ ଏମ୍. ଗୌରୀଶଙ୍କର। ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଆରମ୍ଭ କରିଛି। ଜିଲାପାଳ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। କାରଖାନା ବନ୍ଦ କରାଯାଇଥିବା ପ୍ରକାଶ।

## ରାତିସାରା ବାପ-ପୁଅଙ୍କୁ ଲାଠିମାଡ଼ ହୋଇଥିଲା

**ମଦୁରାଇ,୩୦।୬**

**ସଥନ୍‌କୁଲମ୍ ହାଜତ ମୃତ୍ୟୁ ମାମଲା**



- ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ମାନିଲେ ହେଡ୍ କନ୍‌ଷ୍ଟେବଲ

ମଦୁରାଇର ସଥକୁଲମ୍ ହାଜତରେ ବାପ-ପୁଅଙ୍କ ମୃତ୍ୟୁକୁ ନେଇ ବିବାଦ ଦେଖାଦେଇଥିବା ବେଳେ ମହିଳା ହେଡ୍ କନ୍‌ଷ୍ଟେବଲ କୋଭିଲପଚ୍ଚି ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ସବୁ ସତ ମାନିଯାଇଛନ୍ତି। ସେ କହିଛନ୍ତି ଯେ, ଜୁନ୍ ୧୯ରେ ଗିରଫ ହୋଇଥିବା ପି. ଜୟରାଜ(ବାପ) ଓ ଜେ. ବେନିକ୍ସ(ପୁଅ)ଙ୍କୁ ହାଜତରେ ରାତିସାରା ରଖାଯାଇ ଲାଠିରେ ନିର୍ଘୃମ ମାଡ଼ ମରାଯାଇଥିଲା। ଜୁନ୍ ୨୮ରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ସେ ଭୟଭୀତ ହୋଇ ମନ୍ତବ୍ୟ ରଖିଥିଲେ। ଟେବୁଲ ଓ ଲାଠିରେ ରକ୍ତ ଲାଗିଥିବା ସେ କହିଥିଲେ। ମାଜିଷ୍ଟ୍ରେଟ୍ କହିଛନ୍ତି, ଲାଠିଦେବାକୁ ପୋଲିସ ପ୍ରଥମେ ମନାକରୁଥିବା ବେଳେ ପରେ ହସ୍ତାନ୍ତର କରିଥିଲା। ଜୁନ୍ ୧୯ ପରଠାରୁ ସିସିଟିଭି ଫୁଟେଜ୍ କିଛି କାମ କରୁ ନ ଥିଲା। ଏହି ରିପୋର୍ଟକୁ ଭିତ୍ତିକରି ମାଡ୍ରାସ ହାଇକୋର୍ଟ ୩ ପୋଲିସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି।



ଆସାମର ମୋରିଗାଓଁ ଜିଲାସ୍ଥିତ ପୋବିତୋରା ଅଭୟାରଣ୍ୟରେ ବନ୍ୟାଜଳରୁ ରକ୍ଷା ପାଇବା ପାଇଁ ଉଚ୍ଚ ସ୍ଥାନରେ ଛୁଆ ସହ ଆଶ୍ରୟ ନେଇଛି ଗଣ୍ଡା।

## ବିଡେନ୍‌ଙ୍କ କ୍ୟାମ୍ପେନ୍ ଡିଜିଟାଲ ଚିଫ୍ ମେଧା ରାଜ୍

**ୱାଶିଂଟନ,୩୦।୬**

ପ୍ରବାସୀ ଭାରତୀୟ ମେଧା ରାଜ୍‌ଙ୍କୁ ଆମେରିକାର ରାଷ୍ଟ୍ରପତି ଦୌଡ଼ରେ ଥିବା ଡେମୋକ୍ରାଟିକ୍ ପାର୍ଟି ନେତା ଜୋ ବିଡେନ୍‌ଙ୍କ ଡିଜିଟାଲ ପ୍ରଚାର ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। କରୋନା ଯୋଗୁ ଆମେରିକାରେ ଭର୍ଚୁଆଲ ପ୍ରଚାର ଉପରେ ପ୍ରାଧାନ୍ୟ ଦିଆଯାଉଥିବାରୁ ମେଧାଙ୍କ ଗୁରୁଦାୟିତ୍ୱ ବଢ଼ିଯାଇଛି। ଜର୍ଜଟାଉନ୍ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ରାଜନୀତିରେ ସ୍ନାତକ



ପାସ୍ କରିଥିବା ମେଧା ଷ୍ଟାଣ୍ଡଫୋର୍ଡ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ କରିଥିଲେ। ନିର୍ବାଚନକୁ ଆଉ ୧୩୦ ଦିନ ବାକି ରହିଥିବା ବେଳେ ଏବେଠାରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଆରମ୍ଭ ହେବ ବୋଲି ମେଧା କହିଛନ୍ତି।

## ଓଲିଙ୍କ ଆସନ ଟଳମଳ

**କାଠମାଣ୍ଡୁ,୩୦।୬**

**ଇସ୍ତଫା ଦାବିକଲେ ଶାସକ ଦଳର ନେତା**

ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ମନ୍ତବ୍ୟ ଦେଶରେ ରାଜନୈତିକ ଝଡ଼ ସୃଷ୍ଟି କରିଛି। ଦେଶର ନୂଆ ରାଜନୈତିକ ମାନଚିତ୍ର ଜାରି କରାଯିବା ପରେ ତାଙ୍କୁ ହଟାଇବା ପାଇଁ ଷଡ଼ଯନ୍ତ୍ର କରାଯାଉଛି ବୋଲି ଓଲି କହିଥିଲେ। ଏହାକୁ ନେଇ ନେପାଳର ଶାସକ କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠ ନେତାମାନେ ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ବାଲୁୱାଟରସ୍ଥିତ ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନରେ ଅନୁଷ୍ଠିତ ଷ୍ଟାଣ୍ଡିଂ କମିଟି ବୈଠକରେ ପୂର୍ବତନ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ ପ୍ରଚଣ୍ଡ ତୀବ୍ର ସମାଲୋଚନା କରିଛନ୍ତି। ଭାରତ



ତାଙ୍କୁ ହଟାଇବା ଲାଗି ଷଡ଼ଯନ୍ତ୍ର କରୁଛି କହିବା ରାଜନୈତିକ କିମ୍ବା କୂଟନୈତିକ ଦୃଷ୍ଟିରୁ ଠିକ୍ ନୁହେଁ। ପ୍ରଧାନମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ପଡ଼ୋଶୀଙ୍କ ସହ ସମ୍ପର୍କ ଖରାପ କରିବ ବୋଲି ସେ ପ୍ରକାଶ କରିଛନ୍ତି। ଭାରତ ସହ ନେପାଳର କେତେକ ନେତା ସାମିଲ ଥିବା ମଧ୍ୟ ଓଲି ରବିବାର ମତ ଦେଇଥିଲେ। ଏଭଳି ମନ୍ତବ୍ୟ ଲାଗି ଓଲି ପ୍ରମାଣ ଦିଅନ୍ତୁ । ନଚେତ ସେ ଗାଦି ଛାଡ଼ନ୍ତୁ ବୋଲି ପ୍ରଚଣ୍ଡ କହିଛନ୍ତି।

## ଭୁଟାନ ସହ ଚାଇନାର ନୂଆ ସୀମା ବିବାଦ

**ନୂଆଦିଲ୍ଲୀ,୩୦।୬ (ଆଇଏଏନ୍‌ଏସ୍)**

**ସକ୍‌ତେଙ୍ଗଙ୍କୁ ବିବାଦୀୟ ଦର୍ଶାଇଲା ବେଜିଂ**



ପୂର୍ବ ଲଦାଖରେ ଭାରତ ସହ ସୀମା ବିବାଦ ଲାଗି ରହିଥିବାବେଳେ ଏବେ ସହଯୋଗୀ ଭୁଟାନ ସହ ଚାଇନା ନୂଆ ସୀମା ବିବାଦ ଆରମ୍ଭ କରିଛି। ଜୁନ୍ ପ୍ରଥମ ସପ୍ତାହରେ ବିଶ୍ୱ ପରିବେଶ ସୁବିଧା (ଜିଇଏଫ୍) ପରିଷଦର ଭର୍ଚୁଆଲ ବୈଠକରେ ବିଭିନ୍ନ ପରିବେଶ ପ୍ରକଳ୍ପକୁ ଅନୁଦାନ ନେଇ ଆଲୋଚନା କରାଯାଇଥିଲା। ଭୁଟାନର ସକ୍‌ତେଙ୍ଗ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଅନୁଦାନ ପ୍ରଦାନ ପ୍ରସଙ୍ଗ ଉଠିବା ପରେ ଚାଇନା ଏହାକୁ ବିରୋଧ କରିଥିଲା। ଭାରତକୁ ଲାଗିଥିବା ପୂର୍ବ ଭୁଟାନର ତ୍ରାଶିଗଙ୍ଗ ଜିଲାରେ ଏହି ଅଭୟାରଣ୍ୟ ଅବସ୍ଥିତ। ଏହି ଅଞ୍ଚଳ ବିବାଦୀୟ ବୋଲି ଚାଇନା ଦାବିକରି ଭୁଟାନ ସହ ସୀମା ବିବାଦକୁ ଜୋର୍‌ଦାର କରିଛି। ଜିଇଏଫ୍ ପରିଷଦର ଅଧିକାଂଶ ସଦସ୍ୟ ଚାଇନାର ଦାବିକୁ ଖଣ୍ଡନ କରି ଭୁଟାନକୁ ସମର୍ଥନ କରିଥିଲେ ହେଁ ଚାଇନାର ସାମ୍ରାଜ୍ୟବାଦୀ ଚିନ୍ତାଧାରା ସମସ୍ତଙ୍କୁ ଚକିତ କରିଛି। ଚାଇନାର ଜିଇଏଫ୍ ପରିଷଦ ସଦସ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ମତ ରଖିବେ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ଚାଇନାର ଦାବିକୁ ଭୁଟାନ ଖଣ୍ଡନ କରିଛି। ଜିଇଏଫ୍ ପରିଷଦକୁ ଭୁଟାନ ସରକାର ଏକ ଚିଠି ଲେଖି ଦେଶର ସାର୍ବଭୌମତ୍ୱ ପ୍ରତି ସାଲିସ୍ କରାଯିବନାହିଁ ବୋଲି କହିଛି। ସକ୍‌ତେଙ୍ଗ ବନ୍ୟପ୍ରାଣୀ ଅଭୟାରଣ୍ୟ ଆମର ଓ ବେଜିଂର ଦାବିରେ କୌଣସି ସତ୍ୟତା ନାହିଁ ବୋଲି ଥିମ୍ପୁ ଦର୍ଶାଇଛି। ପ୍ରକାଶଥାଉ କି, ଭୁଟାନ ଓ ଚାଇନା ମଧ୍ୟରେ ୧୯୮୪ରୁ ସୀମା ବିବାଦ ରହିଆସିଛି। ଉତ୍ତର ଭୁଟାନର ଜକରଲୁଙ୍ଗ ଓ ବାସମ୍‌ଲୁଙ୍ଗ ଏବଂ ପଶ୍ଚିମ ଭୁଟାନ୍‌ର ଏକ ଅଞ୍ଚଳକୁ ନେଇ ବିବାଦ ରହିଥିବା ବେଳେ ଥିମ୍ପୁ ଓ ବେଜିଂ ମଧ୍ୟରେ ଏକାଧିକ ଥର ଆଲୋଚନା କରାଯାଇଛି।

# ମାଛଚାଷ ସମ୍ପର୍କରେ...



ମାଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ଲାଗି ବିଭିନ୍ନ ପ୍ରକାରର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛାଡିପାରିବେ। ଜାତିଆ ମାଛ ଯଥା- ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୁପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରିପାରିବେ । କାରଣ ବିଭିନ୍ନ ପ୍ରକାରର ମାଛ ଜଳର ବିଭିନ୍ନ ସ୍ତରରୁ ଭିନ୍ନ ଭିନ୍ନ ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗ କରି ସୁଚାରୁ ରୂପେ ବଢ଼ିଥାନ୍ତି । ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ । ଏହି ପ୍ରଣାଳୀରେ ହେଉଥିବା ମାଛ ଚାଷକୁ ସଘନ ମାଛଚାଷ କୁହାଯାଏ । କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ । ଫଳରେ ମାଛ ଉତ୍ପାଦନ କମିଯିବ । ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ ଟି ଜାତୀୟ ଏବଂ ୩ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ ।

ସଘନ ମାଛଚାଷ ପାଇଁ ଏକ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛଡ଼ାଯାଏ । କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ଟି ଭାକୁର, ୧୬୦୦ଟି ରୋହି ଏବଂ ୧୨୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛଚାଷ କରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ଏକର ପିଛା ଭାକୁର ୧୨୦୦ଟି, ରୋହି ୧୬୦୦ଟି, ମିରିକାଳି ୮୦୦ଟି ଏବଂ ବିଲାତି ରୋହି ୪୦୦ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ ।

-୬ ପ୍ରକାରର ମାଛ ଚାଷ ପାଇଁ ସାଧାରଣତଃ ଏକର ପିଛା ୮୦୦ ଗୋଟି ଭାକୁର ଓ ୪୦୦ ଗୋଟି ସିଲ୍‌ଭର କାର୍ପ, ୧୨୦୦ ଗୋଟି ରୋହି ଓ ୪୦୦ ଗୋଟି ଗ୍ରାସ୍ କାର୍ପ ଓ ୮୦୦ ଗୋଟି ମିରିକାଳି ଓ ୪୦୦ ଗୋଟି ବିଲାତି ରୋହି ଛଡ଼ାଯାଇଥାଏ ।

-ଯାଆଁଳ ସକାଳ ବା ସନ୍ଧ୍ୟା ସମୟରେ ଛଡ଼ାଯାଏ । ଯାଆଁଳ ଛାଡ଼ିବା ପୂର୍ବରୁ ଯାଆଁଳ ମୁଣାକୁ କିଛି ସମୟ ପାଇଁ ପୋଖରୀ ପାଣିରେ ଭସାଇ ରଖିବା ଜରୁରୀ । ଏହାଦ୍ୱାରା ମୁଣା ଭିତରେ ଓ ବାହାରର ଉତ୍ତାପ ସମାନ ସ୍ତରକୁ ଆସିଥାଏ । ତା'ପରେ ମୁଣାଟିର ମୁହଁ ଖୋଲି ଧୀରେ ଧୀରେ ପୋଖରୀ ପାଣି ଭର୍ତ୍ତି କରନ୍ତୁ ଓ ମୁଣାଟିକୁ ତଳ ପାଖରୁ ଟେକି ଯାଆଁଳଗୁଡ଼ିକୁ ପୋଖରୀରେ ଛାଡ଼ନ୍ତୁ ।

# ଆଖୁର ଅଗବିନ୍ଧା ପୋକ ଦମନ



ଜମିରେ ଅଧିକ ପାଣି ହେଲେ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।

- ଫସଲ ୪-୫ ମାସର ହୋଇଥିଲେ ଭେଳା ବନ୍ଧା କାମ କରନ୍ତୁ ।
- ଅତ୍ୟଧିକ ବର୍ଷାପରେ ଶୁଖିଲା ପାଗ ଅଧିକ ଦିନ ରହିଲେ ଅଗବିନ୍ଧା ପୋକର ପ୍ରାଦୁର୍ଭାବ ବଢ଼ିଥାଏ । ସଅଳ କାଣ୍ଡବିନ୍ଧା ଓ ଅଗବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧୨୫୦ ମି.ଲି. ମନୋକ୍ରୋଟୋଫସ୍ କିମ୍ବା ଫିପ୍ରୋନିଲ୍ /ଇଣ୍ଡକ୍ସାକାର୍ବ ୫୦୦ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କରନ୍ତୁ ।
- ସଅଳ କାଣ୍ଡବିନ୍ଧା କୀଟ ଦମନ ଲାଗି ହେକ୍ଟର ପ୍ରତି ୨୦ଟି ହିସାବରେ ଟ୍ରାଇକୋକାର୍ଡ଼ ଫସଲରେ ବାନ୍ଧନ୍ତୁ ।
- କନ୍ଦାରେ ଫିପ୍ରୋନିଲ୍ ଦାନାଦାର ଔଷଧର ୩-୪ଟି ଦାନା ପ୍ରୟୋଗ କରନ୍ତୁ। ଶେଷ ଦଫା ସାର ପ୍ରୟୋଗ କରା ନ ହୋଇଥିଲେ ହେକ୍ଟର ପ୍ରତି ୬୬ କି.ଗ୍ରା. ଯବକ୍ଷାରଜାନ ସାର ୧୨୦ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ ।

# କରୋନା ଓ କୃଷିକାର୍ଯ୍ୟ



ପ୍ର. ସୁବୋଧ କୁମାର ସାହୁ



ଭାରତ ଏକ କୃଷିପ୍ରଧାନ ଦେଶ । ଦେଶର ପ୍ରାୟ ୬୫ରୁ ୬୭ ଭାଗ ଲୋକ କୃଷି କାର୍ଯ୍ୟରେ ଲିପ୍ତ ଥିବା ବେଳେ ଓଡିଶାର ଶତକଡା ୭୦ରୁ ୭୨ ଭାଗ ଲୋକ କୃଷି ଦ୍ୱାରା ଜୀବିକା ନିର୍ଭର କରନ୍ତି । କୃଷି କାର୍ଯ୍ୟ କହିଲେ ବିଭିନ୍ନ ଫସଲ ଚାଷ ସହ ପରିବା ଚାଷ, ଫଳ ଚାଷ, ମତ୍ସ୍ୟ ଚାଷ, ପ୍ରାଣୀପାଳନ, କୁକୁଡାପାଳନ, ଛତୁଚାଷ ଓ ମହୁଚାଷ ଆଦିକୁ ବୁଝାଏ । କୃଷି କାର୍ଯ୍ୟ ବହୁ ଝଡଝଞ୍ଜା ଯଥା ବନ୍ୟା, ବାତ୍ୟା, ମରୁଡି; ପ୍ରାଣୀ, କୁକୁଡା ଓ ମାଛ ଆଦିଙ୍କର ବିଭିନ୍ନ ରୋଗ ଉକ୍ତ ବିପଦ ମଧ୍ୟରେ ଅନ୍ତର୍ଭୁକ୍ତ । ଏହି ସବୁ ବିପତ୍ତି ସତ୍ତ୍ୱେ କୃଷକର କେତେକ ଜଣା ଅଜଣା ରୋଗ ତା'ର ମେରୁଦଣ୍ଡକୁ ଦୋହଲାଇଦିଏ । ଫଳରେ କୃଷି ପ୍ରତି ତା'ର ଆଗ୍ରହ ଓ ଉତ୍ସାହ କମିଯାଏ । ବର୍ତ୍ତମାନ ଏପରି ଏକ ନୂତନ ଭୂତାଣୁ ଜନିତ ରୋଗ କୃଷକଙ୍କୁ ଭୟଭୀତ କରି ରଖିଛି । ସେହି ମାରାତ୍ମକ ରୋଗଟି ହେଉଛି କରୋନା ବା କୋଭିଡ୍-୧୯ । ଏପର୍ଯ୍ୟନ୍ତ ଏଥିଲାଗି କୌଣସି ନିର୍ଦ୍ଦିଷ୍ଟ ଟିକା ବା ଔଷଧ ଆବିଷ୍କାର ହୋଇ ପାରିନାହିଁ । ସାମାଜିକ ଦୂରତା, ମୁହଁରେ ମାକ୍ସ ବାନ୍ଧିବା, ପରସ୍ପରଠାରୁ ଦୁଇ ମିଟର ଦୂରତା ରଖିବା, ବାରମ୍ବାର ୨୦ ସେକେଣ୍ଡ ହାତ ଧୋଇବା, ବାହାରେ ଛେପ ଖଙ୍କାର ଓ କଫ ନ ପକାଇବା ଏବଂ ପରିଷ୍କାର ପରିଚ୍ଛନ୍ନତା ଆଦି ପାଳନ କରୋନା ସଂକ୍ରମଣରୁ ରକ୍ଷା ପାଇବାର ଉପାୟ ।

ବର୍ତ୍ତମାନ ରାଜ୍ୟରେ ମୋସୁମୀ ପ୍ରବେଶ କରିଛି । ଏହାର ସୁଯୋଗ ନେଇ ଚାଷୀ ଚାଷ ପାଇଁ ସଜବାଜ ହେଉଥିବେ । ଚାଷର ଆବଶ୍ୟକୀୟ ବିଭିନ୍ନ ସରଞ୍ଜାମ ଯଥା ବିହନ, ଖତ, ସାର, ଫସଲର ରୋଗ ପୋକ ନିୟନ୍ତ୍ରଣ ଔଷଧ, ଘାସ ଦମନର ରାସାୟନିକ ପଦାର୍ଥ ଓ କୃଷି ଯନ୍ତ୍ରପାତି ଆଦିର ଯୋଗାଡରେ ବ୍ୟସ୍ତ ରହିବେ । ଏହି ସମୟରେ କରୋନା ଭାଇରସ୍ ଚାଷୀଙ୍କ ମନରେ ଭୟ ସୃଷ୍ଟି କରୁଥିବ । କିନ୍ତୁ କରୋନାକୁ ଭୟ ନ କରି ଯଦି ଉପରୋକ୍ତ ପ୍ରତିଷେଧକ ବ୍ୟବସ୍ଥାକୁ ପାଳନ କରାଯାଏ; ତେବେ ନିର୍ଭୟରେ ଚାଷ କାର୍ଯ୍ୟ ସମ୍ପନ୍ନ ହୋଇପାରିବ ।

ବଜାରରୁ କୃଷି ସାମଗ୍ରୀ କ୍ରୟ କରିବାକୁ ଗଲେ ଚାଷୀ ମୁହଁରେ ମାସ୍କ ବା ରୁମାଲ ବାନ୍ଧି, ହାତରେ ଗ୍ଲୋଭ ଲଗାଇ ଯିବା ଆବଶ୍ୟକ । ଗ୍ରାମର ସମସ୍ତ ଚାଷୀ ଏକତ୍ର ସାଙ୍ଗ ହୋଇ ନ ଯାଇ ପ୍ରତ୍ୟେକ ପୃଥକ ଭାବେ ଯିବା ଭଲ । ଦୋକାନରୁ କୃଷି ସାମଗ୍ରୀ କିଣିବା ସମୟରେ ଧାଡିରେ ପ୍ରତ୍ୟେକ ବ୍ୟକ୍ତି ଦୁଇ ମିଟର ଦୂରତା ରଖିବା ଜରୁରୀ ।

କରୋନା ଏପରି ଏକ ରୋଗ ଯାହା ହଠାତ୍ ମଣିଷ ଶରୀରରେ ପ୍ରକଟ ହୁଏ ନାହିଁ । ପୂରା ଲକ୍ଷଣ ଆସିବାକୁ ପ୍ରାୟ ୧୪ରୁ ୧୬ ଦିନ ସମୟ ଲାଗେ, ଏହି ସମୟ ମଧ୍ୟରେ ଶରୀର ରକ୍ତ ଏବଂ ସ୍ୱାବ୍ ପରୀକ୍ଷାରୁ ରୋଗର ପ୍ରାଥମିକ ସ୍ଥିତି ଜଣାପଡେ । ତେଣୁ ନିଜକୁ ସୁସ୍ଥ ଥିବା ଭାବି କୌଣସି କୃଷି କାର୍ଯ୍ୟ ସଂଘବଦ୍ଧ ଭାବେ କରନ୍ତୁ ନାହିଁ । କ୍ଷେତରେ ତଳିଘରା ପ୍ରସ୍ତୁତି, ଜମିରେ ହଳ କରିବା, ଫସଲ କୋଡାଖୁସା ଓ ଘାସବଛା ଆଦି କାମ ସଂଘବଦ୍ଧ ଭାବେ ନ କରି ପରସ୍ପରଠାରୁ ଦୂରେଇ ରହି କାମ କରନ୍ତୁ । କ୍ଷେତରେ କାମ କଲା ବେଳେ ପାନ ଖାଉଥିଲେ ଛେପ ଓ ଖଙ୍କାର ଆଦି ପକାନ୍ତୁ ନାହିଁ । ବିଲ ବଗିଚାରୁ କାମ ଶେଷ କରି ଘରକୁ ଫେରି କୃଷିରେ ବ୍ୟବହୃତ ସମସ୍ତ ସାମଗ୍ରୀ ଧୋଇବା ସହ ନିୟୋଜିତ ପ୍ରାଣୀଙ୍କୁ ମଧ ଗାଧୋଇଦେବା ଜରୁରୀ । ନିଜ ଦେହର କପଡା ଏବଂ ମାସ୍କ ଆଦିକୁ ସାବୁନରେ ଧୋଇ ଖରାରେ ଶୁଖାଇବା ଆବଶ୍ୟକ । ଫସଲରେ ସାର ପ୍ରୟୋଗ ଓ ରୋଗ ପୋକ ନିରୋଧକ ଔଷଧ ଛିଞ୍ଚନ ବେଳେ ଆଖିକୁ ଛାଡି ମୁହଁ ଓ ମୁଣ୍ଡକୁ କପଡାରେ ସଂପୂର୍ଣ୍ଣ ଘୋଡାନ୍ତୁ । ଆଖିରେ ଚଷମା ପିନ୍ଧି ପାରନ୍ତି । ହାତରେ ଗ୍ଲୋଭ୍ସ ଲଗାଇବାକୁ ଭୁଲନ୍ତୁ ନାହିଁ । ଫସଲ ଅମଳ ଏବଂ ସାଇତିବା ସମୟରେ ସଂଘବଦ୍ଧ ଭାବେ ନ କରି ଯେତେ ଦୂର ସମ୍ଭବ ନିଜ ନିଜ ମଧ୍ୟରେ ଦୂରତା ରଖନ୍ତୁ ।

ବର୍ଷା ଋତୁରେ କୃଷି କାର୍ଯ୍ୟ ସମୟରେ ମୁଣ୍ଡ ଓ ଦେହ ଓଦା ନ ହେବା ପାଇଁ ବର୍ଷାତି କିମ୍ବା ତାଳପତ୍ରରେ ତିଆରି ପଖିଆ ବ୍ୟବହାର କରିବା ଆବଶ୍ୟକ । କାରଣ ଶରୀର ଓଦା ଯୋଗୁ ଥଣ୍ଡା ହେଲେ କରୋନାର ପୂର୍ବ ଆଭାସ ବୋଲି ସନ୍ଦେହ ଆସେ । ଥଣ୍ଡା କାଶ ହେଲେ ଡାକ୍ତରଙ୍କ ସହ ପରାମର୍ଶ କରିବା ଜରୁରୀ ।

ଏଇ ଜୁଲାଇ ମାସରେ ପୋଖରୀରେ ମାଛ ଯାଆଁଳ ଛାଡିବାର ସମୟ । ଏହି ସମୟରେ ମତ୍ସ୍ୟଚାଷୀ ପରିବାର ସଦସ୍ୟମାନେ ପରସ୍ପରଠାରୁ ଦୂରେଇ ରହି ମାଛଚାଷର ପ୍ରତ୍ୟେକ କାମ କରିବା ପ୍ରୟୋଜନ । ପ୍ରତ୍ୟେକ ଚାଷୀ ଗୋରୁ, ଛେଳି ଓ ମେଣ୍ଢା ଗୁହାଳକୁ ସବୁଦିନ ସଫା କରି ଗୁହାଳରେ ବ୍ଲିଚି କିମ୍ବା କଳା ଫିନାଇଲ୍ ପକାଇ ବିଶୋଧନ କରିବା ଜରୁରୀ । ଗୁହାଳର ଗୋବର ଏବଂ ଗୋ ମୂତ୍ରକୁ ସଂଗ୍ରହ କରି ଘରଠାରୁ ଦୂରରେ କମ୍ପୋଷ୍ଟ ଗଦାରେ ପକାନ୍ତୁ । ଖତ ଗଦାରେ ବ୍ଲିଚିଂ ପକକାଇବା ବିଧେୟ । କୁକୁଡା ଏବଂ ବତକ ଚାଷୀ ପ୍ରତିଦିନ ହାଚେରିକୁ ସଫାକରି ବ୍ଲିଚିଂ ପକାଇବା ଭଲ । କୁକୁଡାକୁ ଅସୁସ୍ଥ ଥିବାର ଜାଣିଲେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ମହୁଚାଷୀ ମହୁ ସଂଗ୍ରହ ବେଳେ ମୁହଁରେ ରୁମାଲ ବାନ୍ଧି ହାତରେ ଗ୍ଲୋଭ୍ସ ଲଗାଇ ସଂଘବଦ୍ଧ ଭାବେ ମହୁ ସଂଗ୍ରହ କରନ୍ତୁ । ଶୀତଋତୁ ଛଡା ବର୍ଷର ସବୁ ସମୟରେ ପାଳ ବା ନଡାରେ ଛତୁ ଚାଷ ହୁଏ । ନଡାରେ କରୋନା ଭୂତାଣୁର ଅଣୁ ସହଜରେ ଲାଖି ରହି ପାରନ୍ତି । ନଡାକୁ ଶତକଡା ୧୦ ଭାଗ ଲୁଣ ପାଣିରେ ଧୋଇ ଛତୁ ପକାଇବା ଆବଶ୍ୟକ । ଭାଡିରେ ନଡା ବିଛାଇବା, ଛତୁ ମଞ୍ଜି ସହ ଗହମ ବା ହରଡ ଗୁଣ୍ଡ ଆଦି ବୁଣିବା ବେଳେ ସଂଘବଦ୍ଧ ଭାବେ ମାସ୍କ ଓ ଗ୍ଲୋଭ୍ସ ପିନ୍ଧି ସବୁ କାର୍ଯ୍ୟ କରନ୍ତୁ । ଛତୁ ଅମଳ ସମୟରେ ମଧ କରୋନାର ସମସ୍ତ ପ୍ରତିରୋଧକ ବ୍ୟବସ୍ଥା ମାନ ପାଳନ କରନ୍ତୁ ।

ବର୍ତ୍ତମାନ ବହୁ ପ୍ରବାସୀ ଶ୍ରମିକ ଗାଁକୁ ଫେରୁଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ପ୍ରବାସୀ କରୋନା ପାଇଁ ରକ୍ତ ପରୀକ୍ଷା ନ କରି ଲୁଚି ଛପି ଗାଁ ଭିତରକୁ ପ୍ରବେଶ କରୁଥିଲେ ଏହାର ପ୍ରତିରୋଧ କରିବା ଆବଶ୍ୟକ । ପଞ୍ଚାୟତର ସରପଞ୍ଚଙ୍କୁ ଜଣାଇ ପ୍ରବାସୀଙ୍କୁ କ୍ୱାରେଣ୍ଟାଇନ୍‌ରେ ରଖି ସେମାନଙ୍କ ରକ୍ତ ପରୀକ୍ଷା କରାନ୍ତୁ । ପ୍ରବାସୀମାନେ କରୋନା ରୋଗର ବାହକ ହୋଇପାରନ୍ତି ।

ସନ୍ଧ୍ୟା ସମୟରେ ଗାଁର ବହୁ ଚାଷୀ ଏକତ୍ର ହୋଇ ଚାଷ ସମ୍ବନ୍ଧରେ ଆଲୋଚନା କରନ୍ତି ଏବଂ ରେଡିଓ ଓ ଟେଲିଭିଜନରେ କୃଷି କାର୍ଯ୍ୟକ୍ରମ ଶୁଣନ୍ତି । ବର୍ତ୍ତମାନ କରୋନା ପାଇଁ ଏପରି କାର୍ଯ୍ୟ ଠାରୁ ଯେତେଦୂର ଦୂରେଇ ରହିବେ ସେତେ ଭଲ । କୃଷି କାର୍ଯ୍ୟର ସମସ୍ତ ସନ୍ଦେହ ଦୂର ଲାଗି ସରକାରୀ କୃଷି କର୍ମଚାରୀଙ୍କ ସହ ଫୋନ୍‌ରେ ପରାମର୍ଶ ନିଅନ୍ତୁ ।



କରୋନା ପରି ଘାତକ ମହାମାରୀ ସମୟରେ କୃଷିରୁ ଲାଭବାନ ହେବା ଲାଗି ପ୍ରତ୍ୟେକ କୃଷକ ବନ୍ଧୁ କୋଭିଡ-୧୯ର ପ୍ରତିରୋଧ ନିୟମାବଳୀକୁ ସୁଚାରୁ ରୂପେ ପାଳନ କରିବା ଜରୁରୀ । ଏହା ଦ୍ୱାରା ଚାଷୀ କରୋନାଠାରୁ ଦୂରେଇ ରହି ପରିବାରକୁ ସୁସ୍ଥ ରଖି ଅଧିକ ଫସଲ ଅମଳ କରି ଦେଶ ଓ ରାଜ୍ୟର ଖାଦ୍ୟ ଉତ୍ପାଦନ ବଢାଇ ପାରିବେ ।

*-ଶୈଳଶ୍ରୀ ବିହାର, ଭୁବନେଶ୍ୱର,*
*ମୋ : ୯୫୫୬୨୬୬୦୮୫*

# ଆପଲ ବେରି



ପ୍ରତ୍ୟୁଷ ପଣ୍ଡା

ଆପଲ ବେରି କହିବାକୁ ଗଲେ ବଡ ଆକାରର ଗୋଟିଏ କୋଳି, ଯାହା ବରକୋଳି ପରି ଦେଖାଯାଏ । କେହ କେହି ଏହି କୋଳିକୁ କାଶୀ କୋଳି, ଗୟା କୋଳି କିମ୍ବା ବୃନ୍ଦାବନ କୋଳି ବୋଲି କହନ୍ତି । ଏହି କୋଳି ସାଧାରଣତଃ ଉଷ୍ଣ ଆର୍ଦ୍ର ଜଳବାୟୁରେ ତଥା ରାଜସ୍ଥାନ, ବିହାର, ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗରେ ବହୁଳ ଭାବରେ ଚାଷ କରାଯାଏ । ଆମ ରାଜ୍ୟରେ ଧୀରେ ଧୀରେ କିଛି ଜାଗା- କେନ୍ଦ୍ରାପଡା ଏବଂ ଉପକୂଳ ଓଡ଼ିଶାରେ ଆପଲ ବେରିର ଚାଷ ହେବାର ସୂଚନା ମିଳେ । ତେବେ ଏହି ଚାଷଦ୍ୱାରା ଚାଷୀଟିଏ ବହୁତ ଆୟ କରେ ।

**ଚାଷ ପ୍ରଣାଳୀ:** ଆପଲ ବେରି ସାଧାରଣତଃ ସବୁ ପ୍ରକାର ମୃତ୍ତିକାରେ ଚାଷ କରାଯାଇପାରିବ । ଯଦି ମୃତ୍ତିକା ପି.ଏଚ. ୫ରୁ ୯ ହୁଏ ତେବେ ତାହା ଭଲ । କିନ୍ତୁ ଏହି ମୃତ୍ତିକା ଯଦି ଅଧିକ ମାତ୍ରାରେ ଜୈବିକ ଅଂଶ ଥାଏ ତେବେ ତାହା ଏହି ଫସଲ ପାଇଁ ଉପଯୁକ୍ତ । ଏହି ଚାଷ ପାଇଁ ଭଲ ଭାବରେ ଜମିକୁ ଦୁଇ ଥର ଚାଷ କରିବା ଆବଶ୍ୟକ ।

**ସମୟ-ଜଳବାୟୁ:** ଏହି ଚାଷ ପାଇଁ ସବୁଠାରୁ ଭଲ ସମୟ ହେଉଛି ଜୁନ୍ ମାସରୁ ଅଗଷ୍ଟ ମାସ । ଏହି ଗଛର ଜୀବନକାଳ ୨୦ବର୍ଷ କିନ୍ତୁ ବ୍ୟବସାୟ ଭିତ୍ତିରେ ଚାଷ କରିବା ପାଇଁ ଏହି ଗଛକୁ ପାଞ୍ଚ ବର୍ଷ ପରେ କାଟି ପୁଣି ଥରେ ନୂଆ ଗଛ ଲଗାଇବା ଦରକାର । ଗୁଟି କଲମି ଦ୍ୱାରା ଏହି ଗଛ ମଧ୍ୟ ରୋପଣ କରାଯାଇପାରିବ ।

**ଲଗାଇବା ପ୍ରଣାଳୀ:** ଗୋଟିଏ ଗଛରୁ ଅନ୍ୟ ଗଛ ମଧ୍ୟରେ ଦୂରତା ସାଧାରଣତଃ ୧୦ରୁ ୧୨ ଫୁଟ ହେବା ଆବଶ୍ୟକ । ଏହି ଗଛଟି ଅଧିକ ପାଣି ଆବଶ୍ୟକ କରେ ନାହିଁ । କିନ୍ତୁ ପ୍ରତି ୨୦-୨୫ଦିନରେ ଥର ଜଳସେଚନ କରିବା ଭଲ । ବୁନ୍ଦାଜଳସେଚନ କଲେ ମଧ୍ୟ ଏହି ଫଳ ହୃଷ୍ଟପୁଷ୍ଟ ହୋଇ ବଢ଼ିଥାଏ । ଏହି ଗଛର ଚେର ଚାରିଆଡକୁ ମାଡୁଥିବାରୁ ପ୍ରାୟ ଅଢ଼େଇ ଫୁଟ ଗଭୀର ପରେ ଗାତ ଖୋଳିବା ଦରକାର । ଗାତ ଖୋଳିବା ପରେ ସେଥିରେ ଏକ କିଗ୍ରା ଖତ କିମ୍ବା ଜିଆ ଖତ ଭଲ ଭାବରେ ମିଶାଇ ଦିଅନ୍ତୁ । ଗାତ ଖୋଳିବା ସମୟରେ ତଳ ମାଟିକୁ ଗୋଟିଏ ପଟରେ ଏବଂ ଉପର ମାଟିକୁ ଗୋଟିଏ ପଟରେ ରଖନ୍ତୁ । ଗଛ ଲଗାଇବା ପରେ ପ୍ରଥମେ ଉପର ମାଟିରେ ପୋତନ୍ତୁ ଏବଂ ଅବଶିଷ୍ଟ ଗାତକୁ ତଳ ମାଟିରେ ପୋତନ୍ତୁ । ଏହି ଗଛରେ କୀଟ ଲାଗନ୍ତି ନାହିଁ, କିନ୍ତୁ ନିମ୍ବଜାତୀୟ କୀଟନାଶକ ପ୍ରୟୋଗ କରନ୍ତୁ । ସାଧାରଣତଃ ଛଅ ମାସରେ ଏହି ଗଛରେ ଫଳ ଆସିଥାଏ । ଜାନୁୟାରୀ ଶେଷ ଏବଂ ଫେବୃୟାରୀ ଆରମ୍ଭରେ ଏହାର ଫଳ ଅମଳ ପାଇଁ ଉପଯୋଗୀ ହୁଏ ।

**କେତୋଟି ଜାଣିବା କଥା**

- କିଛି ବିଶେଷ କଥା ପ୍ରତି ଧ୍ୟାନ ଦେବା ଯେପରି ଏହି ଗଛଗୁଡ଼ିକ କଣ୍ଟା ଜାତୀୟ ଗଛ ହୋଇଥିବାରୁ ପ୍ରାଣୀ ଖାଇବାର ଭୟ ନ ଥାଏ ।
- କେବଳ ପକ୍ଷୀ କିମ୍ବା ବାଦୁଡ଼ି ଏହି ଫଳକୁ ନଷ୍ଟ କରିବାର ଭୟ ଥାଏ । ତେଣୁ ଏକ ପତଳା ଜାଲ ଲଗାଯାଏ ।
- ଏହି ଗଛଗୁଡ଼ିକ ବହୁତ ବଢୁଥିବାରୁ ଏହାକୁ ବାଉଁଶ ଡିରା ଦିଆଯିବା ଆବଶ୍ୟକ ।
- ତେବେ ଫଳ ଫଳିବା ପରେ ଏବଂ ଅମଳର ଗୋଟିଏ ମାସ ପରେ ମାତ୍ର ୧ ଫୁଟ ଉଚ୍ଚତା ରଖି ଅନ୍ୟ ଡାଳକୁ କାଟି ଦିଅନ୍ତୁ । ଅଧିକ ବଢ଼ିଥିବା ଡାଳକୁ ୨ ହାତ ରଖି କାଟିଦେବା ଭଲ ।
- ଏହି ଚାଷରେ ଦୁଇଟି ଗଛ ମଧ୍ୟରେ ଯଥେଷ୍ଟ ବ୍ୟବଧାନ ଥିବାରୁ ଅଦା, ହଳଦୀ, ଓଲୁଅକୁ ଅନ୍ତଃ ଫସଲ ହିସାବରେ ଚାଷ କରାଯାଇପାରେ ।
- ଏହି ଗଛର ପାଖାପାଖି ମହୁ ବାକ୍ସ ବସାଇଲେ ମହୁ ଅମଳ ସହିତ ପରାଗସଙ୍ଗମରେ ସୁବିଧା ହୁଏ ।



**ଲାଭ:** ଗୋଟିଏ ଗୋଟିଏ ଆପଲ ବେରିର ଓଜନ ସାଧାରଣତଃ ୩୦ରୁ ୧୨୦ ଗ୍ରାମ୍ ହୋଇଥାଏ ।

-ବଜାରରେ ଆପଲ ବେରି ଫଳର ଆନୁମାନିକ ଦର କିଲୋଗ୍ରାମ୍ ପ୍ରତି ୪୦ରୁ ୮୦ ଟଙ୍କା ହୋଇଥାଏ । ଏକ ଏକର ଜମିରେ ପ୍ରାୟ ୨୦୦ଟି ଆପଲ ବେରି ଗଛ ଲଗାଇ ହେବ । ଗୋଟିଏ ଗଛରୁ ଅତି କମ୍‌ରେ ୧୫୦ କିଲୋଗ୍ରାମ୍ ଫଳ ଧରିଥାଏ । ତେଣୁ ଏକ ଏକର ଜମିରେ ୩୦ରୁ ୩୫ଟନ୍ ଓଜନର ଫଳ ମିଳିପାରିବ ଏବଂ ଏହାକୁ ବିକ୍ରି କରି ଅତି କମରେ ୧୦ରୁ ୧୨ ଲକ୍ଷ ପର୍ଯ୍ୟନ୍ତ ରୋଜଗାର କରିହେବ ।

-ଏହି ଗଛ ବିଭିନ୍ନ ନର୍ସରି ଏବଂ କେତେକ ଇ-କମର୍ସ ସାଇଟରେ ଉପଲବ୍ଧ । ଆନ୍ତରିକତାର ସହ ଏହାର ଚାଷ କଲେ ଅଧିକ ଲାଭ ହେବାର ସମ୍ଭାବନା ରହିଛି ।

*– ୩ୟ ବର୍ଷ କୃଷି ଛାତ୍ର,*
*ଶ୍ରୀଶ୍ରୀବିଶ୍ୱବିଦ୍ୟାଳୟ, କଟକ,*
*ମୋ : ୭୮୭୩୮୨୭୮୩୦*

ଏ ମାସର କୃଷି ସୂଚନା

# ବର୍ଷାଦିନିଆ ପନିପରିବା ଚାଷ

ବାଇଗଣ, ଲଙ୍କାମରିଚ ଫସଲ ତଳି ପକାନ୍ତୁ । ଜଳ ନିଷ୍କାସିତ ଉଚ୍ଚ ନିଗିଡ଼ା ଜମିରେ ତଳି ପ୍ରସ୍ତୁତ କରିବେ ।

ତଳି ପ୍ରସ୍ତୁତି : ୩ ଫୁଟ ଚଉଡ଼ା, ୧୦ ଫୁଟ ଲମ୍ବ ଓ ୬ ଇଞ୍ଚ ଉଚ୍ଚର ପଟି ତିଆରି କରନ୍ତୁ । ଦୁଇ ପଟି ମଧ୍ୟରେ ଯିବା ଆସିବା ଓ ପାଣି ନିଗିଡ଼ିବା ପାଇଁ ଜାଗା ଛାଡ଼ନ୍ତୁ । ପଟିର ଚାରିପଟୁ ମାଟିନେଇ ପଟି ଉପରେ ପକାଇଲେ ତାହା ବିଲଠାରୁ ଉଚ୍ଚ (୬ ଇଞ୍ଚ) ହୋଇଯିବ । ପ୍ରତି ପଟିରେ ୨-୩ ଝୁଡ଼ି ଗୁଣ୍ଡ ଖତ ଦେଇ ମାଟିରେ ମିଶାନ୍ତୁ । ତା' ପରେ ପ୍ରତି ପଟିରେ ପ୍ରାୟ ୭୫ ଗ୍ରାମ୍



ୟୁରିଆ, ୧୦୦ ଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨୫ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ଦେଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ । ତଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ିଧାଡ଼ି କରି ବୁଣନ୍ତୁ । ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକରେ (କାର୍ବେଣ୍ଡିନ୍ ୩୭.୫% + ଥିରାମ୍ ୩୭.୫% କି.ଗ୍ରା. ପ୍ରତି ୨ ଗ୍ରାମ୍ ହିସାବରେ) ବିଶୋଧନ କରି ବୁଣନ୍ତୁ । ମଞ୍ଜି ବୁଣିବା ପରେ ଛଣ ବା ନଡ଼ା କିମ୍ବା ପଲିଥିନ୍ ଦ୍ୱାରା ପତଳା ଭାବେ ଘୋଡ଼ାଇ ତା' ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ । ତଳିପଟି ଚାରିପଟେ କ୍ଲୋରୋପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନି । ୪ରୁ ୫ ଦିନ ପରେ ମଞ୍ଜି ଗଜା ହେଲେ ପଲିଥିନ୍ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ । ଯଦି ଆଗରୁ ତଳି ପକାଇଥିବେ, ୨୫ ରୁ ୩୦ ଦିନର ହୋଇଗଲେ ଚାରା ବିଶୋଧନ କରି ଜମିରେ ଲଗାନ୍ତୁ । ଏକ ଏକର ବାଇଗଣ ଓ ଲଙ୍କାମରିଚ ଚାଷ ପାଇଁ ଉପରୋକ୍ତ ଆକାରର ତଳି ପଟାଳି ଯଥାକ୍ରମେ ୯ଟି ଏବଂ ୧୫ଟି ଆବଶ୍ୟକ ହୋଇଥାଏ । ଅଧିକ ବର୍ଷାରୁ ତଳି ଘରାକୁ ରକ୍ଷା କରିବା ଲାଗି ସୁଡ଼ଙ୍ଗ ଆକାରରେ ପଲିଥିନ୍ ବାନ୍ଧି ପଟିରେ ଘୋଡ଼ାଇ ରଖନ୍ତୁ ।

- ବାଇଗଣ ମଞ୍ଜି ହେକ୍ଟର ପ୍ରତି ୨୫୦ ଗ୍ରାମ୍ ଏବଂ ଲଙ୍କାମରିଚ ମଞ୍ଜି ହେକ୍ଟର ପ୍ରତି ୩୫୦ ଗ୍ରାମ୍ ଆବଶ୍ୟକ । ଯଦି ଶଙ୍କର କିସମର ବିହନ ବ୍ୟବହାର କରୁଥାନ୍ତି ତେବେ ବାଇଗଣ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଓ ଲଙ୍କାମଞ୍ଜି ୩୦୦ ଗ୍ରାମ୍ ବ୍ୟବହାର କରନ୍ତୁ ।
- ବାଇଗଣର ଉନ୍ନତ କିସମ: ମୁକ୍ତକେଶୀ, ପୁଷା କ୍ରାନ୍ତି, ଉତ୍କଳ ମାଧୁରୀ, ଉତ୍କଳ ତାରିଣୀ, ବ୍ଲୁଷ୍ଟାର୍, ଗ୍ରୀନ୍ ଷ୍ଟାର୍ । ସଙ୍କର ଜାତୀୟ କିସମ ହିସାବରେ ଜେକେ-୮୦୩୧, ଜେକେ-୮୦୩୫, ତାରିଣୀ, ଅଖିତା, ସୁଙ୍ଗ୍ରୋ-୧୩୨, ସୁଙ୍ଗ୍ରୋ-୩୮, ଭି.ଏନ୍.ଆର୍.-୦୦୫ ଆଦି ଚାଷ କଲେ ଭଲ ଅମଳ ମିଳିପାରିବ ।
- କଞ୍ଚାଲଙ୍କା ପାଇଁ ଉପଯୁକ୍ତ କିସମ : ଉତ୍କଳ ଆଭା, ଉତ୍କଳ ରାଗିଣୀ, ସୂର୍ଯ୍ୟମୁଖୀ, ପନ୍ତ ସି-୧ । ଶୁଖିଲା ଲଙ୍କା ଲାଗି ଉପଯୁକ୍ତ କିସମ - ପୁଷାଜ୍ୱାଳା, ଉତ୍କଳ ରଶ୍ମି, ପୁଷା ସଦାବାହାର, ସିନ୍ଦୁର, ଲାମ୍ ଏକ୍ସ-୩୫ ।
- କଖାରୁ, ଜହ୍ନି, କାକୁଡ଼ି, କଲରା, ଛଚିନ୍ଦ୍ରା ଆଦି ଲଗା ସରିଥିଲେ କୋଡ଼ାଖୁସା କରି ପ୍ରଥମ କିସ୍ତି ସାର ଦେଇ ହୁଡ଼ା ଟେକି ରଞ୍ଜା ଦିଅନ୍ତୁ ।
- ବର୍ଷାଦିନେ ଓଳଙ୍କ ଜାତୀୟ ଫସଲକୁ ତଳେ ମଡ଼ାନ୍ତୁ ନାହିଁ ।
- ଭେଣ୍ଡି ଫସଲ କୋଡ଼ାଖୁସା କରି ସାର ଦେଇ ହୁଡ଼ା ଟେକନ୍ତୁ ।
- ପନିପରିବା ଫସଲରେ ବର୍ଷାଜଳକୁ ଠିକ୍ ଭାବରେ ନିଷ୍କାସନ କରାନ୍ତୁ ।

**– କୃଷି ବୈଷୟିକ ସୂଚନା କେନ୍ଦ୍ର,**
**ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,**
**ଓୟୁଏଟି, ଭୁବନେଶ୍ୱର**



ଅଭିନେତ୍ରୀ ତାପସୀ ପନ୍ନୁ ବର୍ତ୍ତମାନ ନିଜର ବିଦ୍ୟୁତ୍ ବିଲ୍‌କୁ ନେଇ ଟୁଇଟର୍‌ରେ କ୍ଷୋଭ ପ୍ରକାଶ କରିଛନ୍ତି। ତାପସୀଙ୍କ ବିଦ୍ୟୁତ୍ ଖର୍ଚ୍ଚ ବାବଦ ମାର୍ଚ୍ଚ, ଏପ୍ରିଲ ଓ ମେ ମାସରେ ଯଥାକ୍ରମେ ୫୭୦, ୪୩୯୦ ଓ ୩୮୫୦ ଟଙ୍କା ବିଲ୍ ଆସିଛି। କିନ୍ତୁ ଚଳିତ ଜୁନ୍ ମାସ ବାବଦକୁ ୩୬ ହଜାର ଟଙ୍କା ଆସିଛି। ଯାହାକି ମେ ମାସ ବିଲ୍‌ର ୯ ଗୁଣାରୁ ଅଧିକ ବୋଲି ଜଣାପଡ଼ିଛି। ଏହାକୁ ନେଇ ସେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

# ‘ଚିଙ୍ଗାରି’ର ଓଡ଼ିଶା ଲିଙ୍କ୍

**ଭୁବନେଶ୍ୱର,୩୦।୬(ବ୍ୟୁରୋ)**

ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ଦୃଷ୍ଟିରୁ କେନ୍ଦ୍ର ସରକାର ସୋମବାର ୫୯ଟି ଚାଇନିଜ୍ ଆପ୍‌କୁ ଭାରତରେ ନିଷିଦ୍ଧ ଘୋଷଣା କରିଛନ୍ତି। ଏହି ଆପ୍ ଗୁଡ଼ିକ ମଧ୍ୟରେ ସବୁଠାରୁ ଆଗରେ ରହିଛି ‘ଟିକ୍‌ଟକ୍’ ଆପ୍। କେନ୍ଦ୍ର ସରକାରଙ୍କ ଘୋଷଣା ପରେ ଉଭୟ ଆଇଓଏସ୍ ଏବଂ ଆଣ୍ଡ୍ରଏଡ୍ ଆପ୍ ଷ୍ଟୋର୍‌ରୁ ‘ଟିକ୍‌ଟକ୍’କୁ ହଟାଇ ଦିଆଯାଇଛି। ଅପରପକ୍ଷରେ କିଛିଦିନ ଧରି ଚର୍ଚ୍ଚାରେ ଥିବା ଭାରତର ନିଜସ୍ୱ ଶର୍ଟ ଭିଡିଓ ଆପ୍ ‘ଚିଙ୍ଗାରି’ର ଲୋକପ୍ରିୟତା ଏବଂ ଡାଉନ୍‌ଲୋଡ୍ ହାର ବହୁମାତ୍ରାରେ ବଢ଼ିଚାଲିଛି। ୨୦୧୮ରେ ଦୁଇ ଯୁବ ପ୍ରୋଗ୍ରାମରଙ୍କ ଦ୍ୱାରା ବିକଶିତ ଏହି ଆପ୍ ଏବେ ବଲିଉଡ୍ ସେଲିବ୍ରିଟିଙ୍କ ଠାରୁ ଆରମ୍ଭକରି ଲକ୍ଷାଧିକ ଭାରତୀୟ ଯୁବପିଢିଙ୍କ ସ୍ମାର୍ଟଫୋନ୍‌ରେ ଦେଖିବାକୁ ମିଳିଛି। ସବୁଠାରୁ ବଡ଼ କଥାହେଲା ଏହି ଆପ୍‌କୁ ପ୍ରସ୍ତୁତ କରିଥିବା ଦୁଇ ପ୍ରୋଗ୍ରାମରଙ୍କ ମଧ୍ୟରୁ ଜଣେ ଓଡ଼ିଆ ଯୁବକ ରହିଛନ୍ତି। କଟକ ଜନ୍ମିତ ବିଶ୍ୱାତ୍ମା ନାୟକ ‘ଚିଙ୍ଗାରି’ର ସହ ପ୍ରତିଷ୍ଠାତା ସହ ସିଇଓ ଅଛନ୍ତି। ଆଣ୍ଡ୍ରଏଡ୍‌ରେ ଦୀର୍ଘ ୮ବର୍ଷର ଅନୁଭୂତି ରଖିଥିବା ବିଶ୍ୱାତ୍ମା ୧୦ରୁ ଊର୍ଦ୍ଧ୍ୱ ସୋସିଆଲ ମିଡିଆ ଅଟୋମେଶନ ଟୁଲ୍ ସହ ଡେଟିଂ ଆପ୍ ନିର୍ମାଣ କରିଛନ୍ତି। କଟକ ଜିଲା ଅଡ଼ଙ୍ଗପୁର ବାସିନ୍ଦା ବିଶ୍ୱାତ୍ମା କଲେଜରେ ପଢ଼ିବା ସମୟରୁ କୋଡିଂରେ ଆଗ୍ରହ ରଖିଥିଲେ। ଇଞ୍ଜିନିୟରିଂ ପରେ ବେଙ୍ଗାଲୁରୁ ଯାଇ ନିଜ ପ୍ରଫେଶନାଲ କ୍ୟାରିୟର ଆରମ୍ଭ କରିବାର ପ୍ରଥମବର୍ଷରେ ହିଁ ସେ ଏକ ସୋସିଆଲ ଆପ୍ ପ୍ରଡକ୍ଟ ନିର୍ମାଣ କରିଥିଲେ। ତେବେ ଚାଇନିଜ୍ ଆପ୍ ଟିକ୍‌ଟକ୍‌ର ବଢୁଥିବା ଲୋକପ୍ରିୟତାକୁ ଦେଖି ସେ ତା’ଠାରୁ ଏକ ଭଲ ଶର୍ଟ ଭିଡିଓ ଆପ୍ ତିଆରି କରିବାକୁ ସ୍ଥିର କରିଥିଲେ। ‘ଚିଙ୍ଗାରି’ ଆପ୍ ତିଆରି କରିବା ପାଇଁ ତାଙ୍କୁ ପ୍ରାୟ ୨ବର୍ଷ ଲାଗିଯାଇଥିଲା। କେନ୍ଦ୍ର ସରକାର ଯେତେବେଳେ ‘ମେକ୍ ଇନ୍ ଇଣ୍ଡିଆ’ ଉପରେ ଗୁରୁତ୍ୱ ଦେଉଥିଲେ ସେତେବେଳେ ଏହି ଆପ୍ ଲଞ୍ଚ୍ ହୋଇଥିଲା। ତେବେ ସୋସିଆଲ ମିଡିଆରେ ଜୋର୍ ଧରୁଥିବା ‘ବୟକଟ୍ ଚାଇନିଜ୍ ପ୍ରଡକ୍ଟ’କୁ ଉତ୍ସାହିତ କରିବା ଲାଗି ଏହି ଆପ୍‌ର ନାମକରଣ ‘ଚିଙ୍ଗାରି’ ଅର୍ଥାତ୍ ‘ନିଆଁ’ କରାଯାଇଥିଲା। ମାତ୍ର ୧୯ବର୍ଷ ବୟସରୁ ବିଶ୍ୱାତ୍ମା ଅନ୍‌ଲାଇନ୍‌ରେ କୋଡିଂ ଶିଖିବା ଏବଂ ପଢିବା ଆରମ୍ଭ କରିଥିଲେ। ଏହାସହ ଥାର୍ଡ ପାର୍ଟି ‘ଆପ୍ଲିକେଶନ ପ୍ରୋଗ୍ରାମିଂ ଇଣ୍ଟରଫେସ୍’ ବିଷୟରେ ମଧ୍ୟ ଅଧିକରୁ ଅଧିକ ଜାଣିବା ପାଇଁ ଚେଷ୍ଟା କରିଥିଲେ, ଯାହାକି ତାଙ୍କୁ ପରବର୍ତ୍ତୀ ସମୟରେ ଏଭଳି ଆପ୍ ତିଆରି କରିବାରେ ସାହାଯ୍ୟ କରିଥିଲା। ହେଲେ ଚିଙ୍ଗାରିକୁ ଟିକ୍‌ଟକ୍ ଠାରୁ ଭିନ୍ନ କରିବା ବିଶ୍ୱାତ୍ମାଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଥିଲା। ଏଥିଲାଗି ଭିଡିଓ ପ୍ରସ୍ତୁତ ଓ ତାକୁ ଶେୟାର କରିବା ବ୍ୟତୀତ ଏଥିରେ ସେ ନ୍ୟୁଜ୍ ଏବଂ ଗେମ୍ ମଡ୍ୟୁଲ୍ ମଧ୍ୟ ଅନ୍ତର୍ଭୁକ୍ତ କରିଥିଲେ। ଏହାସହ ଡୁଏଟ୍ ଭିଡିଓ, ସ୍ଲୋ-ମୋ, ଫାଷ୍ଟ ଫରୱାର୍ଡ, ସିନେମାଟିକ୍ ଫିଲ୍‌ଟର୍ ଆଦି ମଧ୍ୟ ଚିଙ୍ଗାରିରେ ରହିଛି। ସବୁଠାରୁ ବଡ଼କଥା ହେଲା ଟିକ୍‌ଟକ୍ ଆପ୍ ନିଷିଦ୍ଧ ଘୋଷଣା ହେବାର କିଛି ଘଣ୍ଟା ମଧ୍ୟରେ ୩ ମିଲିୟନ୍‌ରୁ ଅଧିକ ବ୍ୟବହାରକାରୀ ଏହାକୁ ଡାଉନ୍‌ଲୋଡ୍ କରିଛନ୍ତି। ଏପରି କି ପ୍ରତି ୩୦ ମିନିଟ୍‌ରେ ବ୍ୟବହାରକାରୀଙ୍କ ସଂଖ୍ୟା ୬୦ ହଜାର ବୃଦ୍ଧି ପାଉଥିବା ଜଣାପଡ଼ିଛି।

## ଚାଇନିଜ୍ ଆପ୍‌କୁ କଟକ ଯୁବକଙ୍କ ଟକ୍କର






ବିଶ୍ୱାତ୍ମା ନାୟକ

## ୩ ମିଲିୟନ ୟୁଜର୍ସଙ୍କୁ ଧନ୍ୟବାଦ

ଚିଙ୍ଗାରି ଆପ୍ ଡାଉନ୍‌ଲୋଡ୍ କରିଥିବା ସମସ୍ତ ୩ ମିଲିୟନ୍ ବ୍ୟବହାରକାରୀ(ୟୁଜର୍ସ)ଙ୍କୁ ଧନ୍ୟବାଦ ଦେବାସହ ବିଶ୍ୱାତ୍ମା କହିଛନ୍ତି, କିଛି ସମୟ ମଧ୍ୟରେ ‘ଚିଙ୍ଗାରି’ର ଟ୍ରାଫିକ୍ ବହୁମାତ୍ରାରେ ବଢିଯାଇଛି। ଏହା ଆମର ଆଶାଠାରୁ ବହୁ ଊର୍ଦ୍ଧ୍ୱରେ। ଚିଙ୍ଗାରି ଏକ ନୂଆ ମାଇଲଷ୍ଟୋନ୍ ପ୍ରତିଷ୍ଠା କରିଥିବାବେଳେ ବଡ଼ ବଡ଼ ନିବେଶକାରୀମାନେ ମଧ୍ୟ ଅର୍ଥନିବେଶ ପାଇଁ ଆଗ୍ରହ ଦେଖାଉଛନ୍ତି। ଆସନ୍ତା କିଛି ସପ୍ତାହ ମଧ୍ୟରେ କ୍ରିଏଟରଙ୍କ ପାଇଁ ଆପ୍‌ରେ କିଛି ନୂଆ ଏବଂ ଆକର୍ଷଣୀୟ ଫିଚର୍ ଆଡ୍ କରାଯିବ। ଏହା ମାଧ୍ୟମରେ ସେମାନେ ଚିଙ୍ଗାରିରେ କଣ୍ଟେଣ୍ଟ ଅପ୍‌ଲୋଡ୍ କରି ଅର୍ଥ ମଧ୍ୟ ରୋଜଗାର କରିପାରିବେ। ଭାରତୀୟ କୋଡ୍‌ର ଏବଂ ଡେଭ୍‌ଲପରମାନେ ଅନ୍ୟ ଦେଶ ଉପରେ ନିର୍ଭର ନ କରି ନିଜ ଦେଶ ପାଇଁ ଆପ୍ ଏବଂ ପ୍ରଡକ୍ଟ ଡେଭ୍‌ଲପ୍ କରିବା ଉଚିତ। ଏ ଦିଗରେ ଯଦି ସମସ୍ତେ ଦୃଷ୍ଟିଦେବେ ତା ହେଲେ ଚାଇନା ଏବଂ ଅନ୍ୟ ରାଷ୍ଟ୍ର ଭଳି ଆମେମାନେ ମଧ୍ୟ ଏକାଧିକ ଲୋକପ୍ରିୟ ଆପ୍ ଡେଭ୍‌ଲପ୍ କରିପାରିବା ବୋଲି ସେ କହିଛନ୍ତି। ତେବେ ଏହି ଆପ୍‌କୁ ଉଭୟ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ସ୍ମାର୍ଟଫୋନ୍ ବ୍ୟବହାରକାରୀ ସମ୍ପୂର୍ଣ୍ଣ ମାଗଣାରେ ଡାଉନ୍‌ଲୋଡ୍ କରି ବ୍ୟବହାର କରିପାରିବେ ବୋଲି ବିଶ୍ୱାତ୍ମା କହିଛନ୍ତି।

# ‘ହାରିଗଲେ ସଫଳତା ମିଳିବନି’



ପ୍ରିୟଙ୍କା ଚୋପ୍ରା

ମୁମ୍ବାଇ: ବଲିଉଡ୍ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ପରେ ନେପୋଟିଜିମ୍‌କୁ ନେଇ ବେଶ୍ ଚର୍ଚ୍ଚା ହେଉଛି। ସୁଶାନ୍ତ ବଲିଉଡ୍‌ରେ ଚାଲିଥିବା ନେପୋଟିଜିମ୍‌ର ଶିକାର ହୋଇଥିଲେ ଓ ସେଥିପାଇଁ ସେ ଡିପ୍ରେସନରେ ଆସି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ଅଭିଯୋଗ ସାମ୍ନାକୁ ଆସିବାରେ ବଲିଉଡ୍ କଳାକାରମାନେ ନେପୋଟିଜିମ୍‌କୁ ନେଇ ନିଜ ନିଜର ମତ ରଖୁଛନ୍ତି। ନିକଟରେ ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ନେପୋଟିଜମ୍‌ର ଶିକାର ହୋଇଥିବା କହିଛନ୍ତି। ନେପୋଟିଜିମ୍ ପାଇଁ ତାଙ୍କ ହାତରୁ ଗୋଟିଏ ଫିଲ୍ମ ପଳେଇଥିବା ସେ ସ୍ୱୀକାର କରିଛନ୍ତି। ପ୍ରିୟଙ୍କା ଏକ ଇଣ୍ଟରଭ୍ୟୁରେ କହିଛନ୍ତି ଯେ, ନେପୋଟିଜିମ୍ ପାଇଁ ମୋତେ ଗୋଟିଏ ଫିଲ୍ମରୁ ବାହାର କରାଯାଇଥିଲା। ମୋ ସ୍ଥାନରେ ଜଣେ ଷ୍ଟାର କିଡ୍‌ଙ୍କ ପାଇଁ ସୁପାରିଶ ହୋଇଥିଲା। ସେଥିପାଇଁ ମୁଁ ରାତିସାରା କାନ୍ଦିଥିଲି। କିନ୍ତୁ ହାରି ନ ଥିଲି। ପ୍ରିୟଙ୍କା ଆହୁରି ମଧ୍ୟ କହିଛନ୍ତି ଯେ, ବଲିଉଡ୍‌ରେ ସବୁପ୍ରକାର ସମସ୍ୟା ରହିଛି। ଗୋଟିଏ ପ୍ରସିଦ୍ଧ ପରିବାରରେ ଜନ୍ମ ନେବା କିଛି ଭୁଲ ନୁହେଁ। କିନ୍ତୁ ସମସ୍ତଙ୍କୁ ସୁଯୋଗ ମିଳିବା ଦରକାର। ଯାହା ପାଖରେ ଟ୍ୟାଲେଣ୍ଟ ଅଛି ତାକୁ ପ୍ରଥମେ ଗୁରୁତ୍ୱ ଦେବା ଦରକାର। ପିସି ଆହୁରି ମଧ୍ୟ କହିଛନ୍ତି, ମୋ ଜୀବନରେ ଅନେକ ବାଧାବିଘ୍ନ ଆସିଛି ସେସବୁକୁ ଡେଇଁ ମୁଁ ଆଜି ଏଠାରେ ପହଞ୍ଚିଛି। ସମସ୍ତଙ୍କୁ ସଂଘର୍ଷ କରିବାକୁ ପଡ଼ିବ। ହାରିଗଲେ ସଫଳତା ମିଳିବ ନାହିଁ। ପ୍ରିୟଙ୍କା ନିଜର କାମ ପାଇଁ ଢେର୍ ଲୋକପ୍ରିୟତା ସାଉଁଟିଛନ୍ତି। ବଲିଉଡ୍ ସହ ହଲିଉଡ୍‌ରେ ମଧ୍ୟ ପ୍ରିୟଙ୍କାଙ୍କ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଶେଷଥର ପାଇଁ ତାଙ୍କୁ ବଲିଉଡ୍‌ର ‘ଦ ସ୍କାଏ ଇଜ୍ ପିଙ୍କ୍’ରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମରେ ତାଙ୍କ ସହ ଫରହାନ୍ ଅଖତାର, ଜାୟରା ୱାସିମ୍ ଏବଂ ରୋହିତ ଶରାଫ୍ ମୁଖ୍ୟ ଭୂମିକାରେ ଥିଲେ। ଆଗକୁ ସେ ନେଟ୍‌ଫ୍ଲିକ୍ସରେ ଫିଲ୍ମ ‘ଦ ହ୍ୱାଇଟ୍ ଟାଇଗର୍’ରେ ନଜର୍ ଆସିବେ। ଏହି ଫିଲ୍ମରେ ତାଙ୍କ ବିପକ୍ଷରେ ରାଜକୁମାର ରାଓ ରହିବେ।

# ପୋଖରୀ ମାନବ



**୪୦ ବର୍ଷରେ ଖୋଳିଲେଣି ୧୬ ପୋଖରୀ**

**ବେଙ୍ଗାଲୁରୁ(କର୍ନାଟକ):** ୨୨ବର୍ଷ ଧରି ପାହାଡ଼ କାଟି ଗୟାଠାରୁ ଗେହଲୌର ସହର ପର୍ଯ୍ୟନ୍ତ ରାସ୍ତା ତିଆରି କରିଥିବା ବିହାରର ଦଶରଥ ମାଞ୍ଝି ପର୍ବତ ମାନବ ଭାବେ ଚର୍ଚ୍ଚିତ। ଠିକ୍ ସେହିପରି ବଞ୍ଜର ପାହାଡ଼ ଅଞ୍ଚଳରେ ୧୬ ପୋଖରୀ ଖୋଳି କର୍ନାଟକର ଜଣେ ୮୪ ବର୍ଷୀୟ ବ୍ୟକ୍ତି (ମେଣ୍ଢା ଚରାଳି) ରାଜ୍ୟରେ ପୋଖରୀ ମାନବ ଭାବେ ପରିଚିତ। ସେ ହେଲେ ମାଣ୍ଡ୍ୟା ଜିଲା ଦାଶନଦୋଦ୍ଦି ଗ୍ରାମର କାମେଗୌଡ଼ା। ଜୀବନର ୪୦ ବର୍ଷ ବିନିଯୋଗ କରି ମହତ ଉଦ୍ଦେଶ୍ୟ ଏବଂ ନିଷ୍ଠାପର ଉଦ୍ୟମରେ ସେ ବଞ୍ଜର ପାହାଡ଼ରେ ସୃଷ୍ଟି କରିପାରିଛନ୍ତି ଅନେକ ପୋଖରୀ। ସେ ବୃତ୍ତିରେ ଜଣେ ମେଣ୍ଢା ଚରାଳି। ୪୦ ବର୍ଷ ତଳେ ଗାଁ ନିକଟ କୁନ୍ଦିନିବେତ୍ତା ପାହାଡ଼ ସବୁଜଶୂନ୍ୟ ଏବଂ ବୁଦାରେ ପରିପୂର୍ଣ୍ଣ ଥିଲା। କାମେଗୌଡ଼ାଙ୍କ ମେଣ୍ଢାପଲ ପାଣି ଟୋପାଏ ନ ପାଇ ସେଠାରେ ଉହଳବିକଳ ହେଉଥିବା ସେ ଅନୁଭବ କରିଥିଲେ। ଏହା ହିଁ ତାଙ୍କୁ ପୋଖରୀ ଖୋଳିବାକୁ ପ୍ରେରିତ କରିଥିଲା। ପଶୁପକ୍ଷୀଙ୍କ ସମେତ ଲୋକଙ୍କ ହିତ ଉଦ୍ଦେଶ୍ୟରେ ସେ ଏହି ଅଭିଯାନ ଆରମ୍ଭ କରିଥିଲେ। ୪୦ ବର୍ଷ ମଧ୍ୟରେ ସେ ୧୬ଟି ଛୋଟ ଜଳ ଉତ୍ସ ସୃଷ୍ଟି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ତେବେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ‘ମନ୍ କି ବାତ୍’ କାର୍ଯ୍ୟକ୍ରମରେ କାମେଗୌଡ଼ାଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ପରେ ସମଗ୍ର ଦେଶରେ ଏବେ ତାଙ୍କରି ଚର୍ଚ୍ଚା। ସଂଯୋଗବଶତଃ ପ୍ରଧାନମନ୍ତ୍ରୀ ପ୍ରଶଂସା କରିବାର କିଛି ସମୟ ପୂର୍ବରୁ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ମଧ୍ୟ କାମେଗୌଡ଼ାଙ୍କ ସହ ଭିଡିଓ କଲ୍ ମାଧ୍ୟମରେ ଆଲୋଚନା କରି ଜଳ ସଂରକ୍ଷଣ ଦିଗରେ ତାଙ୍କ ନିଷ୍ଠାପର ଉଦ୍ୟମକୁ ପ୍ରଶଂସା କରିଥିଲେ। ପାହାଡ଼ ଉପରେ ଖୋଳିଥିବା ପୋଖରୀଗୁଡ଼ିକରେ ଜଳ ପୂର୍ଣ୍ଣହେବା ପରେ ବଳକା ଜଳ ଯାଇ ପାହାଡ଼ ତଳ ପୋଖରୀରେ ସଂରକ୍ଷିତ ରହିବା ପାଇଁ କାମେଗୌଡ଼ା ବ୍ୟବସ୍ଥା କରିଛନ୍ତି। ତେବେ ସେ ଖୋଳିଥିବା ପୋଖରୀଗୁଡ଼ିକର ସଂଯୋଗୀକରଣ ପାଇଁ ଅର୍ଥ ବ୍ୟବସ୍ଥା କରିବା ପାଇଁ ସେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହାର ସବିଶେଷ ରିପୋର୍ଟ ଦେବାପାଇଁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏ ବିଷୟରେ କର୍ନାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରାପ୍ପାଙ୍କ ସହ ଆଲୋଚନା କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ଆମେରିକା ମହାଶକ୍ତି ପଛରେ ‘ୟେଲୋ ଫିଭର’

**ମାରାତ୍ମକ ‘ୟେଲୋ ଫିଭର’ ବା ‘ପୀତ ଜ୍ୱର’ ପାଇଁ ୮୦% ଫ୍ରାନ୍ସିସ୍ ସୈନ୍ୟ ମୃତ୍ୟୁମୁଖରେ ପଡ଼ିଥିଲେ। ବଞ୍ଚିଥିବା ସୈନିକ ପ୍ରାଣ ବିକଳରେ ଗଣପଳାୟନ କଲେ। ଏହି ଘଟଣା ନେପୋଲିୟନଙ୍କ ‘ହାଇତି’ ଅକ୍ତିଆର ସ୍ୱପ୍ନକୁ ଅଧୁରା ରଖିଦେଲା। ଏହାପରେ ଧୀରେ ଧୀରେ ସବୁ ଗଣିତ ବଦଳିବା ଆରମ୍ଭ ହେଲା, ଯାହା ଆମେରିକାକୁ ମହାଶକ୍ତିରେ ପରିଣତ କରିବାକୁ ବାଟ ଫିଟାଇଲା।**




ୱାଶିଂଟନ୍: କରୋନା ଭାଇରସ୍ ସଙ୍କଟରେ ପେଷି ହେଉଛି ସାରା ବିଶ୍ୱ। ନିକଟ ଭବିଷ୍ୟତରେ ମହାମାରୀର ପ୍ରକୋପ କମିଯିବ ଏବଂ ତା’ ସହ ସୃଷ୍ଟି ହୋଇପାରେ ନୂଆ ସମୀକରଣ। ଖାସ୍ କରି ମହାଶକ୍ତିଶାଳୀ ଦେଶଗୁଡ଼ିକ ପାଇଁ ନିଜ ସ୍ଥାନ ସୁରକ୍ଷିତ ରଖିବା କଷ୍ଟକର ହୋଇପାରେ। ବିକାଶଶୀଳ ଦେଶ ଏହି ସ୍ଥାନକୁ ଦଖଲ କରିନେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। କାରଣ ଆଗରୁ ବି ଏମିତି ଘଟିସାରିଛି। ଭୟଙ୍କର ‘ୟେଲୋ ଫିଭର’ ଶକ୍ତିଶାଳୀ ଫ୍ରାନ୍ସଠାରୁ ମୁକୁଟ ଛଡ଼ାଇ ନେଇ ଆମେରିକା ମୁଣ୍ଡରେ ପିନ୍ଧାଇ ଦେଇଥିଲା।

ସମ୍ପୂର୍ଣ୍ଣ ଘଟଣା ଏହିପରି। ୧୮୦୧ରେ ଫ୍ରାନ୍ସର ଏକଚ୍ଛତ୍ରବାଦୀ ଶାସକ ନେପୋଲିୟନ ବୋନାପାର୍ଟ କାରବୀୟ ଦେଶ ‘ହାଇତି’ ଅକ୍ତିଆର କରିବାକୁ ସୈନ୍ୟବାହିନୀ ପଠାଇଥିଲେ। ହେଲେ ନେପୋଲିୟନଙ୍କ ଏହି ସାମ୍ରାଜ୍ୟବାଦୀ ନୀତି ବୁମେରାଂ ପାଲଟିଗଲା। ଉକ୍ତ ସମୟରେ ‘ସାଣ୍ଟୋ ଡୋମିଙ୍ଗୋ’ରେ ବ୍ୟାପିଥିବା ମାରାତ୍ମକ ‘ୟେଲୋ ଫିଭର’ ୮୦% ସୈନିକଙ୍କୁ ମୃତ୍ୟୁ ମୁଖକୁ ଠେଲିଦେଲା। ଏଥିରେ ସେନାପତି ଚାର୍ଲସ ଲେକ୍ଲେର୍କ ମଧ୍ୟ ବାଦ୍ ପଡ଼ି ନ ଥିଲେ। ବଞ୍ଚିଥିବା ସୈନିକମାନେ ଜୀବନ ବିକଳରେ ପଳାୟନ କଲେ। ‘ୟେଲୋ ଫିଭର’ ନେପୋଲିୟନଙ୍କ ‘ହାଇତି’ ବିଜୟ ସ୍ୱପ୍ନରେ କଣ୍ଟା ପାଲଟିଗଲା।

ସୂଚନାଯୋଗ୍ୟ, ‘ହାଇତି’ ଅଭିଯାନ ପୂର୍ବରୁ ପ୍ରାଚୀନ କାରବିୟନ ସହର ‘ସାଣ୍ଟୋ ଡୋମିଙ୍ଗୋ’ ଫ୍ରାନ୍ସ କବ୍‌ଜାରେ ଥିଲା। ଏଠାରୁ ପର୍ଯ୍ୟାପ୍ତ ପରିମାଣରେ ଚିନି ଏବଂ କଫି ଉତ୍ପାଦିତ ହେଉଥିଲା। ଏହାକୁ ୟୁରୋପୀୟ ଦେଶକୁ ରପ୍ତାନି କରି ଫ୍ରାନ୍ସ ବିପୁଳ ଅର୍ଥ ଉପାର୍ଜନ କରୁଥିଲା। ଆଖୁ ଏବଂ କଫି କ୍ଷେତରେ କାମ କରୁଥିବା ଶ୍ରମିକ ‘ହାଇତି’ରୁ କିଣାହୋଇ ଆସୁଥିଲେ। ତେବେ ଅନବରତ କାମ, ନିର୍ଯାତନା ଏବଂ ପୋଷଣ ଅଭାବରୁ ଅଧା କ୍ରୀତଦାସଙ୍କ ମୃତ୍ୟୁ ଘଟିଲା। ଶ୍ରମିକଙ୍କ ଅଭାବ ପୂରଣ କରିବାକୁ ଫ୍ରାନ୍ସ ୟୁରୋପୀୟ ଦେଶ ଉପରେ ନଜର ପକାଇଲା। ତେବେ ଶ୍ରମିକଙ୍କ ପ୍ରତି ବଢୁଥିବା ଅମାନବୀୟ ବ୍ୟବହାରରେ ଅତିଷ୍ଠ ହୋଇ ସେମାନେ ୧୭୯୧ରେ ବିଦ୍ରୋହ ଆରମ୍ଭ କଲେ। ପରିସ୍ଥିତି ଏପରି ହେଲା ଯେ, ମାତ୍ର ୪ବର୍ଷ ଭିତରେ ବାଧ୍ୟ ହୋଇ ଫ୍ରାନ୍ସକୁ କାରବୀୟ ଅଞ୍ଚଳରୁ କ୍ରୀତଦାସ ପ୍ରଥା ଉଚ୍ଛେଦ କରିବାକୁ ପଡ଼ିଲା। ହେଲେ ଶାସକଙ୍କ ଏପରି ନିଷ୍ପତ୍ତି ସମ୍ଭ୍ରାନ୍ତ ବର୍ଗକୁ ଖୁସି କରାଇପାରିଲା ନାହିଁ। ତେଣୁ ହାତରୁ ଖସିଯାଇଥିବା ‘ସାଣ୍ଟୋ ଡୋମିଙ୍ଗୋ’ ଉପରେ ପୁଣିଥରେ ଆଧିପତ୍ୟ ଜାହିର କରି ଆର୍ଥିକ ସ୍ଥିତି ମଜ୍‌ଭୁତ କରିବାକୁ ୧୮୦୧ରେ ନେପୋଲିୟନ ବିଶାଳ ସେନା ପଠାଇଥିଲେ। ସେ ବିଚାର କରିଥିଲେ ଯେ, ‘ସାଣ୍ଟୋ ଡୋମିଙ୍ଗୋ’କୁ ପୁଣିଥରେ ଦଖଲ କରିନେଲେ ‘ହାଇତି’ ଅକ୍ତିଆର କରିବା ଏବଂ ସେଠାରୁ ଶ୍ରମିକ ଆଣିବା ସହଜ ହୋଇଯିବ। ଏହି ଅଭିଯାନରେ ୬୦ରୁ ୮୫ ହଜାର ସୈନ୍ୟବାହିନୀ ସାମିଲ ଥିଲେ। ଯୋଜନାକୁ ସାକାର ରୂପ ଦେବାକୁ ଅଣଶ୍ୱେତାଙ୍ଗ ବିପ୍ଲବୀ ନେତା ‘ଟଉସେଣ୍ଟ’ଙ୍କୁ ବନ୍ଦୀ କରାଗଲା। ହାଜତରେ ହିଁ ତାଙ୍କର ମୃତ୍ୟୁ ଘଟିଲା। ମୃତ୍ୟୁ ପୂର୍ବରୁ ‘ଟଉସେଣ୍ଟ’ ଜାଣିଥିଲେ ‘ସାଣ୍ଟୋ ଡୋମିଙ୍ଗୋ’ ଇଲାକାରେ କିଛିଦିନ ଭିତରେ ବର୍ଷା ଋତୁ ଆରମ୍ଭ ହେବ। ଏଥିସହ ‘ୟେଲୋ ଫିଭର’ ବ୍ୟାପିବ, ଯାହା ଫ୍ରାନ୍ସ ପାଇଁ ଘାତକ ପାଲଟିବ। ହେଲେ ଏ କଥା ସେ କାହାରିକୁ କହି ନ ଥିଲେ। ନେପୋଲିୟନ ଏହି ସୂଚନା ପାଇବା ବେଳକୁ ଡେରି ହୋଇଯାଇଥିଲା। ‘ୟେଲୋ ଫିଭର’ କବଳକୁ ଚାଲିଯାଇଥିଲା ସମଗ୍ର ଫ୍ରାନ୍ସ ସେନା। ଏକଦା ଦୁର୍ଦ୍ଧର୍ଷ ବୋଲାଉଥିବା ଫ୍ରାନ୍ସ ସୈନ୍ୟବାହିନୀ ମଶାଙ୍କ ଆଗରେ ଆଣ୍ଠେଇ ପଡ଼ିବାକୁ ବାଧ୍ୟ ହୋଇଥିଲା।

ଫ୍ରାନ୍ସ ସେନା ଫେରିବା ପରେ ‘ସାଣ୍ଟୋ ଡୋମିଙ୍ଗୋ’ ଉପରେ ଅନ୍ୟ ଦେଶ ନଜର ପକାଇଲେ। ସ୍ପେନ୍ ନିଜ ଅଧୀନରେ ରଖିଥିବା ସମୃଦ୍ଧଶାଳୀ ଆମେରିକୀୟ ସହର ‘ଲୁଇଜିଆନା’କୁ ଫ୍ରାନ୍ସକୁ ଅର୍ପଣ କରିଦେଲା। ଏହାପରେ ଅନେକ ଆମେରିକୀୟ ସ୍ଥାନ ଫ୍ରାନ୍ସ ଅକ୍ତିଆରରେ ରହିଲା। ଏହି ସମୟରେ ଆମେରିକା ରାଷ୍ଟ୍ରପତି ଥମ୍ସ ଜେଫରସନ୍ ଫ୍ରାନ୍ସ ଅଧୀନ ‘ନ୍ୟୁ ଓର୍ଲିଏନ୍ସ’ କିଣିବାକୁ ନେପୋଲିୟନଙ୍କୁ ପ୍ରସ୍ତାବ ଦେଲେ। ହେଲେ ଆର୍ଥିକ ଦୁର୍ଗତି ଏବଂ ସମସ୍ତ ଅଞ୍ଚଳକୁ ଆୟତ୍ତରେ ରଖିବା କ୍ଷମତା ବାହାରେ ଥିବାରୁ ନେପୋଲିୟନ ସମ୍ପୂର୍ଣ୍ଣ ‘ଲୁଇଜିଆନା’କୁ ଆମେରିକାକୁ ହସ୍ତାନ୍ତର କରିବାକୁ ସହମତି ଜଣାଇଲେ। ୧୮୦୩ରେ ଫ୍ରାନ୍ସ ଏବଂ ଆମେରିକା ମଧ୍ୟରେ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ ହେଲା। ମାତ୍ର ୧୫ ମିଲିୟନ ଡଲାର ଦେଇ ଆମେରିକା ନିଜର ସମସ୍ତ ଅଞ୍ଚଳ ଫ୍ରାନ୍ସଠାରୁ ଫେରିପାଇଲା। ପରବର୍ତ୍ତୀ ସମୟରେ ଆମେରିକା ନିଜର ସୀମା କାଲିଫର୍ନିଆ, ଟେକ୍ସାସ୍‌ଠାରୁ ଆରମ୍ଭ କରି ପ୍ରଶାନ୍ତ ମହାସାଗର, ଆଣ୍ଟଲାଣ୍ଟିକ ମହାସାଗର ଯାଏ ପରିବ୍ୟାପ୍ତ କରିବାରେ ସକ୍ଷମ ହେଲା। ଶତ୍ରୁ ଆକ୍ରମଣରୁ ସୀମାକୁ ସୁରକ୍ଷିତ ରଖିବା ସହ ସମାନ୍ତରାଳ ଭାବେ ଆର୍ଥିକ ପ୍ରଗତି କଲା। ଏହିପରି ଭାବେ ପରୋକ୍ଷରେ ‘ୟେଲୋ ଫିଭର’ ହିଁ ଆମେରିକାକୁ ପୃଥିବୀର ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ କରିପାରିଥିଲା।

# ଓଟିଟିରେ ରିଲିଜ ହେବ ସଞ୍ଜୟଙ୍କ ଫିଲ୍ମ



ସଞ୍ଜୟ ଦତ୍ତ

ମୁମ୍ବାଇ: ମହାମାରୀ କରୋନା ତାଣ୍ଡବ ଜାରି ରହିଥିବା ବେଳେ ଲକ୍‌ଡାଉନ ଯୋଗୁ ସମସ୍ତ ହଲ୍ ବନ୍ଦ ରହିଛି। ଫଳରେ ପ୍ରଯୋଜକମାନେ ଫିଲ୍ମ ରିଲିଜ୍ ପାଇଁ ଏବେ ଡିଜିଟାଲ ପ୍ଲାଟଫର୍ମକୁ ଚୟନ କରିଛନ୍ତି। ଏହି କ୍ରମରେ ମହେଶ ଭଟ୍ଟଙ୍କ ନିର୍ଦ୍ଦେଶିତ ଫିଲ୍ମ ‘ସଡକ-୨’ର ଅପେକ୍ଷାରେ ରହିଥିବା ପ୍ରଶଂସକଙ୍କ ପାଇଁ ଏକ ଖୁସି ଖବର ଆସିଛି। ଖୁବ୍‌ଶୀଘ୍ର ଓଟିଟି ପ୍ଲାଟଫର୍ମରେ ଫିଲ୍ମ ସଡକ-୨କୁ ରିଲିଜ୍ କରାଯିବ ବୋଲି ପ୍ରଯୋଜକ ମୁକେଶ ଭଟ୍ଟ ସୂଚନା ଦେଇଛନ୍ତି। ଏହି ଫିଲ୍ମ ଜୁଲାଇ ୧୦ରେ ହଲ୍‌ରେ ରିଲିଜ୍ ହେବାକୁ ଥିଲା କିନ୍ତୁ ବର୍ତ୍ତମାନ ଦେଶରେ ଜାରି ରହିଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହାକୁ ଓଟିଟି ପ୍ଲାଟଫର୍ମରେ ରିଲିଜ୍ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ସଡକ-୨ ହେଉଛି ୧୯୯୧ରେ ଆସିଥିବା ସଡକର ସିକ୍ୱେଲ। ଯେଉଁଥିରେ ବଲିଉଡ୍ ଅଭିନେତ୍ରୀ ପୂଜା ଭଟ୍ଟ ଓ ଅଭିନେତା ସଞ୍ଜୟ ଦତ୍ତଙ୍କ ଅଭିନୟ ଦେଖିବାକୁ ମିଳିଥିଲା। ତେବେ ଏହି ସିକ୍ୱେଲରେ ସଞ୍ଜୟ ଦତ୍ତ, ପୂଜା ଭଟ୍ଟ, ଆଲିଆ ଭଟ୍ଟ ଓ ଆଦିତ୍ୟ ରୟ କପୁରଙ୍କ ଅଭିନୟର ଜାଦୁଗରି ଦେଖିବାକୁ ମିଳିଛି।

# ହାତ ନ ଥାଇ ଚିତ୍ରକର

ରାୟପୁର: କଥାରେ ଅଛି ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ। ଏହାର ଏକ ଉଦାହରଣ ହେଉଛନ୍ତି ଚିତ୍ରକର ଗୋକରନ୍ ପାଟିଲ୍। ହାତ ନ ଥାଇ ଗୋଡ଼ରେ ସୁନ୍ଦର ସୁନ୍ଦର ଚିତ୍ର ଆଙ୍କି ସେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଗୋକରନ୍‌ଙ୍କ ଘର ଛତିଶଗଡ଼ରେ। ଜନ୍ମରୁ ଦୁଇଟିଯାକ ହାତ ତାଙ୍କର ନାହିଁ। କିନ୍ତୁ ହାତ ନ ଥାଇ ବି ସେ ସୁନ୍ଦର ସୁନ୍ଦର ଚିତ୍ର ସବୁ ଆଙ୍କିଥାନ୍ତି। ତାଙ୍କର କଳା ପ୍ରତିଭାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ନ ହୋଇ ରହି ପାରିବେନି। କାରଣ ଦୁଇ ଗୋଡ଼ରେ ବି ସେ ପୋଖତ କଳାକାର ଭଳି ସୁନ୍ଦର ଚିତ୍ର ଆଙ୍କିଥାନ୍ତି। ଗୋକରନଙ୍କ ଏଭଳି ପ୍ରେରଣାଦାୟକ କାହାଣୀକୁ ସୋସିଆଲ ମିଡିଆରେ ଶେୟାର କରିଥିଲେ ଜଣେ ଆଇଏଏସ୍ ଅଫିସର ପ୍ରିୟଙ୍କା ଶୁକ୍ଲା। ଏହାପରେ ଗୋକରନଙ୍କ ପ୍ରେରଣାଦାୟକ ଜୀବନୀ ବିଷୟରେ ସମସ୍ତେ ଜାଣି ପାରିଥିଲେ। ସୋସିଆଲ ମିଡିଆରେ ତାଙ୍କ ଚିତ୍ର ଓ ତାଙ୍କ ଜୀବନ ସମ୍ପର୍କରେ ଶେୟାର ହୋଇଥିବା ଭିଡିଓଟି ଏବେ ଭାଇରାଲ୍ ହେବାରେ ଲାଗିଛି। ଲକ୍ଷ ଲକ୍ଷ ଲୋକ ଗୋକରନଙ୍କ ଭିଡିଓ ଦେଖି ତାଙ୍କୁ ପ୍ରଶଂସା କରିବା ସହିତ କମେଣ୍ଟ ବି ଦେଇଛନ୍ତି। ଚିତ୍ର କରିବା ଅବସ୍ଥାରେ ତାଙ୍କୁ ଦେଖିବା ପରେ ଲୋକେ ଈଶ୍ୱରଙ୍କୁ ଧନ୍ୟବାଦ ଦେବା ସହିତ ଗୋକରନଙ୍କୁ ଶୁଭକାମନା ଜଣାଇଛନ୍ତି।



## କୋର୍ ସେକ୍ଟର ଅଭିବୃଦ୍ଧି ୨୩.୪% ଖସିଲା

ନୂଆଦିଲ୍ଲୀ : ଦେଶର ୮ କୋର୍ ସେକ୍ଟର ଅଭିବୃଦ୍ଧି ଗତ ୩ ମାସ ଧରି ହ୍ରାସ ଘଟିଛି। ମେ ମାସରେ ଏହା ୨୩.୪% ଖସିଥିବା ଜଣାପଡ଼ିଛି। ଲକ୍‌ଡାଉନ ପାଇଁ ଶିଳ୍ପ ୟୁନିଟଗୁଡ଼ିକ କ୍ଷତିଗ୍ରସ୍ତ ରହିବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି। ମାତ୍ର ଏପ୍ରିଲ ମାସରେ ହୋଇଥିବା ୩୭% ହ୍ରାସଠାରୁ ମେ ମାସରେ ଅପେକ୍ଷାକୃତ କମ୍ ପ୍ରଭାବ ରହିଛି। ଲକ୍‌ଡାଉନର ପ୍ରଭାବ ଶିଳ୍ପ କ୍ଷେତ୍ରଗୁଡ଼ିକରେ ଆଗାମୀ ଦିନରେ ମଧ୍ୟ ଲାଗି ରହିବ ବୋଲି ଶିଳ୍ପ ବିଶେଷଜ୍ଞ କହିଛନ୍ତି।

**ଜିଏସ୍‌ଟିକୁ ପୂରିଲା ୩ ବର୍ଷ**

# ପୂରଣ ହୋଇନି ପ୍ରତିଶ୍ରୁତି




- ରାଜସ୍ୱ ହ୍ରାସ, ରାଜ୍ୟଗୁଡ଼ିକୁ କ୍ଷତିପୂରଣ ବଡ଼ ଆହ୍ୱାନ
- ଉଚ୍ଚ ଟିକସ ହାର ଅଭିବୃଦ୍ଧିରେ ବାଧକ
- ରିଫଣ୍ଡ ପ୍ରଦାନରେ ବିଳମ୍ବ ହେଉଛି
- ବହୁ ଟିକସ ସ୍ଲାବ୍ ଯୋଗୁ ଅଡୁଆ
- ଇନ୍‌ପୁଟ ଟାକ୍ସ କ୍ରେଡିଟ, ଇ-ଓ୍ୱେ ବିଲ୍ ବ୍ୟବସ୍ଥିତ ହୋଇପାରିନି

**ନୂଆଦିଲ୍ଲୀ,୩୦।୬**

ଦେଶ ମଧ୍ୟରେ ୨୦୧୭ ଜୁଲାଇ ପହିଲାରୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) କାର୍ଯ୍ୟକାରୀ କରାଯିବା ଫଳରେ ଏହା ମଧ୍ୟରେ ଅନେକ ପରୋକ୍ଷ ଟିକସ ବିଲୀନ ହୋଇଛି। ଦେଶର ଟିକସ ଇତିହାସରେ ଏହାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କୁହାଯାଏ। ସାରା ଦେଶରେ 'ଏକ ଦେଶ ଏକ ଟିକସ' ଲାଗୁ କରାଇବା ଦ୍ୱାରା ଉଚ୍ଚ ଅର୍ଥନୈତିକ ଅଭିବୃଦ୍ଧି, ଟିକସ ସଂଗ୍ରହରେ ଉନ୍ନତି, ଦକ୍ଷତା ବୃଦ୍ଧି ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ ବଜାର ବ୍ୟବସ୍ଥା ଆସିବ ବୋଲି ସରକାର କହିଥିଲେ। ଜିଏସ୍‌ଟିକୁ ଚୂଡ଼ାନ୍ତ ରୂପ ଦେବାକୁ ପ୍ରାୟ ୧୨ ବର୍ଷ ଲାଗିଥିବା କୁହାଯାଏ। ସବୁ ରାଜ୍ୟଗୁଡ଼ିକୁ ମନାଇ ଏହି ଟିକସ ବ୍ୟବସ୍ଥାକୁ ଲାଗୁ କରିବା ନିଷ୍ପତ୍ତି କଷ୍ଟକର ବ୍ୟାପାର। ପହିଲାରେ ଜିଏସ୍‌ଟିର ତୃତୀୟ ପୂର୍ତ୍ତି ପାଳନ କରାଯାଉଛି। ହେଲେ ଯେଉଁ ଲକ୍ଷ୍ୟ ନେଇ ଏହି ଟିକସ ବ୍ୟବସ୍ଥା ଲାଗୁ କରାଗଲା ତା'ର ପ୍ରତିଶ୍ରୁତି ବର୍ତ୍ତମାନ ଯାଏ ପୂରଣ ହୋଇପାରିନାହିଁ ବୋଲି ବଜାର ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।

ବର୍ତ୍ତମାନ ଅର୍ଥ ବ୍ୟବସ୍ଥାର ଏକ ବଡ ଅଂଶ ଜିଏସ୍‌ଟି ପରିସରରୁ ବାହାରେ ରହିଛି। ଏହାଦ୍ୱାରା ଏକ ଦେଶ ଏବଂ ଏକ ଟିକସର ଉଦ୍ଦେଶ୍ୟ ଏହା ପୂରଣ କରିପାରିନାହିଁ। ଏହି ବ୍ୟବସ୍ଥାରେ ଟିକସ ହାର ଉଚ୍ଚରେ ରହିବା ଯୋଗୁ ଶିଳ୍ପ ଏବଂ ସେବା କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ଆଣିବାରେ ଅନେକ ବାଧା ଉପୁଜୁଛି। ଏହି କ୍ଷେତ୍ରରେ ଭାରତ ବିଶ୍ୱର ଅନ୍ୟ ବଜାର ସାଙ୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସକ୍ଷମ ହେଉ ନ ଥିବା ଦେଖାଯାଉଛି। ଜିଏସ୍‌ଟି ରିଫଣ୍ଡରେ ବିଳମ୍ବ ହେଉଥିବା ଯୋଗୁ ଏହା ରପ୍ତାନିକୁ ମଧ୍ୟ ପ୍ରଭାବିତ କରୁଛି। ଏହାବାଦ ଅନେକ ଟିକସ ସ୍ଲାବ୍ ରହିବାରୁ ଏହା ଅଡୁଆ ସୃଷ୍ଟି କରୁଛି। ନିମ୍ନ ମଧ୍ୟମ ଟିକସ ହାର ଆଣିବା ଦିଗରେ ସରକାର ଏ ଯାଏ ସକ୍ଷମ ହୋଇପାରି ନାହାନ୍ତି। ସାମଗ୍ରୀର ପର୍ଯ୍ୟାୟକରଣ ଏବଂ ଟିକସ ଲାଗୁ କରିବା କ୍ଷେତ୍ରରେ ଅମଲାତନ୍ତ୍ରର ମନମୁଖି କାର୍ଯ୍ୟ ମଧ୍ୟ ଦେଖାଯାଉଛି। ପ୍ୟାକେଜ୍‌ଡ ପରଟା ଉପରେ ୧୮% ଜିଏସ୍‌ଟି ଲାଗୁ କରିବା ଏହାର ଏକ ଜ୍ୱଳନ୍ତ ଉଦାହରଣ। ଅପରପକ୍ଷରେ ଉତ୍ତର ଭାରତରେ ପରଟା ଉପରେ ୫% ଟିକସ ଲାଗୁ ହେଉଛି। ଟିକସ ହାରର ବିଭିନ୍ନତା କ୍ଷେତ୍ରରେ ଏଭଳି ବିଭିନ୍ନ ଉଦାହରଣ ନିଆଯାଇପାରେ। ଉଦାହରଣ ସ୍ୱରୂପ, କେଶ ତେଲ ଏବଂ ନଡ଼ିଆ ତେଲ, ବିସ୍କୁଟ କିମ୍ବା ଚକୋଲେଟ। ନିଷ୍ପତ୍ତିରେ ଏଭଳି ମନମୁଖି କାର୍ଯ୍ୟ ଯୋଗୁ ଲୋକଙ୍କ ମନରେ ଦ୍ୱନ୍ଦ୍ୱ, ଅନିଶ୍ଚିତତା ଏବଂ ଟିକସ ଅନୁପାଳନରେ ଅସୁବିଧା ସୃଷ୍ଟି ହେଉଛି। ଅଡୁଆ ସମାଧାନ କରିବା ଲାଗି ଟିକସ ଅଧିକାରୀଙ୍କୁ ବ୍ୟସ୍ତ ରହିବାକୁ ପଡୁଛି। ମାତ୍ର ଜିଏସ୍‌ଟିକୁ ଯେଉଁଭଳି ଭାବେ ଏକ ସଂସ୍କାର ଭାବେ ଅଭିହିତ କରାଯାଉଥିଲା ଗତ ୩ ବର୍ଷ ମଧ୍ୟରେ ଜିଏସ୍‌ଟି କାର୍ଯ୍ୟକାରୀକୁ ଦେଖିଲେ ତା'ର ପ୍ରକୃତ ଉଦ୍ଦେଶ୍ୟ ପୂରଣଠାରୁ ବହୁ ଦୂରରେ ରହିଛି। ଏହା ମଧ୍ୟରେ ଅନେକ ପରିବର୍ତ୍ତନ କରାଯାଇଥିଲେ ମଧ୍ୟ ସମସ୍ୟା ବର୍ତ୍ତମାନ ଯାଏ ସମାଧାନ ହୋଇ ପାରିନାହିଁ।

ଜିଏସ୍‌ଟି ଲାଗୁହେବା ପରେ ଆଣ୍ଟି ପ୍ରଫିଟିୟରଂ ଅଥରିଟି ନାମରେ ଏକ ବ୍ୟବସ୍ଥା ଆସିଥିଲା। ଲୋକଙ୍କୁ ଜିଏସ୍‌ଟି ହ୍ରାସର ସୁବିଧା ପ୍ରଦାନ କରୁ ନ ଥିବା ବ୍ୟକ୍ତି ବିଶେଷ ଏବଂ ସଂସ୍ଥାଙ୍କୁ ଏହା ଜରିମାନା ଲାଗୁ କରୁଥିଲା। ଅନେକ କମ୍ପାନୀ ଏହାଦ୍ୱାରା ଜରିମାନା ପ୍ରଦାନ କରିଛନ୍ତି। ଦୁଇ ବର୍ଷ ମଧ୍ୟରେ ଏହି ବ୍ୟବସ୍ଥାକୁ ବାଦ୍ ଦେବାକୁ ପ୍ରସ୍ତାବ ରହିଥିଲେ ମଧ୍ୟ ଏହା ବର୍ତ୍ତମାନ ସୁଦ୍ଧା ଜାରି ରହିଛି। କେବେ ଏହାକୁ ବାଦ୍ ଦିଆଯିବ ସେ ନେଇ ମଧ୍ୟ କିଛି ସ୍ପଷ୍ଟ ହୋଇ ପାରିନାହିଁ। ମାତ୍ର କିଛି ଶିଳ୍ପ ଲାଗି ଇନ୍‌ଭର୍ଟେଡ ଡ୍ୟୁଟି ଲାଗୁ ହେଉଛି। କୌଣସି ଭାଲ୍ୟୁ ଚେନ୍‌ରେ ଜିଏସ୍‌ଟି ହାରରେ ଅସମାନତା ରହିବା ଯୋଗୁ କେତେଜଣ ଲୋକ ଇନ୍‌ପୁଟ ଟାକ୍ସ କ୍ରେଡିଟର ଠିକ୍ ବ୍ୟବହାର କରିପାରୁନାହାନ୍ତି। ଫଳରେ ସମଗ୍ର ସିଷ୍ଟମ ଲାଗି ଏହା ଅସୁବିଧା ସୃଷ୍ଟି କରୁଛି। ଏହାର କୁପ୍ରଭାବ ମୂଲ୍ୟ ଏବଂ ପ୍ରତିଦ୍ୱନ୍ଦ୍ୱିତା ଉପରେ ପଡୁଛି। ସେବା କ୍ଷେତ୍ର ଏହାଦ୍ୱାରା ମଧ୍ୟ ପ୍ରଭାବିତ ହେଉଛି। ବିଦ୍ୟୁତ୍ ବିଲ୍ ଏବଂ ଇନ୍ଧନ ଖର୍ଚ୍ଚ ମଧ୍ୟ ଜିଏସ୍‌ଟି ପରିସରଭୁକ୍ତ ହୋଇନାହିଁ। ଫଳରେ ଏହା ଟାକ୍ସ କ୍ରେଡିଟ ଲାଗି ଯୋଗ୍ୟ ବିବେଚିତ ହୋଇ ପାରୁନାହିଁ। ସେହିଭଳି ସାରା ଦେଶରେ ଅସମ୍ପୂର୍ଣ୍ଣ ଜିଏସ୍‌ଟି କଭରେଜ୍ ମଧ୍ୟ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି।

ଦେଶର ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ଜିଏସ୍‌ଟି ଦ୍ୱାରା ବଢ଼ିବ ବୋଲି ପୂର୍ବରୁ ଯେଉଁ ଆକଳନ କରାଯାଇଥିଲା ତାହା ହୋଇପାରିଥିଲା। ଏହା ବାଦ୍ ଟିକସ କମିବା, ସାମଗ୍ରୀ ଓ ସେବା ଦରରେ ହ୍ରାସ ହେବା ନେଇ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ଏବେ ଯାଏ ପୂରଣ ହୋଇ ପାରିନାହିଁ। ପରୋକ୍ଷ ଟିକସ ବ୍ୟବସ୍ଥା ବର୍ତ୍ତମାନ ଯାଏ ଠିକ୍ ହୋଇପାରି ନ ଥିବା ଅନେକ ବିଶେଷଜ୍ଞ ମତ ରଖନ୍ତି। ଏଭଳି ସ୍ଥିତିରେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଅସୁବିଧା, ପ୍ରଭାବିତ ନିବେଶ ଧାରା ଏବଂ ବାଣିଜ୍ୟ କ୍ଷେତ୍ରର ଆତ୍ମବିଶ୍ୱାସକୁ ଏହା ଊଣା ଅଧିକେ ପ୍ରଭାବିତ କରୁଛି। ଫଳରେ ବଜାରର ଅଭିବୃଦ୍ଧି ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିଛି। ଜିଏସ୍‌ଟି ଲାଗୁ ହେବାର ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ନେଟ୍‌ଓ୍ୱର୍କରେ ବିଭିନ୍ନ ସମସ୍ୟା ରହିବା ଯୋଗୁ ଅଡୁଆ ସ୍ଥିତି ସୃଷ୍ଟି କରିଥିଲା। ପ୍ରତି ଇନ୍‌ଭଏସ୍‌କୁ ପ୍ରତି ଟ୍ରାଞ୍ଜାକଶନ ସହ ରିୟଲ ଟାଇମ ଭିତ୍ତିରେ ମେଳ କରାଇବା ଲାଗି ଲକ୍ଷ୍ୟ ରଖାଯାଇଥିଲା। ପୂର୍ବରୁ ଡିଜାଇନ ହୋଇଥିବା ଏହି ସିଷ୍ଟମ କିନ୍ତୁ କାମ କରିପାରିଲା ନାହିଁ। କାରଣ ସାରା ଦେଶରେ ଦୁର୍ବଳ ନେଟ୍‌ଓ୍ୱର୍କ ଯୋଗୁ ଏହା ହୋଇପାରିଲା ନାହିଁ। ବର୍ତ୍ତମାନ ଜିଏସ୍‌ଟି ଆର୍ ୩ବି ଫର୍ମ ଦ୍ୱାରା ଟିକସ ଫାଇଲ କରୁଛନ୍ତି। ମାତ୍ର ଏହି କ୍ଷେତ୍ରରେ ଦୀର୍ଘମିଆଦୀ ଏବଂ ସ୍ଥାୟୀ ସମାଧାନର ଆବଶ୍ୟକତା ଲୋଡା ପଡୁଛି। ଆନ୍ତଃରାଜ୍ୟ ବାଣିଜ୍ୟ ପାଇଁ ମ୍ୟାଜିକ ବୁଲେଟ ଭାବେ ଇ-ଓ୍ୱେ ବିଲ୍ କାର୍ଯ୍ୟକାରୀ କରାଯିବାକୁ କୁହାଯାଇଥିଲା ବେଳେ ଏହା ବର୍ତ୍ତମାନ ସୁଦ୍ଧା ଟ୍ରାକ୍‌ରେ ପଡିପାରିନାହିଁ। ଜିଏସ୍‌ଟି ଫାଇଲିଂ ଏବଂ ଫାଇନାଲ ରିଟର୍ନ କ୍ଷେତ୍ରରେ ବୃହତ୍ ଅସଙ୍ଗତି ଦେଖାଯାଉଛି। ସିଷ୍ଟମରେ ରହୁଥିବା ଅସୁବିଧା ଯୋଗୁ ଏହାକୁ ସମାଧାନ କରାଯାଇପାରିନାହିଁ। ଟିକସ ପ୍ରଦାନ ସୀମାଠାରୁ ଅନେକ ବାଣିଜ୍ୟ ସଂସ୍ଥା ନିମ୍ନରେ ରହିଛନ୍ତି।

ରେଭେନ୍ୟୁ ନ୍ୟୁଟ୍ରାଲ ରେଟ୍ (ଏନ୍‌ଏନ୍‌ଆର୍) ଏବଂ ରାଜ୍ୟଗୁଡ଼ିକୁ ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ ସିଷ୍ଟମକୁ ଅନେକ ବିଶେଷଜ୍ଞ ଡିଜାଇନ ଭୁଲ୍ ବୋଲି କହନ୍ତି। ଏ ନେଇ ଶୀଘ୍ର ବିଚାର କରିବାକୁ ପୁଣେ ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ବିଜୟ କେଲକର ଏବଂ ଭି.ଭାସ୍କର ଏକ ପ୍ରସ୍ତାବ ରଖିଥିଲେ। ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ କରିବା କ୍ଷମତା କେବଳ କେନ୍ଦ୍ର ନିକଟରେ ରହିଛି। ରାଜ୍ୟଗୁଡ଼ିକୁ ଏହି କ୍ଷତିପୂରଣ ପ୍ରଦାନରେ ଅପର୍ଯ୍ୟାପ୍ତତା ଏବଂ ବିଳମ୍ବ ଭଳି ସମସ୍ୟା ଦେଖାଯାଉଛି। ମହାମାରୀ ବିରୋଧରେ ଲଢ଼ିବା ଲାଗି ବର୍ତ୍ତମାନ ରାଜ୍ୟଗୁଡ଼ିକ ଅର୍ଥ ଆବଶ୍ୟକ କରୁଛନ୍ତି। ମାତ୍ର କ୍ଷତିପୂରଣ ଅର୍ଥ ଲାଗି ସେମାନଙ୍କୁ କେନ୍ଦ୍ରର ହାତଟେକା ଉପରେ ନିର୍ଭର କରିବାକୁ ପଡୁଛି। ଜିଏସ୍‌ଟି ପରିଷଦ ଗଣତାନ୍ତ୍ରିକ ଉପାୟରେ କାମ କରୁଛି। ହେଲେ ଜିଏସ୍‌ଟିରେ ରହିଥିବା ମୂଳ ଭୁଲତ୍ରୁଟିକୁ ତ୍ୱରିତ ସମାଧାନ କରିବା ଏବଂ ଢାଞ୍ଚାଗତ ସଂସ୍କାର ଆଣିବାରେ ଜିଏସ୍‌ଟି ପରିଷଦ ବର୍ତ୍ତମାନ ଯାଏ ସକ୍ଷମ ହୋଇପାରି ନ ଥିବା ଅନେକେ କୁହନ୍ତି। ବର୍ତ୍ତମାନ ଅର୍ଥ ବ୍ୟବସ୍ଥାର ସ୍ଥିତି ଦୋହଲିଯାଇ ଥିବାରୁ ବୃହତ୍ ପରିମାଣର ଆର୍ଥିକ ସହାୟତା ଲୋଡା ପଡୁଛି। ଏଭଳି ସ୍ଥିତିରେ ମଧ୍ୟମ ଜିଏସ୍‌ଟି ହାରକୁ ୧୨%କୁ ଖସାଇବା, ଟିକସ ପରିସରକୁ ବଢାଇବା, ପେଟ୍ରୋଲ, ଡିଜେଲ ଏବଂ ଇଲେକ୍ଟ୍ରିସିଟିକୁ ଜିଏସ୍‌ଟି ପରିସରକୁ ଆଣିବା, ବିଭିନ୍ନ ସ୍ଲାବ୍‌କୁ ବାଦ୍ ଦେବା, ରାଜସ୍ୱ ହ୍ରାସ ସମସ୍ୟା ସମାଧାନ, ରାଜ୍ୟଗୁଡ଼ିକୁ କ୍ଷତିପୂରଣ ଭଳି ଦିଗ ଉପରେ କାମ କରିବା ନେଇ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି। ଏଥିରେ ରହିଥିବା ତ୍ରୁଟିକୁ ସୁଧାରି ଅର୍ଥ ବ୍ୟବସ୍ଥା ଲାଗି ଏହାକୁ ଏକ ବଡ଼ ଅସ୍ତ୍ର ଭାବେ ଗଢି ତୋଳିବାପାଇଁ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।

## କମିଶନରେଟ ପୋଲିସକୁ ହିରୋ ଦେଲା ୮୮ ଦୁଇଚକିଆ ଯାନ



**କଟକ,୩୦।୬**

ଦେଶର ପ୍ରମୁଖ ଦୁଇଚକିଆ ଯାନ ନିର୍ମାଣକାରୀ କମ୍ପାନୀ ହିରୋ ମୋଟୋକର୍ପ ପକ୍ଷରୁ ମଙ୍ଗଳବାର କମିଶନରେଟ ପୋଲିସକୁ ୮୮ଟି ଦୁଇଚକିଆ ଯାନ ପ୍ରଦାନ କରାଯାଇଛି। ସ୍ଥାନୀୟ କଟକ ଡିସିପି ଅଫିସ ପରିସରରେ ହିରୋ କମ୍ପାନୀର ପ୍ରମୁଖ ବିକେତ୍ରା ଜେଏମ୍‌ଜି ଅଟୋମୋବାଇଲ ପକ୍ଷରୁ କମିଶନରେଟ ପୋଲିସକୁ ଏହି ଦୁଇଚକିଆ ଗାଡିଗୁଡିକକୁ ଦିଆଯାଇଛି। ଏହି ଅବସରରେ ପୋଲିସ କମିଶନର ଡ.ସୁଧାଂଶୁ ଷଡ଼ଙ୍ଗୀ ଏବଂ ଜେଏମ୍‌ଜି ଗ୍ରୁପ୍‌ର ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ ମିଳିତ ଭାବରେ ପତକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ଏହି ଗାଡିଗୁଡିକ ପୋଲିସକୁ ଅଧିକ କ୍ରିୟାଶୀଳ କରିବାରେ ସହାୟକ ହେବ ବୋଲି ଡ. ଷଡ଼ଙ୍ଗୀ ମତ ଦେଇଥିଲେ। ଆଗାମୀ ଦିନରେ ପୋଲିସ ଜନସାଧାରଣଙ୍କ ସେବାରେ ଯଥାଶୀଘ୍ର ନିୟୋଜିତ ହୋଇପାରିବ ବୋଲି ଷଡଙ୍ଗୀ କହିଛନ୍ତି। ଜେଏମ୍‌ଜିର ମ୍ୟାନେଜିଂ ପାର୍ଟନର ପ୍ରଦୀପ ଅଗ୍ରୱାଲ କହିଥିଲେ ଯେ, କମ୍ପାନୀ ବିଭିନ୍ନ ସମୟରେ ତା'ର ସାମାଜିକ କାର୍ଯ୍ୟ ଓ ଦାୟିତ୍ୱ ନିର୍ବାହରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଉକ୍ତ ଉତ୍ସବରେ କଟକ ଡିସିପି ଅଖିଳେଶ୍ୱର ସିଂ ,ପ୍ରମୋଦ ରଥ, ତ୍ରିନାଥ ମିଶ୍ରଙ୍କ ସମେତ ଉଭୟ ପକ୍ଷରୁ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ପର୍ଯ୍ୟାୟ ଭିତ୍ତିରେ ଅନ୍ତର୍ଜାତୀୟ ବିମାନ ସେବା

**ନୂଆଦିଲ୍ଲୀ,୩୦।୬**

ଅନ୍‌ଲକ-୨ ଅବଧି ମଧ୍ୟରେ ଖୁବ୍‌ଶୀଘ୍ର ଦେଶରେ ପର୍ଯ୍ୟାୟକ୍ରମେ ଅନ୍ତର୍ଜାତୀୟ ଯାତ୍ରୀବାହୀ ବିମାନ ସେବା ଆରମ୍ଭ ହେବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୋମବାର ଏ ସମ୍ପର୍କରେ ସୂଚନା ଦେଇଛି। କରୋନା ମହାମାରୀରୁ ଦେଶବାସୀଙ୍କୁ ସୁରକ୍ଷା ଯୋଗାଇଦେବା ସହ ସଂକ୍ରମଣର ସଂଖ୍ୟା ହ୍ରାସ ଲକ୍ଷ୍ୟରେ ସରକାର ମାର୍ଚ୍ଚ ଶେଷ ସପ୍ତାହରେ ଘରୋଇ ଓ ଅନ୍ତର୍ଜାତୀୟ ବିମାନସେବାକୁ ବନ୍ଦ ରଖିଥିଲେ। ବିଗତ ୨ମାସରୁ ଊର୍ଦ୍ଧ୍ୱ ସମୟ ବନ୍ଦ ରହିବା ପରେ ଘରୋଇ ବିମାନ ସେବା ଅଳ୍ପ ସଂଖ୍ୟକ ରୁଟ୍‌ରେ ଆରମ୍ଭ ହୋଇଥଲା। ସେହିଭଳି ଜୁଲାଇ ୧୫ ପର୍ଯ୍ୟନ୍ତ ସମସ୍ତ ଅନ୍ତର୍ଜାତୀୟ ବିମାନ ସେବାକୁ ମଧ୍ୟ ବନ୍ଦ ରଖିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ସୂଚନା ଅନୁସାରେ ବିଭିନ୍ନ ଦିଗକୁ ଅନୁଧ୍ୟାନକରି କେତେକ ନିର୍ଦ୍ଦିଷ୍ଟ ରୁଟ୍‌ରେ ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ କରାଯାଇପାରେ। ଏ ନେଇ ମନ୍ତ୍ରଣାଳୟ ବର୍ତ୍ତମାନ ଚିନ୍ତା କରୁଛି। ଭାରତ ସରକାରଙ୍କ ନିର୍ଦ୍ଦେଶନୁସାରେ ଇଂଲଣ୍ଡ, ଫ୍ରାନ୍ସ ଭଳି ଦେଶରେ ଫସି ରହିଥିବା ଭାରତୀୟଙ୍କୁ ଶୀଘ୍ର ଦେଶକୁ ଫେରାଇଆଣିବା ପାଇଁ ଏୟାର ଇଣ୍ଡିଆ ମାଧ୍ୟମରେ ଯାତ୍ରୀସେବା ଯୋଗାଇଦେବାକୁ ଲକ୍ଷ୍ୟ ରଖିଛି। ସେହିଭଳି ସରକାର ସାରା ବିଶ୍ୱରେ ଫସି ରହିଥିବା ଭାରତୀୟମାନଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ମେ ୬ରୁ ବନ୍ଦେ ଭାରତ ମିଶନ ନାମରେ ସ୍ୱତନ୍ତ୍ର ବିମାନ ସେବା ଆରମ୍ଭ କରିଛନ୍ତି।

**ରାଜ୍ୟ ଖବର**

## ଏଜେନ୍ସିର ଗାଡ଼ି ଅଟକାଇଲେ ମହିଳା

**ଆବେଦନର ବର୍ଷେ ପରେ ବି ମିଳିଲାନି ଉଜ୍ଜ୍ୱଳା ଗ୍ୟାସ୍**

**ବାଲିଆ,୩୦।୬:**

ବିରିଡ଼ି ବ୍ଲକ ବାସନ୍ଦରା ଗ୍ରାମ ବଗିକୁଳର କେତେଜଣ ମହିଳା ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ପାଇବା ପାଇଁ କଟକ ଜିଲା ଅଡ଼ସପୁରର ଏକ ଗ୍ୟାସ୍ ଏଜେନ୍ସି କର୍ମଚାରୀଙ୍କୁ ଆବଶ୍ୟକ କାଗଜପତ୍ର ଦେଇ ନିରାଶ ହୋଇଛନ୍ତି। ଏପରି କି ବର୍ଷେ ଅପେକ୍ଷା କରିବା ପରେ ମଧ୍ୟ ଗ୍ୟାସ ନ ମିଳିବାରୁ ବାଧହୋଇ ମଙ୍ଗଳବାର ଭାଜପା ନେତା ରମାକାନ୍ତ ଭୋଇଙ୍କ ନେତୃତ୍ୱରେ ମହିଳାମାନେ ସମ୍ପୃକ୍ତ ଗ୍ୟାସ ଏଜେନ୍ସିର ଡେଲିଭରି ଗାଡିକୁ ଅଟକାଇ ହୋହଲ୍ଲା କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଗ୍ୟାସ୍ ଗାଡ଼ିର କର୍ମଚାରୀ ଏଜେନ୍ସିର ମ୍ୟାନେଜରଙ୍କୁ ଫୋନ୍ ଯୋଗେ ଏକଥା ଜଣାଇଥିଲେ। ଖବର ପାଇ ଏଜେନ୍ସି ମ୍ୟାନେଜର ଓ ଅନ୍ୟ କର୍ମଚାରୀ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। ଜେହେତୁ ଏବେ ଉଜ୍ଜ୍ୱଳା ଯୋଜନା ବନ୍ଦ ରହିଛି, ତେଣୁ ଏହାର ବିକଳ୍ପ ପନ୍ଥା କରି ଗ୍ୟାସ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମହିଳାମାନେ ଗ୍ୟାସ୍ ଗାଡ଼ିକୁ ଛାଡ଼ି ଦେଇଥିଲେ। ଯଦି ଗ୍ୟାସ ଯୋଗାଇ ଦିଆ ନ ଯାଏ ଆଗାମୀ ଦିନରେ ସମ୍ପୃକ୍ତ ଏଜେନ୍ସି ବିରୋଧରେ ଅନ୍ଦୋଳନ କରାଯିବ ବୋଲି ଭାଜପା ନେତା ଭୋଇ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ଗ୍ରାମର ଅଞ୍ଜନା ଭୋଇ, ଉର୍ମିଳା ଭୋଇ, ସୁମିତ୍ରା ଭୋଇ, କାଞ୍ଚନ ଭୋଇ, ମିଳନ ଭୋଇ, ସସ୍ମିତା ସେଠୀ, ସରସ୍ୱତୀ ଭୋଇ, ବର୍ଷାରାଣୀ ଭୋଇ, ରୋଜାଲିନ ଭୋଇ, କୁନି ଭୋଇ, ଅନ୍ନପୂର୍ଣ୍ଣା ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ପ୍ରକଳ୍ପ ଅଧାପନ୍ତରିଆ, ବିଲ୍ ସରିଲାଣି

**ବରୀ ବ୍ଲକ**

- ଠିକାଦାର-ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅସାଧୁ ମେଣ୍ଟ
- ହୀନସ୍ତା ଭୋଗୁଛନ୍ତି ଶତାଧିକ ଚାଷୀ
- କାମରେ ଲାଗୁନି ୩ ଉଠା ଜଳସେଚନ ପ୍ରକଳ୍ପ

(ମହେନ୍ଦ୍ର ସ୍ୱାଇଁ)
**ବରୀ, ୩୦।୬**

କୃଷକଙ୍କ ରୋଜଗାର କ୍ଷମତା ବଢ଼ାଇବା ସକାଶେ ଋଣ ପ୍ରଦାନ, ଚାଷଜମିକୁ ଜଳସେଚନ, କୃଷିଜାତ ଦ୍ରବ୍ୟ ବିକ୍ରି ପାଇଁ ବଜାର ପ୍ରସ୍ତୁତି ଆଦିକୁ ସରକାର ଗୁରୁତ୍ୱ ଦେବା ସହ ଏ ନେଇ ବିଭିନ୍ନ ଯୋଜନା ଆରମ୍ଭ କରିଛନ୍ତି। ହେଲେ କେତେକ ସ୍ଥାନରେ ଚାଷୀମାନେ ସରକାରୀ ସୁବିଧାରୁ ବଞ୍ଚିତ ରହୁଥିବା ବେଳେ ଚାଷ ଜମି ପଡ଼ିଆ ପଡ଼ିବା ସାଙ୍ଗକୁ କୃଷକଙ୍କ ଆୟ ମଧ୍ୟ ହ୍ରାସ ପାଉଥିବା ଦେଖାଯାଉଛି। ବରୀ ବ୍ଲକ ଅଞ୍ଚଳରେ ଚାଷୀମାନେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ବିପୁଳ ଅର୍ଥ ବ୍ୟୟ କରାଯାଇ ବ୍ଲକର ଅସଲପୁର, ଚରୁମାରୀ ଓ ରାଜାପୁରଠାରେ ନିର୍ମିତ ଉଠା ଜଳସେଚନ ପ୍ରକଳ୍ପ ଅଧାପନ୍ତରିଆ ହୋଇ ରହିଥିବା ବେଳେ ସରକାରୀ କାଗଜପତ୍ରରେ ଏହାକୁ କାର୍ଯ୍ୟକ୍ଷମ ଦର୍ଶାଯାଇ ଠିକାଦାର ବିଲ୍ କରାଇ ନେଇଛନ୍ତି। ଯେଉଁଥିପାଇଁ ଚାଷୀମାନେ ହୀନସ୍ତା ଭୋଗୁଛନ୍ତି ବୋଲି ଶତାଧିକ ଚାଷୀ ଅଭିଯୋଗ କରିଛନ୍ତି।

ଚାଷୀଙ୍କ କହିବା ଅନୁସାରେ, ବରୀ ବ୍ଲକ ଅଞ୍ଚଳର ୩ହଜାର ୭ଶହ ହେକ୍ଟର ଚାଷଜମି ଜଳସେଚିତ କରିବା ପାଇଁ ୩ଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଜଳ ସମ୍ପଦ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିଲା। ୧୧।୭।୨୦୧୬ କାର୍ଯ୍ୟାରମ୍ଭ ପାଇଁ ଏଲ୍‌ଆଣ୍ଡଟିକୁ ଦାୟିତ୍ୱ ଦିଆଯାଇଥିଲା। ୩୧।୧।୨୦୧୯ ସୁଦ୍ଧା ପ୍ରକଳ୍ପ ଶେଷ କରିବା ସହ ଚାଷଜମିକୁ ଜଳସେଚନ କରିବା ପାଇଁ ଚୁକ୍ତି ହୋଇଥିଲେ ବି ଏ ଯାଏ ଏହାର କାର୍ଯ୍ୟ ଶେଷ ହୋଇପାରିନି। ଚାଷଜମିକୁ କେବଳ ପାଇପ ସଂଯୋଗ କରିଦେଇ କାଗଜପତ୍ରରେ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିବା ଦର୍ଶାଯାଇଛି। ଅନ୍ୟପଟେ ଚାଷଜମିକୁ ବିଛା ଯାଇଥିବା ପାଇପ୍‌ମାଟିରୁ ୧ ମିଟର ତଳେ ରହିବାକୁ ନିୟମ ରହିଥିଲେ ବି ଠିକାଦାର ଏହାକୁ ମାଟି ଉପରେ ପକାଇଛନ୍ତି। ଫଳରେ ଚାଷ କାର୍ଯ୍ୟ ବେଳେ କେତେକ ସ୍ଥାନରେ ପାଇପ ଭାଙ୍ଗି ଯାଇଥିବା ଦେଖାଯାଇଛି। ସେହିପରି ଉକ୍ତ ପ୍ରକଳ୍ପ ନିମନ୍ତେ ନିଜସ୍ୱ ବିଦ୍ୟୁତ୍ ବ୍ୟବସ୍ଥା କରାଯିବା କଥା, ହେଲେ ତାହା କରାଯାଇନି। କିନ୍ତୁ ମିଥ୍ୟା ତଥ୍ୟ ଦେଖାଇ ଠିକାଦାର ବିଲ୍ କରାଇ ନେଇଛନ୍ତି, ଯାହାକୁ ନେଇ ଚାଷୀମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଯୋଗୁ ଜମିକୁ ଜଳ ଯୋଗାଣ ହୋଇ ପାରୁ ନ ଥିବା ସହ ଚାଷଜମି ପଡିଆ ପଡୁଛି ବୋଲି ଚାଷୀମାନେ ଅଭିଯୋଗ ଆଣିଛନ୍ତି। ଏ ନେଇ ପ୍ରକଳ୍ପ ଦାୟିତ୍ୱରେ ଥିବା ପ୍ରକଳ୍ପ ପରିଚାଳନା ଅଧିକାରୀ ଗଣେଶ ଚାଟାର୍ଜୀଙ୍କୁ ପଚାରିବାରେ ସେ ଗଣମାଧ୍ୟମ ଆଗରେ ମତ ଦେବାକୁ ମନା କରିଦେଇଥିଲେ। ଅନ୍ୟପଟେ ସରକାରଙ୍କ ତହବିଲରୁ ବିପୁଳ ଅର୍ଥ ଖର୍ଚ୍ଚ ହୋଇ ନିର୍ମିତ ପ୍ରକଳ୍ପ ଚାଷ କାର୍ଯ୍ୟରେ ନ ଲାଗିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ନବ ନିର୍ମାଣ କୃଷକ ସଂଗଠନ ସଂଯୋଜକ ନିମାଇଁ ଚରଣ ରାୟ କହିଛନ୍ତି। ଏ ନେଇ ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ପଚାରିବାରେ ସରକାରୀ ଅର୍ଥର ସଦୁପଯୋଗ କ୍ଷେତ୍ରରେ କୌଣସି ତ୍ରୁଟି ସହ ସାଲିସ କରାଯିବ ନାହିଁ ବୋଲି କହିଛନ୍ତି।


## ମନେ ପଡ଼ନ୍ତି

**ବୋଉଙ୍କୁ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଶୈଳବାଳା ମେର୍କାପ
ପ୍ଲଟ୍ ନଂ. ୬୦୦, ସହିଦନଗର, ଭୁବନେଶ୍ୱର
ତିରୋଧାନ: ୨୬।୦୬।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆମ ସମସ୍ତଙ୍କ ଚଲାବାଟର ସାଥୀହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନତି।
ଶୋକାକୁଳ ମେର୍କାପ ପରିବାର।
ଧ-୧୭୬୨୪

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା କମଳ କୁମାରୀ ପାଳ
(ସ୍ୱର୍ଗତ ଦୁଃଖବନ୍ଧୁ ପାଳଙ୍କ ପତ୍ନୀ)
୫୪ ଏ, ବିଜେବି ନଗର, ଭୁବନେଶ୍ୱର-୧୪
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା କରୁଅଛୁ।
:ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ।
ଧ-୬୭୫୪୭

**ଏକାଦଶାହ ଉପଲକ୍ଷେ**




ସ୍ୱର୍ଗତା ଛାୟାଦେବୀ ବେହେରା
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୪୪
ତିରୋଧାନ: ୨୧।୦୬।୨୦୨୦
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା କରୁଅଛୁ।
:ଆପଣଙ୍କ ଶୋକସନ୍ତପ୍ତ:
ଚିନ୍ତୁ, ବୁନ୍ତୁ, ମାନ୍ତୁ, ଚାନ୍ତୁ, ରୁନ୍ତୁ, କୁନି, ନାତି-ନାତୁଣୀ, ଜ୍ୱାଇଁ, ପରିବାରବର୍ଗ ଓ ବନ୍ଧୁ ପରିଜନ।
ଧ-୧୭୬୨୦

**Shradhanjali**



Late Er. Dr. Soyuz Priyadarsan
Ph.D (Texas. Us)
Year of Birth: 1975
(Durgastami)
Year of Demise: 2005
(Bada Ekadasi)
Vira Baba, No day has passed. without remembering you since you left us. May your sole rest in peace.
Your unfortunate Father: P.N. Sethy
D-17615

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳୀ**



ସ୍ୱର୍ଗତ ସୁରେନ୍ଦ୍ର ନାଥ ଶୁକ୍ଳ
Q.No: ଡ6/4, ଭକ୍ତିମଣ୍ଡପ, ଗୋପବନ୍ଧୁ ଛକ, ବୁର୍ଲା,ସମ୍ବଲପୁର
ଆବିର୍ଭାବ: ୦୯।୦୯।୧୯୪୦ (ଭାଦ୍ରବ ପୂର୍ଣ୍ଣିମା)
ତିରୋଧାନ: ୧୨।୦୭।୨୦୦୮ (ବାହୁଡା ଦଶମୀ)
ଚାହୁଁ ଚାହୁଁ ବାରବର୍ଷ ବିତିଗଲାଣି, କିନ୍ତୁ ଆଜି ବି ଆପଣଙ୍କ ସ୍ମୃତି ଆମମାନଙ୍କ ମନ ମଧ୍ୟରେ ଅଛି। ଯେଉଁଠି ଥାଅନା କାହିଁକି ଆପଣଙ୍କର ଆଶୀର୍ବାଦ ଆମର କାମ୍ୟ। ତୁମର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ପରମ ଦୟାଳୁ ଶ୍ରୀଜଗନ୍ନାଥ ଠାକୁରଙ୍କ ଚରଣ ତଳେ ଆମ୍ଭର କୋଟି କୋଟି ପ୍ରଣାମ ।
-:ଶୋକସନ୍ତପ୍ତ:-
ସ୍ତ୍ରୀ: ଉର୍ମିଳା, ଶିବ, ସୁଜାତା, ସୌମେନ୍ଦ୍ର (ବାବୁ) ଓ ପରିବାରବର୍ଗ।
ଧ-୬୬୬୩୯

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**
ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ମୃଣାଳକାନ୍ତ ସାଇଁ (ଟିଟୁ)
Hotel Miland Palace (Director)
ବ୍ରହ୍ମେଶ୍ୱର ପାଟଣା
ଆର୍ବିଭାବ : ୧୯.୧୦.୧୯୫୭ (ଉମା ଏକାଦଶୀ)
ତିରୋଧାନ : ୧୫.୦୭.୨୦୧୬ (ସୁନାବେଶ,ଏକାଦଶୀ)
ଭଗବାନଙ୍କ ପ୍ରତି ଭକ୍ତି, ପ୍ରେମ, ସମସ୍ତଙ୍କ ପ୍ରତି ନିଷ୍କପଟ ସ୍ନେହ ଶ୍ରଦ୍ଧା ସାରାଜୀବନ ଅଭୁଲା ସ୍ମୃତି ହୋଇ ରହିବ। ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ଆପଣ ଶାନ୍ତିରେ ଥାଆନ୍ତୁ।
ଶୋକସନ୍ତପ୍ତ : ପତ୍ନୀ-ଜଳି, ପୁଅ-ଆଡିଥ୍ୟ, ଲିସା-ବିବେକ, ଟିସା-ତରୁଣ, ନାତି-ନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୬୯୨୯୫

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତ କୁଞ୍ଜବିହାରୀ ମହାନ୍ତି
ଗୋପୀନାଥପୁର, ହାଟବଜାର, ଜଟଣୀ
ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା, ଆପଣଙ୍କର ଅବର୍ତ୍ତମାନ ଆମମାନଙ୍କ ଜୀବନରେ ଭରିଦେଇଛି ଅପୂରଣୀୟ ଶୂନ୍ୟସ୍ଥାନ। ଆପଣଙ୍କର ସ୍ନେହ, ଶ୍ରଦ୍ଧା ଆମମାନଙ୍କର ଚିରକାମ୍ୟ, ଆପଣଙ୍କର ଅମର ଆତ୍ମା ଠାକୁରଙ୍କ ଚରଣରେ ଶାନ୍ତିରେ ଅବସ୍ଥାନ କରି ଆମକୁ ପଥପ୍ରଦର୍ଶନ ଓ ଆଶୀର୍ବାଦ କରୁ ଏତିକି କାମନା ।
:ଶୋକସନ୍ତପ୍ତ:
ପତ୍ନୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଓ ପରିବାରବର୍ଗ।
ଧ-୧୭୬୨୫

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ମଙ୍ଗୁଳି ଚରଣ ସେଠୀ
ଆବିର୍ଭାବ: ୦୬।୦୮।୧୯୩୯
ତିରୋଧାନ: ୦୩।୦୭।୨୦୧୭
ପିତା ଧର୍ମଃ ପିତା ସ୍ୱର୍ଗଃ ପିତା ହିଁ ପରମଂ ତପଃ। ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବଦେବତାଃ।। ବାପା, ଠିକ ଆଜିକୁ ଚାରିବର୍ଷ ତଳେ ଏହି ତିଥିରେ ଆପଣ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ପରମଧାମକୁ ପ୍ରାପ୍ତ ହେଲେ କିନ୍ତୁ ଆଜି ବି ଆମ୍ଭେମାନେ ଆପଣଙ୍କ ଆଦର୍ଶ ଓ ସଂସ୍କାରକୁ ପାଥେୟ କରି ଅଗ୍ରସର ହେଉ, ସେହି ପରମ ଧାମରୁ ଆପଣ ଏତିକି ଆଶୀର୍ବାଦ କରନ୍ତୁ।
-:ଇତି ଆପଣଙ୍କର ଗୁଣମୁଗ୍ଧ:-
ପୁତ୍ର-ପୁତ୍ରବଧୂ: ବାବୁ-କୁନି, ବୁଲୁ-ସୁଇଟି, ମୁନା-ମିତାଲି, କନ୍ୟା-ଜ୍ୱାଇଁ: ଜୟନ୍ତୀ-ରତ୍ନାକର, ମଞ୍ଜୁ-ଲକ୍ଷ୍ମଣ, ସଞ୍ଜୁ-ସୁଦର୍ଶନ, ଇତି-ପ୍ରଶାନ୍ତ, ନାତି-ନାତୁଣୀ: ଜିପୁ, ବାପି, ଡୁଗୁ, ଶୁଭମ୍, ଚନ୍ଦୁ, ଶାନ୍, ଅଂଶୁଲ୍, ମିତୁଲ୍, ଅଭିକ୍, ଲିଜା, ରୋଜି, ଗୁଡ୍ଡି ଓ ମାନ୍ୟା ।
ଧ-୬୮୬୯୬

**In Loving Memory**



Late S.V.R. Murty Patnaik
(01.07.1940-16.01.2020)
A beloved husband, father and grand father. A leading advocate and president of AISKA.
"Your life was a blessing, your memory a treasure. You are loved beyond words and missed beyond measure."
Jay Jagannath.
From S.Sitalakshmi (Wife), Children and Grand Children.
9437261744
D-17638

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## କୋଳିଅଠା ପଞ୍ଚାୟତ ୪୮ ଘଣ୍ଟା ଶଟ୍‌ଡାଉନ

**ମାହାଙ୍ଗା,(ସ୍ୱ.ପ୍ର.):** ଗୋଷ୍ଠୀ ସଂକ୍ରମଣ ଆଶଙ୍କା ନେଇ ମାହାଙ୍ଗା ବ୍ଲକ ଅନ୍ତର୍ଗତ କୋଳିଅଠା ପଞ୍ଚାୟତକୁ ସରପଞ୍ଚ ଭବାନୀଶଙ୍କର ସାମଲ ୪୮ ଘଣ୍ଟା ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ବୁଧବାର ଓ ଗୁରୁବାର ୨ ଦିନ ଏହା ବଳବତ୍ତର ରହିବ ବୋଲି ବିଡିଓ ନୀହାର ରଞ୍ଜନ ମଳିକ ସୂଚନା ଦେଇଛନ୍ତି। ଏହି ପଞ୍ଚାୟତର ଜଣେ ବ୍ୟକ୍ତିଙ୍କ ଭିଣୋଇ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ସ୍ତ୍ରୀ ମଧ୍ୟ ସଂକ୍ରମିତ ହୋଇଛନ୍ତି। କୋଳିଅଠାର କେତେଜଣ ବ୍ୟକ୍ତି ତାଙ୍କ ସଂସ୍ପର୍ଶରେ ଆସିଥିବାରୁ ସରପଞ୍ଚ ସାମଲ ଶଟ୍‌ଡାଉନ ଘୋଷଣା କରିଛନ୍ତି।

# ରାସ୍ତାରେ ଧାନବସ୍ତା ରଖି ଆନ୍ଦୋଳନ

ନିମାପଡ଼ା,୩୦।୬(ଡି.ଏନ୍.ଏ)



ଧାନବସ୍ତା ରଖି ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି।



ଆନ୍ଦୋଳନ ସମୟରେ ଏକ ଆମ୍ବୁଲାନ୍ସ ଫସିରହିଛି।

- ଧାନ କିଣା ନ ଯିବାରୁ ଚାଷୀଙ୍କ ପ୍ରତିବାଦ
- ମଝିରେ ଫସିଲା ଆମ୍ବୁଲାନ୍ସ

ନିମାପଡ଼ା ବ୍ଲକ ଅନ୍ତର୍ଗତ ଓହଳ ସେବା ସମବାୟ ସମିତି ଅଧୀନ ସଲଙ୍ଗ, ଇଣ୍ଡୋଳ,ଉଷ୍ଟି ଗ୍ରାମର ଶତାଧିକ ଟୋକନ ପ୍ରାପ୍ତ ଚାଷୀମାନଙ୍କଠାରୁ ଉକ୍ତ ସମିତି ଧାନ କ୍ରୟ କରି ନ ପାରି ଟାଳଟୁଳ ନୀତି କରୁଥିବାରୁ ଚାଷୀମାନେ ହଟହଟା ହେଉଛନ୍ତି। ଏହାର ପ୍ରତିବାଦରେ ୫୦ଜଣ ଚାଷୀ ମଙ୍ଗଳବାର ଦୋଳବେଦି ଛକର ମୁଖ୍ୟରାସ୍ତାରେ ଧାନବସ୍ତା ରଖି ଆନ୍ଦୋଳନ କରିଥିଲେ। ମଧ୍ୟାହ୍ନ ୧୨ଟାରୁ ସାଢ଼େ ୨ଟା ପର୍ଯ୍ୟନ୍ତ ହେଉଥିବା ଟାଣ ଖରାରେ ଚାଷୀମାନେ ସେଭଳି ରାସ୍ତାରେ ବସି ରହିଥିଲେ। ଖବରପାଇ ତହସିଲଦାର ଚନ୍ଦ୍ରକାନ୍ତି ମଲ୍ଲିକ, ପୋଲିସ ଏସ୍‌ଡିପିଓ ପ୍ରଦୀପ ଦଳେଇ, ପୁରୀ ସମବାୟ ସମୂହର ଉପସହକାରୀ ନିବନ୍ଧକ ସନାତନ ବେହେରା, ନିମାପଡ଼ା ବ୍ଲକ ଯୋଗାଣ ନିରୀକ୍ଷକ ଶିବାଶିଷ ଜେନା ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ରାତି ସୁଦ୍ଧା ଓହଳ ଓ ଧଳେଶ୍ୱର ସେବା ସମବାୟ ସମିତିର ଟୋକନ ପ୍ରାପ୍ତ ଚାଷୀମାନଙ୍କଠାରୁ ଧାନକ୍ରୟ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଚାଷୀନେତା ବିଦ୍ୟାଧର ଜେନା, ଗୁରୁପ୍ରସାଦ ଜେନା, ରମେଶ ନାୟକ, ଧନେଶ୍ୱର ବରାଳ, ଗୋଲେଖ ନାୟକ, ଗୌରାଙ୍ଗ ନାୟକ, ବୈରାଗୀ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଏହି ଆନ୍ଦୋଳନ ଯୋଗୁ ଉଭୟପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଯିବାରୁ ଯାତାୟାତରେ ବାଧାପ୍ରାପ୍ତ ହୋଇଥିଲା। ଏପରି କି ରାସ୍ତାଜାମ୍ ଯୋଗୁ ରୋଗୀଙ୍କୁ ନେଇ ଯାଉଥିବା ୨ଟି ଆମ୍ବୁଲାନ୍ସ ମଧ୍ୟ ଫସିଯାଇଥିଲା। ପରେ ପୋଲିସ ସହାୟତାରେ ଆମ୍ବୁଲାନ୍ସଟି ବାହାରିପାରିଥିଲା। ଏହି ଆନ୍ଦୋଳନରେ ଧଳେଶ୍ୱର ସେବା ସମବାୟ ସମିତିର କେତେଜଣ ଚାଷୀ ସାମିଲ ଥିଲେ। ସୂଚନାଯୋଗ୍ୟ, ଗତ ୧୫ଦିନରୁ ଊର୍ଦ୍ଧ୍ୱ ହେବ ଓହଳ ସମିତିକୁ ଚାଷୀମାନେ ଧାନ କ୍ରୟ ପାଇଁ ଆଣୁଥିବାବେଳେ ଅନଲାଇନରେ ଟୋକେନ ଆସୁ ନ ଥିବା କହି ଫେରାଇ ଦେଉଥିଲେ। ଏଭଳି ବାରମ୍ବାର ହେବାରୁ ଚାଷୀମାନେ ଉତ୍ତ୍ୟକ୍ତ ହୋଇ ରାଜରାସ୍ତାକୁ ଓହ୍ଲାଇଛନ୍ତି।

## ସଂକ୍ଷେପରେ

### ସାଂଘାତିକ ହେଉଛି କଟକ ସ୍ଥିତି: ୩୯ ଚିହ୍ନଟ

**କଟକ ଅଫିସ,୩୦।୬:** କଟକ ଜିଲାରେ କରୋନା ସ୍ଥିତି ସାଂଘାତିକ ହେବାରେ ଲାଗିଛି। ସ୍ଥାନୀୟ ଆକ୍ରାନ୍ତ ଏବଂ କରୋନା ମୁକାବିଲାରେ ନିୟୋଜିତ କର୍ମଚାରୀମାନେ ଅଧିକ ମାତ୍ରାରେ ଆକ୍ରାନ୍ତ ହେଉଛନ୍ତି। ମଙ୍ଗଳବାର ଜିଲାରେ ୩୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିରୁ ବଡ଼ମ୍ବାରେ ସର୍ବାଧିକ ୧୭ଜଣ ରହିଛନ୍ତି। ସେହିଭଳି ନିଶ୍ଚିନ୍ତକୋଇଲିରେ ୯ ଜଣ, କଟକ ମହାନଗରରେ ୮ ଜଣ, କଣ୍ଟପଡ଼ା ଏବଂ ନିଆଳିରେ ଦୁଇ ଜଣ ଲେଖାଏ ଚିହ୍ନଟ ହୋଇଛନ୍ତି। ଏନ୍‌ଡିଆର୍‌ଏଫ୍‌ର ଜଣେ ଯବାନ କରୋନାରେ ଆକ୍ରାନ୍ତ ହୋଇଛନ୍ତି। କଟକ ସହରରୁ ଚିହ୍ନଟ ଆକ୍ରାନ୍ତମାନେ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନ ଏବଂ ଏସ୍‌ସିବି ମେଡିକାଲ୍‌ର କର୍ମଚାରୀ ବୋଲି ସୂଚନା ମିଳିଛି। ସେହିଭଳି କଣ୍ଟପଡ଼ାରେ ଆକ୍ରାନ୍ତଙ୍କ ମଧ୍ୟରେ ରହିଛନ୍ତି ଏଏନ୍‌ଏମ୍ କର୍ମଚାରୀ। ଅପରପକ୍ଷେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୬୧୪ରେ ପହଞ୍ଚିଛି। ସେଥିରୁ ୧୫୬ ଜଣ ଚିକିତ୍ସାଧୀନ ରହିଥିବା ବେଳେ ୪୫୩ ଜଣ ସୁସ୍ଥ ହୋଇଛନ୍ତି।

### ମହିଳାଙ୍କ ବେକରୁ ଝାମ୍ପିନେଲେ ସୁନାଚେନ୍

**ଭୁବନେଶ୍ୱର, ୩୦।୬(ବ୍ୟୁରୋ):** ଲକ୍‌ଡାଉନ୍ ପରେ ରାଜଧାନୀରେ ଚୋରି ଓ ଲୁଟ୍‌ପାଟ୍ ବଢ଼ିବାରେ ଲାଗିଛି। ଅଧିକାଂଶ ଘଟଣାରେ ପୋଲିସ କେବଳ ମାମଲା ରୁଜୁ କରି ଚୁପ୍ ବସିଛି। ମଙ୍ଗଳବାର ନୟାପଲ୍ଲୀ ଥାନା ନିକଟରୁ ଜଣେ ମହିଳା ବ୍ୟାଙ୍କ୍ କର୍ମଚାରୀଙ୍କ ସୁନାଚେନ୍ ଲୁଟ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଆଇଆର୍‌ସି ଭିଲେଜ ପ୍ଲଟ ନଂ- ଏନ୍‌୫/୩୫ରେ ରହୁଥିବା ଏଲିନା ପାଟ୍ଟଜୋଷୀ। ଏ ନେଇ ଏଲିନାଙ୍କ ଅଭିଯୋଗ ଭିତ୍ତିରେ ପୋଲିସ କେସ୍ ନଂ- ୨୩୩/୨୦ ରୁଜୁ କରି ତଦନ୍ତ ଜାରି ରଖିଛି। ସବୁଦିନ ଏଲିନା ଆଇଆର୍‌ସି ଭିଲେଜସ୍ଥିତ ଘରୁ ଚାଲିଚାଲି ନୟାପଲ୍ଲୀ ବସ୍‌ଷ୍ଟାଣ୍ଡକୁ ଆସନ୍ତି। ସେଠାରୁ ସେ ବସ୍‌ରେ ଅଫିସ ଯାଆନ୍ତି। ମଙ୍ଗଳବାର ପୂର୍ବାହ୍ନ ୮.୪୫ରେ ଏଲିନା ଆଇ.ଡି. ମାର୍କେଟ ଦେଇ ଚାଲିଚାଲି ବସ୍‌ଷ୍ଟାଣ୍ଡ ଯାଉଥିଲେ। ଦୁଇଜଣ ଲୁଟେରା ମୁହଁରେ ମାସ୍କ ପିନ୍ଧି ଏକ ବାଇକ୍‌ରେ ଆସି ହଠାତ୍ ଥାନା ପାଖରେ ଏଲିନାଙ୍କ ବେକରୁ ସୁନାଚେନ୍ ଝାମ୍ପି ଚମ୍ପଟ ମାରିଥିଲେ। ଏଲିନାଙ୍କ ଚିତ୍କାର ଶୁଣି ଲୋକେ ଲୁଟେରାଙ୍କୁ ଗୋଡ଼ାଇଥିଲେ। ମାତ୍ର ସେମାନେ ଜାତୀୟ ରାଜପଥ ଦେଇ ଜୟଦେବ ବିହାର ଅଭିମୁଖେ ଫେରାର ହୋଇଯାଇଥିଲେ। ଲକ୍‌ଡାଉନ ସମୟରେ ରାଜଧାନୀରେ ୫୦ରୁ ଊର୍ଦ୍ଧ୍ୱ ଲୁଟ ଘଟିଲାଣି।

### ନାବାଳିକାଙ୍କୁ ଦୁର୍ବ୍ୟବହାର

**ଡେଲାଙ୍ଗ,୩୦।୬(ଡି.ଏନ୍.ଏ.):** ଡେଲାଙ୍ଗ ଥାନା ଅଞ୍ଚଳର ଜଣେ ୪ବର୍ଷର ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ପୋଲିସ ଜଣେ ନାବାଳକଙ୍କୁ ବ୍ରହ୍ମପୁର ଜୁଭେନାଇଲ କାରାଗାରକୁ ପଠାଇ ଦିଆଯାଇଥିବା ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ କହିଛନ୍ତି। ସୂଚନା ଅନୁଯାୟୀ, ନାବାଳିକା ଜଣକ ଦାଣ୍ଡରେ ଖେଳୁଥିବା ବେଳେ ଉକ୍ତ ଗ୍ରାମର ଜଣେ ୧୭ବର୍ଷର ନାବାଳକ ଚକଲେଟ ଦେବା ବାହାନାରେ ତାଙ୍କୁ ଘରକୁ ଡାକିନେଇ ଦୁର୍ବ୍ୟବହାର ପଦର୍ଶନ କରିଥିଲେ। ପରିବାର ଲୋକଙ୍କୁ ଦେଖି ସମ୍ପୃକ୍ତ ନାବାଳକ ସେଠାରୁ ଚମ୍ପଟ ମାରିଥିଲେ। ଏ ନେଇ ନବାଳିକାଙ୍କ ମା' ଗତ ୩ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ପୋକ୍ସୋ ଆକ୍ଟରେ ମାମାଲା(ନଂ. ୭୬/୨୦) ରୁଜୁ କରି ତଦନ୍ତ ଜାରି ରଖିଥିଲା। ପରେ ପୋଲିସ ସମ୍ପୃକ୍ତ ନାବାଳକଙ୍କୁ ଭୁବନେଶ୍ୱରରୁ ଧରିଥିଲା।

### ଦୁର୍ଘଟଣାରେ ଯୁବକ ମୃତ

**ବାଲିପାଟଣା,୩୦।୬(ଡି.ଏନ୍.ଏ.):** ବାଲିପାଟଣା ଥାନା ଅନ୍ତର୍ଗତ ବନ୍ଧସାହି ଗ୍ରାମର ମଙ୍ଗୁଳି ଭୋଇ(୨୫)ଙ୍କର ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ରାତି ପ୍ରାୟ ୯ଟାରେ ମଙ୍ଗୁଳି ହଂସପାଳ ନିମପଡା କେନାଲ ବନ୍ଧମୁଣ୍ଡା ସାହିକୁ ଯିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଖବରପାଇ ପରିବାରଲୋକେ ତାଙ୍କୁ ପ୍ରଥମେ ଅଡ଼ଶପୁର ଡାକ୍ତରଖାନା ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗୁଳିଙ୍କ ମୃତ୍ୟୁ ହୋଇଥିବା ଥାନା ଅଧିକାରୀ ରାଧାକାନ୍ତ ସାହୁ କହିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

# ଯେଉଁ ଜିଲାରେ ଆକ୍ରାନ୍ତ ବଢୁଛନ୍ତି, ଶଟ୍‌ଡାଉନ କରାଯାଉ

ଭୁବନେଶ୍ୱର,୩୦।୬(ବ୍ୟୁରୋ)

**ମୁଖ୍ୟମନ୍ତ୍ରୀଙ୍କୁ ନିରଞ୍ଜନଙ୍କ ପ୍ରସ୍ତାବ**

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ସମୟରେ ରାଜ୍ୟ ସରକାରଙ୍କୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ନୂଆ ପ୍ରସ୍ତାବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଙ୍ଗଳବାର ଚିଠି ଲେଖି ଦେଇଛନ୍ତି। ନିରଞ୍ଜନ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, କିଛିଦିନ ତଳେ ଓଡ଼ିଶାରେ କରୋନା କେବଳ ପ୍ରବାସୀଙ୍କ ମଧ୍ୟରେ ସୀମିତ ଥିଲା। ଏବେ ଦେଖାଗଲାଣି ଏହା ଗୋଷ୍ଠୀ ସଂକ୍ରମଣ ଆଡ଼କୁ ଗତି କରୁଛି। ଗୋଷ୍ଠୀ ସଂକ୍ରମଣ ଥରେ ଆରମ୍ଭ ହୋଇଗଲେ ଏହାକୁ ରୋକିବା ବହୁତ କଷ୍ଟ। ଆଗକୁ ଏହା ଭୟାବହ ପରିସ୍ଥିତି ସୃଷ୍ଟି କରିବ। ତେଣୁ ଯେଉଁସବୁ ସ୍ଥାନରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି ସେଠାରେ ବା ଉକ୍ତ ଜିଲାକୁ ସରକାର ସମ୍ପୂର୍ଣ୍ଣ ଲକ୍‌ଡାଉନ ବା ଶଟ୍‌ଡାଉନ ଘୋଷଣା କରନ୍ତୁ। ଏହାଦ୍ୱାରା ଠିକ୍ ଭାବେ ଆକ୍ରାନ୍ତଙ୍କ କଣ୍ଟାକ୍ଟ ଟ୍ରେସିଂ ସହିତ ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରି ଏହି ଚେନ୍ ବ୍ୟବସ୍ଥାକୁ ଅଟକାଯାଇପାରିବ। ରାଜ୍ୟରେ ବର୍ତ୍ତମାନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭୦୫୬ରେ ପହଞ୍ଚିଛି। ସେଥିମଧ୍ୟରୁ ୪୯୯୬ଜଣ ସୁସ୍ଥ ହୋଇସାରିଥିବା ବେଳେ ୨୦୮୭ଜଣ ଚିକିତ୍ସିତ ହେଉଛନ୍ତି। ଏହାସହ କରୋନାରେ ଆକ୍ରାନ୍ତ ହୋଇ ୨୫ଜଣଙ୍କ ମୃତ୍ୟୁ ହୋଇସାରିଛି।

# କ୍ୟାନ୍‌ସର ହସ୍ପିଟାଲରେ ପଡ଼ିରହିଛି ନିରାଶ୍ରୟଙ୍କ ମୃତଦେହ

କଟକ ଅଫିସ,୩୦।୬

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ ମଙ୍ଗଳବାର ସକାଳୁ ପଡ଼ିରହିଛି ଜଣେ ନିରାଶ୍ରୟଙ୍କ ମୃତଦେହ। ତାଙ୍କ ପରିଚୟ ମିଳିପାରି ନାହିଁ। ବ୍ୟକ୍ତି ଜଣକ କାଜୁଆଲିଟିରେ ସକାଳୁ ମରିଥିଲେ ସୁଦ୍ଧା ବିଳମ୍ବିତ ରାତି ଯାଏ ମୃତଦେହ ଉଠିନାହିଁ। ସେହି ସ୍ଥାନରେ ଆଉ ୧୦ ଜଣ ରୋଗୀଙ୍କ ଚିକିତ୍ସା ମଧ୍ୟ କରାଯାଉଛି। ମୃତଦେହକୁ ଦେଖି ଅନ୍ୟ ରୋଗୀ ହତୋତ୍ସାହିତ ଓ ବିରକ୍ତ ହୋଇଛନ୍ତି। ଏତେ ସମୟ ମୃତଦେହ ପଡ଼ି ରହିବାର କାରଣ ଏବେ ବି ଅସ୍ପଷ୍ଟ ରହିଛି। କୋଭିଡ୍ ଟେଷ୍ଟ କିମ୍ବା ରିପୋର୍ଟକୁ ଅପେକ୍ଷା କରାଯାଉଥିଲେ, ମୃତଦେହକୁ ସ୍ଥାନାନ୍ତର କାହିଁକି କରାଯାଉନାହିଁ ବୋଲି ଅନେକ ରୋଗୀ ଓ ସମ୍ପର୍କୀୟ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ରୋଗୀଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି ଯେ, କରୋନା ଆତଙ୍କ ପରଠାରୁ କାଜୁଆଲିଟିରେ ଡାକ୍ତରଙ୍କ ଦେଖା ବି ଖୁବ୍ କମ୍ ମିଳୁଛି। ଫଳରେ ରୋଗୀସେବା ମଧ୍ୟ ପ୍ରଭାବିତ ହୋଇଛି।



ବାହୁଡ଼ାଯାତ୍ରା ପାଇଁ ପୁରୀରେ ମଙ୍ଗଳବାର ମନ୍ତ୍ରୀ ଏବଂ ଅନ୍ୟମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ୧୧୩୫ ଶିଳ୍ପୀଙ୍କ ପାଇଁ ପୁରସ୍କାର ଘୋଷଣା

ଭୁବନେଶ୍ୱର,୩୦।୬(ବ୍ୟୁରୋ)

କୋଭିଡ-୧୯ ସମ୍ପର୍କରେ ସକାରାତ୍ମକ ସଚେତନତା ସୃଷ୍ଟି କରିବାକୁ ଓଡ଼ିଶା ଲଳିତକଳା ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଅନ୍‌ଲାଇନ୍ ଚିତ୍ରକଳା ପ୍ରତିଯୋଗିତାର ପୁରସ୍କାର ଘୋଷଣା କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ମଙ୍ଗଳବାର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଏହି ପ୍ରତିଯୋଗିତାର ପୁରସ୍କାର ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। କନିଷ୍ଠ ବିଭାଗରୁ ୮୩୫ ଓ ବରିଷ୍ଠ ବିଭାଗରୁ ୩୦୦ ଜଣ ଚିତ୍ରଶିଳ୍ପୀଙ୍କୁ ପୁରସ୍କାର ପାଇଁ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ମନୋନୀତ କରାଯାଇଛି। ମନୋନୀତ କନିଷ୍ଠ ବର୍ଗରୁ ପ୍ରତ୍ୟେକଙ୍କୁ ୧ହଜାର ଟଙ୍କା ଏବଂ ବରିଷ୍ଠ ଶିଳ୍ପୀଙ୍କୁ ୫ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ଏହି ପୁରସ୍କାର ରାଶିକୁ ଅନ୍‌ଲାଇନ୍‌ରେ ଶିଳ୍ପୀଙ୍କ ଆକାଉଣ୍ଟକୁ ସିଧାସଳଖ ପଠାଯିବ। ଏହାବ୍ୟତୀତ ଏକାଡେମୀ ଦ୍ୱାରା ସହବନ୍ଧିତ ରାଜ୍ୟର ୧୦୦ଟି ଚିତ୍ରକଳା ଶିକ୍ଷାନୁଷ୍ଠାନର ନାମ ମନ୍ତ୍ରୀ ପାଣିଗ୍ରାହୀଙ୍କ ଦ୍ୱାରା ଘୋଷଣା କରାଯାଇଛି। ଏହି ଅନୁଷ୍ଠାନଗୁଡ଼ିକୁ ୧୦ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ଦିଆଯିବ। ସମ୍ପୂର୍ଣ୍ଣ ପ୍ରତିଯୋଗିତାକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିରପେକ୍ଷ ଭାବେ କରାଯାଇଥିବା ମନ୍ତ୍ରୀ କହିଛନ୍ତି। ତେବେ କେତେକ ନିର୍ବାଚିତ ଚିତ୍ରକୁ ଏକ କାଟ୍‌ଲଗ୍ ଭାବେ ଉପସ୍ଥାପିତ କରାଯାଇଛି। ଲକ୍‌ଡାଉନ୍ ସମୟରେ ଏଭଳି କାର୍ଯ୍ୟକ୍ରମ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି ମନ୍ତ୍ରୀ ପାଣିଗ୍ରାହୀ କହିଛନ୍ତି। କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକ, ଏକାଡେମୀ ସଭାପତି ସୁଦର୍ଶନ ପଟ୍ଟନାୟକ, ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ, ଓଏସ୍‌ଡି ମନସ୍ୱିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ସିବି ନିରାପତ୍ତାରକ୍ଷୀଙ୍କ ସ୍ତ୍ରୀ କରୋନା ଆକ୍ରାନ୍ତ

କଟକ ଅଫିସ,୩୦।୬

ଏସ୍‌ସିବି ମେଡିସିନ ବିଭାଗରୁ ଜଣେ ନିରାପତ୍ତାରକ୍ଷୀ କରୋନା ଆକ୍ରାନ୍ତ ଥିବା ସୋମବାର ଜଣାପଡ଼ିଥିଲା। ଏହାର ଠିକ୍ ଗୋଟିଏ ଦିନ ପରେ ତାଙ୍କ ସ୍ତ୍ରୀଙ୍କ ରିପୋର୍ଟ ମଧ୍ୟ ପଜିଟିଭ ଆସିଥିବା ଜଣାପଡ଼ିଛି। ସେ ମଧ୍ୟ ଏସ୍‌ସିବି ସ୍ନାତକୋତ୍ତର ଛାତ୍ରାବାସରେ ସୁଇପର ଭାବେ କାମ କରନ୍ତି। ସେହିପରି ଏସ୍‌ସିବି ଆଇସୋଲେଶନ ୱାର୍ଡରୁ ମଙ୍ଗଳବାର ଆଉ ଜଣେ ଏନ୍‌ଡିଆରଏଫ୍ ଯବାନଙ୍କ ରିପୋର୍ଟ ପଜିଟିଭ ଆସିଛି। ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରୁ ପଠାଯାଇଥିବା ସମସ୍ତ ନମୁନା ମଧ୍ୟରୁ କେବଳ ୭୨ ଜଣଙ୍କ ରିପୋର୍ଟ ଆସିଛି ଓ ଏହି ସବୁ ରିପୋର୍ଟ ନେଗେଟିଭ ବାହାରିଥିବା ସୂଚନା ମିଳିଛି।

# ଅନ୍ୟତ୍ର ବିବାହ ଉଦ୍ୟମ ବେଳେ ପ୍ରେମିକା ନିର୍ବନ୍ଧ ଭାଙ୍ଗିଲେ

ଭୁବନେଶ୍ୱର,୩୦।୬(ବ୍ୟୁରୋ)

**ପ୍ରତାରକ ପ୍ରେମିକ ଗିରଫ**

ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି।ସେ ହେଲେ ଖୋର୍ଦ୍ଧା ଗୋଡ଼ିସାହିର ମିହିର ପ୍ରସାଦ ବାରିକ। ଏ ନେଇ ପୋଲିସ କେସ୍ ନଂ-୨୩୧/୨୦ ଆଇପିସି ଦଫା ୪୧୭,୪୯୩,୨୯୪,୩୧୩,୫୦୬ ରୁଜୁ କରିଛି। ସୂଚନା ଅନୁଯାୟୀ, ସାଲେପୁର ଅଞ୍ଚଳର ଯୁବତୀ ଜଣଙ୍କ ରାଜଧାନୀରେ ଜଣେ ବ୍ୟକ୍ତିଙ୍କ ଘରେ ରହି ନର୍ସ ଭାବେ କାର୍ଯ୍ୟ କରନ୍ତି। ଅଭିଯୁକ୍ତ ମିହିର ନୟାପଲୀରେ ଏକ ସେଲୁନ କରିଛନ୍ତି। ଜଣେ ମଧ୍ୟସ୍ଥଙ୍କ ଦ୍ୱାରା ତାଙ୍କ ବାହାଘର ପାଇଁ ଅଭିଯୋଗକାରୀ ଯୁବତୀଙ୍କ ବଡ଼ ଭଉଣୀଙ୍କ ସହ ଠିକ୍ ହୋଇଥିଲା। ହେଲେ ମିହିର ତାଙ୍କ ସାନ ଭଉଣୀଙ୍କୁ ଦେଖି ପସନ୍ଦ କରିଥିଲେ। ଏପରିକି ଫୋନ୍ ନମ୍ବର ନେଇ କଥା ହେବା ସହ ହୋଟେଲ ଯାଇ ରହୁଥିଲେ। ଶେଷରେ ମିହିର ତାଙ୍କୁ ବାହାଘରର ପ୍ରତିଶ୍ରୁତି ଦେଇ ନୟାପଲ୍ଲୀସ୍ଥିତ ଘରେ ରଖିଥିଲେ। କିଛି ଦିନ ରହିବା ପରେ ମିହିର ତାଙ୍କୁ ଛାଡି ଦେଇଥିଲେ। ମିହିରଙ୍କ ଘର ଲୋକେ ଅନ୍ୟ ଜଣେ ଯୁବତୀଙ୍କ ସହ ବିବାହ ପାଇଁ ନିର୍ବନ୍ଧ କରିଥିଲେ। ଅଭିଯୋଗକାରୀ ଯୁବତୀ ଏହା ଜାଣିବା ପରେ ବିବାହ ଠିକ୍ ହୋଇଥିବା ଯୁବତୀଙ୍କ ଘରକୁ ଯାଇ ସବୁ କଥା କହିବା ପରେ ବିବାହ ଭାଙ୍ଗି ଯାଇଥିଲା। ଏହାପରେ ଯୁବତୀ ଜଣଙ୍କ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ବଳାତ୍କାର ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୩୦।୬(ବ୍ୟୁରୋ):** ଖଣ୍ଡଗିରି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ଗତ ୨୫ ତାରିଖରେ ଅଭିଯୋଗ ହୋଇଥିଲା। ପୋଲିସ କେସ୍ ନଂ-୩୫୫/୨୦ ରୁଜୁ କରିଥିଲା। ମଙ୍ଗଳବାର ରାଜମହଲ ନିକଟରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ସଞ୍ଜୟ ମାଳି। ପୋଲିସ ଡାକ୍ତରୀ ମାଇନା କରିବା ପରେ କୋର୍ଟ ଚାଲାଣ କରିଛି।

# ସପ୍ତାହାନ୍ତ ଶଟ୍‌ଡାଉନରୁ ମୁକୁଳିଲା ପୁରୀ

**ପୁରୀ ଅଫିସ,୩୦।୬:** ପୁରୀ ଜିଲାରେ କରୋନା ପଜିଟିଭ ସଂଖ୍ୟା ବୃଦ୍ଧି ପାଉଥିବାରୁ ପୁରୀକୁ ସପ୍ତାହାନ୍ତ ଶଟ୍‌ଡାଉନ ତାଲିକାଭୁକ୍ତ ଜିଲାରେ ରଖାଯାଇଥିଲା। ମାତ୍ର ଅନ୍‌ଲକ୍-୨ ପରେ ରାଜ୍ୟ ସରକାର ନୂତନ ଗାଇଡ୍‌ଲାଇନ ପ୍ରସ୍ତୁତ କରିଛନ୍ତି। ୫୦ରୁ ଊର୍ଦ୍ଧ୍ୱ ପଜିଟିଭ ଆକ୍ଟିଭ ଥିବା ଜିଲାରେ ପୁନଶ୍ଚ ଜୁଲାଇରେ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିବ ବୋଲି ଘୋଷଣା କରାଯାଇଛି। ଏହି ତାଲିକାରେ ୧୦ଟି ଜିଲା ରହିଥିଲେ ମଧ୍ୟ ପୁରୀ ଏଥିରୁ ମୁକୁଳିଯାଇଛି। ମଙ୍ଗଳବାର ପୁରୀ ଜିଲାରୁ ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି।

# କ୍ରେଡିଟ୍ କାର୍ଡ ପିନ୍ ଜେନେରେଟ ଆଳରେ ଲୁଟିନେଲେ ୩ଲକ୍ଷ

**ଭୁବନେଶ୍ୱର,୩୦।୬ (ବ୍ୟୁରୋ):** ରାଜଧାନୀରେ ବଢ଼ିଚାଲିଛି ସାଇବର ଠକେଇ। ସାଇବରଠକଙ୍କ ଅଭିନବ ଠକେଇର ଶିକାର ହେଉଛନ୍ତି ନୀରିହ ଜନସାଧାରଣ। ନିକଟରେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା ଭାଗ୍ୟଧର ପୁଷ୍ପାଳକ ନାମକ ଜଣେ ବ୍ୟକ୍ତି ସାଇବର ଠକେଇର ଶିକାର ହୋଇଛନ୍ତି। ଠକ ଜଣକ କ୍ରେଡିଟ୍ କାର୍ଡ ପିନ୍ ଜେନେରେଟ୍ କରିବା ଆଳରେ ଭାଗ୍ୟଧରଙ୍କ ଆକାଉଣ୍ଟରୁ ୩ଲକ୍ଷ ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ଏନେଇ ଭାଗ୍ୟଧର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ହେଲେ ଅଭିଯୁକ୍ତଙ୍କ କୌଣସି ଟେର୍ ପାଇ ପାରି ନାହିଁ।

# ଆଜିଠୁ ଅଧ୍ୟାପକଙ୍କ ତାଲିମ

ଭୁବନେଶ୍ୱର, ୩୦।୬(ବ୍ୟୁରୋ)

ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଯେପରି ବ୍ୟାଘାତ ନ ହୁଏ ସେଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଛାତ୍ରୀଛାତ୍ରଙ୍କୁ ଭିଡିଓ ରେକର୍ଡିଂ ମାଧ୍ୟମରେ ଶିକ୍ଷାଦାନ ବ୍ୟବସ୍ଥା କରାଯାଉଛି ବୋଲି ମଙ୍ଗଳବାର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବୃନ୍ଦାବନ ବେହେରା କହିଛନ୍ତି। ବିଜ୍ଞାନ ବିଭାଗର ଗଣିତ, ଫିଜିକ୍ସ, କେମିଷ୍ଟ୍ରି, ବାୟୋଲୋଜି ଓ ବାଣିଜ୍ୟ ବିଭାଗର ଆକାଉଣ୍ଟାନ୍ସି, ବିଜ୍‌ନେସ୍ ମାଥିମେଟିକ୍ସ ଆଦି ବିଷୟକୁ ଭିଡିଓ ରେକର୍ଡିଂ କରାଯିବ। ଶିକ୍ଷକଙ୍କ ଦ୍ୱାରା ଏସବୁ ବିଷୟର ଭିଡିଓ ରେକର୍ଡିଂ ହେବ। ଭିଡିଓ ରେକର୍ଡିଂ ପରେ ଦୀକ୍ଷା, ସାମ୍ପ ଭଳି ବିଭିନ୍ନ ଶିକ୍ଷା ସଂଯୋଗ ପୋର୍ଟାଲରେ ଅପ୍‌ଲୋଡ୍ କରାଯିବ। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟତଃ କଟକ ଓ ଭୁବନେଶ୍ୱର ଦକ୍ଷ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ନେଇ ସୁଟିଂ କରାଯିବ। ତେବେ ଏହି ଭିଡିଓ ଶୁଟିଂ ପୂର୍ବରୁ ଅଧ୍ୟାପକଙ୍କୁ ଦୁଇଦିନିଆ ତାଲିମ ଦିଆଯିବ। ଏହି ତାଲିମ ୧ ତାରିଖରୁ ଆରମ୍ଭ ହେବ ବୋଲି ନିର୍ଦ୍ଦେଶକ ବେହେରା ସୂଚନା ଦେଇଛନ୍ତି।

# ଧାନ ଟଙ୍କା ନେବାକୁ ଆସି ଆଙ୍ଗୁଠି କଟିଲା

**ବ୍ରହ୍ମଗିରି,୩୦।୬(ଡି.ଏନ.ଏ):** ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ପୁରୀ ନିମାପଡ଼ା ସମବାୟ ବ୍ୟାଙ୍କକୁ ମଙ୍ଗଳବାର ଜଣେ ଚାଷୀ ଧାନ ଟଙ୍କା ନେବା ପାଇଁ ଆସିଥିବାବେଳେ ଭିଡ଼ରେ ଧସ୍ତାଧସ୍ତି ହୋଇ ଆଙ୍ଗୁଠି କଟିଯାଇଛି। ମଙ୍ଗଳବାର ଧାନ ବିକ୍ରି ଟଙ୍କା ପାଇଁ ରଏବେଣା ନୂଆଗାଁର ସୁରେନ୍ଦ୍ର ଦଳାଇଙ୍କ ସମେତ ଶତାଧିକ ଚାଷୀ ଉକ୍ତ ବ୍ୟାଙ୍କ ସମ୍ମୁଖରେ ଏକଜୁଟ ହୋଇଥିଲେ। କିନ୍ତୁ ସକାଳ ୯ଟା ସୁଦ୍ଧା ମାତ୍ର ୧୦/୧୫ ଜଣ ଚାଷୀ ଉପସ୍ଥିତ ଥିବାବେଳେ ଟୋକନ ସଂଖ୍ୟା ୧୫୦ରେ ପହଞ୍ଚିଥିଲା। ଚାଷୀ ନ ଥାଇ ସେମାନଙ୍କର ଟୋକନ ନମ୍ବର କେମିତି ହୋଇଛି ବୋଲି ଚାଷୀମାନେ ଯୁକ୍ତି ବାଢ଼ିବା ସହ ହୋହଲ୍ଲା କରିଥିଲେ। ଚାଷୀଙ୍କ ମଧ୍ୟରେ ଧସ୍ତାଧସ୍ତି ଘଟିଥିଲା। ସୁରେନ୍ଦ୍ରଙ୍କ ବାମହାତର ଆଙ୍ଗୁଠିଟି ବ୍ୟାଙ୍କ ସମ୍ମୁଖରେ ଥିବା ଗ୍ରୀଲରେ ଲାଗି ଅଧା ଅଂଶ କଟିଯାଇଛି।

# କାନାରା ବ୍ୟାଙ୍କ ଶାଖାରେ ଅଗ୍ନିକାଣ୍ଡ

ମାହାଙ୍ଗା, ୩୦।୬(ସ୍ୱ.ପ୍ର.)

ମାହାଙ୍ଗା ଥାନା ଅନ୍ତର୍ଗତ ଉମରସ୍ଥିତ କାନାରା ବ୍ୟାଙ୍କ ଶାଖାରେ ମଙ୍ଗଳବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଯନ୍ତ୍ରାଂଶ ପୋଡ଼ିଯାଇଛି। ବ୍ୟାଙ୍କ ଶାଖା କାର୍ଯ୍ୟାଳୟରେ କାର୍ଯ୍ୟ ଚାଲିଥିବାବେଳେ ହଠାତ୍ ଶଟସର୍କିଟ ଯୋଗୁ ସର୍‌ଭର୍‌ରେ ନିଆଁ ଲାଗିଯାଇଥିଲା। ନିମିଷକ ମଧ୍ୟରେ ଏହା ପୋଡ଼ି ପାଉଁଶ ହୋଇ ଯାଇଥିଲା। ଖବରପାଇ ଘଟଣାସ୍ଥଳରେ କୁଆଁପାଳ ଓ ନିଶ୍ଚିନ୍ତକୋଇଲି ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ପରେ ବ୍ୟାଙ୍କର ସମସ୍ତ କାର୍ଯ୍ୟ ଠପ୍ ହୋଇଯାଇଛି।

# କାର ଆସେସୋରିଜ୍ ଦୋକାନରେ ଅଗ୍ନିକାଣ୍ଡ

**କଟକ ରୋଡ,୩୦।୬(ଡି.ଏନ୍.ଏ.):** ଲକ୍ଷ୍ମୀସାଗର ଥାନା ଝାରପଡ଼ା ଓଭରବ୍ରିଜ ଛକରେ ଥିବା ଏକ କାର ଆସେସୋରିଜ ଦୋକାନରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ପ୍ରାୟ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ଜଣାପଡ଼ିଛି। ରାତି ପ୍ରାୟ ସାଢେ ୭ଟାରେ ଉକ୍ତ ଦୋକାନ ବନ୍ଦ ଥିବା ବେଳେ ହଠାତ୍ ନିଆଁ ଲାଗିଯାଇଥିଲା। କଳ୍ପନା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଏସ୍‌ସିବି: ୩ ମାସରେ ୬୪ ହଜାର ଟେଷ୍ଟ

କଟକ ଅଫିସ,୩୦।୬

**୧୨୮୪ ରିପୋର୍ଟ ପଜିଟିଭ**

ଏସ୍‌ସିବିର ମାଇକ୍ରୋ ବାୟୋଲୋଜି ବିଭାଗ ଅଧୀନରେ ଗତ ମାର୍ଚ୍ଚ ୩୧ରେ କରୋନା ପରୀକ୍ଷା ଆରମ୍ଭ ହୋଇଥିଲା। ପ୍ରଥମ ଦିନ ଏଠାରେ ମାତ୍ର ୪ଟି ନମୁନା ପରୀକ୍ଷା କରାଯାଇଥିଲା। ସେହି ସମୟରେ ସରକାରଙ୍କ ପକ୍ଷରୁ ପରୀକ୍ଷା ପାଇଁ ଯଥେଷ୍ଟ ସଂଖ୍ୟାରେ ଆର୍‌ଟିପିସିଆର୍ ବା ପରୀକ୍ଷା କିଟ୍ ଯୋଗାଇ ଦିଆଯାଉ ନ ଥିଲା। ଫଳରେ ପ୍ରଥମ ମାସ (ଏପ୍ରିଲ)ରେ ସେତେ ଅଧିକ ସଂଖ୍ୟାର ନମୁନା ପରୀକ୍ଷା ହୋଇପାରି ନ ଥିଲା। ପରେ ଆଇସିଏମ୍‌ଆର ପର୍ଯ୍ୟାପ୍ତ ସଂଖ୍ୟାର କିଟ୍ ଯୋଗାଇବା ପରେ ପରୀକ୍ଷା ସଂଖ୍ୟା ବଢ଼ିଥିଲା। ବର୍ତ୍ତମାନ ଏହି ୩ ମାସରେ ଏଠାରେ ପ୍ରାୟ ୬୪ ହଜାର ନମୁନା ପରୀକ୍ଷା କରାଯାଇ ସାରିଛି। ସେହିପରି ପଜିଟିଭ ସଂଖ୍ୟା ୧୨୮୪ ଓ ଏହାର ହାର ମାତ୍ର ୨ ପ୍ରତିଶତ। ସମସ୍ତ ପରୀକ୍ଷା ପାଇଁ ଏସ୍‌ସିବିର ୩ଟି ଲ୍ୟାବ୍‌ରେ ପାଖାପାଖି ୪ଟି ଟିମ୍ କାମ କରୁଛି।

# ଆରମ୍ଭ ହେଲାନି ପାଇକ ବିଦ୍ରୋହ ସ୍ମାରକ ନିର୍ମାଣ

**ଭିତ୍ତିପ୍ରସ୍ତର ସ୍ଥାପନକୁ ୬ମାସ ବିତିଲା**

ଖୋର୍ଦ୍ଧା ଅଫିସ,୩୦।୬



ପଡ଼ିଆ ପଡ଼ିଛି ପ୍ରସ୍ତାବିତ ଜମି।

ଭାରତର ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧା ପାଇକ ବିଦ୍ରୋହର ସ୍ୱତନ୍ତ୍ର ସ୍ଥାନ ରହିଛି। ଏହାର ଦୁଇ ଶହ ବର୍ଷ ପୂର୍ତ୍ତି ଅବସରରେ ୨୦୧୯ ଡିସେମ୍ବର ୮ତାରିଖରେ ଖୋର୍ଦ୍ଧାର ବରୁଣେଇ ପାହାଡ଼ ପାଦଦେଶରେ ପାଇକ ବିଦ୍ରୋହ ସ୍ମାରକ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ଏହି ଭିତ୍ତିପ୍ରସ୍ତର ସ୍ଥାପନକୁ ୬ମାସ ବିତିଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ବର୍ତ୍ତମାନ ସୁଦ୍ଧା ଏହାର ସମ୍ପୂର୍ଣ୍ଣ ଜମି ଜବରଦଖଲ ମୁକ୍ତ କରାଯାଇନାହିଁ। ରାଜ୍ୟ ସରକାର ଓ ଜିଲା ପ୍ରଶାସନର ଅବହେଳା ଯୋଗୁ ଏହି କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଅନ୍ୟପଟେ ଜମିରେ ଗଛଲତା ଉଠି ବଣ ପାଲଟି ଗଲାଣି ବୋଲି ମଙ୍ଗଳବାର ନିୟୁ ଥିଙ୍କିଙ୍ଗ ଫୋରମ ପକ୍ଷରୁ ଗୀତା ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଆବାହକ ନରେନ୍ଦ୍ର ପୃଷ୍ଟି କହିଛନ୍ତି। ଏହାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଶୀତାଂଶୁ କୁମାର ରାଉତରାୟ କହିଛନ୍ତି, ପାଇକ ବିଦ୍ରୋହ ସ୍ମାରକ ଲାଗି ଡିପିଆର ପ୍ଲାନ ପ୍ରସ୍ତୁତ ଚାଲିଛି। ଏହା ଶେଷ ହେବା ପରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା କାର୍ଯ୍ୟ କରାଯିବ।

**ଏମାନେ କ'ଣ କୁହନ୍ତି**

“ପାଇକ ବିଦ୍ରୋହର ସ୍ମୃତି ସ୍ୱରୂପ କେନ୍ଦ୍ର ସରକାର ଡାକ ଟିକଟ ପ୍ରଚଳନ, ସ୍ମାରକ ମୁଦ୍ରା ପ୍ରଚଳନ, ସିବିଏସ୍‌ଇ ପାଠ୍ୟକ୍ରମରେ ପାଇକ ବିଦ୍ରୋହର ଐତିହାସିକ ପୃଷ୍ଠଭୂମିକୁ ସ୍ଥାନ ଦେଇ ଓଡ଼ିଆ ଜାତି ଓ ପାଇକ ବୀରଙ୍କ ଗୌରବ ବୃଦ୍ଧି କରିଛନ୍ତି। ଗୁଜରାଟ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ପରି ସମ୍ପୂର୍ଣ୍ଣ ଐତିହାସିକ ଆଧୁନିକ ଜ୍ଞାନକୌଶଳରେ ଏହାର ନିର୍ମାଣ କରାଯାଉ। ଏହି ସ୍ମାରକ ନିର୍ମାଣ ହେଲେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଏହାର ଗୌରବ ବୃଦ୍ଧି ପାଇବ। ଏହା ସହ ପର୍ଯ୍ୟଟକ ଓ ଯୁବପିଢ଼ିଙ୍କୁ ଆକୃଷ୍ଟ କରିପାରିବ। ଏହି ପାଇକ ସ୍ମାରକ ନିର୍ମାଣ ଦ୍ୱାରା ବରୁଣେଇ ପୀଠର ମାହାତ୍ମ୍ୟ ମଧ୍ୟ ବୃଦ୍ଧି ପାଇବ।

**- ଗୋପାଳ କୃଷ୍ଣ ଦାସ, ଐତିହ୍ୟ ଗବେଷକ**

“ପାଇକ ବିଦ୍ରୋହ ହେଉଛି ଭାରତର ମୁକ୍ତି ସଂଗ୍ରାମର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ। ଓଡ଼ିଆ ଜାତିର ଅସ୍ମିତା। ରାଷ୍ଟ୍ରପତିଙ୍କ ଦ୍ୱାରା ଶିଳାନ୍ୟାସ ସତ୍ତ୍ୱେ ଏହାର ନିର୍ମାଣ କାର୍ଯ୍ୟ ବିଳମ୍ବ ହେବା ନିନ୍ଦନୀୟ ଘଟଣା। ଜବରଦଖଲ ଜମି ଉଚ୍ଛେଦ କରାଯାଇ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ। ନଚେତ୍ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

**- ସୁରେଶ କୁମାର ରାଉତରାୟ, ଜଟଣୀ ବିଧାୟକ**

## ସୁନାମୁହିଁରେ ବ୍ୟାପିଲା କରୋନା

ନୟାଗଡ଼ ଅଫିସ/ଓଡଗାଁ,୨୯।୬(ସ୍ୱ.ପ୍ର.): ନୟାଗଡ଼ ଜିଲା ଓଡଗାଁ ବ୍ଲକ ସୁନାମୁହିଁ ସଙ୍ଗରୋଧ କେନ୍ଦ୍ରରୁ ମଙ୍ଗଳବାର ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ହୋଇଥିବା ମହିଳା ପ୍ରବାସୀଙ୍କ ବୟସ ୩୧ ଓ ଘର କୁରାଳ ଅଞ୍ଚଳରେ। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୪୮ରେ ପହଞ୍ଚିଥିବାବେଳେ ୧୩୧ ସୁସ୍ଥ ହୋଇଥିବା ସିଡିଏମ୍ଓ ସୁଧାଂଶୁ ଶେଖର ଷଡଙ୍ଗୀ ସୂଚନା ଦେଇଛନ୍ତି। ମଙ୍ଗଳବାର ପୁଣି ସୁନାମୁହିଁ ଓ କୁରାଳ ଅଞ୍ଚଳରୁ ୧୪ ଜଣଙ୍କ ସ୍ୱାବ୍ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିଥିବା ଜଣାପଡିଛି। ହେଲେ ପ୍ରଶାସନିକ ଅଧିକାରୀ କିଛି ନ କହି ବୁଧବାର ଏ ନେଇ ଘୋଷଣା କରାଯିବ ବୋଲି ସୂଚନା ଦେଇଛନ୍ତି। ଏହାକୁ ନେଇ ଓଡଗାଁ ବ୍ଲକ ଅଞ୍ଚଳରେ ଭୟ ବଢ଼ିଛି।

## ସଂକ୍ଷେପରେ

### ପୁନଃ ଅବସ୍ଥାପିତ ହେଲେ ନିଲମ୍ବିତ ସିଆର୍‌ସିସି

ବନ୍ତ,୩୦।୬(ଡି.ଏନ୍.ଏ./ସ୍ୱ.ପ୍ର.): ଭଦ୍ରକ ଜିଲା ବନ୍ତ ବ୍ଲକ ଆଡ଼ିଆ ଆଞ୍ଚଳିକ ସାଧନ କେନ୍ଦ୍ରର ନିଲମ୍ବିତ ସିଆର୍‌ସିସି ବନମାଳୀ ନାୟକଙ୍କୁ ମଙ୍ଗଳବାର ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଜେନା ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କ ସେବାରେ ପୁନଃ ଅବସ୍ଥାପିତ କରିଛନ୍ତି। ନିଜ ସ୍ଥାନରେ ପୂର୍ବଭଳି ଦାୟିତ୍ୱ ସମ୍ପାଦନ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକ ଶିକ୍ଷାଧିକାରୀଙ୍କ ଚିଠି ନଂ.୧୧୯୦/୨୦ରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଗୁରବାର କୋଭିଡ୍-୧୯ କାର୍ଯ୍ୟରେ ଅବହେଳା ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ଏନେଇ ଶନିବାର ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏପିଡି ରାଜେନ୍ଦ୍ର ପଣ୍ଡା ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ପ୍ରଦାନ ପରେ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ଶିକ୍ଷାଧିକାରୀ ଏହି ପଦକ୍ଷେପ ଗ୍ରହଣ କରିଥିବା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

### କାର-ବାଇକ୍ ଧକ୍କା, ଜଣେ ମୃତ

ରସୁଲପୁର, ୩୦।୬ (ଡି.ଏନ.ଏ): ରସୁଲପୁର ବ୍ଲକ ଅଧୀନ ୧୬ ନଂ. ଜାତୀୟ ରାଜପଥର ବାରାବାଟି ବଜାର ଉପରେ ମଙ୍ଗଳବାର ସନ୍ଧ୍ୟାରେ ଏକ କାର୍-ବାଇକ୍ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଛନ୍ତି। କାର (ନଂ.-ଓଡି ୦୨ ବିଇ ୮୪୯୨) ଜାରକାରୁ କୁଆଖିଆ ଅଭିମୁଖେ ଯାଉଥିବା ବେଳେ ପଛରୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ (ନଂ-ଓଆର୦୫ ଡବ୍ଲୁ ୪୫୨୯) କାରକୁ ପଛରୁ ଧକ୍କା ଦେଇଥିଲା। ବାଇକରେ ଥିବା ଯୁବକ ଦ୍ୱୟ ଗାଡ଼ିରୁ ଛିଟକି ପଡିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଧର୍ମଶାଳା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରିନାହିଁ।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

କେନ୍ଦୁଝର, ୩୦।୬(ସ୍ୱ.ପ୍ର.): କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ପଣ୍ଡାପଡ଼ା ଥାନା ବୁଢାଖମଣ ଗ୍ରାମର ଶଶିଭୂଷଣ ମହାନ୍ତ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ମଙ୍ଗଳବାର ଭୋର ସମୟରେ ଚାଷ ଜମିରେ ସାର ପକାଇବାକୁ ଯାଇଥିବା ବେଳେ ମା ଓ ଛୁଆ ଭାଲୁ ହାବୁଡ଼ରେ ପଡିଯାଇଥିଲେ। ହଠାତ ମା'ଭାଲୁ ସହ ଦୁଇଟି ଛୁଆ ଆସି ତାଙ୍କର ଦୁଇଟି ହାତକୁ କାମୁଡ଼ି ପକାଇଥିଲା। ସେ ଯନ୍ତ୍ରଣାରେ ଚିତ୍କାର କରିବା ସହ ସାହସିକତାର ସହ ମୁକାବିଲା କରିବାରୁ ଭାଲୁମାନେ ସେଠାରୁ ଚାଲିଯାଇଥିଲେ। ଶଶିଭୂଷଣଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

### ଜଳକୁଣ୍ଡରୁ ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ଯୋଡ଼ା, ୩୦।୬(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡା ସହର ଗଣେଶଭବନ ନିକଟସ୍ଥ ରାସ୍ତାକଡରେ ଥିବା ଜଳକୁଣ୍ଡରୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ଯୁବକଙ୍କ ନାମ ଲକ୍ଷ୍ମଣ ମୁଣ୍ଡା(୨୮) ଓ ଘର ଯୋଡା ସହରସ୍ଥିତ ମାଦ୍ରାସହଟିଂରେ ବୋଲି ଜଣାପଡିଛି। ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢେ ୪ଟା ବେଳେ ଉକ୍ତ ଜଳକୁଣ୍ଡରେ ଜଣେ ଯୁବକଙ୍କ ମୃତଦେହ ବୁଡି ରହିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଯୋଡା ପୋଲିସ ପହଞ୍ଚି ଅଗ୍ନିଶମ ବିଭାଗ ମାଧମରେ ମୃତଦେହକୁ ଉଦ୍ଧାର କରିଥିଲା। ତେବେ ଏହି ଘଟଣାକୁ ସ୍ଥାନୀୟ ଲୋକେ ହତ୍ୟା ସନ୍ଦେହ କରୁଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ଯୋଡା ଥାନା ଆଇଆଇସି ରାଇସେନ୍ ମୁର୍ମୁ କହିଛନ୍ତି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୨୨/୨୦୨୦) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏହାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

# ବଡ଼ି ବେପାର ମାନ୍ଦା

**ଦୀପକ ମିଶ୍ର**
କେନ୍ଦୁଝର,୩୦।୬



କରୋନା ପାଇଁ ବଜାର ବ୍ୟବସ୍ଥାରେ ଅଚଳ ସ୍ଥିତି ସାଧାରଣ ବ୍ୟବସାୟୀଙ୍କୁ ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଇଥିବାବେଳେ କେନ୍ଦୁଝର ଜିଲାରେ ବଡି ବ୍ୟବସାୟ ଉପରେ ନିର୍ଭର କରି ପରିବା ପ୍ରତିପୋଷଣ କରୁଥିବା ଶତାଧିକ ପରିବାର ଗତ ୪ମାସ ହେଲା ହାତ ବାନ୍ଧି ବସିଛନ୍ତି। ରୋଜଗାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବାବେଳେ କେବେ ଏହି ପରିସ୍ଥିତିରେ ସୁଧାର ଆସିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବଡ଼ିକୁ ନେଇ ଏହି ଜିଲାର ଅନେକ ସ୍ଥାନରେ ମହିଳାମାନେ ଆର୍ଥିକ ସ୍ୱାବଲମ୍ବୀ ହେବା ସହିତ ବଞ୍ଚିବାର ରାହା ପାଇଥିଲେ। ମାତ୍ର ଲକଡାଉନ ପାଇଁ ଏହି ବ୍ୟବସାୟ ବନ୍ଦ ହୋଇଯାଇଥିବାରୁ ଏହାକୁ ରୋଜଗାରର ମାଧ୍ୟମ କରି ଚଳୁଥିବା ବେପାରୀମାନେ ହଇରାଣ ହେଉଛନ୍ତି।

କେନ୍ଦୁଝରରେ ପ୍ରସ୍ତୁତ ହେଉଥିବା ବଡ଼ି ବେଶ ସ୍ୱାଦିଷ୍ଟ ହୋଇ ଥିବାରୁ ଏହାକୁ ସମସ୍ତେ ପସନ୍ଦ କରିଥାନ୍ତି। ଏହାର ମୁଖ୍ୟ କାରଣ ହେଉଛି ଜିଲାର ଜଳବାୟୁ। ରାତିରୁ ବିରିକୁ ଭିଜାଯାଇ ସକାଳୁ ବାଟି ବଡ଼ି ତିଆରି କରାଯାଇଥାଏ। ପରେ ଏହାକୁ ଖରାରେ ଶୁଖାଯାଇଥାଏ। ଶୀତ ଦିନରେ ପ୍ରସ୍ତୁତ ବଡ଼ି ଅଧିକ ସ୍ୱାଦିଷ୍ଟ। ଶୀତ ଦିନେ ଜିଲାକୁ ଆସୁଥିବା ପର୍ଯ୍ୟଟକମାନେ ଏହାକୁ କିଣୁଥିବାବେଳେ ଗତ ୪ମାସ ହେଲା ଏହି ବେପାର ବନ୍ଦ ହୋଇପଡ଼ିଛି। କେବଳ ଓଡ଼ିଶା କାହିଁକି ଅନ୍ୟ ଅଞ୍ଚଳରେ ମଧ୍ୟ କେନ୍ଦୁଝରର ବଡ଼ି ବେଶ ପ୍ରସିଦ୍ଧିଲାଭ କରିଛି। ଫୁଲବଡ଼ି, କଖାରୁ ବଡ଼ି, ମଞ୍ଜି ବଡ଼ି, ବାଦାମ ବଡ଼ି ଆଦି ଅନେକ କିସମର ବଡ଼ି ଥିଲେ ମଧ୍ୟ ଫୁଲବଡ଼ିର ସ୍ୱତନ୍ତ୍ର ଆଦର ରହିଛି।

କେନ୍ଦୁଝର ପୁରୁଣା ସହରଠାରୁ ଆରମ୍ଭ କରି ଆଟୋପୁର ଓ ତତ୍‌ସଂଲଗ୍ନ ଅଞ୍ଚଳରେ ବର୍ଷ ସାରା ବଡ଼ି ବ୍ୟବସାୟ କରାଯାଏ। ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଏହି ବ୍ୟବସାୟ ଚାଲୁଥିବାବେଳେ ସାଧାରଣତଃ ଶୀତଦିନ ବ୍ୟତୀତ ମାର୍ଚ୍ଚରୁ ଜୁନ ୪ମାସରେ ଭଲ ବଡି ବ୍ୟବସାୟ ହୋଇଥାଏ। କେନ୍ଦୁଝର ପୁରୁଣା ସହରଠାରେ ଅନୁଷ୍ଠିତ ଚନ୍ଦନଯାତ୍ରା, ଦେବସ୍ନାନ, ରଥଯାତ୍ରା, ବାହୁଡାଯାତ୍ରା, ସୁନାବେଶ ଆଦି ସମୟରେ ଏହି ବଡି ବ୍ୟବସାୟୀମାନେ ବେଶ ଦୁଇ ପଇସା ରୋଜଗାର କରିଥାନ୍ତି। କିନ୍ତୁ ଚଳିତ ବର୍ଷ ଲକଡାଉନ ପାଇଁ କେବଳ

### ହାତ ଟେକି ବସିଛନ୍ତି ଶତାଧିକ ପରିବାର

ଯେ ବଡି ବ୍ୟବସାୟ ବନ୍ଦ ହୋଇଛି ତାହା ନୁହେଁ, ଏହି ବ୍ୟବସାୟ ଉପରେ ନିର୍ଭର କରି ଘର ଚଳାଉଥିବା ଲୋକେ ବେଶ ହଇରାଣ ହେଉଛନ୍ତି। ବଡ଼ି ପାଇଁ ସ୍ୱତନ୍ତ୍ର ବଜାର ନ ଥିବାବେଳେ ଗତ କିଛିବର୍ଷ ତଳେ କେନ୍ଦୁଝର ସହର ଉପକଣ୍ଠ ଡିମ୍ବୋର ତେନ୍ତୁଳିନଣ୍ଡାଠାରେ ଏକ ବଡ଼ି ପ୍ରକ୍ରିୟାକରଣ ୟୁନିଟ୍ ଖୋଲାଯାଇଛି। ମାତ୍ର ଲକଡାଉନ ଯୋଗୁ ତାହା ମଧ୍ୟ ବନ୍ଦ ଅବସ୍ଥାରେ। ଏ ସମ୍ପର୍କରେ ଓରମାସ୍ ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସପନ ଗୋସ୍ୱାମୀ କହିଛନ୍ତି ଯେ, କେନ୍ଦୁଝର ଜିଲାରେ ପ୍ରସ୍ତୁତ ହେଉଥିବା ବଡ଼ିର ଚାହିଦା ବୃଦ୍ଧି ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ସମୟରେ ବଜାର ଓ ଗ୍ରାହକ ନ ଥିବାରୁ ବ୍ୟବସାୟ ହୋଇପାରି ନାହିଁ। କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ଆତ୍ମନିର୍ଭର ଭାରତ ପରି କାର୍ଯ୍ୟକ୍ରମରେ ବଡ଼ି ପ୍ରସ୍ତୁତକାରୀଙ୍କୁ କିପରି ସହାୟତା ପ୍ରଦାନ କରାଯିବ ସେ ସମ୍ପର୍କରେ ଚିନ୍ତା କରାଯାଉଛି।

## ନୂଆ ନିର୍ଦ୍ଦେଶନାମା ଜାରି କଲେ ଗଞ୍ଜାମ ଜିଲାପାଳ

ଛତ୍ରପୁର,୩୦।୬(ଡି.ଏନ୍.ଏ.)

କେନ୍ଦ୍ର ଓ ରାଜ୍ୟ ସରକାର ଅନ୍‌ଲକ୍-୨ ପାଇଁ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ମଙ୍ଗଳବାରଠାରୁ ଏହା କାର୍ଯ୍ୟକାରୀ ହେବ। ଏହି କ୍ରମରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଧ୍ୟ କେତେକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବୁଧବାରଠାରୁ ଜିଲାର ସମସ୍ତ ଦୋକାନ ସକାଳ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲା ରହିବ। ପୂର୍ବ ନିଷ୍ପତ୍ତି ପ୍ରକାରେ ଛତ୍ରପୁର ଏନ୍‌ଏସି ଶଟ୍‌ଡାଉନ୍ ରହିବ। ବ୍ରହ୍ମପୁର ମହାନଗରରେ ଜାରି ଶଟ୍‌ଡାଉନ୍ ବୁଧବାରଠାରୁ ପ୍ରତ୍ୟାହାର ହେବ। ଜୁଲାଇ ୧୦ ପର୍ଯ୍ୟନ୍ତ ସବୁ ସରକାରୀ କାର୍ଯ୍ୟାଳୟକୁ ଜନସାଧାରଣଙ୍କ ପ୍ରବେଶ ଉପରେ କଟକଣା ଜାରି ରହିବ। ଗାଇଡ୍‌ଲାଇନ୍‌କୁ କୌଣସି ଦୋକାନୀ ପ୍ରଥମ ଥର ଉଲ୍ଲଂଘନ କଲେ ୧ ହଜାର ଟଙ୍କା ଜରିମାନା ସହ ୭ ଦିନ ପାଇଁ ଦୋକାନକୁ ବନ୍ଦ କରି ଦିଆଯିବ। ଦ୍ୱିତୀୟ ଥର ନିୟମ ଉଲ୍ଲଂଘନ କଲେ ସମ୍ପୃକ୍ତ ଦୋକାନୀଙ୍କ ବିରୋଧରେ ଥାନାରେ ଏତଲା ଦିଆଯିବ। ଏଥିସହ ମାସକ ପାଇଁ ଦୋକାନ ବନ୍ଦ କରାଯିବ ବୋଲି ଜିଲାପାଳ ଟୁଇଟ୍ କରିଛନ୍ତି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ, ହତ୍ୟା ଅଭିଯୋଗ

ଆସିକା,୩୦।୬(ଡି.ଏନ୍.ଏ.)

ଗାଙ୍ଗପୁର ଥାନା ବିଞ୍ଜିଗିରି ନିକଟରୁ ମଙ୍ଗଳବାର ସକାଳେ ମୁମୂର୍ଷୁ ଅବସ୍ଥାରେ ଆମ୍ବବାଲି ଗ୍ରାମର କୃତିବାସ ଗୌଡ (୨୭)ଙ୍କୁ ଉଦ୍ଧାର କରାଯାଇ ଭଞ୍ଜନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୃତିବାସ ବାଇକ୍‌ରେ ଆସୁଥିବା ବେଳେ ମାଇଲ ଖୁଣ୍ଟରେ ପିଟି ହେବାରୁ ମୃତ୍ୟୁ ଘଟିଥିବା କୁହାଯାଉଛି। ଅନ୍ୟପକ୍ଷରେ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ମୃତକଙ୍କ ବଡ଼ଭାଇ ପୀତବାସ ଗୌଡ ଅଭିଯୋଗ କରିଛନ୍ତି। କୃତିବାସ ବିଞ୍ଜିଗିରି ଗ୍ରାମସ୍ଥିତ ମାମୁ ଘରକୁ ଆସିଥିଲେ। ପୂର୍ବର ଏକ ଘଟଣାକୁ ନେଇ ମାମୁଘର ସହ ଭଲ ପଡୁ ନ ଥିଲା। ଏହାକୁ ନେଇ କୃତିବାସଙ୍କୁ ଠେଙ୍ଗାରେ ପିଟି ମାରି ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସନ୍ଧ୍ୟାରେ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଏ ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ ଧିରେଶ କୁମାର ଦାସ କହିଛନ୍ତି।

## କୋଭିଡ୍ ଗାଡ଼ିରେ ଅରଗୁଣା କନ୍ଦା ଚୋରାଚାଲାଣ




ଭଞ୍ଜନଗର,୩୦।୬(ଡି.ଏନ.ଏ)

କୋଭିଡ୍ ପାଇଁ ଔଷଧ ନେବାଆଣିବାରେ ବ୍ୟବହୃତ ଏକ ଟ୍ରକରେ ବେନିୟମ ଭାବେ ଅରଗୁଣା କନ୍ଦା ଚୋରା ଚାଲାଣ ହେଉଥିଲା। ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କର୍ମଚାରୀ ସୋମବାର ରାତିରେ ଟ୍ରକଟିକୁ ଜବତ କରିଛନ୍ତି। ସେଥିରୁ ୧୮୦ ବସ୍ତା ଅରଗୁଣା କନ୍ଦା ଜବତ ହୋଇଛି। ଗାଡ଼ି ଚାଳକଙ୍କ ସମେତ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଚାଳକ ନୟାଗଡ଼ ଜିଲା ଚାଙ୍ଗରାପଲ୍ଲୀର ମୁନା ପ୍ରଧାନ ଓ ନୂଆପଲ୍ଲୀର ଟୁନା ନାଇକ। ଜବତ କନ୍ଦାର ଆନୁମାନିକ ମୁଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ। ଉକ୍ତ କନ୍ଦା ମେଡ଼ିସିନ ତିଆରି ପାଇଁ ବ୍ୟବହାର ହୋଇଥାନ୍ତା। ପ୍ରକାଶ ଯେ, ଟ୍ରକ ଚାଳକ ଭୁବନେଶ୍ୱରରୁ କରୋନା ରୋଗୀଙ୍କ ପାଇଁ ଔଷଧ ସହ ଅନ୍ୟାନ୍ୟ ଜିନିଷ ନେଇ ଶନିବାର କୋରାପୁଟ ଯାଇଥିଲେ। ଫେରିବା ବାଟରେ ନୂଆପଲ୍ଲୀରୁ ଅରଗୁଣା କନ୍ଦା ଚାଳକ ଗାଡ଼ିରେ ଭର୍ତ୍ତି କରି ବାଲେଶ୍ୱର ଜିଲା ଜଳେଶ୍ୱର ଅଭିମୁଖେ ବାହାରିଥିଲେ। ରେଞ୍ଜର କୁମର ବେହେରାଙ୍କ ନିର୍ଦ୍ଦେଶରେ ବନ ବିଭାଗ କର୍ମଚାରୀ ରାତିରେ ଗାଡିକୁ ପିଛାକରି ଧରିଥିଲେ।

## ରେକର୍ଡରୁମ୍, ଡିଏଲ୍‌ସି କାର୍ଯ୍ୟାଳୟ ଉଦ୍‌ଘାଟିତ

ଜଗତ୍‌ସିଂହପୁର ଅଫିସ,୩୦।୬

ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ରେକର୍ଡରୁମ୍ ଓ ଯୋଗଧାରୀରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ (ଡିଏଲ୍‌ସି) ତଥା କର୍ମଚାରୀ କ୍ଷତିପୂରଣ କମିଶନରଙ୍କ କାର୍ଯ୍ୟାଳୟ ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଏହି ୨ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ଉତ୍ସବରେ ଜଗତ୍‌ସିଂହପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମୁଦୁଲି, ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଶ୍ରମ ଆୟୁକ୍ତ କୁମୁଦ ରଞ୍ଜନ ଦାସ, ଜିଲା ଶ୍ରମ ଅଧିକାରୀ ବାବା ଆନନ୍ଦ ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ତହସିଲ ପକ୍ଷରୁ କ୍ରଶର ସିଜ୍ କରାଯାଉଛି।

## ରୟାଲ୍‌ଟି ନ ଦେବାରୁ କ୍ରଶର୍ ସିଜ୍

ଚମ୍ପୁଆ/ଝୁମ୍ପୁରା, ୩୦।୬(ଡି.ଏନ.ଏ)

ଚମ୍ପୁଆ ଓ ଝୁମ୍ପୁରା ତହସିଲ ପକ୍ଷରୁ ମିଳିତ ଚଢ଼ାଉ କରି ନାରଦପୁରଠାରେ ଥିବା ପଥର କ୍ରସରକୁ ସିଜ୍ କରାଯାଇଛି। ପୋଲିସ ସହାୟତାରେ ବିଭାଗ ଦ୍ୱାରା ଏହା କରାଯାଇଥିବା ତହସିଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ନାରଦପୁରଠାରେ ଥିବା ଏକ ଷ୍ଟୋନ କ୍ରସର ଦୀର୍ଘ ଏକ ବର୍ଷ ହେବ ସରକାରୀ ରୟାଲିଟି ଦେଉ ନ ଥିଲା। ରୟାଲିଟି ବାବଦକୁ ଚମ୍ପୁଆର ଡୁରୁକୁଲିଆ ପଥର କୁଆଁରୀ ଓ ଝୁମ୍ପୁରାର ନାରଦପୁର ପଥର ଖଣି ବାବଦକୁ ଲକ୍ଷାଧିକ ଟଙ୍କା ବାକି ରହିଥିବା ବେଳେ କ୍ରସର ମାଲିକଙ୍କୁ ୭ଦିନ ମଧ୍ୟରେ ଏହି ରୟାଲିଟି ପ୍ରଦାନ କରିବାକୁ ଉଭୟ ତହସିଲ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ମଙ୍ଗଳବାର ସକାଳେ ଚମ୍ପୁଆ ତହସିଲଦାର ଆଲୋକ କୁମାର ପଟେଲ ଓ ଝୁମ୍ପୁରା ତହସିଲଦାର ପ୍ରତିଭା ପୃଷ୍ଟି ମିଳିତ ଭାବେ ଚଢ଼ାଉ କରିଥିଲେ।

## ନୟାଗଡ଼, ଦଶପଲ୍ଲାରେ ବିକ୍ଷୋଭ




ନୟାଗଡ଼ରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ନୟାଗଡ଼ ଅଫିସ/ ଦଶପଲ୍ଲା,୩୦।୬(ଡି.ଏନ୍.ଏ.)

### ପେଟ୍ରୋଲ, ଡିଜେଲ ଦରବୃଦ୍ଧିର ପ୍ରତିବାଦ

ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ପ୍ରତିବାଦରେ ନୟାଗଡ଼ ଓ ଦଶପଲ୍ଲାରେ ସିପିଆଇ(ଏମ) ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳୀୟ ନେତା ବିଶ୍ୱନାଥ ମହାପାତ୍ରଙ୍କ ନେତୃତ୍ୱରେ ନୟାଗଡ ବଜାର ପେଟ୍ରୋଲ ପମ୍ପଠାରେ ଓ ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ପବିତ୍ର ଇନ୍ଦ୍ରଜିତ୍, ବିଶ୍ୱନାଥ ସାହୁ, ଅଧିକାରୀ ବେହେରା ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ତେଲଦର କମାଇବାକୁ ଦାବି କରିଥିଲେ। ସେହିପରି ଦଶପଲ୍ଲା ପେଟ୍ରୋଲ ପମ୍ପ ନିକଟରେ ଦଳ ପକ୍ଷରୁ ବିକ୍ଷୋଭ ହୋଇଥିଲା। ତେଲଦର ବଢୁଥିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାର ଅବକାରୀ ଶୁଳ୍କ ଓ ଭାଟ୍ ବୃଦ୍ଧି କରିବା ଫଳରେ ସାଧାରଣ ଲୋକ ହଟହଟା ହେଉଛନ୍ତି। ଏଥିଯୋଗୁ ଟ୍ରକ ଓ ବସ୍ ଭଡା ସହ ବଜାର ଦର ହୁ ହୁ ହୋଇ ବଢ଼ିଚାଲିଛି। ଦଳର ଜିଲା ସମ୍ପାଦକ ଶରତ ବେହେରା, ଦଶପଲ୍ଲା ଶାଖା ସମ୍ପାଦକ ଗଣେଶ୍ୱର ନାୟକ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

## ଡମ୍ପର ଚାପାରେ ଶିଶୁ ମୃତ୍ୟୁ ଘଟଣା: ହେଲ୍‌ପର ଗିରଫ

ଯୋଡ଼ା,୩୦।୬(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡା ସହରର ସରକାରୀ ଡାକ୍ତରଖାନା ପଛପାର୍ଶ୍ୱରେ ଥିବା ମୁଣ୍ଡା ବସ୍ତିରେ ଡମ୍ପର ଚାପାରେ ଶିଶୁ ମୃତ୍ୟୁ ଘଟଣାରେ ପୋଲିସ ଉକ୍ତ ଡମ୍ପର ହେଲପରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଡମ୍ପର ଚାଳକଙ୍କ ହେଲେ ବିର୍‌ବଲ ମୁଣ୍ଡା। ସୂଚନାଯୋଗ୍ୟ ଯେ, ଗୁରୁବାର ସନ୍ଧ୍ୟା ପ୍ରାୟ ୫ଟା ୧୫ରେ ବିର୍‌ବଲ ଏକ ଡମ୍ପର ଚଳାଇ ଉକ୍ତ ବସ୍ତି ରାସ୍ତା ଦେଇ ଯାଉଥିବା ବେଳେ ବସ୍ତିରେ ଖେଳୁଥିବା ୩ ବର୍ଷର ଶିଶୁ ବିଜୁ ମୁଣ୍ଡା ଉପରେ ଡମ୍ପରଟି ମାଡିଯାଇଥିଲା। ଫଳରେ ଶିଶୁଟିର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ କେନ୍ଦ୍ର କରି ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦୁର୍ଘଟଣା ଘଟିବା ପରେ ଡମ୍ପର ହେଲପର ଫେରାର ହୋଇଯାଇଥିଲେ।

## ସାହସପୁରରେ ଝାଡ଼ାବାନ୍ତି, ଜଣେ ମୃତ

ପାଟପୁର,୩୦।୬

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ସାହସପୁର ଗ୍ରାମରେ ଝାଡ଼ାବାନ୍ତି ବ୍ୟାପି ଜଣେ ୧୦ ବର୍ଷର ନାବାଳକଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ଉକ୍ତ ପରିବାରର ଅନ୍ୟ ୩ ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ସୋମବାର ସାହାସପୁର ବଡ଼ସାହିର ଏକ ପରିବାରର ୪ ସଦସ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ସାହସପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ଡାକ୍ତର ଅଭିଷେକ ଆଚାର୍ଯ୍ୟ ଚିକିତ୍ସା କରିବା ସହ ଔଷଧ ଦେଇଥିଲେ। ମଙ୍ଗଳବାର ନାବାଳିକାଙ୍କ ଅବସ୍ଥା ଗୁରୁତର ଥିବାରୁ ପୂର୍ବାହ୍ନ ୧୧ଟାରେ ବ୍ରହ୍ମପୁର ସ୍ଥାନାନ୍ତର ବେଳେ ମୃତ୍ୟୁ ଘଟିଥିଲା। ପରିବାରର ଅନ୍ୟ ଗୁରୁତରଙ୍କ କରୋନା ଲକ୍ଷଣ ଥିବାରୁ ପରୀକ୍ଷା ସହ ଚିକିତ୍ସା ପାଇଁ ସୁପାରିଶ କରିଥିଲେ। ଡାକ୍ତରଙ୍କ




ଅବହେଳାରୁ ସମ୍ପୃକ୍ତ ନାବାଳକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଶତାଧିକ ଲୋକ ପ୍ରତିବାଦ କରିଥିଲେ। ବିଡ଼ିଓ ଗାୟତ୍ରୀଦତ୍ତ ନାୟକ, ଥାନା ଅଧିକାରୀ ଅଜୟ କୁମାର ବାରିକ ପହଞ୍ଚି ବୁଝାଶୁଝା କରିବା ପରେ ଅନ୍ୟ ଗୁରୁତରଙ୍କୁ କୋଭିଡ୍ ଆମ୍ବୁଲାନ୍ସରେ ମେଡିକାଲ ପଠାଇଥିଲେ। ଚିକିତ୍ସାରେ କୌଣସି ଅବହେଳା ହୋଇ ନ ଥିବା ଡକ୍ତର ଆଚାର୍ଯ୍ୟ କହିଛନ୍ତି।

## ଉତ୍ତର ଓଡ଼ିଶାରେ ୧୭ ଆକ୍ରାନ୍ତ ଚିହ୍ନଟ

ଭଦ୍ରକ ଅଫିସ/ବାରିପଦା ଅଫିସ/କେନ୍ଦୁଝର, ୩୦।୬(ଡି.ଏନ୍.ଏ./ସ୍ୱ.ପ୍ର.)

ଉତ୍ତର ଓଡ଼ିଶାରେ ମଙ୍ଗଳବାର ଆଉ ୧୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଭଦ୍ରକ ଜିଲାରେ ୪, ମୟୂରଭଞ୍ଜରେ ୭ ଓ କେନ୍ଦୁଝର ଜିଲାରେ ୬ଜଣ ରହିଛନ୍ତି। ୪ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଭଦ୍ରକ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୩୩ ଛୁଇଁଛି। ଆକ୍ରାନ୍ତଙ୍କ ମଧ୍ୟରୁ ୩ ଜଣ ସଙ୍ଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ଜଣେ ଲୋକାଲ କେଶ୍। ୩ ଜଣ ଭଣ୍ଡାରିପୋଖରୀ ଅଞ୍ଚଳର ହୋଇଥିବା ବେଳେ ଜଣେ ବରପଦା ବୈସିଂ ଅଞ୍ଚଳର ବୋଲି ପ୍ରଶାସନ ସୂଚନା ଦେଇଛି। ଆକ୍ରାନ୍ତ ୩ଜଣ ଦିଲୀ ଫେରନ୍ତା। ବର୍ତ୍ତମାନ ସୁଦ୍ଧା ୨୧୪ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ମାତ୍ର ୧୯ ଜଣ ଚିକିତ୍ସାଧିନ ଅଛନ୍ତି।

ମୟୂରଭଞ୍ଜ ଜିଲାରେ ୭ ନୂଆ ଆକ୍ରାନ୍ତଙ୍କୁ ମିଶାଇ ସଂକ୍ରମିତଙ୍କ ସଂଖ୍ୟା ୨୦୮କୁ ବୃଦ୍ଧି ପାଇଛି। ଚିହ୍ନଟ ହୋଇଥିବା ୭ ଜଣ ସଙ୍ଗରୋଧ ଗୃହର ବୋଲି ପ୍ରଶାସନ ସୂଚନା ଦେଇଛି। ସାରସକଣା, କରଞ୍ଜିଆ ବ୍ଲକରୁ ୩ ଜଣ ଲେଖାଏଁ ଓ ଗୋପବନ୍ଧୁନଗର ବ୍ଲକରୁ ଜଣେ ଚିହ୍ନଟ ହୋଇଛନ୍ତି। ଜିଲାରେ ମୋଟ ୧୩୪ ଜଣ ସୁସ୍ଥ ହୋଇଥିବା ବେଳେ ୭୩ ଜଣ ଚିକିତ୍ସାଧିନ ଅଛନ୍ତି। କେନ୍ଦୁଝର ଜିଲାରେ ଆଉ ୬ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ପଜିଟିଭ୍ ସଂଖ୍ୟା ୧୪୫ରେ ପହଞ୍ଚିଛି। ୫ଜଣ କ୍ୱାରାଣ୍ଟାଇନ୍‌ରେ ଥିଲେ। ଅନ୍ୟ ଜଣେ ଘଷିପୁରା ଅଞ୍ଚଳର ଲୋକାଲ କେଶ୍। ସେ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ ବୋଲି ପ୍ରଶାସନ ସୂଚନା ଦେଇଛି।

## ଶଟ୍‌ଡାଉନ୍: ଛତ୍ରପୁର ଏନ୍‌ଏସି ଶୂନଶାନ

ଛତ୍ରପୁର, ୩୦।୬(ଡି.ଏନ୍.ଏ. )

ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁର ଏନ୍‌ଏସିର ବିଭିନ୍ନ ସ୍ଥାନରୁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ଜିଲାପାଳ ୬ ଦିନିଆ ଶଟ୍‌ଡାଉନ୍ ଘୋଷଣା କରିଥିଲେ। ଶଟ୍‌ଡାଉନର ପ୍ରଥମ ଦିନ ମଙ୍ଗଳବାର ଛତ୍ରପୁର ସହର ଖାଁ ଖାଁ ରହିଛି। ଲୋକେ ଘରୁ ବାହାରୁନାହାଁନ୍ତି। କେବଳ ଔଷଧ ଦୋକାନ ବ୍ୟତୀତ ଆଉସବୁ ବନ୍ଦ ରହିଛି। ଯେଉଁମାନେ ଶଟ୍‌ଡାଉନ ନିୟମ ଉଲ୍ଲଂଘନ କରିବେ ସେମାନଙ୍କ ନାଁରେ ସ୍ଥାନୀୟ ଥାନାରେ ଏତଲା ଦିଆଯିବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ଏନ୍‌ଏସିର କେତେକ ସ୍ଥାନରେ ପଜିଟିଭ ଚିହ୍ନଟ ହୋଇଛନ୍ତି। ଡାକ୍ତର ଆସିବେ। ସମସ୍ତଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



ଛତ୍ରପୁର ସହର ଖାଁ ଖାଁ ।

ଛତ୍ରପୁର ବ୍ଲକ ଅଧକ୍ଷ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏହାପରେ ଏନ୍‌ଏସିର ୧୨ ନଂ ୱାର୍ଡ କଳ୍ପବାସୀ ନଗରକୁ କଣ୍ଟେନମେଣ୍ଟ ଜୋନ୍ ଓ ଉକ୍ତ ସାହି ସଂଲଗ୍ନ ବିନୋଦବିହାର, ରେଙ୍ଗୀ ସାହି, ଭଣ୍ଡାରୀ ସାହି ସହ କଳ୍ପବାସୀ ନଗରର ଅନ୍ୟ ସାହିଗୁଡିକୁ ସୋମବାର ରାତିରୁ ବଫରଜୋନ ଘୋଷଣା କରିଛନ୍ତି ଜିଲାପାଳ। ପ୍ରଶାସନ ପକ୍ଷରୁ ଏହି ସମସ୍ତ ଅଞ୍ଚଳ ପ୍ରତି ସତର୍କ

### ବ୍ଲକ ଅଧକ୍ଷ କରୋନା ଆକ୍ରାନ୍ତ, ୨ ସାହି କଣ୍ଟେନମେଣ୍ଟ ଜୋନ୍

ଦୃଷ୍ଟି ରଖାଯାଇଛି। ସମସ୍ତ ରାସ୍ତାକୁ ସିଲ୍ କରାଯାଇ ଯାତାୟାତ ଓ ଦୋକାନ ବଜାର ଉପରେ କଟକଣା ଲଗାଯାଇଛି। ଏହି ଅଞ୍ଚଳର ଲୋକେ ସତର୍କତା ଅଲମ୍ବନ କରିବାକୁ କୁହାଯାଇଛି। ଛତ୍ରପୁର ଅତିରିକ୍ତ ତହସିଲଦାର ଜସ୍ମିନ ପ୍ରଧାନଙ୍କୁ ମାଜିଷ୍ଟ୍ରେଟ ଦାୟିତ୍ୱ ଦିଆ ଯାଇଛି। ଉକ୍ତ ଅଞ୍ଚଳକୁ ସାନିଟାଇଜ କରିବା ସହ ସ୍ୱାସ୍ଥ୍ୟ ପରୀକ୍ଷା, କଣ୍ଟାକ୍ଟ ଟ୍ରେସିଂ କରିବାକୁ କୁହାଯାଇଛି। ଏନଏସିରେ ଏହା ପୂର୍ବରୁ ବାରାକ ସାହି ମଧ୍ୟ କଣ୍ଟେନମେଣ୍ଟ ଜୋନ ହୋଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବୁଧବାର, ଜୁଲାଇ ୧/୨୦୨୦ Wednesday, July 1/2020


# ଜାଡେଜା ଭାରତର ମୂଲ୍ୟବାନ୍ ଟେଷ୍ଟ ଖେଳାଳି

**ନୂଆଦିଲ୍ଲୀ, ୩୦।୬**

ଟିମ୍ ଇଣ୍ଡିଆ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ପାଇଁ ଖୁସି ଖବର। କ୍ରିକେଟର ବାଇବେଲ ଭାବେ ପରିଚିତ ୱିଜଡେନ ଜାଡେଜାଙ୍କୁ ଏକବିଂଶ ଶତାବ୍ଦୀର ସବୁଠାରୁ ମୂଲ୍ୟବାନ ଭାରତୀୟ ଟେଷ୍ଟ ଖେଳାଳିଭାବେ ଅଭିହିତ କରିଛି। ଗତ ୨ ବର୍ଷ ଧରି ଜାଡେଜା ବ୍ୟାଟିଂ, ବୋଲିଂ ଏବଂ ଫିଲ୍ଡିଂରେ ଚମତ୍କାର ପ୍ରଦର୍ଶନ କରି ଆସିଛନ୍ତି। ଗତବର୍ଷ ଜାଡେଜା ଦ୍ରୁତ ୨୦୦ ଉଇକେଟ ପୂରଣ କରିବାରେ ଦ୍ୱିତୀୟ ଭାରତୀୟ

## ୱିଜଡେନ ତାଲିକା

ବୋଲର ମଧ୍ୟ ବିବେଚିତ ହୋଇଥିଲେ। ସେ ୪୪ ଟେଷ୍ଟରୁ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଥିବାବେଳେ ରବିଚନ୍ଦ୍ରନ ଅଶ୍ୱିନ ୩୭ ମ୍ୟାଚରେ ଏହି ସଂଖ୍ୟା ସ୍ପର୍ଶ କରିଥିଲେ। ରେକର୍ଡ ବିଶ୍ଳେଷଣ ପାଇଁ ୱିଜଡେନ ପକ୍ଷରୁ କ୍ରିକ୍‌ଭିଜ୍(କ୍ରିକେଟରେ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ପାଇଁ ବ୍ୟବହୃତ ହେଉଥିବା ଟୁଲ୍)ର ସହାୟତା ନିଆ ଯାଇଥିଲା। ଏଥିରେ ମ୍ୟାଚ ଉପରେ ଖେଳାଳିଙ୍କ ପ୍ରଦର୍ଶନର ପ୍ରଭାବକୁ ବିଚାରକୁ ନିଆ ଯାଇଥିଲା। ଏ କ୍ଷେତ୍ରରେ ସେ ଭାରତର ନମ୍ବରୱାନ ହୋଇଥିବାବେଳେ ଏକବିଂଶ ଶତାବ୍ଦୀରେ ବିଶ୍ୱର ସବୁଠାରୁ ମୂଲ୍ୟବାନ ଖେଳାଳି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଶ୍ରୀଲଙ୍କାର ସ୍ପିନ କିମ୍ବଦନ୍ତୀ ମୁଥୟା ମୁରଲୀଧରନ ତାଲିକାର ଶୀର୍ଷରେ



ରହିଛନ୍ତି। ଜାଡେଜା ୯୭.୩ ରେଟିଂ ପଏଣ୍ଟ ପାଇଛନ୍ତି।

"ସ୍ପିନ ବୋଲିଂ ଅଲରାଉଣ୍ଡର ଜାଡେଜାଙ୍କୁ ଭାରତୀୟଙ୍କ ମଧ୍ୟରେ ଶୀର୍ଷରେ ଦେଖିବା ବିସ୍ମିତ ଲାଗୁ ଥାଇପାରେ, ମାତ୍ର ସେ ଯେତେବେଳେ ଖେଳିଛନ୍ତି ଭାରତର ଆଗଧାଡ଼ିର ବୋଲର ବିବେଚିତ ହୋଇଛନ୍ତି। ଏହା ବ୍ୟତୀତ ସେ ୬ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସୁଥିଲେ ହେଁ ଦଳପାଇଁ ତାଙ୍କ ଯୋଗଦାନ ଉଚ୍ଚକୋଟୀର ରହିଛି" ବୋଲି କ୍ରିକ୍‌ଭିଜ୍‌ର ଫ୍ରେଡି ୱାଇଲ୍ଡ ପ୍ରକାଶ କରିଛନ୍ତି। ୩୧ ବର୍ଷୀୟ ଜାଡେଜାଙ୍କର ବୋଲିଂ ଆଭରେଜ ୨୪.୬୨। ଯାହାକି ଶେନ ୱର୍ନଙ୍କଠାରୁ ଉନ୍ନତ। ସେହିପରି ତାଙ୍କ ବ୍ୟାଟିଂ ଆଭରେଜ ୩୫.୨୬। ଯାହାକି ଶେନ ୱାଟସନଙ୍କଠାରୁ ଭଲ। ତାଙ୍କ ବ୍ୟାଟିଂ ଓ ବୋଲିଂ ଆଭରେଜ ମଧ୍ୟରେ ଭିନ୍ନତା ହେଉଛି ୧୦.୬୨ ରନ। ଏହା ତାଙ୍କୁ ୧୦୦୦ରୁ ଊର୍ଦ୍ଧ୍ୱ ରନ ଏବଂ ୧୫୦ରୁ ଊର୍ଦ୍ଧ୍ୱ ଉଇକେଟ ନେଇଥିବା ଖେଳାଳିଙ୍କ ମଧ୍ୟରେ ଶତାବ୍ଦୀର ଦ୍ୱିତୀୟ ମୂଲ୍ୟବାନ ଖେଳାଳିଭାବେ ପରିଗଣିତ କରିଛି। ଉଚ୍ଚ କ୍ୱାଲିଟି ବିଶିଷ୍ଟ ସେ ଜଣେ ଅଲରାଉଣ୍ଡର ବୋଲି ଫ୍ରେଡି କହିଛନ୍ତି।

୨୦୧୨ରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ଜାଡେଜା ୨୦୧୯ ବେଳକୁ ଜଣେ ସଫଳ ଅଲରାଉଣ୍ଡରଭାବେ ପ୍ରତିଷ୍ଠିତ ହୋଇ ସାରିଥିଲେ। ସୌରାଷ୍ଟ୍ରରେ ଜନ୍ମିତ ଏହି କ୍ରିକେଟର ୪୯ଟି ଟେଷ୍ଟ ଖେଳି ୧ ଶତକ ଏବଂ ୧୪ ଅର୍ଦ୍ଧଶତକ ସହ ୧୮୬୯ ରନ ସ୍କୋର କରିଛନ୍ତି। ୨୦୧୮ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ସେ ରାଜକୋଟଠାରେ କ୍ୟାରିୟରର ଏକମାତ୍ର ଟେଷ୍ଟ ଶତକ ହାସଲ କରିଥିଲେ। ସେହିପରି ବୋଲିଂରେ ସେ ୨୧୩ଟି ଉଇକେଟ ନେବାରେ ସକ୍ଷମ ହୋଇଛନ୍ତି। ସେ ୯ ଥର ୫ ଉଇକେଟ ନେଇଥିବାବେଳେ ଥରେ ୧୦ ଉଇକେଟ ସଫଳତା ପାଇଥିଲେ।

# ଶ୍ରୀଲଙ୍କାରେ ଆପରାଧିକ ତଦନ୍ତ ନିର୍ଦ୍ଦେଶ

**କଲମ୍ବୋ, ୩୦।୬:** ଆଇସିସି ବିଶ୍ୱକପ୍ ୨୦୧୧ ଫାଇନାଲ ଫିକ୍ସିଂ ହୋଇଥିବା ଯେଉଁ ଅଭିଯୋଗ ହୋଇଛି ତାହାର ଆପରାଧିକ ଯାଞ୍ଚ ପାଇଁ ଶ୍ରୀଲଙ୍କା ସରକାର ନିର୍ଦ୍ଦେଶ ଦେଇଛନ୍ତି। ମ୍ୟାଚରେ କୁମାର ସଙ୍ଗକାରାଙ୍କ ନେତୃତ୍ୱାଧୀନ ଶ୍ରୀଲଙ୍କା ଭାରତ ନିକଟରୁ ହାରିଯାଇଥିଲା। ଶ୍ରୀଲଙ୍କା କ୍ରିକେଟ କିମ୍ବଦନ୍ତୀ ଅର୍ଜୁନ ରଣତୁଙ୍ଗା ମଧ୍ୟ ଫଳାଫଳ ଉପରେ ସନ୍ଦେହ ପ୍ରକଟ କରିଥିଲେ। ତଦନ୍ତ କାର୍ଯ୍ୟ ଆରମ୍ଭ ହୋଇଯାଇଥିବା କ୍ରୀଡ଼ା ମନ୍ତ୍ରଣାଳୟ ସଚିବ କେ.ଡି.ଏସ୍ ରୁୱାନଚନ୍ଦ୍ରା ସୋମବାର ପ୍ରକାଶ କରିଛନ୍ତି। କ୍ରୀଡ଼ା ସମ୍ପର୍କିତ ଅପରାଧର ବୁଝାଶୁଝା ପୋଲିସ ବିଭାଗର ସ୍ୱତନ୍ତ୍ର ସ୍ୱାଧୀନ ତଦନ୍ତ ୟୁନିଟ ଦ୍ୱାରା ଏହା କରାଯାଉଛି। ଚଳିତମାସ ପ୍ରଥମଭାଗରେ ପୂର୍ବତନ କ୍ରୀଡ଼ାମନ୍ତ୍ରୀ ମହିନ୍ଦାନନ୍ଦ ଆଲୁଥ୍‌ଗାମେଜ୍ ଅଭିଯୋଗକରି କହିଥିଲେ ଶ୍ରୀଲଙ୍କା ଏହି ମ୍ୟାଚକୁ ବିକ୍ରି କରି ଦେଇଥିଲା, ଯାହା ଫଳରେଭାରତ ବିଜୟ ଲାଭ କରିଥିଲା। ସେ ଏକଥା ମଧ୍ୟ କହିଛନ୍ତି ଏହି କାର୍ଯ୍ୟପାଇଁ ମୁଁ କୌଣସି ଖେଳାଳିଙ୍କୁ ଦୋଷାରୋପ କରିବାକୁ ଚାହୁଁ ନାହିଁ। କିନ୍ତୁ କେତେକଙ୍କର ଏହା ପଛରେ ହାତ ରହିଛି।








ଭାରତୀୟ ତୀରନ୍ଦାଜ ଦୀପିକା କୁମାରୀ ଓ ଅତନୁ ଦାସ ମଙ୍ଗଳବାର ବିବାହ ବନ୍ଧନରେ ଆବଦ୍ଧ।

# ଦିଲ୍ଲୀ ହାଇକୋର୍ଟଙ୍କ ସମ୍ମତି ଲୋଡ଼ିଲା କ୍ରୀଡ଼ା ମନ୍ତ୍ରଣାଳୟ

**ନୂଆଦିଲ୍ଲୀ, ୩୦।୬ (ପି.ଟି.):** ଦେଶର ୫୭ ଜାତୀୟ କ୍ରୀଡ଼ା ମହାସଂଘ (ଏନ୍‌ଏସ୍‌ଏଫ୍)କୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଅସ୍ଥାୟୀ ମାନ୍ୟତା ଦେବା ଲାଗି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଦିଲ୍ଲୀ ହାଇକୋର୍ଟଙ୍କ ସମ୍ମତି ଲୋଡିଛି। ମନ୍ତ୍ରଣାଳୟ ଆବେଦନପତ୍ରର ଶୁଣାଣି ଜୁଲାଇ ୨ରେ ହେବ। ମନ୍ତ୍ରଣାଳୟ ଆହୁରି ମଧ୍ୟ ତିନୋଟି ଜାତୀୟ କ୍ରୀଡ଼ା ମହାସଂଘ ଉପରୁ ସସ୍‌ପେଣ୍ଡ ଆଦେଶ ପ୍ରତ୍ୟାହାର ସହ ସେମାନଙ୍କୁ ଅସ୍ଥାୟୀ ଭାବେ ବାର୍ଷିକ ସ୍ୱୀକୃତି ପ୍ରଦାନ ପାଇଁ ଅନୁମତି ଚାହିଁଛି। ହାଇକୋର୍ଟଙ୍କ ଜୁନ୍ ୨୪ ନିର୍ଦ୍ଦେଶନାମାକୁ ଭିତ୍ତି କରି ଆବେଦନ କରାଯାଇଛି। ଗତମାସରେ ମନ୍ତ୍ରଣାଳୟ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକର ସ୍ୱୀକୃତିକୁ ସାମୟିକ ପଞ୍ଜୀକରଣ ନିଷ୍ପତ୍ତି ନେଇଥିଲା। ହାଇକୋର୍ଟ ତାଙ୍କ ନିର୍ଦ୍ଦେଶନାମା ବଳରେ ଏହାକୁ ରଦ୍ଦ କରିଦେଇଥିଲେ। ହିମା କୋହଲି ଓ ନାଜ୍‌ମି ୱାଜିରିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ, ଫେବୃୟାରୀରେ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ମନ୍ତ୍ରଣାଳୟ ଏଡାଇଦେବାକୁ ଚେଷ୍ଟା କରିଥିଲା। ଯଦିଓ ଏହା ସାମୟିକ ସ୍ୱୀକୃତି ଥିଲା କିନ୍ତୁ ଏ ସଂକ୍ରାନ୍ତରେ କୋର୍ଟଙ୍କ ଅନୁମତି ନେବା ଆବଶ୍ୟକ ଥିଲା। କେନ୍ଦ୍ର ସରକାରଙ୍କ ଷ୍ଟାଣ୍ଡିଂ କନ୍‌ସେଲ ଅନୀଲ ସୋନିଙ୍କ ଜରିଆରେ ଆବେଦନ ପତ୍ର ଦାଖଲ କରାଯାଇଛି। ୨୦୧୯ ଡିସେମ୍ବର ୩୧ ସୁଦ୍ଧା ଯେଉଁ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ସରକାରଙ୍କ ସ୍ୱୀକୃତି ଲାଭ କରିଛି ସେଗୁଡ଼ିକୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ବାର୍ଷିକ ସ୍ୱୀକୃତି ପ୍ରଦାନ ପାଇଁ ଅନୁମତି ଦେବା ଲାଗି ହାଇକୋର୍ଟଙ୍କ ସମ୍ମତି ଲୋଡାଯାଇଛି। ଏହାଛଡ଼ା ୨୦୧୯ ଡିସେମ୍ବର ୩୧ ପରେ ଯେଉଁ କ୍ରୀଡ଼ା ମହାସଂଘଗୁଡ଼ିକୁ ରଦ୍ଦ କରାଯାଇଥିଲା, ସେଗୁଡ଼ିକୁ ପୁନଃ ସ୍ୱୀକୃତି ପାଇଁ ଅନୁମତି ଭିକ୍ଷା କରାଯାଇଛି। ଏହି ତିନୋଟି କ୍ରୀଡ଼ା ମହାସଂଘ ହେଲେ ଇଣ୍ଡିଆନ ଗଲ୍ଫ ୟୁନିୟନ (ଆଇଜିୟୁ), ସ୍କୁଲ ଗେମ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜିଏଫ୍‌ଆଇ) ଏବଂ ରୋଇଂ ଫେଡେରେଶନ ଅଫ୍ ଇଣ୍ଡିଆ (ଆରଏଫ୍‌ଆଇ)। ସୂଚନାଯୋଗ୍ୟ, ଜାତୀୟକ୍ରୀଡ଼ା ମହାସଂଘଗୁଡ଼ିକ ସ୍ୱୀକୃତି ନ ପାଇଲେ ଖେଳର ସାମଗ୍ରିକ ବିକାଶରେ ବାଧା ସୃଷ୍ଟି ହେବ। କୋଭିଡ୍-୧୯ ଯୋଗୁ ସମସ୍ତ ପ୍ରକାର ଟ୍ରେନିଂ ଓ ପ୍ରତିଯୋଗିତା ସ୍ଥଗିତ ରହିଛି। ଏଥିଯୋଗୁ ହତୋତ୍ସାହିତ ହୋଇ ପଡ଼ିଥିବା ଆଥଲେଟ୍/କ୍ରୀଡ଼ାବିତ୍‌ମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବେ।

# ନାଡା ଆପ୍ ଆରମ୍ଭ କଲେ କ୍ରୀଡ଼ାମନ୍ତ୍ରୀ

**ନୂଆଦିଲ୍ଲୀ,୩୦।୬(ପି.ଟି.):** ଜାତୀୟ ନିଶା ନିବାରଣ ସଂସ୍ଥା (ନାଡ଼ା)ର ପ୍ରଥମ ମୋବାଇଲ ଆପ୍ ଲଞ୍ଚ୍ ହୋଇଛି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଏହାକୁ ଆନୁଷ୍ଠାନିକ ଭାବେ ଲଞ୍ଚ୍ କରିଛନ୍ତି। ନିଷିଦ୍ଧ ପଦାର୍ଥ ନେଇ ସୂଚନା ଦେବା ଓ ଏହାର ବେପରୁଆ ବ୍ୟବହାର ଦ୍ୱାରା ଉପୁଜୁଥିବା ଦୁର୍ଭାଗ୍ୟଜନକ ପରିସ୍ଥିତି ନେଇ ଆଥଲେଟଙ୍କୁ ସଚେତନ କରିବା ପାଇଁ ଏହି ଆପ୍ ଲଞ୍ଚ୍ କରାଯାଇଛି। ମୋଟାମୋଟି ଉପରେ ଏହି ଆପ୍ ଦ୍ୱାରା ଆଥଲେଟମାନେ ସଚେତନ ରହିବା ସହ ଉପକୃତ ହୋଇପାରିବେ ବୋଲି କୁହାଯାଇଛି।

ଏହି ଆପ୍ ଦ୍ୱାରା ଆଥଲେଟମାନେ ଅତି ସହଜରେ ଅତ୍ୟାବଶକ ସୂଚନା ଅତି ସହଜରେ ପାଇପାରିବେ। ଏହା ଦ୍ୱାରା ଆଥଲେଟ୍ ଓ ନାଡ଼ା ମଧ୍ୟରେ ସମ୍ପର୍କ ଦୃଢ ହୋଇପାରିବ। କ୍ରୀଡ଼ାକୁ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ କରିବା ପାଇଁ ଏହା ଏକ ପ୍ରୟାସ ବୋଲି ରିଜିଜୁ କହିଛନ୍ତି। ତେବେ ପ୍ରଥମେ ଆଥଲେଟମାନଙ୍କୁ ନିଷିଦ୍ଧ ପଦାର୍ଥ ଓ ଏହାର ସେବନର ଫଳାଫଳ ନେଇ ସଚେତନତା ସୃଷ୍ଟି କରିବା ହେଉଛି ପ୍ରଥମ ଲକ୍ଷ୍ୟ। ଖେଳାଳିମାନେ କେଉଁ ପଦାର୍ଥକୁ ଔଷଧ ଭାବେ ସେବନ କରିବେ ନାହିଁ

## ନିଷିଦ୍ଧ ପଦାର୍ଥ ନେଇ ସଚେତନତା

ସେ ନେଇ ସ୍ପଷ୍ଟ କରାଯାଇଛି ବୋଲି ଅନ୍‌ଲାଇନ୍‌ରେ ଏହି ଆପ୍ ଲଞ୍ଚ୍ କରିବା ଅବସରରେ ରିଜିଜୁ କହିଛନ୍ତି। କେଉଁ ପଦାର୍ଥ ସେବନ କରିବାକୁ ହେବ ଓ ନାହିଁ ସେ ନେଇ ଆଥଲେଟମାନେ ଏହି ଆପ୍ ଦ୍ୱାରା ସୂଚନା ପାଇପାରିବେ। ଯଦି ସ୍ୱାସ୍ଥ୍ୟାବସ୍ଥା ଖରାପ୍ ହୁଏ ତେବେ ଆଥଲେଟମାନେ କେଉଁ ଔଷଧ ସେବନ କରିବେ ସେ ନେଇ ଅତି ସହଜରେ ସୂଚନା ପାଇପାରିବେ। ପୁଣି ଏହି ଆପ୍ ଦ୍ୱାରା ଖେଳାଳିମାନଙ୍କ ଡୋପ୍ ଟେଷ୍ଟ ପ୍ରକ୍ରିୟା ସହଜ ଓ ବୋଧଗମ୍ୟ ହୋଇପାରିବ। ଉଭୟ ଆଥଲେଟ ଓ ଡୋପିଂ କଣ୍ଟ୍ରୋଲ ଅଧିକାରୀ ବେଶ୍ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି। ଏହି ନାଡ଼ା ଇଣ୍ଡିଆ ଆପ୍ ଗୁଗଲ ପ୍ଲେ ଷ୍ଟୋରରେ ଡାଉନଲୋଡ କରିହେବ। ଏହି ଆପ୍ ଲଞ୍ଚ୍ ଅବସରରେ କ୍ରୀଡ଼ା ସଚିବ ରବି ମିତ୍ତଲ ଓ ନାଡ଼ାର ଡାଇରେକ୍ଟର ଜେନେରାଲ ନବିନ ଅଗ୍ରୱାଲ ଉପସ୍ଥିତ ଥିଲେ।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ